# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୨୫ /୨୦୧୯ (୨୦ ପୃଷ୍ଠା) | Bhubaneswar, Monday, February 25/ 2019 | ★★★★

୪୫ଶ ଭାଗ ୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



DADLS-284

ଓଡ଼ିଶା ସରକାର

## ମାନ୍ୟବର ମୁଖ୍ୟମନ୍ତ୍ରୀ
## ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ନୂଆପଡ଼ା ଜିଲ୍ଲା ଗସ୍ତ ଅବସରରେ
## ୨୩୭.୩୫ କୋଟି ଟଙ୍କାର ୩୯ଟି ପ୍ରକଳ୍ପ
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

**୨୫ ଫେବୃଆରୀ ୨୦୧୯ • ସୋମବାର**

ଗୋତମା, ନୂଆପଡ଼ା
ପୂର୍ବାହ୍ନ ୧୧.୩୦



### ୧୩୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଶୁଭ ଉଦ୍‌ଘାଟନ

- ଖରିଆର - ବୋଡ଼େନ୍ - ସିନାପାଲି ରାସ୍ତା, ଗଣ୍ଡାବାହାଲି - ଫର୍‌ସରା - ବୋଡ଼େନ୍ ରାସ୍ତା ଏବଂ କୋମନା - କାଣ୍ଡେତରା ରାସ୍ତାର ନୂଆଗାଁ ନାଳ ଉପରେ ନିର୍ମିତ ୩ଟି ହାଇଲେଭ୍‌ଲ ସେତୁ
- ନବନିର୍ମିତ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
- ସାଇପଲା - ନୂଆପଡ଼ା ବିଜୁ ଏକ୍ସପ୍ରେସ୍ ୱେ ଏବଂ ରାଜ୍ୟ ରାଜପଥ ୩ - ଜୁନାନି ରାସ୍ତା
- ନୂଆପଡ଼ା ବ୍ଲକ୍‌ର ସାଇପଲା ଏବଂ ଖରିଆର ବ୍ଲକ୍‌ର ବାଦି ୩୩/୧୧ କେଭି ସବ୍‌ଷ୍ଟେସନ୍
- କୋମନା, ନୂଆପଡ଼ା, ବୋଡ଼େନ୍ ଏବଂ ସିନାପାଲି ବ୍ଲକ୍‌ର ୮ଟି ୧୦୦ ସିଟ୍ ବିଶିଷ୍ଟ ଛାତ୍ରୀନିବାସ ଏବଂ ୩ଟି ଛାତ୍ରାବାସ
- କୋମନା ଏବଂ ନୂଆପଡ଼ା ବ୍ଲକ୍‌ର ୨୦୦ ସିଟ୍ ବିଶିଷ୍ଟ ୨ଟି ଅନୁସୂଚିତ ଜନଜାତି ଛାତ୍ରାବାସ
- ନବନିର୍ମିତ ନୂଆପଡ଼ା ପର୍ଯ୍ୟଟନ କାର୍ଯ୍ୟାଳୟ
- ସିନାପାଲି ଏବଂ କୋମନା ବ୍ଲକ୍‌ର ୫ଟି ଜଳଯୋଗାଣ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

### ୧୦୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ

- ବୋଡ଼େନ୍, ନୂଆପଡ଼ା ଏବଂ କୋମନା ବ୍ଲକ୍‌ର ୬ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ନୂଆପଡ଼ା, ବୋଡ଼େନ ଏବଂ ଖରିଆର ବ୍ଲକ୍‌ର ୫ଟି ହାଇଲେଭ୍‌ଲ ସେତୁ ପ୍ରକଳ୍ପ
- ନୂଆପଡ଼ା ଜିଲ୍ଲା ଲାଇବ୍ରେରୀ ଏବଂ କୋମନା ବ୍ଲକ୍ ମେଣ୍ଟୋତାଲ୍ ହାଇସ୍କୁଲ ନିର୍ମାଣ
- ସିନାପାଲି ବ୍ଲକ୍‌ର ତାଳକୋଟ, ମହେଶ୍ୱର ଏବଂ ଆଖପାଖ ଅଞ୍ଚଳ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ
- ସିନାପାଲି ବ୍ଲକ୍‌ର ଲିଟିଗୁଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ









କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

କାଳିଆ ଛାତ୍ରବୃତ୍ତି
ପିଲାଙ୍କ ଉନ୍ନତ ଭବିଷ୍ୟତ

ସହାୟତା ପାଇଥିବା ନୂଆପଡ଼ା ଜିଲ୍ଲାର ଚାଷୀଙ୍କ ସହ ଭାବବିନିମୟ

ମିଶନ ଶକ୍ତି

ମିଶନ ଶକ୍ତିରେ ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସିଡ୍ ମନି, ଡ଼ିଜିଟାଲ ସଶକ୍ତିକରଣ ସହାୟତା ଏବଂ ବ୍ଲକ୍ ସ୍ତରୀୟ ମହାସଂଘଗୁଡିକୁ ଆର୍ଥିକ ସହାୟତା ପ୍ରଦାନ

ଜିଲ୍ଲାର ନିର୍ମାଣ ଶ୍ରମିକ ମାନଙ୍କୁ ବୋର୍ଡ଼ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସହାୟତା ପ୍ରଦାନ

ଜାଗା

ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ

## ଉପସ୍ଥିତ ଜନସମାଗମକୁ ଉଦ୍‌ବୋଧନ

15001/13/0594/1819

ସୂଚନା ଓ ଲୋକସମ୍ପର୍କ ବିଭାଗ | ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

**ସଂକ୍ଷେପରେ**

## ଶହୀଦଙ୍କ ପାଇଁ ଲଣ୍ଡା ହେଲେ ସେବକ

### ଦେବାଶିଷଙ୍କ ପୋଷ୍ଟର ପୋଡ଼ି

**ପୁରୀ ଅଫିସ,୨୪।୨:** ଜମ୍ମୁ-କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ଭାରତୀୟ ଯବାନମାନଙ୍କ ଏକାଦଶାହ ଶ୍ରାଦ୍ଧ ସିଂହଦ୍ୱାରଠାରେ କରାଯାଇଥିଲା। ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରାହ୍ମଣଙ୍କୁ ବସ୍ତ୍ର ଏବଂ ଗରିବ ଲୋକଙ୍କୁ ମିଠା ବଣ୍ଟା ଯାଇଥିଲା। ପୂଜାପଣ୍ଡା ସେବକ ନରସିଂହ ପୂଜାପଣ୍ଡା ଲଣ୍ଡା (ମୁଣ୍ଡନ) ହେବା ସହିତ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପୋଷ୍ଟର ପୋଡ଼ା ଯାଇଥିଲା। ଉପସ୍ଥିତ ଜନସାଧାରଣ ଦେଶମାତୃକା ପାଇଁ ପ୍ରାଣବଳି ଦେଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶହୀଦ ଯବାନ ଅମର ରହେ, ରକ୍ତର ଜବାବ ରକ୍ତରେ ଦିଆଯାଉ, ପାକିସ୍ତାନ ମୁର୍ଦ୍ଦାବାଦ, ଦେବାଶିଷ ସାମନ୍ତରାୟ ମୁର୍ଦ୍ଦାବାଦ ସ୍ଲୋଗାନମାନ ଦିଆଯାଇଥିଲା। ଖୁବ୍‌ଶୀଘ୍ର ଶ୍ରୀଜଗନ୍ନାଥ ସେନାର ପ୍ରତିନିଧି ଦଳ ପୁରୀରୁ ଦୁର୍ଘଟଣାସ୍ଥଳ ପୁଲୱାମାକୁ ଯାଇ ସେଠାରେ ସମୂହ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଦେବେ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

■ ଗଡ଼ିଲା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଟ୍ରେନ୍

# ପୂର୍ବ ଭାରତ ଭ୍ରମଣରେ ୯୬୪ ବରିଷ୍ଠ ନାଗରିକ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଆଇଆର୍‌ସିଟିସି ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୧୮-୧୯ର ଶୁଭାରମ୍ଭ କରାଯାଇଛି। ଏହି ତୀର୍ଥଯାତ୍ରାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ରେଳଷ୍ଟେଶନରେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଏହି ଏକାଦଶ ତୀର୍ଥଯାତ୍ରୀ ଟ୍ରେନ୍ ରବିବାର ଯାତ୍ରା ଆରମ୍ଭ କରିଥିବା ବେଳେ ଏଥିରେ କେନ୍ଦ୍ରାଞ୍ଚଳର ବିଭିନ୍ନ ଜିଲାର ବରିଷ୍ଠ ନାଗରିକ କୋଲକାତା ଓ କାମାକ୍ଷା ଭ୍ରମଣରେ ବାହାରିଛନ୍ତି।

୨୦୧୬ରୁ ଆରମ୍ଭ ହୋଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଚଳିତବର୍ଷ ସାମିଲ ହୋଇଛନ୍ତି ୯୬୪ ବରିଷ୍ଠ ନାଗରିକ। ଭୁବନେଶ୍ୱର ରେଳଷ୍ଟେଶନରୁ ଅପରାହ୍ନ ୧୨ଟା ୪୫ ମିନିଟ୍‌ରେ ଛାଡ଼ିଥିବା ଏହି ଟ୍ରେନ୍‌ରେ ତୀର୍ଥଯାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ମିଶାଇ ମୋଟ ୧ ହଜାର ଜଣ ରହିଛନ୍ତି। ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ୬ଦିନିଆ ଯାତ୍ରା ମାର୍ଚ୍ଚ ୧ରେ ଶେଷ ହେବାକୁ ଥିବାବେଳେ ଏଥର ଯାତ୍ରୀଙ୍କୁ ପୂର୍ବ ଭାରତର ବିଭିନ୍ନ ତୀର୍ଥସ୍ଥଳୀ ଦେଖାଇବାର ଯୋଜନା ରହିଛି। ଟ୍ରେନ୍‌ଟି ଭୁବନେଶ୍ୱରରୁ କୋଲକାତା ଯିବା ପରେ ସେଠାରୁ ଗୁଆହାଟୀ ଅଭିମୁଖେ ଯାତ୍ରା କରିବ। ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ବରିଷ୍ଠ ନାଗରିକମାନେ ଏଥିରେ ସାମିଲ ହୋଇଛନ୍ତି। ତୀର୍ଥଯାତ୍ରାର ଶୁଭାରମ୍ଭ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବଙ୍କ ସହ ପର୍ଯ୍ୟଟନ ବିଭାଗ ଏବଂ ପର୍ଯ୍ୟଟନ ଉନ୍ନୟନ ନିଗମର ବରିଷ୍ଠ ଅଧିକାରୀ, ଆଇଆର୍‌ସିଟିସିର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ରାଜ୍ୟର ଆର୍ଥିକ ଅନଗ୍ରସର ତଥା ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବରିଷ୍ଠ ନାଗରିକମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୬ରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା କାର୍ଯ୍ୟକାରୀ ହେଉଛି। ୨୦୧୬-୧୭, ୨୦୧୭-୧୮ ଏବଂ ୨୦୧୮-୧୯ରେ ଏହି ତୀର୍ଥଯାତ୍ରା ମାଧ୍ୟମରେ ୧୦ଟି ପର୍ଯ୍ୟାୟରେ ପାଖାପାଖି ୧୦,୦୦୦ ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ସୁଯୋଗ ଲାଭ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମାଞ୍ଚଳର ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରା ପାଇଁ ପଠାଯିବାକୁ ଥିବାବେଳେ ୩ୟ ପର୍ଯ୍ୟାୟରେ ଦକ୍ଷିଣାଞ୍ଚଳର ବରିଷ୍ଠ ନାଗରିକମାନେ ଯାତ୍ରାର ସୁଯୋଗ ପାଇବେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ପତାକା ଦେଖାଇ ଏକାଦଶ ତୀର୍ଥଯାତ୍ରୀ ଟ୍ରେନ୍ ଯାତ୍ରାର ଶୁଭାରମ୍ଭ କରୁଛନ୍ତି।

# କୁଆଖାଇରେ ଭାସିଗଲେ ଇଞ୍ଜିନିୟରିଂ ଛାତ୍ର

■ ଭୋଜି ପରେ ୫ ସାଙ୍ଗଙ୍କ ସହ ଗାଧୋଉଥିଲେ

■ ଘଣ୍ଟାଏ ଧରି ଖୋଜାଖୋଜି ପରେ ମିଳିଲା ମୃତଦେହ

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ବାଲିଅନ୍ତା ଥାନା ଅନ୍ତର୍ଗତ ଟଙ୍କପାଣି ବ୍ରିଜ୍ ବାଙ୍କୁଆଳ ଗଡ଼ା ନିକଟ କୁଆଖାଇ ନଦୀରେ ଭାସିଯାଇ ରବିବାର ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲାର ମହେନ୍ଦ୍ର ଖଟୁଆ (୨୬)। ମହେନ୍ଦ୍ର ସାଙ୍ଗମାନଙ୍କ ସହ ଭୋଜି କରିବାକୁ ଯାଇ ଗାଧୋଉଥିବାବେଳେ ଏହି ଘଟଣା ଘଟିଥିଲା। ଅଗ୍ନିଶମ କର୍ମଚାରୀମାନେ ଘଣ୍ଟାଏ ଧରି ଖୋଜାଖୋଜି କରିବା ପରେ ମହେନ୍ଦ୍ରଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ମହେନ୍ଦ୍ର ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଛାତ୍ର। ଅନ୍ୟ ସାଙ୍ଗମାନଙ୍କ ସହ ସେ ଭୀମଟାଙ୍ଗୀ ଅଞ୍ଚଳରେ ରହୁଥିଲେ। ରବିବାର ଛୁଟିଦିନ ହୋଇଥିବାରୁ ମଧ୍ୟାହ୍ନରେ ୫ଜଣ ସାଙ୍ଗଙ୍କ ସହ ମହେନ୍ଦ୍ର ବାଙ୍କୁଆଳଗଡା ନିକଟରେ ଭୋଜି କରୁଥିଲେ। ଅପରାହ୍ନ ପ୍ରାୟ ୩ଟା ୪୦ରେ ସେମାନେ କୁଆଖାଇ ନଦୀକୁ ଗାଧୋଇବାକୁ ଯାଇଥିଲେ। ସମସ୍ତେ ଗାଧୋଉଥିବାବେଳେ ମହେନ୍ଦ୍ରଙ୍କ ଗୋଡ଼ ବାଲିରେ ଖସିଯିବାରୁ ନଦୀର ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ସେ ବୁଡ଼ିଯାଉଥିବାବେଳେ ଉଦ୍ଧାର କରିବାକୁ ଚିତ୍କାର କରିଥିଲେ। କିନ୍ତୁ କୂଳରେ ଥିବା ସାଙ୍ଗମାନେ ପହଁରା ଶିଖି ନ ଥିବାରୁ ତାଙ୍କୁ ଉଦ୍ଧାର କରିବାକୁ ସାହସ ଜୁଟାଇପାରି ନ ଥିଲେ। ପାଟିକରି ଡାକିଥିଲେ ମଧ୍ୟ କେହି ଶୁଣିପାରି ନ ଥିଲେ। ଶେଷରେ ସେମାନଙ୍କ ମଧ୍ୟରୁ ଜଣେ ଛାତ୍ର ଦୌଡ଼ିଯାଇ ନିକଟରେ ଥିବା ଜଣେ ବ୍ୟକ୍ତିଙ୍କୁ ଏ ସମ୍ପର୍କରେ ଜଣାଇବାରୁ ସେ ଅଗ୍ନିଶମ ବିଭାଗକୁ ଫୋନ୍ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବାବେଳକୁ ମହେନ୍ଦ୍ରଙ୍କର ପତ୍ତା ନ ଥିଲା। ପ୍ରାୟ ଘଣ୍ଟାଏ ଧରି ଖୋଜାଖୋଜି ପରେ ଅଗ୍ନିଶମ କର୍ମଚାରୀମାନେ ଗଭୀର ପାଣିରୁ ମହେନ୍ଦ୍ରଙ୍କ ନିସ୍ତେଜ ଶରୀରକୁ ଉଦ୍ଧାର କରିଥିଲେ। ଏହି ଘଟଣା ସଂକ୍ରାନ୍ତରେ ପୋଲିସ ତାଙ୍କ ସାଙ୍ଗମାନଙ୍କୁ ପଚରାଉଚରା କରୁଛି।

# ଗୁରୁପ୍ରିୟା ସେତୁ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ବାସିନ୍ଦାଙ୍କ କୃତଜ୍ଞତା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା କାରଣରୁ ୪ ବର୍ଷ ମଧ୍ୟରେ ଗୁରୁପ୍ରିୟା ସେତୁ କାର୍ଯ୍ୟକ୍ଷମ ହୋଇପାରିଛି। ଏହି ସେତୁ ଦୀର୍ଘଦିନ ଧରି ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ଥିଲା। ଗତ ଜୁଲାଇରେ ରାଜ୍ୟ ପ୍ରଶାସନର ପ୍ରଚେଷ୍ଟା କାରଣରୁ ତାହା ସମ୍ଭବ ହୋଇପାରିଛି। ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଏହା ସହାୟକ ହୋଇପାରୁଛି। ଏହି କାରଣରୁ ଶତାଧିକ ସ୍ଥାନୀୟ ଅଧିବାସୀ ରବିବାର ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ସେହିପରି ଗୁରୁପ୍ରିୟା ସେତୁ ଏବଂ ବିଚ୍ଛିନ୍ନାଞ୍ଚଳ ପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିବାକୁ ସ୍ଥାନୀୟ ଅଧିବାସୀ ସ୍ୱାଗତ କରିଛନ୍ତି। କୃତଜ୍ଞତା ଜଣାଇଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଗୁରୁପାୟ ସେଠୀ, ସିଦ୍ଧେଶ୍ୱର ଖିଲ, ଦଳବନ୍ତ ପାଙ୍ଗୀ, ସୁନାଦର ଖିଲ, ସିନୟ ଖରା, ଦେନେଲ୍ କୁମାର ପୋଟଲା, ସହଦେବ ମୁଦୁଲି, ମଙ୍ଗରାଜ ସିସା, ରାମଚନ୍ଦ୍ର କୋପି, ଲଛମିନ୍ ବାକା, ଧନ ଗଡ଼ଲୀ ପ୍ରମୁଖ ବ୍ୟକ୍ତିବିଶେଷ ସାମିଲ ଥିଲେ।

**ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ବୈଠକ**

# ପ୍ରତିବର୍ଷ ମାର୍ଚ୍ଚ ଶେଷ ଶନିବାର ହେବ ବାର୍ ନିର୍ବାଚନ

■ ଚଳିତ ବର୍ଷ ମାର୍ଚ୍ଚ ୩୦କୁ ନିର୍ବାଚନ ତାରିଖ ଧାର୍ଯ୍ୟ

■ ଛୁଟିଦିନ ହୋଇଥିଲେ ପୂର୍ବ ଶନିବାର ହେବ ଭୋଟ ଗ୍ରହଣ

କଟକ ଅଫିସ, ୨୪।୨

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସାଧାରଣ ବୈଠକ ରବିବାର ହାଇକୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବ ଅନୁଯାୟୀ ରାଜ୍ୟର ଆଇନଜୀବୀ ସଂଘଗୁଡ଼ିକରେ ଗୋଟିଏ ବାର୍ ଗୋଟିଏ ଭୋଟ ନୀତି ଲାଗୁ କରାଯିବ। ତଦନୁଯାୟୀ ସମସ୍ତ ବାର୍ ଆସୋସିଏଶନର ନିର୍ବାଚନ ପ୍ରତିବର୍ଷ ମାର୍ଚ୍ଚ ଶେଷ ଶନିବାର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଯଦି କୌଣସି ଶେଷ ଶନିବାର ଛୁଟିଦିନ ରୂପେ ଘୋଷିତ ହୋଇଥାଏ, ତେବେ ତାହାର ପୂର୍ବ ଶନିବାରକୁ ନିର୍ବାଚନ ଦିନ ହିସାବରେ ଗ୍ରହଣ କରାଯିବ। ଏହି କ୍ରମରେ ଚଳିତବର୍ଷ ପାଇଁ ପଞ୍ଜୀକୃତ ବାର୍ ଆସୋସିଏଶନଗୁଡ଼ିକର ନିର୍ବାଚନ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଫେବୃୟାରୀ ୨୮କୁ ଶେଷ ଦିବସ ରୂପେ ଗ୍ରହଣ କରାଯାଇଛି। ତେବେ ଆଗାମୀ ବର୍ଷଗୁଡ଼ିକ ନିମନ୍ତେ ପୂର୍ଣ୍ଣାଙ୍ଗ ଭୋଟର ତାଲିକା ପ୍ରସ୍ତୁତିର ଶେଷ ତାରିଖ ଜାନୁୟାରୀ ୩୧ ଧାର୍ଯ୍ୟ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟରେ 'ୱାନ୍ ବାର୍ ୱାନ୍ ଭୋଟ' ଲାଗୁ କରିବାକୁ ହାଇକୋର୍ଟ ଶୁକ୍ରବାର ଓଡ଼ିଶା ଆଇନଜୀବୀ ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଜଣେ ଓକିଲ ଏକାଧିକ ସଂଘରେ ସଦସ୍ୟତା ଗ୍ରହଣ କରି ସବୁଠାରେ ଭୋଟ ଦେଇପାରୁଥିଲେ। କିନ୍ତୁ ଏଣିକି ଜଣେ ଓକିଲ କେବଳ ଗୋଟିଏ ସଂଘରେ ଥରେମାତ୍ର ଭୋଟ ଦେଇପାରିବେ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ବୈଠକରେ ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨୫ /୨୦୧୯ | Bhubaneswar, Monday, February 25/ 2019 | ପୃଷ୍ଠା-୧




**ସୋନାକ୍ଷୀଙ୍କ ନାମରେ ଠକେଇ ମାମଲା**

ଉତ୍ତରପ୍ରଦେଶର ମୋରାଦାବାଦ୍ ଥାନାରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ନାମରେ ଏକ ଠକେଇ ମାମଲା ରୁଜୁ ହୋଇଛି।

୦୮

୧୭

**ସୌରଭଙ୍କ ବିଶ୍ୱ ରେକର୍ଡ**

ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ସୌରଭ ଚୌଧାରୀ ସ୍ୱର୍ଣ୍ଣପଦକ ସହ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।








■ ପିଏମ୍ କିଷାନ ଯୋଜନା ଶୁଭାରମ୍ଭ କଲେ ମୋଦି

# କୋଟିଏ କୃଷକଙ୍କୁ ପ୍ରଥମ କିସ୍ତି

**ଗୋରଖପୁର,୨୪।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମହତ୍ତ୍ୱାକାଂକ୍ଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ) ଯୋଜନାର ଶୁଭାରମ୍ଭ କରି ପ୍ରଥମ କିସ୍ତିରେ ୧ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କ ବ୍ୟାଙ୍କ ଖାତାକୁ ୨୦୦୦ ଟଙ୍କା ଲେଖାଏ ପଠାଇଛନ୍ତି। ଏହି ଅବସରରେ ସେ ବିରୋଧୀ ଦଳଗୁଡିକୁ ସମାଲୋଚନା କରି ସେମାନେ ୧୦ ବର୍ଷରେ ଥରେ ନିର୍ବାଚନ ଆସିଲେ କୃଷକଙ୍କ କଥା ମନେ ପକାଇଥାନ୍ତି ବୋଲି କହିଛନ୍ତି। ଗୋରଖପୁରର ଏଫସିଆଇ ପଡିଆରେ ଯୋଜନାର ଶୁଭାରମ୍ଭ କରିବା ଅବସରରେ ମୋଦି କହିଥିଲେ, ରବିବାର ପ୍ରଥମ କିସ୍ତି ଅର୍ଥ ୧.୦୧ କୋଟି କୃଷକଙ୍କ ବ୍ୟାଙ୍କଖାତାରେ ଜମା ହୋଇଛି। ଅନ୍ୟ ଯେଉଁମାନେ ବାଦ ପଡିଛନ୍ତି ସେମାନଙ୍କ ଖାତାକୁ ଖୁବ୍‌ଶୀଘ୍ର ଏହି ଟଙ୍କା ପଠାଯିବ। ୨୧ଟି ରାଜ୍ୟ ଏବଂ ସମସ୍ତ କେନ୍ଦ୍ରଶାସିତ ଅଞ୍ଚଳର ଚାଷୀ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଅନ୍ୟ ରାଜ୍ୟଗୁଡ଼ିକ ତୁରନ୍ତ ଚାଷୀ ତାଲିକା ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏଥିସହିତ ମୋଦି ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବିଭିନ୍ନ ରାଜ୍ୟର କୃଷକ ସଂଗଠନଗୁଡ଼ିକ ସହ ଆଲୋଚନା କରିଥିଲେ।

'ଜୟ ଯବାନ, ଜୟ କିଷାନ'ରୁ ପ୍ରଧାନମନ୍ତ୍ରୀ ଭାଷଣ ଆରମ୍ଭ କରି ୭୫ ହଜାର କୋଟି ଟଙ୍କାର ପିଏମ୍ କିଷାନ ଯୋଜନା ନିର୍ବାଚନ ପ୍ରତିଶ୍ରୁତି ନୁହେଁ ବୋଲି କହିଥିଲେ। କୃଷି ଋଣ ଛାଡ଼ ସରକାରଙ୍କ ପାଇଁ ମଧ୍ୟ ସହଜ ହୋଇଥାନ୍ତା। ତେବେ ରାଜନୈତିକ ଏବଂ ନିର୍ବାଚନୀ ଫାଇଦା ପାଇଁ ସରକାର ଏଭଳି ଏକ ପାପ କରିବାକୁ ଚାହାନ୍ତି ନାହିଁ। ଏହାଦ୍ୱାରା ନିର୍ଦ୍ଦିଷ୍ଟ କେତେଜଣ ଉପକୃତ ହୋଇଥାନ୍ତେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ଆପଣମାନଙ୍କ ଟଙ୍କା ଏବଂ ଏହାକୁ ଫେରାଇ ନିଆଯିବ ନାହିଁ। କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ କୃଷକମାନଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଥିଲେ। ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟ ଦୁଇଗୁଣ କରିବା ଲାଗି ସରକାର ସମ୍ପୂର୍ଣ୍ଣ ସାଧୁତାର ସହ ଉଦ୍ୟମ ଚଳାଇଛନ୍ତି। ସରକାର ୧୦୦ ଟଙ୍କା ମଞ୍ଜୁର କଲେ ସେଥିରୁ ୮୫ ଟଙ୍କା ମଧ୍ୟସ୍ଥଙ୍କ ଦ୍ୱାରା ବାଟମାରଣା ହେଉଥିଲା। ଏବେ ସେ ସମୟ ଆଉ ନାହିଁ। ସରକାର ମଞ୍ଜୁର କରୁଥିବା ପ୍ରତିଟି ଟଙ୍କା ସିଧାସଳଖ ହିତାଧିକାରୀଙ୍କ ☞ପୃଷ୍ଠା-୨



ଉତ୍ତରପ୍ରଦେଶ ଗୋରଖପୁରଠାରେ ଆୟୋଜିତ ପିଏମ୍ କିଷାନ ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

# ସଡ଼କ ଦୁର୍ଘଟଣାରେ ୧୦ ମୃତ

**ଭବାନୀପାଟଣା,(ଡି.ଏନ.ଏ.)/ଭଦ୍ରକ ଅଫିସ/ ଆନନ୍ଦପୁର/ଠାକୁରମୁଣ୍ଡା,(ସ୍ୱ.ପ୍ର.)/ଭୁବନ/ ରାଇରଙ୍ଗପୁର, ୨୪।୨(ଡି.ଏନ୍.ଏ.)**

- ■ ଟ୍ରକକୁ ପିଟିଲା ବରଯାତ୍ରୀ ଭ୍ୟାନ
- ■ ଟ୍ରାକ୍ଟର ତଳେ ଚାପି ହୋଇଗଲେ ଡ୍ରାଇଭର, ହେଲ୍‌ପର
- ■ କନ୍‌ଷ୍ଟେବଲ ମୃତ, ଯୁବକଙ୍କ ଗୋଡ଼ ଛିଣ୍ଡିଲା

ଭବାନୀପାଟଣା, ଭଦ୍ରକ, କେନ୍ଦୁଝର ଜିଲା ଆନନ୍ଦପୁର, ଢେଙ୍କାନାଳ ଜିଲା ଗଁଦିଆ ଓ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୫ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କଳାହାଣ୍ଡି ଜିଲା ନର୍ଲା ଥାନା ଅଧୀନ ନର୍ଲା-ତୁଲାପଡ଼ା ରାସ୍ତାର ଆମପଡ଼ାରେ ଶନିବାର ବିଳମ୍ବିତ ରାତିରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ରାସ୍ତାକଡ଼ରେ ଠିଆହୋଇଥିବା ଏକ ଟ୍ରକ୍‌ରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଭ୍ୟାନ୍‌ରେ ଥିବା ବରଯାତ୍ରୀଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ପିଲାଙ୍କ ସହ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଭବାନୀପାଟଣା ଜିଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଓ ୪ ଜଣଙ୍କୁ ବୁର୍ଲା ଏବଂ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାପଡ଼ିଛି। ମୃତକମାନେ ହେଲେ ଭବାନୀପାଟଣା ପୁରୁଣାପଡ଼ାର ଧନେଶ୍ୱର ପ୍ରଧାନ (୫୫) ଓ ଜେନାଖାଲ ପଡ଼ାର ଶଶୀ ଆରୁଖ (୪୫)। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତରଖାନାକୁ ପଠାଇବା ସହ ପୋଲିସକୁ ଖବର ଦେଇଥିଲେ। ଏ ନେଇ ନର୍ଲା ଥାନାରେ ଏକ ମାମଲା (ନଂ.୨୨/୧୯) ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍ ଓ ଟ୍ରକ୍‌କୁ ଜବତ କରିଛି।

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ରବିବାର ପୃଥକ୍ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଛନ୍ତି। ମଧ୍ୟାହ୍ନରେ ଏହି ଥାନା ଅଧୀନ ଚଣ୍ଡୀ ଗାଁରେ ବାହାଘର ଶୋଭାଯାତ୍ରା ଚାଲିଥିବା ବେଳେ ଡିଜେ ଗାଡ଼ି ଚାପାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ବରାଙ୍ଗ ପେଟ୍ରୋଲ ପମ୍ପ ନିକଟରେ ସନ୍ଧ୍ୟାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାସୁଦେବପୁର ବେତଡ଼ା ଅଞ୍ଚଳର ରବୀନ୍ଦ୍ର ସେଠୀ, ଭଦ୍ରକ ହଳଦୀଡିହ ବାଇପାସ୍ ଅଞ୍ଚଳର ସଜତ ଶାହା ଓ ବାସୁଦେବପୁର ସୁଗୋ ଅଞ୍ଚଳର ଉତ୍ତମ ନାୟକ। ଆହତମାନେ ହେଲେ ବାସୁଦେବପୁର ସୁଗୋ ଅଞ୍ଚଳର ଅକ୍ଷୟ ନାୟକ ଓ ଭଦ୍ରକ ବାଇପାସ୍ ଅଞ୍ଚଳର ରିଙ୍କୁ ଖାନ୍। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଆନନ୍ଦପୁର ସୀମାନ୍ତ ମହୁଲଡିହା ଥାନା ଗୋଡ଼ଭଙ୍ଗା ନିକଟରେ ଏକ ଚିପ୍ସ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଟ୍ରାକ୍ଟର ଚାଳକ ଓ ହେଲ୍‌ପରଙ୍କର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଯୁଦ୍ଧ ରାଜନୀତି

**ଆଜିର ମନ୍ତବ୍ୟ**

"ଉତ୍ତର କୋରିଆ ଆଣବିକ ଅସ୍ତ୍ରଶସ୍ତ୍ର ତ୍ୟାଗକଲେ ଏକ ଅର୍ଥନୈତିକ ମହାଶକ୍ତି ହୋଇପାରିବ।

- ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି


NECC NATIONAL EGG CO-ORDINATION COMMITTEE 24.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 79 | 131 | 141 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 80 | 132 | 142 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers


# ଶସ୍ତା ହେବ ଘର କିଣା

**ନୂଆଦିଲ୍ଲୀ,୨୪।୨**

**ଜିଏସ୍‌ଟି କାଉନସିଲ ବୈଠକରେ ନିଷ୍ପତ୍ତି**

- ■ ନିର୍ମାଣାଧୀନ ଘର ଉପରେ ୧୨ ପରିବର୍ତ୍ତେ ୫% ଜିଏସ୍‌ଟି
- ■ ସୁଲଭ ଘରରେ ୮ରୁ ୧%କୁ ଜିଏସ୍‌ଟି ହ୍ରାସ କରାଯାଇଛି
- ■ ଏପ୍ରିଲ ପହିଲାରୁ ଲାଗୁ ହେବ
- ■ ସୁଲଭ ଘର ସଂଜ୍ଞା ବଦଳିଲା

ଘର କିଣିବାର ସ୍ୱପ୍ନ ଦେଖୁଥିବା ନାଗରିକଙ୍କୁ ଜିଏସ୍‌ଟି କାଉନ୍‌ସିଲ୍ ରବିବାର ବଡ଼ ଉପହାର ଦେଇଛନ୍ତି। ଘର ଉପରେ ଲାଗୁ ହେଉଥିବା ଜିଏସ୍‌ଟି ହ୍ରାସ କରାଯାଇଛି। ନିର୍ମାଣାଧୀନ ଘର ଉପରେ ଜିଏସ୍‌ଟି ହାରକୁ ୧୨ ପରିବର୍ତ୍ତେ ୫%(ଇନପୁଟ ଟ୍ୟାକ୍ସ କ୍ରେଡିଟ ବିନା) ଏବଂ ସୁଲଭ ଘର(ଆଫୋର୍ଡେବୁଲ ହାଉସିଂ) ଉପରେ ୮% ବଦଳରେ ୧%(ଇନପୁଟ ଟ୍ୟାକ୍ସ କ୍ରେଡିଟ ବିନା)ଜିଏସ୍‌ଟି ଆଦାୟ କରାଯିବ। ନୂଆ ଜିଏସ୍‌ଟି ହାର ଚଳିତବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ ଏବଂ ବିଲ୍ଡର ଇନପୁଟ ଟ୍ୟାକ୍ସ କ୍ରେଡିଟ ଦାବି କରିପାରିବେ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କାଉନ୍‌ସିଲ ବୈଠକ ଶେଷରେ ପ୍ରକାଶ କରିଛନ୍ତି।

ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ରିୟଲିଟି ସେକ୍ଟରକୁ ପ୍ରୋତ୍ସାହିତ କରିବାକୁ ସରକାର ଚାହୁଁଛନ୍ତି। ଏହି କାରଣରୁ କାଉନ୍‌ସିଲ ଆଫୋର୍ଡେବୁଲ ହାଉସିଂର ସଂଜ୍ଞା ବଦଳାଇ ଦେଇଛନ୍ତି। ଫଳରେ ଅଧିକରୁ ଅଧିକ ଲୋକେ ଏହାର ଫାଇଦା ଉଠାଇ ପାରିବେ। କାଉନ୍‌ସିଲର ନିଷ୍ପତ୍ତି ଯୋଗୁ ନିର୍ମାଣ ସେକ୍ଟରକୁ ପ୍ରୋତ୍ସାହନ ମିଳିବ। ଜେଟ୍‌ଲୀ କହିଛନ୍ତି ଯେ, ଉକ୍ତ ନିଷ୍ପତ୍ତି ପରେ ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ-ଏନ୍‌ସିଆର(ଦିଲ୍ଲୀ, ନୋଇଡା, ଗ୍ରେଟର ନୋଇଡା, ଗାଜିଆବାଦ, ଗୁଡ଼ଗାଓଁ,ଫରିଦାବାଦ), ☞ପୃଷ୍ଠା-୨






# ଆଜି ଅଧିକାରୀ, ବୈଷୟିକ ବିଶେଷଜ୍ଞସ୍ତରୀୟ ବୈଠକ

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

**ମହାନଦୀ ପ୍ରସଙ୍ଗ**

- ■ ଯୋଗଦେବେ ଛତିଶଗଡ଼, ଓଡ଼ିଶାର ପ୍ରତିନିଧି
- ■ ଅଣ ମୌସୁମୀରେ ୧.୭୪ ଏମ୍ଏଏଫ୍ ଜଳ ପାଇଁ ରାଜ୍ୟର ଦାବି

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଅଧିକାରୀ ଏବଂ ବୈଷୟିକ ବିଶେଷଜ୍ଞସ୍ତରୀୟ ବୈଠକ ସୋମବାର ଦିଲ୍ଲୀରେ ଅନୁଷ୍ଠିତ ହେବ। ମହାନଦୀ ଟ୍ରିବ୍ୟୁନାଲର ନିର୍ଦ୍ଦେଶକ୍ରମେ ଏହି ବୈଠକ ବସୁଛି। ଅଣମୌସୁମୀ ସମୟରେ ମହାନଦୀ ଜଳର ବଣ୍ଟନ ନେଇ ଏହି ବୈଠକରେ ଆଲୋଚନା ହେବ ବୋଲି ଜଣାପଡିଛି। ଓଡ଼ିଶା ଅଣମୌସୁମୀ ସମୟରେ ୧.୭୪ ମିଲିୟନ ଏକର ଫିଟ୍(ଏମ୍ଏଏଫ୍) ଜଳ ପାଇଁ ଦାବି କରୁଛି। ଟ୍ରିବ୍ୟୁନାଲ ନିଜର ପ୍ରଥମ ଶୁଣାଣି କରିବା ପୂର୍ବରୁ ୧.୭୪ ଏମ୍ଏଏଫ୍ ଜଳ ପାଇଁ ନିର୍ଦ୍ଦେଶ ଦେବାକୁ ବୈଠକରେ ଦାବି କରିବ। ରାଜ୍ୟର ଦାବି ସମ୍ପର୍କିତ ସମସ୍ତ ତଥ୍ୟ କମିଟି ଆଗରେ ରଖାଯିବ। ଓଡ଼ିଶାର ଦାବି ଆଉ ଛତିଶଗଡ଼ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ଅଧିକାରୀସ୍ତରୀୟ-ବୈଷୟିକ କମିଟି ବୈଠକ ନିଷ୍ପତ୍ତିକୁ ନେଇ ରାଜ୍ୟ ରାଜନୀତି ମଧ୍ୟ ସରଗରମ ହେବ ସମ୍ଭାବନା ରହିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


ପିହୁ
ପରିବାରବର୍ଗ


ଏମ୍ କ୍ରିଷ୍ଣା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# classified




### SALE

L&T Pc 71 Komatsu show room condition, 2009 Dec (Mo): 7978887806. D-11293




### SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Yellowzone sthitiban plot sale at AIIMS Hospital, Bhubaneswar. 8280037688. D-65368

**Plot on lowest budget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65838

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**Yellowzone plot sale near AIIMS Hospital ready for construction. 8480745797.** D-65372

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65574

**Readymade Gheri (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65837

Fully developed gharabari residential Patta plot sale 3km. from KIIT Big Bazaar, Bhubaneswar, electricity 30'road available. 9556003065, 7978159231. D-65373

### PURCHASE

Wanted low cost residential plots in and around Bhubaneswar. 06371090682. D-11320

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Ayurvedic full body massage ladies/ gents experts therapist. 8338097451 . D-65835

Experience full body massage with us by experts. Enquiry. 0674 2597822, 7377048581. D-65586

Herbal full body massage with refreshment by well trained therapist. 7381239385, 06742540855. D-65587

Improving your health, skin care through expert therapist, excellent offer. 9668374480. D-65588

Newly opening ayurvedic body massage smart therapist, Shree herbal. 7750020754. D-65589

Herbal full body massage by smart/ expert therapist. Contact: 8338067247. D-65590

Physiotherapy, full body massage by trained ladies/ gents therapist: 7008773793. D-65485

Ayurvedic full body massage ladies/ gents smart experts therapist. 9114697517. D-65836

Newly ayurvedic fullbody massage ladies, gents: 7609923705, 7438851534. D-38549

Newly opening ayurvedic full body massage. 7077444583. D-11285

Welcome to seva care relax your body smart therapist, 9937062638. D-65488

Now Matrimonial ads. only on Wednesday & Sunday Book 1 Get 1 FREE



## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭଗବାନ ଦାସ**

ସର୍ବୋଦୟ ନଗର, ପୁରୀ
ତିରୋଧାନ: ୧୧।୦୨।୨୦୧୫
ଫାଲଗୁନ କୃଷ୍ଣପକ୍ଷ, ସପ୍ତମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି। ଶୋକସନ୍ତପ୍ତ
ପୁତ୍ର-ଜଗନ୍ନାଥ, କୃଷ୍ଣ, ବିଷ୍ଣୁ, ପୁତ୍ରବଧୂ-ଗୌରୀ, ମମତା, ଗୀତା, ନାତୁଣୀ-ଶୁଭଶ୍ରୀ, କାଜଲ, ଗାୟତ୍ରୀ, ଶେଜଲ, ନାତି-ଶୁଭଙ୍କର, ବିଶ୍ୱଜିତ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୧୧୩୪୬


## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୬୦,୭୨୬ କୋଟି ଟଙ୍କାର ଏନ୍‌ପିଏ ଅସୁଲ କରିଛନ୍ତି।

-ଅର୍ଥ ମନ୍ତ୍ରଣାଳୟ

# ବିଜେଡିରେ ମିଶିଲେ କଂଗ୍ରେସ, ଆପ୍, ଭାଜପା ନେତା

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାଉନ୍‌ସିଲରଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଭାଜପା, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତା ଓ କର୍ମୀ ରବିବାର ନବୀନ ନିବାସ ଯାଇ ବିଜେଡିରେ ଯୋଗଦେଇଛନ୍ତି। ପାଟଣାଗଡ଼ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ତଥା ୨୦୧୪ ନିର୍ବାଚନ ସମୟରେ ଆପ୍ ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସୁନୀଲ ଗୋଏଲ୍ ଏବଂ ଶାରଦା ଗୋଏଲ୍, ଶାନ୍ତି ମେହେର, ସନ୍ନ୍ୟାସୀ ବାଗ, ଗୁନମଣୀ ମେହେର, ଖେତୁ ମାଝୀ, ବଲାଙ୍ଗୀର ଜିଲା ଯୁବମୋର୍ଚ୍ଚା ଉପସଭାପତି ଲକ୍ଷ୍ମଣ ପୁଟେଲ୍, ଗତ ନିର୍ବାଚନରେ ବିଏସ୍‌ପି ବିଧାୟକ ପ୍ରାର୍ଥୀ ସଦାନନ୍ଦ ମହାନନ୍ଦ, ଅନୁସୂଚିତ ଜନଜାତି ନେତା ଭୋଜରାଜ ବରିହାଙ୍କ ସମେତ କେତେଜଣ କଂଗ୍ରେସ ନେତା ମଧ୍ୟ ଆନୁଷ୍ଠାନିକ ଭାବେ ବିଜେଡିରେ ମିଶିଛନ୍ତି। ବିଜେଡି ପ୍ରତି ଆସ୍ଥା ପ୍ରକଟ କରି ଦଳରେ ଯୋଗଦେଇଥିବା ସମସ୍ତ ନେତା ମତ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ନବାଗତ ନେତାଙ୍କୁ ସ୍ୱାଗତ କରିଛନ୍ତି। ପାଟଣାଗଡ଼ ନିର୍ବାଚନମଣ୍ଡଳୀର ଭାଜପା, କଂଗ୍ରେସ ଓ ଆପ୍ ନେତା ଓ କର୍ମୀମାନେ ଯୋଗ ଦେଇଥିବାରୁ ମୁଁ ବହୁତ ଖୁସି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୧ରେ ଓପିଜିସି ୩, ୪ନଂ ୟୁନିଟ୍ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଝାରସୁଗୁଡ଼ା ଅଫିସ,୨୪।୨**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ୩ ଏବଂ ୪ନଂ ୟୁନିଟ୍ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଜିଲା ଗସ୍ତରେ ଆସୁଛନ୍ତି। ମାର୍ଚ୍ଚ ୧ରେ ମୁଖ୍ୟମନ୍ତ୍ରୀ ବନହରପାଲିସ୍ଥିତ ଓପିଜିସିର ଏହି ଦୁଇ ୟୁନିଟ୍ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ସୂଚନା ମୁତାବକ, ଓପିଜିସିର ପ୍ରଥମ ଦୁଇ ୟୁନିଟ୍ କାର୍ଯ୍ୟକ୍ଷମ ଥିବାବେଳେ ୩ ଏବଂ ୪ନଂ ୟୁନିଟ୍ କାମ ଚାଲିଥିଲା। ପ୍ରଥମ ଦୁଇ ୟୁନିଟ୍‌ରୁ ବାର୍ଷିକ ୨୧୦ ମେଗାୱାଟ୍ ଲେଖାଏଁ ୪୨୦ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ହେଉଥିଲା। ଏହି ଦୁଇ ୟୁନିଟ୍ ଉଦ୍‌ଘାଟିତ ହେଲେ ଅଧିକ ୧୩୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ।

# ୧୧ ଚାଷୀଙ୍କୁ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ'

**ଭୁବନେଶ୍ୱର,୨୪।୨(ବ୍ୟୁରୋ)**

ନିଜସ୍ୱ ଜ୍ଞାନକୌଶଳକୁ ଉପଯୋଗ କରି ଚାଷୀମାନେ ଯେଉଁ ଛୋଟ ଛୋଟ ଅଭିନବ କୃଷି ଯନ୍ତ୍ରପାତି ଓ ଉପକରଣ ପ୍ରସ୍ତୁତ କରିଛନ୍ତି, ତାହା ରାଜ୍ୟର କୃଷି ବ୍ୟବସ୍ଥାକୁ ସୁଦୃଢ଼ କରିବ। ନିଜର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟକୁ ସହଜ ତଥା ମହିଳା କୃଷି ଶ୍ରମିକଙ୍କ ଶ୍ରମକୁ ଲାଘବ କରିବା ପାଇଁ ଚାଷୀମାନେ ପ୍ରସ୍ତୁତ କରିଥିବା ଏହି ଯନ୍ତ୍ରପାତି ଅନ୍ୟ ରାଜ୍ୟର ଚାଷୀମାନଙ୍କ ନିମନ୍ତେ ଉପାଦେୟ ସାବ୍ୟସ୍ତ ହେବ। ରବିବାର କୃଷି ଭବନଠାରେ ଆୟୋଜିତ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ପ୍ରଦାନ ଉତ୍ସବରେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଅର୍ଥ ଓ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ଏହା କହିଛନ୍ତି। ଏହି ଅବସରରେ ନିଜସ୍ୱ ସୃଜନଶୀଳତାରେ ନୂତନ ଯନ୍ତ୍ରପାତି ସୃଷ୍ଟି କରିବା ନିମନ୍ତେ ୧୧ଜଣ ଚାଷୀଙ୍କୁ ରାଜ୍ୟସ୍ତରରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଲେଖାଏ ୩ଜଣଙ୍କୁ, ଦ୍ୱିତୀୟ ପୁରସ୍କାର ବାବଦରେ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ୩ଜଣଙ୍କୁ ଓ ତୃତୀୟ ପୁରସ୍କାର ରାଶି ୧ ଲକ୍ଷ ଟଙ୍କା ଲେଖାଏ ୫ଜଣଙ୍କୁ ପ୍ରଦାନ କରାଯାଇଥିଲା। ୩ଜଣ ଚାଷୀଙ୍କୁ ପ୍ରଶଂସାପତ୍ର ଦିଆଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ରାଜ୍ୟର ୩୦ ଜିଲାରୁ ୨୦୦୦ରୁ ଅଧିକ ଚାଷୀ ଆବେଦନ କରିଥିବା ବେଳେ ୯୦ଜଣଙ୍କୁ ଜିଲାସ୍ତରରେ ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶାର କୃଷକମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଏହି ନବପ୍ରବର୍ତ୍ତନ ଯନ୍ତ୍ରଗୁଡ଼ିକର ବ୍ୟବହାର କୃଷକର ଦକ୍ଷତା ଓ ଉତ୍ପାଦିକତା ବୃଦ୍ଧି ସହିତ ଚାଷ ଖର୍ଚ୍ଚକୁ କମ୍ ତଥା ମୂଲ୍ୟଯୁକ୍ତ କରିବାରେ ସାହାଯ୍ୟ କରିବ। ଏହାସହ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବ। ଚାଷୀମାନଙ୍କର ଏହି ବୈଷୟିକ ସଫଳତାକୁ ବ୍ୟାପକ ପ୍ରଚାର ପ୍ରସାର ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ସରକାରଙ୍କ ପକ୍ଷରୁ ପୁରସ୍କାର ବାବଦରେ ଦିଆଯାଉଥିବା ଅର୍ଥରାଶି ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିବା ସହ କୃଷିକ୍ଷେତ୍ରରେ ଏହାର ସଫଳ ଉପଯୋଗ ନିମନ୍ତେ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି କହିଥିଲେ। ପୁରସ୍କାର ଚୟନ କମିଟି ଅଧ୍ୟକ୍ଷ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଉତ୍ସବରେ ଯୋଗଦେଇ ଓଡ଼ିଶାର ଚାଷୀମାନଙ୍କର ଏହି ଅଭିନବ ସଫଳତା ରାଜ୍ୟକୁ ନିଶ୍ଚିତ ଭାବେ ଆଗକୁ ନେଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହନି ବି ନେଟ୍‌ୱର୍କର ପ୍ରତିଷ୍ଠାତା ପ୍ରଫେସର ଅନିଲ ଗୁପ୍ତା, ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ନିର୍ଦ୍ଦେଶକ ତଥା ଚିଫ୍ ଇନୋଭେଟିଭ୍ ଅଫିସର ଡ. ବିପିନ କୁମାର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ମୁଖ୍ୟଯନ୍ତ୍ରୀ(କୃଷି) ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜାତୀୟ ନବପ୍ରବର୍ତ୍ତନ ପ୍ରତିଷ୍ଠାନର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ପୋଲିସ ପରିଚୟ ଦେଇ ପୁଣି ଲୁଟିଲେ

**ବ୍ରହ୍ମପୁର ଅଫିସ୍,୨୪।୨**

ବ୍ରହ୍ମପୁର ସହରରେ ପୁଣି ଅଭିନବ ଉପାୟରେ ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କଠାରୁ ରବିବାର ଦୁର୍ବୃତ୍ତମାନେ ୭ ତୋଳା ସୁନା ଅଳଙ୍କାର ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ସେ ହେଲେ ଖାସ୍‌ପା ସାହିର ପାର୍ବତୀ ବେହେରା(୭୦)। ଏ ନେଇ ବଡବଜାର ପୋଲିସ ନଂ. ୨୪/୧୯ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଲୁଟ୍ ପରେ ଉକ୍ତ ଅଞ୍ଚଳରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ପହରା ବ୍ୟବସ୍ଥା ହେବା ସହିତ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍‌କୁ ସଂଗ୍ରହ କରାଯାଇ ତଦନ୍ତ ଚଳାଯାଉଥିବା ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି।


ଲୁଟ୍‌ର ଶିକାର ହୋଇଥିବା ପାର୍ବତୀ ବେହେରା।

ପ୍ରକାଶ ଯେ, ରବିବାର ପୂର୍ବାହ୍ନରେ ବଡବଜାର ଥାନା ଅଧୀନ ଭେଙ୍କେଟେଶ୍ୱର ମନ୍ଦିର ନିକଟରେ ଖାସ୍‌ପା ସାହିର ପାର୍ବତୀ ମନ୍ଦିର ଅଭିମୁଖେ ଯାଉଥିଲେ। ସେହି ସମୟରେ ସାଦା ପୋଷାକରେ କେତେକ ଯୁବକ ନିଜକୁ ପୋଲିସ ପରିଚୟ ଦେଇ ପାର୍ବତୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଅଧିକ ଅଳଙ୍କାର ଲଗାଇ ଗଲେ ମନ୍ଦିର ସମ୍ମୁଖରେ ଥିବା ମେଶିନ୍‌ରେ ଟିକସ ଭରିବାକୁ ପଡିବ ବୋଲି କହିଥିଲେ। ସେମାନଙ୍କୁ ସୁନା ଅଳଙ୍କାର ଦେଇ ଦର୍ଶନ ପରେ ସେସବୁକୁ ନେଇଯିବାକୁ କହିଥିଲେ। ପାର୍ବତୀ ସମସ୍ତ ସୁନା ଅଳଙ୍କାର ସେମାନଙ୍କ ହାତରେ ଦେବାକ୍ଷଣି ଯୁବକମାନେ ଦ୍ରୁତ ଗତିରେ ଫେରାର୍ ହୋଇଯାଇଥିଲେ। ବୃଦ୍ଧା ଜଣକ ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇଥିଲେ। ପୋଲିସକୁ ଲୋକେ ଖବର ଦେବାପରେ ସଦର ଏସ୍‌ଡିପିଓ ପତି ଓ ବଡବଜାର ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ମୁର୍ଶିଦାବାଦ୍ ଆଦି ଅଞ୍ଚଳରୁ ବିଭିନ୍ନ ଚୋରି, ଲୁଟ୍ ଓ ରାହାଜାନି ଭଳି ସଙ୍ଗିନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତମାନେ ଏହି ଲୁଟ୍‌ରେ ସାମିଲ ଥିବା ସୂଚନା ମିଳିଛି ବୋଲି ଏସ୍‌ଡିପିଓ ପତି କହିଛନ୍ତି।

ଏଥିପାଇଁ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଥିବା ବେଳେ ଦୁର୍ବୃତ୍ତମାନଙ୍କଠାରୁ ଦୂରେଇ ରହିବା ପାଇଁ ଜନସଚେତନତା ଆବଶ୍ୟକ ରହିଛି ବୋଲି ଏସ୍‌ପି ପିନାକ ମିଶ୍ର ଜଣାଇଛନ୍ତି। ସେହିପରି କେହି ଅଜଣା ବ୍ୟକ୍ତି ନିଜକୁ କୌଣସି ଅଫିସର ପରିଚୟ ଦେଇ ବନ୍ଧୁତ୍ୱ ସୃଷ୍ଟି କରି ଯଦି କିଛି ତଥ୍ୟ ପଚାରିଲେ ତୁରନ୍ତ ସମ୍ପୃକ୍ତ ଥାନାକୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିବା ନେଇ ବ୍ରହ୍ମପୁର ଏସ୍‌ପି ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି।

# ପ୍ରଶ୍ନପତ୍ର ପ୍ରଘଟ ଘଟଣା: ଆଉ ୨ ଗିରଫ

**ନୂଆପଡା ଅଫିସ,୨୪।୨**

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ମାଟ୍ରିକ ପରୀକ୍ଷାର ପ୍ରଥମ ଦିନର ସାହିତ୍ୟ ପ୍ରଶ୍ନପତ୍ର ଭାଇରାଲ ଘଟଣାରେ ନୂଆପଡ଼ା ଜିଲା ବୋଡେନ ପୋଲିସ ଦୁଇ ଦିନରେ ମୋଟ ୭ ଜଣଙ୍କୁ ଗିରଫ କରିଛି। ଶନିବାର ୨ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ ୩ଜଣ ପରୀକ୍ଷା ନିରୀକ୍ଷକଙ୍କୁ ମିଶାଇ ୫ଜଣଙ୍କୁ ଗିରଫ କରାଯାଇଥିବାବେଳେ ରବିବାର ଆଉ ୨ଜଣଙ୍କୁ ଗିରଫ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଗିରଫ ବ୍ୟକ୍ତିମାନେ ହେଲେ ବୋଡେନ ଥାନା କେରାପଦର ହାଇସ୍କୁଲ ସହଶିକ୍ଷକ ସର୍ବଞ୍ଜ ସୂପକାର (୪୮) ଏବଂ ତାଙ୍କ ପୁତୁରା ଜ୍ଞାନଦତ୍ତ ସୂପକାର (୩୦)। ସେମାନଙ୍କ ଘର ରାନୀମୁଣ୍ଡାରେ ବୋଲି ଜଣାପଡିଛି। ପ୍ରକାଶ ଯେ, ଗତ ଶୁକ୍ରବାର ପରୀକ୍ଷାରେ ପ୍ରଶ୍ନପତ୍ରର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ପୋଲିସ ଛାନ ଭିନ କରି ଗୋପୀନାଥ ହାଇସ୍କୁଲ ଲିଟିସେର୍ଗି ଏବଂ କରଙ୍ଗାମାଲ ପରୀକ୍ଷା କେନ୍ଦ୍ର ଉପରେ ଚଢାଉ କରିଥିଲା। ଏଥିରେ ଶନିବାର କରଙ୍ଗାମାଲ ହାଇସ୍କୁଲରୁ ୩ ଜଣ ଏବଂ ଲିଟିସେର୍ଗିରୁ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାର ତଦନ୍ତ ଚାଲୁ ରହିଥିଲା। ରବିବାର ପୋଲିସ ଆଉ ୨ଜଣଙ୍କୁ ଗିରଫ କରିଛି।

## ପ୍ରଥମ ପୃଷ୍ଠାରୁ...

### କୋଟିଏ...

ବ୍ୟାଙ୍କ ଖାତାକୁ ଯାଉଛି। ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ୨୦୧୯-୨୦ ଅନ୍ତରୀଣ ବଜେଟରେ କେନ୍ଦ୍ର ସରକାର ପିଏମ୍-କିଷାନ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ଦେଶର ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କର ୨ ହେକ୍ଟରରୁ କମ୍ ଚାଷଜମି ଥିବ, ସେମାନଙ୍କୁ ବର୍ଷକୁ ୬୦୦୦ ଟଙ୍କା ତିନୋଟି କିସ୍ତିରେ ଯୋଗାଇ ଦିଆଯିବ।

ଏନ୍‌ଡିଏ ସରକାରଙ୍କ ଏହି ଯୋଜନାକୁ ବିଭିନ୍ନ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ଏହା ଭୋଟ ପାଇଁ କୃଷକଙ୍କୁ ଲାଞ୍ଚ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି। ସେହିପରି ବିଏସ୍‌ପି ଅଧ୍ୟକ୍ଷା ମାୟାବତୀ ଯୋଜନାକୁ ସମାଲୋଚନା କରି କହିଛନ୍ତି, କୃଷକ ପରିବାରକୁ ମାସକୁ ୫୦୦ ଟଙ୍କା ସହାୟତା ସେମାନଙ୍କ ପ୍ରତି ଅପମାନ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଏକ ଐତିହାସିକ ପଦକ୍ଷେପ ଏବଂ କୃଷକଙ୍କ ଆୟ ଦୁଇଗୁଣ କରିବାରେ ଏହା ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ମୁଖ୍‌ତାର ଆବାସ୍ ନକ୍‌ଭି କହିଛନ୍ତି।

### ଶସ୍ତା ହେବ...

ହାଇଦ୍ରାବାଦ, କୋଲକାତା ଏବଂ ମୁମ୍ବାଇ ଭଳି ମେଟ୍ରୋ ସହରରେ ନୂଆ ସଂଜ୍ଞା ଅନୁଯାୟୀ, ୬୦ ବର୍ଗ ମିଟର କାର୍ପେଟ ଏରିଆରେ ନିର୍ମିତ ଘରକୁ ସୁଲଭ ଘର ବୋଲି ମନେକରାଯିବ। ଅନ୍ୟପକ୍ଷରେ ଅଣ ମେଟ୍ରୋ ସହର ପାଇଁ ଏହା ୯୦ ବର୍ଗ ମିଟର ପର୍ଯ୍ୟନ୍ତ ରଖାଯାଇଛି, ଯାହାର ସର୍ବାଧିକ ମୂଲ୍ୟ ୪୫ ଲକ୍ଷ ଟଙ୍କା ରହିବ। ସୂଚନାଥାଉ କି, ମନ୍ତ୍ରିଗୋଷ୍ଠୀ ନିର୍ମାଣାଧୀନ ଘର ଉପରେ ୩% ଏବଂ ସୁଲଭ ଘର ଉପରେ ୮% ଜିଏସ୍‌ଟି ଆଦାୟ ଲାଗି ସୁପାରିସ କରିଥିଲେ। ବର୍ତ୍ତମାନ ନିର୍ମାଣାଧୀନ ସମ୍ପତ୍ତି ଅଥବା ରେଡି ଟୁ ମୁଭ୍ ଫ୍ଲାଟ୍ସ, ଯାହାକୁ କମ୍ପ୍ଲିଶନ ସାର୍ଟିଫିକେଟ ଦିଆଯାଇନି, ଏହା ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଛି। ତେବେ ବିକ୍ରି ସମୟରେ କମ୍ପ୍ଲିଶନ ସାର୍ଟିଫିକେଟ ହାସଲ କରାଯାଇଥିଲେ ଘର ବା ଫ୍ଲାଟ୍ ଉପରେ ଜିଏସ୍‌ଟି ଆଦାୟ କରାଯିବ ନାହିଁ।

**ଲଟେରି ଉପରେ ନିଷ୍ପତ୍ତି ଟଳିଲା**

ଅର୍ଥମନ୍ତ୍ରୀ ଜେଟ୍‌ଲୀ କହିଛନ୍ତି ଯେ, ଲଟେରି ଉପରେ ଜିଏସ୍‌ଟି ଆଦାୟ ନିଷ୍ପତ୍ତିକୁ ଟାଳି ଦିଆଯାଇଛି। ଏ ସମ୍ପର୍କରେ ମନ୍ତ୍ରିଗୋଷ୍ଠୀ ବୈଠକରେ ପୁନର୍ବାର ଆଲୋଚନା ହେବ। ସୂଚନାଥାଉ କି, ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଲଟେରି ଯୋଜନା ଉପରେ ୧୨% ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଲଟେରି ଉପରେ ୨୮% ଜିଏସ୍‌ଟି ଆଦାୟ କରାଯାଉଛି।

### ସଡ଼କ...

ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ଆନନ୍ଦପୁର ଥାନା କୋଡ଼ପଡ଼ା ଅଞ୍ଚଳରେ ରହୁଥିବା କାର୍ତ୍ତିକ ମହାରଣା। ହେଲ୍‌ପରଙ୍କ ପରିଚୟ ମିଳିପାରିନାହିଁ।

ଢେଙ୍କାନାଳ ଜିଲା ଗଁଦିଆ ଥାନା ମନ୍ଦାର ଛକ ପୂର୍ତ୍ତ ବିଭାଗ ରାସ୍ତାରେ ରବିବାର ସକାଳ ସାଢ଼େ ୬ଟାରେ ଦୁର୍ଘଟଣା ଘଟି ଜଣେ କନ୍‌ଷ୍ଟେବଲଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଁଦିଆ ଥାନା ନୂଆଗଡ଼ ଗ୍ରାମର ସୌମ୍ୟରଞ୍ଜନ ସାହୁ (୩୧)। ବାଇକ୍ ପଛରେ ବସିଥିବା ତାଙ୍କ ସାଙ୍ଗ ସଂଗ୍ରାମ କିଶୋର ପଣ୍ଡା (୨୭)ଙ୍କ ଡାହାଣ ଗୋଡ଼ ଛିଣ୍ଡିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ୨ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା।

ସେହିପରି ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ବଡ଼କାଣ୍ଡ ରାସ୍ତାରେ ରବିବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଓଲଟି ଜଣେ ମହିଳାଙ୍କ ସମେତ ୨ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ନାସା ମାରାଣ୍ଡି ଓ ଦୀକ୍ଷିତ କିସ୍କୋ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ରାଇରଙ୍ଗପୁର ମେଡିକାଲକୁ ପଠାଇ ଦୁର୍ଘଟଣାଗ୍ରସ୍ତ ଟ୍ରାକ୍ଟରକୁ ଜବତ କରିଥିବା ଥାନା ଅଧିକାରୀ ଶଶଧର ସେଠୀ କହିଛନ୍ତି। ଏ ନେଇ ଥାନାରେ ୬/୧୯ରେ ଏକ ମାମଲା ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଶନିଙ୍କ ନକ୍ଷତ୍ରରେ ରବି ହେତୁ ବୟସ୍କ ବ୍ୟକ୍ତି କିମ୍ବା ସରକାରୀ କର୍ମଚାରୀଙ୍କ ସହ ଯୁକ୍ତିତର୍କ ଲାଗିପାରେ। ହାତକୁ ନେଇଥିବା କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଅତି ନିକଟରେ ରହୁଥିବା ବନ୍ଧୁଙ୍କ ସାହାଯ୍ୟ ଆଶା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାରେ ସୁଯୋଗ ମିଳିବ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ବୃଷ**
ବିଶାଖା ନକ୍ଷତ୍ରରେ ଚନ୍ଦ୍ର ଥିବାରୁ ସାମାନ୍ୟ ବଚସା ମଧ୍ୟରେ ଯାହା ପାଇବା କଥା ତାହା ପାଇବେ। କର୍ମକ୍ଷେତ୍ରରେ କାମର ବାହାନା ଦେଖାଇ ସାଧାରଣ କଥାରେ ସହକର୍ମୀ ମୁହଁ ଫେରାଇ ନେଇପାରନ୍ତି। ସାହିତ୍ୟ, ଗବେଷଣା ଲେଖାପଢ଼ା, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତିତ ରହିପାରନ୍ତି।

**ମିଥୁନ**
ମଙ୍ଗଳ ଅଶ୍ୱିନୀ ନକ୍ଷତ୍ରସ୍ଥ ହେତୁ ପ୍ରାପ୍ତି ଆଶା ନିରର୍ଥକ ହୋଇପାରେ। ପାରିବାରିକ ଅଶାନ୍ତି ସୃଷ୍ଟି କରିବା ସାଙ୍ଗକୁ କର୍ମକ୍ଷେତ୍ର ମଧ୍ୟ ସମସ୍ୟା ଯୁକ୍ତ ରହିବ। ମାନସିକ ଅସ୍ଥିରତା କାରଣରୁ କଥାରେ ସଂଯମତା ହରାଇବେ ଓ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହେବ। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**କର୍କଟ**
ବୁଧ ଭାଗ୍ୟାଧିପଙ୍କ ନକ୍ଷତ୍ରସ୍ଥ ହେତୁ ଭଲ ସମ୍ପର୍କ ନ ଥିବା ବନ୍ଧୁ ମଧ୍ୟ ସାହାଯ୍ୟ କରିବାକୁ ଆଗେଇ ଆସିବେ। ବିଶେଷ ଅସୁବିଧା ନ ହେଲେ ମଧ୍ୟ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତା ବଢ଼ିଯିବ।

**ସିଂହ**
ବୃହସ୍ପତି ଜ୍ୟେଷ୍ଠା ନକ୍ଷତ୍ରରେ ଥିବାରୁ କୌଣସି ବନ୍ଧୁଙ୍କ ସାହାଯ୍ୟରେ କାର୍ଯ୍ୟସିଦ୍ଧି ଘଟିବ। ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ, ଯାହା ଭାବିଛନ୍ତି ତାହା ସହଜ ଓ ସୁବିଧାରେ ସମ୍ପନ୍ନ କରିପାରିବେ। କିନ୍ତୁ ନିଜ ପରିସରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିପାରେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ।

**କନ୍ୟା**
ଅସୁରଗୁରୁ ଶୁକ୍ର ବ୍ୟୟାଧିପ ରବିଙ୍କ ନକ୍ଷତ୍ରସ୍ଥ ହେତୁ ମନୋରଞ୍ଜନ ଦିଗରେ ଅର୍ଥବ୍ୟୟ କରିପାରନ୍ତି। ପ୍ରତ୍ୟେକ କାମରେ ଅଗ୍ରଣୀ ହେବେ ଓ ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ପ୍ରୋତ୍ସାହନ ମଧ୍ୟ ପାଇବେ। ପରିବାରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ। ରାହୁଙ୍କ ପ୍ରଭାବରୁ ସ୍ତ୍ରୀଙ୍କ ସହ ବୁଝାମଣା ଠିକ୍ ରହି ନ ପାରେ।

**ତୁଳା**
ଯୋଗକାରକ ଗ୍ରହ ଶନି ରାଶ୍ୟାଧିପ ଶୁକ୍ରଙ୍କ ନକ୍ଷତ୍ରସ୍ଥ ଯୋଗୁ ଯାହା ଇଚ୍ଛା କରୁଛନ୍ତି ସେଥିରେ କୌଣସି ଅସୁବିଧା ହେବ ନାହିଁ। ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିବ କିନ୍ତୁ କୌଣସି ପ୍ରକାରର ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେବ ନାହିଁ। ଅଭାବ ରହିଥିଲେ ମଧ୍ୟ କିଏ ନା କିଏ ସାହାଯ୍ୟ କରିବେ। ଆପଣଙ୍କ ଅଧିକାଂଶ ସମୟର ନୀରବତାକୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି।

**ବିଛା**
ଭାଗ୍ୟସ୍ଥାନରେ ରାହୁ ଓ ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଆପଣଙ୍କ ଆଶା ଓ କଳ୍ପନା ନୈରାଶ୍ୟଜନକ ସ୍ଥିତି ଉତ୍ପନ୍ନ କରିବ। କୌଣସି କ୍ଷେତ୍ରରେ ଚଟାପଟ୍ ନିର୍ଣ୍ଣୟାତ୍ମକ ସିଦ୍ଧାନ୍ତ ଗ୍ରହଣ କରିବା ଠିକ୍ ହେବନି। ସାମାନ୍ୟ ବ୍ୟତିକ୍ରମକୁ ବାଦ୍ ଦେଲେ ଦୀର୍ଘଦିନର ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବେ। ଅନ୍ୟାୟ ବିରୋଧରେ ସଂଗ୍ରାମ ଜାରି ରଖିଲେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସହଯୋଗ ପାଇବେ ନାହିଁ।

**ଧନୁ**
କେତୁଙ୍କ ନକ୍ଷତ୍ରରେ ରବି ଥିବାରୁ ନିଜଲୋକମାନଙ୍କ ବିରୋଧର ସାମନା କରି ମାନସିକ ସ୍ତରରେ ଅସୁଖୀ ରହିବେ। ମାନସିକ ଅସ୍ଥିରତା କାରଣରୁ କୌଣସି କାର୍ଯ୍ୟ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ପୂର୍ବାଷାଢ଼ା ନକ୍ଷତ୍ର ଚେଷ୍ଟାକଲେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର**
ରାଶିରେ ଶୁକ୍ର ଆପଣଙ୍କୁ ମଜାମଉଜ ଓ ମନୋରଞ୍ଜନ ଦିଗରେ ଆକର୍ଷିତ କରିପାରନ୍ତି। କିନ୍ତୁ ଆପଣଙ୍କ ରୋକ୍‌ଠୋକ୍ କଥା ବନ୍ଧୁ ମନରେ ଦୁଃଖ ପ୍ରଦାନ କରିପାରେ। ସମ୍ପର୍କୀୟ ବନ୍ଧୁ କିମ୍ବା ପଡୋଶୀମାନେ ମନ ବୁଝିଲାଭଳି ଲୋଭନୀୟ ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଗତି କରିବ।

**କୁମ୍ଭ**
ଚନ୍ଦ୍ରଙ୍କ ଶୁଭସଂସ୍ଥାନ ବନ୍ଧୁମାନଙ୍କ ସହାୟତାରେ କାର୍ଯ୍ୟ ହାସଲର ମାର୍ଗ ଉନ୍ମୁକ୍ତ କରିପାରେ। ନୀରବତା ଅବଲମ୍ବନ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ଉପରିସ୍ଥଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିଲେ ମଧ୍ୟ ମୁହଁ ଖୋଲି କିଛି କହି ପାରିବେ ନାହିଁ।

**ମୀନ**
ପରିସ୍ଥିତିବଶତଃ ଆପଣଙ୍କ ବିରକ୍ତି ଓ ରୁକ୍ଷ ବ୍ୟବହାର ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଅତୀତ ଘଟଣାର ବାରମ୍ବାର ପର୍ଯ୍ୟାଲୋଚନା ମାନସିକ ସ୍ଥିତିକୁ କଳୁଷିତ କରିବ। ସାମୟିକ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ତଥାପି ସଭାସମିତି, କଳା,ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

ଆଜି ଫାଲ୍‌ଗୁନ କୃଷ୍ଣ ସପ୍ତମୀ ସୋମବାର, ଫେବୃୟାରୀ ୨୫ ତାରିଖ, ରାଶି ନକ୍ଷତ୍ର-ବିଶାଖା/ତୁଳା, ମିଥୁନ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭ ।୩୯ମି. ମଧ୍ୟେ, ଘ୧ ।୩୦ମି. ଗତେ ଘ୨ ।୫୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୯ ।୦୫ମି. ଗତେ ଘ୧୦ ।୩୧ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୭ ।୪୦ମି. ଗତେ ଘ୯ ।୦୬ମି. ମଧ୍ୟେ ରାହୁକାଳ।

# ବିମାନ ଅପହରଣ ଉଦ୍ୟମ ପଣ୍ଡ

## ବନ୍ଧୁକଧାରୀ ନିହତ, ସମସ୍ତ ୧୪୮ ଯାତ୍ରୀ ସୁରକ୍ଷିତ

ଢାକା,୨୪।୨(ପି.ଟି.)

ବାଂଲାଦେଶରେ ରବିବାର ଏକ ବିମାନ ଅପହରଣ ଉଦ୍ୟମ ପଣ୍ଡ ହୋଇଛି। ସୁରକ୍ଷା ବଳର ଅପରେଶନ୍‌ରେ ଅପହର୍ତ୍ତା ନିହତ ହୋଇଥିବାବେଳେ ସମସ୍ତ ୧୪୮ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଅପହର୍ତ୍ତାଙ୍କ ଉଦ୍ଦେଶ୍ୟ କ'ଣ ଥିଲା ସେନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।



ବିମାନ ଏୟାରଲାଇନ୍ସର ଏକ ବିମାନ ରାଜଧାନୀ ଢାକାରୁ ଦୁବାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଜଣେ ବନ୍ଧୁକଧାରୀ ଏହାକୁ ଅପହରଣ ପାଇଁ ଉଦ୍ୟମ କରିଥିଲେ। ଫଳରେ ଦକ୍ଷିଣ-ପୂର୍ବସ୍ଥିତ ଉପକୂଳ ଚଟ୍ଟଗ୍ରାମ ସହର ଚଟ୍ଟଗ୍ରାମର ବିମାନବନ୍ଦରରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଅବତରଣ କରିବା ପରେ ସେନା, ନୌସେନା ଓ ପୋଲିସ ତାକୁ ଘେରି ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରିଥିଲେ। ଉଦ୍ଧାର ବେଳେ କେହି ଜଣେ ହେଲେ ଆହତ ହୋଇନାହାନ୍ତି ବୋଲି ବାଂଲାଦେଶ ବାୟୁସେନା ଉପମୁଖ୍ୟ ଅବ୍ଦୁଲ ମତିନ୍ ସୂଚନା ଦେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ବିଜି-୧୪୭ ବିମାନ ଢାକାରୁ ଚଟ୍ଟଗ୍ରାମ ଦେଇ ଦୁବାଇ ଯାଉଥିଲା। ଚଟ୍ଟଗ୍ରାମ ଶାହ ଅମାନତ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଦୁବାଇ ଯିବାପାଇଁ ଉଡ଼ାଣ ଆରମ୍ଭ କରିବାର କେଇ ମିନିଟ ପରେ ଏହାକୁ ଜଣେ ବନ୍ଧୁକଧାରୀ ଅପହରଣ କରିଥିବା ଘୋଷଣା କରିଥିଲେ। ସେ ବିସ୍ଫୋରଣରେ ବିମାନକୁ ଉଡ଼ାଇଦେବାକୁ ଧମକ ଦେଇଥିଲେ। ଅପରାହ୍ନ ୫ଟା ୪୦ରେ ଉକ୍ତ ବିମାନବନ୍ଦରରେ ବିମାନର ଜରୁରୀ ଅବତରଣ କରାଯାଇଥିଲା। ଏହାର ଜରୁରୀ ପ୍ରସ୍ଥାନ ଦ୍ୱାର ଦେଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ସୁରକ୍ଷା ବଳର ତାଗିଦ ସତ୍ତ୍ୱେ ୨୫ ବର୍ଷୀୟ ବାଂଲାଦେଶୀ ମହାଦି ଆତ୍ମସମର୍ପଣ କରିବାକୁ ମନାକରିଦେଇଥିଲେ। ଏହାସହ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଆଲୋଚନା କରିବାକୁ ଚାହାନ୍ତି ବୋଲି ସେ କହିଥିଲେ। ଫଳରେ କମାଣ୍ଡୋମାନେ ୮ ମିନିଟ ମଧ୍ୟରେ ତାଙ୍କୁ ଗୁଳି କରିଥିଲେ। ଏଥିରେ ସେ ନିହତ ହୋଇଥିବା ମେଜର ଜେନେରାଲ ମତିଉର ରହମନ ସୂଚନା ଦେଇଛନ୍ତି। ଅପହର୍ତ୍ତା ବନ୍ଧୁକ ଓ ବିସ୍ଫୋରକ ନେଇ ବିମାନ ଭିତରକୁ ଯିବାକୁ କିପରି ସକ୍ଷମ ହେଲେ ସେନେଇ ତଦନ୍ତ କରାଯାଉଥିବା ବାଂଲାଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏବି) ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।




# ଆଳୁ ମିଶନ ଫେଲ୍, ଅନିଶ୍ଚିତତାରେ ଶୀତଳଭଣ୍ଡାର ସ୍ୱପ୍ନ

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ରାଜ୍ୟରେ ଆଳୁର ଚାହିଦା ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୧୫ରେ ଆଳୁ ମିଶନର ପରିକଳ୍ପନା କରାଯାଇଥିଲା। ସେହି ଅନୁସାରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ହେଲେ ଏହାର ଠିକ୍ ୪ ବର୍ଷ ପରେ ଉକ୍ତ ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ସ୍ପଷ୍ଟ ହୋଇଛି। ଆଳୁ ମିଶନକୁ ଦୃଷ୍ଟିରେ ରଖି ରାଜ୍ୟରେ ସଂଖ୍ୟାଧିକ ଶୀତଳଭଣ୍ଡାର ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତାହା ଫେଲ୍ ମାରିବାରୁ ଶୀତଳଭଣ୍ଡାରଗୁଡିକ ପାଇଁ ଅଭାବନୀୟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟ ପ୍ରଶାସନର କୃଷି ଓ ସମବାୟ ବିଭାଗର ଦୂରଦୃଷ୍ଟି ଅଭାବରୁ ଏପରି ସ୍ଥିତି ଉପୁଜିଥିବା କୃଷି ବିଶେଷଜ୍ଞମାନେ ମତ ରଖିଛନ୍ତି।

୨୦୧୫ ମସିହା ବେଳକୁ ରାଜ୍ୟର ୧୫,୦୦୦ ହେକ୍ଟର ଜମିରୁ ପ୍ରାୟ ୨ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦନ ହେଉଥିଲା। ୨୦୧୮ ସୁଦ୍ଧା ଏହି ପରିମାଣ ୧୧.୨୫ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏଥିପାଇଁ ଆବଶ୍ୟକ ୧୧୨ଟି ଶୀତଳଭଣ୍ଡାର ସ୍ଥାପନ, ବୀଜ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଭଳି ଅନେକ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ୩ ବର୍ଷ ମଧ୍ୟରେ ଆଳୁ ଉତ୍ପାଦନରେ ରାଜ୍ୟ ନିର୍ଭରଶୀଳ ହୋଇପାରିବ ବୋଲି କୁହାଯାଇଥିଲା। ଇତିମଧ୍ୟରେ ୨୦୧୮-୧୯ ଆର୍ଥିକ ବର୍ଷ ଶେଷହେବାକୁ ବସିଲାଣି। ମାତ୍ର ଆଳୁ ମିଶନ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଶନ ଏବଂ ଅନ୍ୟାନ୍ୟ ସାମଗ୍ରୀର ସଂରକ୍ଷଣକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଳଭଣ୍ଡାରମାନ ନିର୍ମାଣ କରାଗଲା। ହେଲେ ଆବଶ୍ୟକ ସାମଗ୍ରୀ ଅଭାବରୁ ଶୀତଳଭଣ୍ଡାର ପରିଚାଳକମାନେ ଦିନକୁ ଦିନ କ୍ଷତିସହିବାକୁ ଲାଗିଲେ। ଚଳିତ ମାସ ୨୨ରୁ ଶୀତଳଭଣ୍ଡାର ସଂଘ



- ମିଶନକୁ ପୂରିଲା ୪ ବର୍ଷ
- ଶୀତଳଭଣ୍ଡାର ସଂଘର ଆନ୍ଦୋଳନ ଜାରି
- ଆଳୁ ମିଶନ ପାଇଁ ରଖାଯାଇଥିବା ଲକ୍ଷ୍ୟରେ ତ୍ରୁଟି ବିଚ୍ୟୁତି ଘଟିଛି: କୃଷିମନ୍ତ୍ରୀ

ଆନ୍ଦୋଳନ ଜାରି ରଖିଛି। ଏହା ଦ୍ୱାରା ୩୦୦ କର୍ମଚାରୀ ପ୍ରତ୍ୟକ୍ଷ ଏବଂ ୧୦,୦୦୦ ଚାଷୀ ପରୋକ୍ଷ ଭାବେ ପ୍ରଭାବିତ ହୋଇଛନ୍ତି।

୩ ବର୍ଷ ପୂର୍ବର ଆଳୁ ଉତ୍ପାଦନ ପରିମାଣଠାରୁ ବର୍ତ୍ତମାନ ଉତ୍ପାଦନ ହ୍ରାସ ପାଇଥିବା କେତେକ ଚାଷୀ ଅଭିଯୋଗ କରିଛନ୍ତି। ପ୍ରାଥମିକ ଭାବେ ଏଥିପାଇଁ କରାଯାଇଥିବା ୨୬ଟି ଶୀତଳଭଣ୍ଡାର ଦିନକୁ ଦିନ କାର୍ଯ୍ୟକ୍ଷମ ହେବା ବନ୍ଦ ହୋଇଯାଇଛି। ବୀଜ ଉତ୍ପାଦନ ବନ୍ଦ, ଉଦ୍ୟୋଗୀଙ୍କୁ ଋଣ ସହାୟତା ମଧ୍ୟ ନାହିଁ। ଉଦ୍ୟାନ କୃଷି ବିଭାଗର ଦୂରଦର୍ଶିତାର ଅଭାବ ଆଳୁ ମିଶନ ଫେଲ୍ ହେବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏ ସମ୍ପର୍କରେ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଆଳୁ ମିଶନକୁ ଫେଲ୍ ବୋଲି କହିପାରିବା ନାହିଁ। ଯେଉଁ ଲକ୍ଷ୍ୟ ରଖି ତାହା ଆରମ୍ଭ କରାଯାଇଥିଲା ସେଥିରେ କିଛି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଛି, ଯାହା ସରକାରଙ୍କ ନଜରକୁ ଆସିସାରିଛି। ଆଗାମୀ ଦିନରେ ଏହିସବୁ ଦିଗକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବ। ନିତ୍ୟବ୍ୟବହାର୍ଯ୍ୟ ପରିବା ଆଳୁ ରାଜ୍ୟରେ ସୁଲଭ ଦରରେ ଯୋଗାଇବା ସରକାରଙ୍କ ପ୍ରାଥମିକତା। ଏଥିରେ କୌଣସି ପ୍ରକାର ତ୍ରୁଟିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

କୃଷି ବିଭାଗକୁ ବାଦ୍ ଦେଲେ ସମବାୟ ବିଭାଗର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି। ଆଳୁ ମିଶନ ବାବଦକୁ ପ୍ରାଥମିକ ଭାବେ ୨୬୭ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଥିଲା। ୨୦୧୫-୧୬ ରାଜ୍ୟ ବଜେଟରେ ୬୭.୪୫ କୋଟି ଟଙ୍କା ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ମିଶନ ଫେଲ ହେବା ପଛରେ କେତେକ ବୈଷୟିକ ଦିଗ ମଧ୍ୟ ଦାୟୀ। ଆଳୁ ଉତ୍ପାଦନ ଏବଂ ତାହାର ସଂରକ୍ଷଣ ନେଇ ଦକ୍ଷ କୃଷିଯନ୍ତ୍ରୀଙ୍କ ଆବଶ୍ୟକତା ରହିଛି। ହେଲେ କାମଚଳା ଭାବେ ଏ କ୍ଷେତ୍ରରେ ପର୍ଯ୍ୟାପ୍ତ ଅଭିଜ୍ଞତା ନ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଗଲା। ଏହା ଦ୍ୱାରା ମିଶନ ଫେଲ୍ ହେବା ସହ ଶୀତଳଭଣ୍ଡାରଗୁଡିକର ଦୁରବସ୍ଥା ଆସିଥିବା କିଛିଦିନ ତଳେ ସଂଘ ଅଭିଯୋଗ କରିଥିଲା। ପ୍ରସ୍ତାବିତ ମିଶନ ଠିକ୍‌ଭାବେ କାର୍ଯ୍ୟକାରୀ ହୋଇଥିଲେ ୧୨,୦୦୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଥା'ନ୍ତା। ହେଲେ ତାହା ହୋଇପାରିନାହିଁ। ଏହି ପ୍ରସଙ୍ଗରେ ସମବାୟ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ପାତ୍ର କହିଛନ୍ତି ଯେ, କେତେକ ଶୀତଳଭଣ୍ଡାର ରାଜ୍ୟରେ ଉତ୍ପାଦିତ ଆଳୁ ନ ରଖି ବାହାର ରାଜ୍ୟର ଆଳୁକୁ ପ୍ରାଧାନ୍ୟ ଦେଲେ। ସେହିପରି ଆଳୁ ମିଶନ ମୁଖ୍ୟତଃ କୃଷି ବିଭାଗର ଦାୟିତ୍ୱ। ତେଣୁ ଏ ସମ୍ପର୍କରେ ମତାମତ ରଖିବା ଠିକ୍ ହେବ ନାହିଁ।




# ଏୟାର ଇଣ୍ଡିଆ ବିମାନ ଅପହରଣ ଧମକ

# ଭୁବନେଶ୍ୱର ବିମାନବନ୍ଦରର ସୁରକ୍ଷା ବଢ଼ିଲା

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

- ଡଗ୍ ସ୍କ୍ୱାଡ୍, ବୋମା ନିଷ୍କ୍ରିୟକାରୀ ଟିମ୍‌ର ଯାଞ୍ଚ
- କଡ଼ାକଡ଼ି ହେଲା ୮ ପ୍ରକାର ସୁରକ୍ଷା ବ୍ୟବସ୍ଥା

ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ବଢ଼ିଚାଲିଛି। ଏପରିସ୍ଥଳେ ଶନିବାର ଏୟାର ଇଣ୍ଡିଆର ମୁମ୍ବାଇ କଣ୍ଟ୍ରୋଲ ରୁମ୍‌କୁ ଫୋନ୍‌ରେ ଆସିଥିବା ବିମାନ ଅପହରଣ ଧମକକୁ ନେଇ ଦେଶର ସମସ୍ତ ବିମାନ ବନ୍ଦରର ସୁରକ୍ଷାକୁ କଡାକଡି କରାଯାଇଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତିକ ବିମାନ ବନ୍ଦରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ବିମାନ ବନ୍ଦର ନିର୍ଦ୍ଦେଶକ ସୁରେଶ କୁମାର ହୋତା ସୂଚନା ଦେଇ କରିଛନ୍ତି, ବ୍ୟୁରୋ ଫର୍ ସିଭିଲ ଆଭିଏଶନ ସିକ୍ୟୁରିଟି (ବିସିଏଏସ୍) ନିର୍ଦ୍ଦେଶ ମୁତାବକ ବିମାନ ବନ୍ଦରର ଭିତର ଓ ବାହାର ସହ ରନ୍‌ୱେ ଓ ପାର୍କିଂ ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ବ୍ୟବସ୍ଥାକୁ ଦ୍ୱିଗୁଣିତ କରାଯାଇଛି। ସମ୍ବେଦଶୀଳ ସ୍ଥାନଗୁଡିକରେ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଛି। ୧୩୨ ସିସି କ୍ୟାମେରା ନଜରରେ ପୂରା ବିମାନ ବନ୍ଦର ରହିଛି। ଏଥିସହ ବିମାନବନ୍ଦରରେ ନିୟୋଜିତ ସିଆଇଏସ୍‌ଏଫ୍ (ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ)କୁ ମଧ୍ୟ ଦୁଇ ଗୁଣ କରାଯାଇଛି। ସାଦା ପୋଷାକରେ ସୁରକ୍ଷାକର୍ମୀମାନେ ପଇଁତରା ମାରିବା ସହ ସନ୍ଦିଗ୍ଧଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉଛି। ପ୍ରବେଶ କରୁଥିବା ପ୍ରତ୍ୟେକ ଯାତ୍ରୀ ଓ ଲଗେଜକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଡଗ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ ଚାଲିଥିବାବେଳେ ବୋମା ନିଷ୍କ୍ରିୟକାରୀ ଦଳ ସେମାନଙ୍କ କାର୍ଯ୍ୟ କରୁଛନ୍ତି। ବିମାନ ବନ୍ଦର ଭିତରେ କୁଇକ ରିଆକ୍ସନ ଯାନ ଦ୍ୱାରା କଡ଼ା ପାଟ୍ରୋଲିଂ କରାଯାଉଛି। ବିସିଏଏସ୍ ସମେତ ଏୟାର ପୋର୍ଟ ସିକ୍ୟୁରିଟି ୟୁନିଟ୍ ଓ ଆଭିଏଶନ ସିକ୍ୟୁରିଟି ଗ୍ରୁପ୍ ପକ୍ଷରୁ ସତର୍କତା ଜାରି କରାଯାଇଛି। ବିଶେଷକରି ୮ପ୍ରକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ହୋତା ସୂଚନା ଦେଇଛନ୍ତି।

# ମଙ୍ଗଳବାର ବସିପାରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୨୪।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଗତ ଶୁକ୍ରବାର ବସିଥିଲା। ଏଥିରେ ୨୭ଟି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଥିଲା। ଏହାର ମାତ୍ର ୩ଦିନ ପରେ ପୁନର୍ବାର କ୍ୟାବିନେଟ୍ ବସିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟା ୫ଟା ୪୫ରେ ବୈଠକ ବସିବ ବୋଲି ଶୁଣିବାକୁ ମିଳିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଖୁବ୍ କମ୍ ସମୟ ରହିଯାଇଛି। ତେଣୁ ଏହା ପୂର୍ବରୁ ସପ୍ତାହ ମଧ୍ୟରେ ଦୁଇଥର କ୍ୟାବିନେଟ୍ ବସିବା ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ବୋଲି ଶୁଣିବାକୁ ମିଳୁଛି। କ୍ୟାବିନେଟ୍‌ରେ ନିହାତି କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବାର ସମ୍ଭାବନା ଥିବା ଚର୍ଚ୍ଚା ହେଉଛି।

- ପାର୍ଲାମେଣ୍ଟ, ବିଧାନସଭାରେ ୩୩% ମହିଳା ସଂରକ୍ଷଣ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଜାତିସଂଘର ପ୍ରଶଂସା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକରେ ୩୩% ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷିତ ହେଉ। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍ୟମ ଜାରି ରଖିଥିବାରୁ ଜାତିସଂଘ(ମହିଳା) ପକ୍ଷରୁ ପ୍ରଶଂସା କରାଯାଇଛି। ଏଥିସହିତ ଜାତିସଂଘ (ୟୁଏନ୍) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମଧ୍ୟ ଲେଖାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ତରଫରୁ ରବିବାର ଏ ବିଷୟରେ ଅବଗତ କରାଯାଇଛି। ରାଜ୍ୟ ବିଧାନସଭାରେ ୩୩% ମହିଳା ସଂରକ୍ଷଣ ସମ୍ପର୍କିତ ଏକ ସଂକଳ୍ପ ପ୍ରସ୍ତାବକୁ ସର୍ବସମ୍ମତକ୍ରମେ ଗୃହୀତ କରାଯାଇଛି। ଦେଶରେ ସକ୍ରିୟ ଥିବା ସମସ୍ତ ରାଜନୈତିକ ଦଳ ଏବଂ ମୁଖ୍ୟମନ୍ତ୍ରୀମାନଙ୍କ ସହଯୋଗ କାମନା କରାଯାଇଛି। ବିଜୁ ଜନତା ଦଳର ବରିଷ୍ଠ ନେତାମାନଙ୍କର ପ୍ରତିନିଧି ବ୍ୟକ୍ତିଗତ ଭାବେ ବିଭିନ୍ନ ଦଳର ମୁଖ୍ୟଙ୍କୁ ଭେଟି ସମର୍ଥନ ଯୋଗାଡ଼ କରିଛନ୍ତି। କେତେକ ମୁଖ୍ୟମନ୍ତ୍ରୀ ମଧ୍ୟ ନବୀନଙ୍କ ଏହି ଉଦ୍ୟମକୁ ସମର୍ଥନ ଜଣାଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କୁ ୟୁଏନ୍(ମହିଳା) ପକ୍ଷରୁ ଡେପୁଟି କଣ୍ଟ୍ରି ରିପ୍ରେଜେଣ୍ଟେଟିଭ୍ ନିଷ୍ଠା ସତ୍ୟମ ଏହି ଚିଠି ଲେଖିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ସାରା ବିଶ୍ୱର ୫୦ ପ୍ରତିଶତ କେବଳ ମହିଳା। ସେମାନଙ୍କ ରାଜନୈତିକ ଅଧିକାର ସମାଜକୁ ଆହୁରି ପ୍ରଗତିଶୀଳ କରିବ। ଏହା ଦ୍ୱାରା ସାମାଜିକ ଏବଂ ଅର୍ଥନୈତିକ ବିକାଶ ମଧ୍ୟ ହୋଇପାରିବ। ତେଣୁ ମହିଳାଙ୍କୁ ପାର୍ଲାମେଣ୍ଟ ଏବଂ ବିଧାନସଭାରେ ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ। ଏ ସମ୍ପର୍କିତ ବିଲ୍ ପାର୍ଲାମେଣ୍ଟରେ ଅଟକି ରହିଛି। ଏହାକୁ ଗୃହୀତ କରାଇବା ପାଇଁ ଓଡ଼ିଶା ସରକାର ଯେଉଁ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହା ଉଦାହରଣ। ନିଷ୍ପତ୍ତି ନେବା କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱକୁ ୟୁଏନ୍ ଅନୁଭବ କରୁଛି। ଲିଙ୍ଗଗତ ସମାନତା, ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି କରିବା, ମହିଳାଙ୍କୁ ସଶକ୍ତୀକରଣ କରିବାରେ ୟୁଏନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଲିଙ୍ଗଗତ ସମାନତାରେ ୟୁଏନ୍ ସହଯୋଗୀ ଭାବେ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟ କରୁଛି। ଏଥିରେ ପଞ୍ଚାୟତିରାଜ ବିଭାଗ ସହଯୋଗ କରୁଥିବାରୁ ଧନ୍ୟବାଦ।



ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ

# ଯୁଦ୍ଧ ରାଜନୀତି

କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଦେଶବ୍ୟାପୀ ଗୋଟିଏ କଥା ଗୁଞ୍ଜରିତ ହେଉଛି-ପାକିସ୍ତାନକୁ ପାନେ ଦିଆଯାଉ। ସାଧାରଣତଃ ପାକିସ୍ତାନ ବିପକ୍ଷରେ କ୍ରିକେଟ ଖେଳଠାରୁ ଆରମ୍ଭ କରି ଯୁଦ୍ଧ ଯାଏ ଆଲୋଚନା ହେଲେ ଅଧିକାଂଶ ଭାରତୀୟ ଉତ୍ତେଜିତ ହୋଇଯାଇଥାଆନ୍ତି। ଏବେ ମଧ୍ୟ ପାକିସ୍ତାନକୁ ଆକ୍ରମଣ କରାଯାଉ ବୋଲି ଦେଶପ୍ରେମୀଙ୍କ ସ୍ୱର ଉଠୁଛି। ଏଭଳି ବିକୃତ ଦେଶପ୍ରେମରେ ଭାସିଯାଉଥିବା ଲୋକେ ବୁଝିବା ଦରକାର ଯେ, ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଆହୁରି ଅନେକ ହଜାର ସୈନ୍ୟଙ୍କ ଜୀବନ ବାଜିରେ ଲାଗିବ। ଯେଉଁ ଯବାନଙ୍କ ପ୍ରୀତିରେ 'ଘୋ' ସୃଷ୍ଟି କରାଯାଉଛି, ସେହିମାନଙ୍କ ଭଳି ଅନ୍ୟ ଯବାନଙ୍କ ପରିବାର ମଧ୍ୟ ଶୋକ ପାଳିବେ। ଭାରତୀୟମାନେ କେବେ ହେଲେ ବଡ଼ଧରଣର ଯୁଦ୍ଧର ସାମ୍ନା କରିନାହାନ୍ତି। ଯୁଦ୍ଧ ବେଳେ କେବଳ ସୈନ୍ୟ ନୁହେଁ, ସାଧାରଣ ନାଗରିକ ପିଲାଠାରୁ ଆରମ୍ଭ କରି ମହିଳାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଜୀବନ ଅସୁରକ୍ଷିତ ହୋଇଯାଏ। ଅର୍ଥନୀତି ଧୂଳିସାତ୍ ହେବା ସହ ଖାଦ୍ୟ ଓ ପାନୀୟଜଳ ସଙ୍କଟ ମଧ୍ୟ ଦେଖାଦିଏ। ଦେଶର ମଙ୍ଗଳ ଚାହୁଁଥିବା ନାଗରିକ କେବେ ହେଲେ ଯୁଦ୍ଧର ନାରା ଦେବେ ନାହିଁ। ଦୁଃଖର ବିଷୟ, ଶାନ୍ତି ରକ୍ଷା ପାଇଁ ଆହ୍ୱାନ ଦେଉଥିବା ନାଗରିକଙ୍କୁ ଏବେ ଜାତୀୟତାବାଦ ବିରୋଧୀ ଆଖ୍ୟା ଦିଆଯାଉଛି।

ଭାରତର ବାହାଦୁରି ନିକଟରେ କ୍ରୀଡ଼ା କ୍ଷେତ୍ରରେ ଜଣାପଡ଼ିଛି। ନୂଆଦିଲ୍ଲୀରେ ଚାଲିଥିବା ଶୁଟିଂ ବିଶ୍ୱକପ୍ ଲାଗି ପାକିସ୍ତାନର ଦୁଇ ଜଣ ଖେଳାଳିଙ୍କୁ ଭାରତ ପୁଲୱାମା ଆକ୍ରମଣ ପରେ ଭିଜା ଦେବାକୁ ମନା କରିଦେଇଥିଲା। ଏହା ପରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଭାରତରେ ଆଉ କୌଣସି ଅଲିମ୍ପିକ୍ସ ସମ୍ବନ୍ଧୀୟ କ୍ରୀଡ଼ା ଆୟୋଜନ କରାଯିବ ନାହିଁ ବୋଲି ଜଣାଇଦେଇଛି। ଏଥିସହିତ ଏହି ଉଚ୍ଚସ୍ତରୀୟ ସ୍ପୋର୍ଟ୍ସ କମିଟି ଅନ୍ୟସବୁ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘକୁ ଭାରତକୁ ସବୁ ପ୍ରକାର କ୍ରୀଡ଼ା ଆୟୋଜନରୁ ବାଦ୍ ପକାଇବା ପାଇଁ ପରାମର୍ଶ ଦେଇଛି। ଏହା ଭାରତ ପାଇଁ ଏକ ଶକ୍ତ ଚାପୁଡ଼ା। ଏଭଳି ମନୋଭାବ ପ୍ରଦର୍ଶନ କରି ନା ଯେ କେବଳ ଭାରତ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହୋଇଛି ତାହା ନୁହେଁ, ଏବେ ଭବିଷ୍ୟତର ସବୁ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନରୁ ବାଦ୍ ପଡ଼ିଲା ଭଳି ପରିସ୍ଥିତି ଉପୁଜିଛି। ଏହି ଘଟଣା ଉତ୍କଟ ଜାତୀୟତାବାଦର ଏକ ଜଘନ୍ୟ ପ୍ରତିଫଳନ ବୋଲି କୁହାଯାଇପାରେ।

ଇତିମଧ୍ୟରେ ସୀମାନ୍ତକୁ ଭାରତ ଅଧିକ ସୈନ୍ୟ ପଠାଇବା ସହିତ ବିଚ୍ଛିନ୍ନତାବାଦୀ ନେତାଙ୍କ ବିରୋଧରେ ଜୋରଦାର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଜମାତ୍-ଇ-ଇସ୍‌ଲାମୀ ନେତା ହମିଦ ଫୟାଜଙ୍କ ସମେତ ୧୫୦ ଜଣଙ୍କୁ ଗିରଫ କରାଯାଇଛି। ଏହା ପୂର୍ବରୁ ଜେକେଏଲ୍ଏଫ୍ ନେତା ୟାସିନ୍ ମଲିକ୍‌ଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଏସବୁକୁ ଦେଖି ଉପତ୍ୟକାରେ ଉତ୍ତେଜନା ଚରମସୀମାରେ ପହଞ୍ଚିଲାଣି। ପରିସ୍ଥିତି ଏମିତି ହେଲାଣି, ପୁଲୱାମା ଆକ୍ରମଣଠାରୁ ଏବକାର ବାତାବରଣ କଶ୍ମୀରବାସୀଙ୍କୁ ବେଶି ଆତଙ୍କିତ କରିଦେଇଛି।

ସାଧାରଣ ନିର୍ବାଚନ ପ୍ରାୟ ଦୁଇ ମାସ ବାକି ଥିବା ବେଳେ ଆତଙ୍କବାଦୀ ଆକ୍ରମଣ ଲାଗି କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ବିରୋଧୀ ଟାର୍ଗେଟ କରୁଛନ୍ତି। ଆକ୍ରମଣର ତରିକା ଦେଖିଲେ ଗୋଇନ୍ଦା ବ୍ୟବସ୍ଥାକୁ ସମାଲୋଚନା କରାଯିବା ସ୍ୱାଭାବିକ। ଏବେ ଯେଉଁଭଳି ଭାବେ ସୀମାନ୍ତକୁ ସୈନ୍ୟ ପ୍ରେରଣ କରାଯାଉଛି ଓ ବିଚ୍ଛିନ୍ନତାବାଦୀ ସଙ୍ଗଠନଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲାଣି, ସେଥିରୁ ପରିସ୍ଥିତି ସଙ୍କଟ ଆଡ଼କୁ ଗତି କରୁଥିବା ଦେଖାଯାଉଛି । ୨୦୧୬ ଭଳି ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ୍‌ର କଥା ମଧ୍ୟ ଉଠିଲାଣି। ଏଠାରେ କୁହାଯାଇପାରେ ଯେ, ସେତେବେଳେ ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିବା ନେଇ ଦେଶବାସୀଙ୍କୁ ଏବେ ବି ଅନ୍ଧାରରେ ରଖାଯାଇଛି।

ଏବେ ଭାରତରେ ଏକ ସଙ୍ଗିନ ପରିସ୍ଥିତି ଦେଖାଦେଲାଣି। କଶ୍ମୀରୀମାନଙ୍କୁ ଟାର୍ଗେଟ କରାଯାଉ ବୋଲି ମଧ୍ୟ କିଛି ଜାଗାରେ ପରୋକ୍ଷ ବାର୍ତ୍ତା ଦିଆଯାଉଛି। ଦେଶର ବିଭିନ୍ନ ଭାଗରେ ପଢୁଥିବା କଶ୍ମୀର ଛାତ୍ରୀଛାତ୍ର ଓ କଶ୍ମୀରୀମାନଙ୍କୁ ଆକ୍ରମଣ ହେଉଥିବା ବେଳେ ସରକାର ନୀରବ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏଭଳି ଅପ୍ରୀତିକର ସମୟରେ କେବଳ ଶିଖ୍‌ମାନେ ଦମ୍ଭ ଧରି କଶ୍ମୀରୀମାନଙ୍କୁ ସାହାଯ୍ୟ ଓ ସହାୟତାର ହାତ ବଢ଼ାଇଥିବା ଦେଖିବାକୁ ମିଳିଛି। ପ୍ରକୃତରେ ଏକ ଅଶାନ୍ତ ଅଞ୍ଚଳରେ ଅଧିକ ଅଶାନ୍ତିଜନକ ପରିସ୍ଥିତି ସୃଷ୍ଟି କରାଗଲେ ସେଠାକାର ଅଧିବାସୀମାନେ ଅନିଶ୍ଚିତତା ଦେଇ ଗତି କରିବେ। ଏହା ଜଣାଶୁଣା ଯେ ସ୍ଥାନୀୟ ଲୋକଙ୍କ ସହାୟତା ନ ମିଳିଲେ ଆତଙ୍କବାଦୀମାନେ ବଡ଼ କାଣ୍ଡ ଭିଆଇବାକୁ ସକ୍ଷମ ହୁଅନ୍ତେ ନାହିଁ। ଦେଶର ନେତୃତ୍ୱ ପ୍ରଥମେ ଏହି ଭିତିରି କାରଣକୁ ବୁଝିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ଅନ୍ୟ ଉପରେ ଦୋଷ ଲଦିବା ଅପେକ୍ଷା କେଉଁଠାରେ ଭୁଲ୍ ରହୁଛି ତାହାକୁ ଚିହ୍ନଟ କରାଯିବା ଉଚିତ। ଗୋଇନ୍ଦା ବିଫଳତା ପାଇଁ ଶୀର୍ଷ ଅଧିକାରୀଙ୍କୁ ଉତ୍ତରଦାୟୀ କରାଯିବା ଦରକାର। କିନ୍ତୁ ତାହା କେବେ ଦେଖିବାକୁ ମିଳୁନାହିଁ। ପୁଲୱାମା ଆକ୍ରମଣ ପରେ ଫେବୃୟାରୀ ୨୩ରେ ଉପତ୍ୟକାରେ ଲୋକେ କ'ଣ ଗୋଟାଏ ବଡ଼ ହେବାକୁ ଯାଉଛି ଅନୁଭବ କରିବା ପରେ ପେଟ୍ରୋଲ ପମ୍ପ, ଏଟିଏମ୍ ଏବଂ ଦୋକାନ ଆଗରେ ଲମ୍ବାଧାଡ଼ିରେ ଥିବା ଦେଖିବାକୁ ମିଳିଥିଲା। ଏଥିରୁ ବୁଝିବାକୁ ହେବ ଯେ, ପରିସ୍ଥିତିକୁ ଶାନ୍ତ କରିବାକୁ ହେଲେ ପ୍ରଥମେ ସେଠାକାର ନାଗରିକଙ୍କ ସ୍ୱର ଶୁଣିବାକୁ ହେବ। ତାହା ନ କରି ଉତ୍ତେଜନା ସୃଷ୍ଟି କରାଗଲେ ମୂଳ ଲକ୍ଷ୍ୟ ଦୂରେଇଯିବ। ସଙ୍କଟ ସମୟରେ ଯୁଦ୍ଧ ରାଜନୀତି ସମାଧାନର ବାଟ ଦେଖାଇ ନ ଥାଏ।

## su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଅଠାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ହ୍ୱାଟ୍ସଆପ୍‌ରେ କପି



ଡ. ପ୍ରଫୁଲ୍ଲ କୁମାର ସାହୁ

ରାଜ୍ୟରେ ଶୁକ୍ରବାର (୨୨।୦୨)ଠାରୁ ଆରମ୍ଭ ହୋଇଛି ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ଆରମ୍ଭରୁ ତା'ର ସ୍ୱଚ୍ଛତାକୁ ନେଇ ରାଜ୍ୟସାରା ଉଠିଛି ଗୁଞ୍ଜରଣ। ପ୍ରଥମଦିନ ପରୀକ୍ଷା ଆରମ୍ଭ ହେବାର ଦେଢଘଣ୍ଟା ଭିତରେ ଭାଇରାଲ ହୋଇଛି ମାତୃଭାଷା ପ୍ରଶ୍ନପତ୍ର। ଗତବର୍ଷର ଅଭିଜ୍ଞତାକୁ ଭିତ୍ତିକରି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେବା ଉପରେ ଜାରି ହୋଇଥିଲା କଟକଣା, ମାତ୍ର ସବୁ ସତର୍କତା ସତ୍ତ୍ୱେ ସୋସିଆଲ ମିଡ଼ିଆରେ ଘୂରିବୁଲିଲା ଫର୍ଦ୍ଦ ଫର୍ଦ୍ଦ ପ୍ରଶ୍ନପତ୍ର। ଏଥିରେ ପ୍ରତିଫଳିତ ହେଉଛି ଆମ ଶିକ୍ଷକ ଓ ଅଭିଭାବକଙ୍କ ଭିତରେ ଲୁଚି ରହିଥିବା ବ୍ୟବସ୍ଥାବିରୋଧୀ ଲୋକଚରିତ୍ର। ମାଟ୍ରିକ୍ ପରୀକ୍ଷାରେ ସ୍ୱଚ୍ଛତା ଆଣିବା ପାଇଁ ପୂର୍ବରୁ ତ୍ରିସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଥିଲେ ବି ଏହାଥିଲା କେବଳ ବାଆକୁ ବତା ପରି। ଗତବର୍ଷଠାରୁ ଯେତେବେଳେ ଗଣଶିକ୍ଷା ବିଭାଗ ପକ୍ଷରୁ ବଦଳିଲା ନିଜ ନିଜ ସ୍କୁଲରେ ପରୀକ୍ଷା ଦେବା ବ୍ୟବସ୍ଥା, ସେତେବେଳେ ଏ ପରୀକ୍ଷା ସଂସ୍କାରକୁ ନେଇ ପରିଶ୍ରମୀ ଛାତ୍ରୀଛାତ୍ର ଖୁସିହେଲେ ସତ, କିନ୍ତୁ ହତାଶ ହୋଇପଡ଼ିଲେ କପି କରି ପାସ୍ କରିବାକୁ ଚାହୁଁଥିବା ପିଲା ଓ ସେମାନଙ୍କ ଅଭିଭାବକ।

ଉପଯୁକ୍ତ ଶିକ୍ଷା ଅଭାବରୁ ଛାତ୍ରୀଛାତ୍ର ଯେଉଁଠି ଶିକ୍ଷାଗତ ଦାରିଦ୍ର୍ୟରେ ଶଢ଼ନ୍ତି, ସେଠାରେ ସେମାନଙ୍କ ଭିତରେ ବସା ବାନ୍ଧେ ଅସତ୍ ଉପାୟ ଅବଲମ୍ବନ କରି ଆଗକୁ ବଢ଼ିବାର ଦୁଃସ୍ଥ ମାନସିକତା। ଏକଥା ଆମକୁ ଭାବିବାକୁ ବାଧ କରୁଛି ଗତବର୍ଷ ଉତ୍ତରପ୍ରଦେଶ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିବା କିଛି ଉଦ୍‌ବେଗଜନକ ଖବର। ଦୀର୍ଘବର୍ଷ ଧରି ଚାଲିଥିବା ବିପର୍ଯ୍ୟସ୍ତ ପରୀକ୍ଷା ପଦ୍ଧତିକୁ ସଜାଡ଼ିବା ପାଇଁ ଗତବର୍ଷ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ଯେଉଁ କଠୋର ଆଭିମୁଖ୍ୟ ଗ୍ରହଣ କଲେ, ତା'ର ସିଧାସଳଖ ପ୍ରଭାବ ପଡ଼ିଲା ସେଠାରେ ଅନୁଷ୍ଠିତ ହୋଇଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ। ଶିକ୍ଷାର ଗୁଣାତ୍ମକ ବିକାଶ ଚାହୁଁଥିବା ସରକାରଙ୍କ ନିର୍ଦ୍ଦେଶରେ ସେଠାରେ କଡ଼ାକଡ଼ି କରିଦିଆଗଲା ପରୀକ୍ଷା ପ୍ରକୋଷ୍ଠରେ ନିରୀକ୍ଷକମାନଙ୍କ ପହରା ବ୍ୟବସ୍ଥା। ସ୍ଥିତି ଅନୁଧ୍ୟାନ ପାଇଁ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ନିଜେ ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦିନେଶ ଶର୍ମା। ଏହାଦ୍ୱାରା ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଖେଳିଗଲା କୋକୁଆ ଭୟ। ହତାଶ ହେଲେ କପି କରିବାକୁ ଆସିଥିବା ଅନେକ ଛାତ୍ରୀଛାତ୍ର। କ୍ରମାଗତ ଦୁଇଟି ବିଷୟରେ ବିଫଳ ହେଲାପରେ ତୃତୀୟ ଦିନ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଲେ ଅନେକ ପରୀକ୍ଷାର୍ଥୀ। ଗଣମାଧ୍ୟମରେ ପ୍ରକାଶ ପାଇଲା କପି କରିବାର ସୁଯୋଗ ନ ପାଇ ପରୀକ୍ଷା ଛାଡ଼ିଲେ ପାଞ୍ଚଲକ୍ଷ ଛାତ୍ରୀଛାତ୍ର। ଏଭଳି ଦୁର୍ଭାଗ୍ୟଜନକ ସ୍ଥିତି ନିଶ୍ଚୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବିଦ୍ୟାର୍ଥୀମାନେ ଭୋଗୁଥିବା ଶିକ୍ଷାଗତ ଦାରିଦ୍ର୍ୟ ଆଡ଼କୁ।

ବିଦ୍ୟାର୍ଥୀର ବୋଧଶକ୍ତି ଓ ଜ୍ଞାନର ଗଭୀରତା ମାପିବା ପାଇଁ ପରୀକ୍ଷା ହେଉଛି ଏକ ସର୍ବସ୍ୱୀକୃତ ମାପକାଠି। ପରୀକ୍ଷା ଜଣେଇ ଦିଏ ପରୀକ୍ଷାର୍ଥୀ କେତେ ଜାଣିଛି ଓ ଆଉ କେତେ ବାକିଅଛି ଜାଣିବାକୁ। ଏକଥାଟି ବୁଝିବାକୁ ଆଦୌ ପ୍ରସ୍ତୁତ ନୁହନ୍ତି ପାଠପଢ଼ାରେ ଅମନୋଯୋଗୀ ଛାତ୍ରୀଛାତ୍ର। ଏ ଦୋଷ କେବଳ ସେମାନଙ୍କର ନୁହେଁ, ଏଥିପାଇଁ ଆମ ପ୍ରଚଳିତ ବ୍ୟବସ୍ଥା ମଧ୍ୟ ବହୁ ପରିମାଣରେ ଦାୟୀ। ଇତିହାସ କହେ ଗୁଣାତ୍ମକ ଶିକ୍ଷାପାଇଁ ଏକଦା ବିଶ୍ୱରେ ସୁନାମ ଅର୍ଜିଥିଲା ଏ ଦେଶ। ଅଧ୍ୟୟନ ପାଇଁ ଏଠାକୁ ପୃଥିବୀର କୋଣ ଅନୁକୋଣରୁ ଛୁଟି ଆସୁଥିଲେ ଅନେକ ବିଦ୍ୟାର୍ଥୀ। ଏକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ବ୍ୟବସ୍ଥା ପାଇଁ ସେତେବେଳେ ଭାରତୀୟମାନଙ୍କର ନୈତିକ ମାନଦଣ୍ଡ ଥିଲା ଖୁବ୍ ଉଚ୍ଚରେ। ପ୍ରାୟତଃ ସମସ୍ତଙ୍କ ଭିତରେ ଥିଲା ନୈତିକତା ପ୍ରତି ଆଦର ଓ ସମ୍ମାନ। ଏହା ସମ୍ଭବ ହୋଇଥିଲା ତତ୍କାଳୀନ ଆର୍ଯ୍ୟାବର୍ତ୍ତରେ ଗଢିଉଠିଥିବା ଅସଂଖ୍ୟ ଗୁରୁକୁଳ ଆଶ୍ରମ ପାଇଁ। ମାତ୍ର ଦେଶ ସ୍ୱାଧୀନ ହେବାପରେ କ୍ରମଶଃ ବଦଳିବାକୁ ଲାଗିଲା ସ୍ଥିତି। ଶିକ୍ଷାର ପ୍ରସାର ପାଇଁ ଗଢିଉଠିଲା ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ। ଦେଶର ଶିକ୍ଷାକୁ ଗୁଣାତ୍ମକ କରିବା ନାଁରେ ଗଠନ ହେଲା କମିଶନ ପରେ କମିଶନ। ପ୍ରସ୍ତୁତ ହେଲା ଯୋଜନା ପରେ ଯୋଜନା ଏବଂ ତା'ର କାର୍ଯ୍ୟାନ୍ୱୟନ ପାଇଁ ଖର୍ଚ୍ଚ ହେଲା ବିପୁଳ ଅର୍ଥ। ଫଳରେ ଶିକ୍ଷାର ପ୍ରସାର ଘଟିଲା ସତ, କିନ୍ତୁ ପ୍ରତୀୟମାନ ହେଲା ମୂଲ୍ୟବୋଧର ଅବକ୍ଷୟ। କାରଣ ଭିତ୍ତିଭୂମିର ବିକାଶ ଦିଗରେ ଯେତିକି ଗୁରୁତ୍ୱ ଦିଆଗଲା ସେତିକି ଗୁରୁତ୍ୱ ଦିଆଗଲାନି ନୈତିକ ଶିକ୍ଷାର ପ୍ରସାର ଉପରେ। ଆଗେ ବିଦ୍ୟାଳୟ କହିଲେ ଗୋଟେ ଝାଟିମାଟି କାନ୍ଥ ଓ ଚାଳଛପର ଘରକୁ ବୁଝାଉଥିଲା, ମାତ୍ର ଏବେ ବଦଳିଯାଇଛି ତା'ର ଚେହେରା। ଚାଳଛପର ଘର ପରିବର୍ତ୍ତେ ଗଢି ଉଠିଛି ସୁଦୃଶ୍ୟ ପକ୍କାଘର। ପ୍ରାଥମିକ ବିଦ୍ୟାଳୟ କାନ୍ଥରେ ଲେଖାଯାଇଛି 'ସମସ୍ତେ ପଢିବା, ସମସ୍ତେ ବଢିବା'। କିନ୍ତୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଏହି ବଢିବା କଥାଟି ସଂପୂର୍ଣ୍ଣ ଅନୁପସ୍ଥିତ। ଏଠି କେବଳ ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ ଓ ଲାପ୍‌ଟପ୍‌ର ଲୋଭ ଦେଖାଇ ପିଲାଙ୍କୁ ଶିକ୍ଷାଳୟକୁ ଅଣାଯାଏ, ଯେଉଁଠି ତା'ର ଚେତନାର ବିକାଶ ପ୍ରତି ଦିଆଯାଏନି ଗୁରୁତ୍ୱ। ଯଦି ଜଳର ଶୁଦ୍ଧତା ପ୍ରତି ଦୃଷ୍ଟି ନ ଦେଇ କେବଳ ପାଣିଟାଙ୍କି ନିର୍ମାଣରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଏ, ସେଠାରେ ଯାହା ହେବାକଥା ତାହା ହିଁ ଏଠି ପ୍ରତିଫଳିତ ହେଉଛି ବିଦ୍ୟାର୍ଥୀର ବ୍ୟକ୍ତିଗତ ତଥା ସାମାଜିକ ଜୀବନରେ।

ଏକଦା ରାଜ୍ୟରେ ସୁନାମ ଅର୍ଜନ କରିଥିବା ଅନେକ ମାଧ୍ୟମିକ ବିଦ୍ୟାଳୟ ଥିଲା, ଯେଉଁ ବିଦ୍ୟାଳୟରୁ ସୃଷ୍ଟି ହୋଇଛନ୍ତି ବହୁ ବୈଜ୍ଞାନିକ, ଚିକିତ୍ସକ, ପ୍ରଶାସକ, ଶିକ୍ଷାବିତ୍ ତଥା ଭଲ ମଣିଷ। ସମୟକ୍ରମେ ଆଜି ହଜିଯାଇଛି ସେ ସବୁ ବିଦ୍ୟାଳୟର ପୂର୍ବ ଗୌରବ। ଆଗେ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକମାନେ ପ୍ରଧାନ ଶିକ୍ଷକ ହେଉଥିଲେ ଏବଂ ସେମାନେ ହିଁ ବରିଷ୍ଠତା ଭିତ୍ତିରେ ମଣ୍ଡନ କରୁଥିଲେ ପରିଦର୍ଶକ ପଦବୀ। ଅଭିଜ୍ଞ ଓ ବରିଷ୍ଠ ଶିକ୍ଷକମାନଙ୍କ ଉପସ୍ଥିତି ଯୋଗୁ ଶିକ୍ଷା ବିଭାଗରେ ନିଷ୍ଠା ଓ ସ୍ୱଚ୍ଛତା ଥିଲା ମୂଳକଥା। ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠତାକୁ ଅଣଦେଖାକରି ସିଧାସଳଖ ପ୍ରଧାନଶିକ୍ଷକ ନିଯୁକ୍ତି ପାଇଲେ ଓ ସେମାନଙ୍କ ଅଧୀନରେ କାର୍ଯ୍ୟ କରିବାକୁ ବାଧହେଲେ ବରିଷ୍ଠ ଶିକ୍ଷକମାନେ। ଏହାଦ୍ୱାରା କେବଳ ପ୍ରଧାନଶିକ୍ଷକ ପଦର ମର୍ଯ୍ୟାଦା ହାନି ହେଲାନି, ପିଲାମାନଙ୍କ ମନରୁ ବି ଦୂରେଇଗଲା ସେମାନଙ୍କର ପିତୃପ୍ରତିମ ଭାବମୂର୍ତ୍ତି।

ଆଗେ ଚରିତ୍ର ଗଠନକୁ ଅଗ୍ରାଧିକାର ଦେଇ ପ୍ରସ୍ତୁତ ହେଉଥିଲା ପାଠ୍ୟକ୍ରମ। ବିଦ୍ୟାଳୟରେ ଖଞ୍ଜାଯାଇଥିଲା ଗୁରୁକୁଳ ଆଶ୍ରମର ଶୈକ୍ଷିକ ଶୃଙ୍ଖଳା। ମାତ୍ର ଯେବେଠାରୁ ଶିକ୍ଷାଳୟ ଭିତରକୁ ରାଜନୀତି ପଶିଲା, ସେବେଠାରୁ ବିପର୍ଯ୍ୟସ୍ତ ହେବାକୁ ଲାଗିଲା ଆମ ସମୃଦ୍ଧ ଶିକ୍ଷା ବ୍ୟବସ୍ଥା। ବିଶେଷ କରି ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନ ମୁଖ୍ୟମାନେ ନାଚିବାକୁ ଆରମ୍ଭକଲେ ସ୍ଥାନୀୟ ନେତାଙ୍କ ଇସାରାରେ। କେତେକ ସହକାରୀ ଶିକ୍ଷକଙ୍କୁ ବି ମିଳିଗଲା ଆର୍ଥିକ ଫାଇଦା ହାସଲ କରିବାର ସୁବିଧାଜନକ ପନ୍ଥା। ସାଧାରଣତଃ ଶିକ୍ଷକମାନେ ସମାଜର ଆଲୋକ ବର୍ତ୍ତିକା। ରାଷ୍ଟ୍ର ଗଠନର କର୍ଣ୍ଣଧାର। ଅଥଚ ସେହିମାନେ ଶିକ୍ଷାର୍ଥୀଙ୍କୁ ଭୁଲ୍ ରାସ୍ତା ଦେଖାଇବା ଫଳରେ ହଜିଗଲା ଶ୍ରେଣୀ କକ୍ଷର ମହକ। ଅସତ୍ ଉପାୟ ଅବଲମ୍ବନ କରି ଆଗକୁ ବଢିବା କେବେ ସ୍ଥାୟୀ ସଫଳତା ନୁହେଁ- ଏକଥା ଜାଣିବାର ସୁଯୋଗରୁ ବଞ୍ଚିତ ହେଲେ ପିଲା। କପି କରିବାର ସୁଯୋଗକୁ ସେମାନେ ସୌଭାଗ୍ୟ ମଣିଲେ ଦୁର୍ନୀତିଗ୍ରସ୍ତ ଶିକ୍ଷକଙ୍କ ପ୍ରରୋଚନାରେ। ଯେଉଁ ଅଳ୍ପ କେତେଜଣ ନିଷ୍ଠାପର ଶିକ୍ଷକ ଏ ଅନୀତିକୁ ଗ୍ରହଣ କରିପାରିଲେନି ସେମାନେ ହେଲେ କୋଣଠେସା। ଆଗେ ଅଭିଭାବକମାନେ ଭାବୁଥିଲେ ଅସତ୍ ପଥରେ ଯାଇ ସଫଳ ହେବା ଅପେକ୍ଷା ସତ୍ ପଥରେ ଯାଇ ବିଫଳ ହେବା ଶତଗୁଣ ଶ୍ରେୟସ୍କର। ଆଜି ଆଉ କାହାନ୍ତି ଏଭଳି ଭାବନା ପୋଷଣ କରୁଥିବା ଅଭିଭାବକ ? ତେଣୁ ଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମରେ ଚାଲିଛି ପରୀକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିବାର ସୁଚିନ୍ତିତ ପ୍ରୟାସ।

ଏହି ପରିପ୍ରେକ୍ଷୀରେ ସେମାନେ ଜାଣି ରଖିବା ଦରକାର ମାଟ୍ରିକ୍ ପରୀକ୍ଷା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ସ୍ତର। ଭବିଷ୍ୟତ ନିର୍ମାଣର ପ୍ରଥମ ସୋପାନ। ଏହି ସୋପାନ ଅତିକ୍ରମ କଲେ ଖୋଲିଯାଏ ଉଚ୍ଚଶିକ୍ଷା ଆହରଣର ମାର୍ଗ। ଯେ କୌଣସି ସାଧାରଣ ଚାକିରି ପାଇଁ ମାଟ୍ରିକ୍ ପାସ୍ ସର୍ବନିମ୍ନ ଯୋଗ୍ୟତା। ଏହି ଦୃଷ୍ଟିରୁ ଆମ ଶିକ୍ଷାବ୍ୟବସ୍ଥାରେ ଯେ କୌଣସି ପରୀକ୍ଷାଠାରୁ ମାଟ୍ରିକ୍ ପରୀକ୍ଷାର ଗୁରୁତ୍ୱ ବେଶି। ମାତ୍ର ଅସତ୍ ଉପାୟ ଅବଲମ୍ବନ କରି ଯଦି ମାଟ୍ରିକ୍ ପ୍ରମାଣପତ୍ର ହାସଲ କରାଯାଏ, ତେବେ ବ୍ୟକ୍ତିଗତ ଓ ସମାଜ ଜୀବନରେ କେତେ ମହତ୍ତ୍ୱ ରଖିବ ସେ ପ୍ରମାଣପତ୍ର। ଏ ପ୍ରଶ୍ନ ଆମ ଛାତ୍ର, ଶିକ୍ଷକ, ଅଭିଭାବକଙ୍କ ହୃଦୟକୁ ଆଲୋଡ଼ିତ ନ କଲା ଯାଏ କେବେ ବି ମାଟ୍ରିକ୍ ପରୀକ୍ଷାରୁ ସଂପୂର୍ଣ୍ଣ ଦୂର ହେବନି କପି କଳଙ୍କ।

ମୋ- ୯୪୩୮୪୫୫୦୮୮

# ଅକାମୀ ନାଗରିକତା ବିଲ୍



ଧବଳ ପ୍ରସାଦ ଚୌଧୁରୀ

ସଂସଦର ଶୀତ ଅଧିବେଶନରେ କେନ୍ଦ୍ର ସରକାର ନାଗରିକତା ସଂଶୋଧନ ବିଲ୍ ଆଗତ କଲାଦିନଠାରୁ ତାହା ସପକ୍ଷରେ ଓ ବିପକ୍ଷରେ ଦେଶସାରା ବିତର୍କ ଆରମ୍ଭ ହୋଇଯାଇଛି। ଏହି ବିଲ୍‌ର ଉଦ୍ଦେଶ୍ୟ- ଗତ ସତୁରି ବର୍ଷ ଭିତରେ ପାକିସ୍ତାନ, ଆଫଗାନିସ୍ତାନ, ବାଂଲାଦେଶରୁ ନିର୍ଯାତିତ ହୋଇ ଯେଉଁ ହିନ୍ଦୁ, ଖ୍ରୀଷ୍ଟିଆନ, ପାର୍ସୀ, ଶିଖ୍, ବୌଦ୍ଧ, ଜୈନ ଧର୍ମର ବ୍ୟକ୍ତିମାନେ ପଳାୟନ କରି ଆସି ଭାରତରେ ଆଶ୍ରୟ ନେଇଛନ୍ତି, ସେମାନଙ୍କୁ ଆଇନସମ୍ମତ ନାଗରିକତା ପ୍ରଦାନ କରିବା। ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କର ଯୁକ୍ତି ହେଲା- ଭାରତ ଏକ ଧର୍ମନିରପେକ୍ଷ ଦେଶ। ତେଣୁ କୌଣସି ବିଶେଷ ଧର୍ମର ନାଗରିକଙ୍କ ସ୍ୱାର୍ଥରେ ନାଗରିକତା ଆଇନ ସଂଶୋଧନ ସମ୍ବିଧାନବିରୋଧୀ। ଏହି ବିରୋଧୀମାନଙ୍କ ମଧ୍ୟରୁ ସବୁଠାରୁ ବେଶି ବିରୋଧ ଆସୁଛି ଆସାମରୁ। ତା'ର କାରଣ- ଏହି ବିଲ୍ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଅସମିୟା ଭାଷା କହୁଥିବା ମୂଳ ଆସାମ ଅଧିବାସୀଙ୍କର ଯେଉଁ କ୍ଷତି ହେବ ତାହା ଅନ୍ୟମାନଙ୍କଠାରୁ ଯଥେଷ୍ଟ ଅଧିକ। ଅସମିୟାମାନେ ଏକ ଶାନ୍ତିପ୍ରିୟ ଜାତି। ଏମାନଙ୍କର ଏକ ଭିନ୍ନ ସଂସ୍କୃତି ଅଛି, ଯାହା ପାଇଁ ଏମାନେ ଗର୍ବ କରନ୍ତି। କିନ୍ତୁ କେତେକ ଐତିହାସିକ କାରଣରୁ ଆସାମରେ ୨୦୧୧ ଜନଗଣନା ଅନୁଯାୟୀ ଅସମିୟା ଭାଷା ଓ ସଂସ୍କୃତି ବହନ କରୁଥିବା ଜନସଂଖ୍ୟା ରାଜ୍ୟର ମୋଟ ଜନସଂଖ୍ୟାର ମାତ୍ର ୪୮.୩୮ ପ୍ରତିଶତ। ଏହାର ଏକ କାରଣ ବ୍ରିଟିଶ ଶାସନ ସମୟରେ ବିହାର, ଓଡ଼ିଶା ସହ ଆସାମ ଓ ଅବିଭକ୍ତ ବଙ୍ଗପ୍ରଦେଶ ବେଙ୍ଗଲ ପ୍ରେସିଡେନ୍ସି ଅଧୀନରେ ବହୁ କାଳ ଥିଲା। ଆସାମ ଓ ବଙ୍ଗ ପଡ଼ୋଶୀ ପ୍ରଦେଶ ହୋଇଥିବାରୁ ସେହି କାଳରୁ ବହୁ ବଙ୍ଗଳାଭାଷୀ ନାଗରିକ ଆସାମରେ ବସବାସ କରୁଥିଲେ। ଦେଶ ବିଭାଜନ ପରେ ସେମାନେ ଆସାମବାସୀ ହୋଇଗଲେ। ଏହାପରେ କଂଗ୍ରେସ ବହୁବର୍ଷ ଆସାମ ଶାସନ ଦାୟିତ୍ୱରେ ଥିଲା। କଂଗ୍ରେସ ନିର୍ବାଚନ ଜିଣିବା ପାଇଁ ଆଲି, କୁଲି ଏବଂ ବେଙ୍ଗଲୀମାନଙ୍କ ଉପରେ ନିର୍ଭର କରୁଥିଲା ବୋଲି ଏକ ଜନଶ୍ରୁତି ଅଛି। କୁଲି ଅର୍ଥ ଚା ବଗିଚାରେ ଶ୍ରମିକ ଭାବେ କାମ କରୁଥିବା ଅଣଆସାମୀ ଓ ଆଲି ଅର୍ଥ ମୁସଲମାନ। ଏହିପରି କେତେକ ଐତିହାସିକ କାରଣରୁ ଅସମିୟାମାନେ ଆସାମରେ ସଂଖ୍ୟାଲଘୁ ହୋଇଗଲେ।

୨୦୧୧ ଜନଗଣନା ଅନୁଯାୟୀ ଆସାମରେ ମୋଟ ୨୭ ଜିଲାରୁ ୯ଟି ମୁସଲିମ୍‌ବହୁଳ। ଏହା ପରେ ବାଂଲାଦେଶରୁ ପଳାଇ ଆସିଥିବା ହିନ୍ଦୁମାନଙ୍କୁ ଭାରତୀୟ ନାଗରିକତା ଦିଆଗଲେ ସେମାନେ ଅସମିୟାମାନଙ୍କର ଜମିବାଡ଼ି, ଚାକିରି ଇତ୍ୟାଦିରେ ଭାଗ ବସାଇବେ। ଏମାନେ ବଙ୍ଗଭାଷୀ ହୋଇଥିବାରୁ ଅସମିୟାଭାଷୀ ଜନସଂଖ୍ୟାର ପ୍ରତିଶତ ଆହୁରି ହ୍ରାସ ପାଇବ। ଆସାମର କୃଷକ ମୁକ୍ତି ସଂଗ୍ରାମ ସମିତି ମତରେ ଆସାମରେ ହିନ୍ଦୁ ଶରଣାର୍ଥୀଙ୍କ ସଂଖ୍ୟା କୋଡ଼ିଏ ଲକ୍ଷ। କିନ୍ତୁ ଆସାମର ଅର୍ଥମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା କହନ୍ତି, ଏହି ସଂଖ୍ୟା ଆଠ ଲକ୍ଷରେ ସୀମିତ। ୨୦୧୪ ନିର୍ବାଚନ ପ୍ରଚାର ବେଳେ ନରେନ୍ଦ୍ର ମୋଦି କହିଥିଲେ, ଅତ୍ୟାଚାରିତ ହିନ୍ଦୁମାନେ ଭାରତ ଯଦି ନୁହେଁ, ତା'ହେଲେ ଆଉ କେଉଁ ଦେଶକୁ ଆଶ୍ରୟ ପାଇଁ ପ୍ରାର୍ଥନା କରିବେ ? ତେଣୁ ତାଙ୍କ ଶାସନର ଶେଷ ବର୍ଷରେ ଏହି ନାଗରିକତା ସଂଶୋଧନ ବିଲ୍‌ର ଅବତାରଣା।

ଏହି ବିଲ୍‌ର ଏକ ସର୍ତ୍ତ ଅନୁସାରେ ନାଗରିକତା ପାଇଁ ଦରଖାସ୍ତ କରିଥିବା ଶରଣାର୍ଥୀମାନଙ୍କୁ ପ୍ରମାଣ କରିବାକୁ ହେବ ଯେ, ସେମାନେ ଅତିକମ୍‌ରେ ଛଅବର୍ଷ ଭାରତରେ ବସବାସ କରିଛନ୍ତି ଓ ଧର୍ମୀୟ ନିର୍ଯାତନାର ଶିକାର ହୋଇ ନିଜଦେଶ ତ୍ୟାଗ କରିଛନ୍ତି। କିନ୍ତୁ ଏହି ବିଲ୍‌ର ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ମତ ହେଲା- ହିନ୍ଦୁ ଇତ୍ୟାଦିଙ୍କୁ ଯଦି ନାଗରିକତା ପ୍ରଦାନ କରାଯାଏ ତା'ହେଲେ ଅନୁପ୍ରବେଶକାରୀ ଦୁଇକୋଟି ମୁସଲମାନଙ୍କୁ ମଧ୍ୟ ନାଗରିକତା ଦିଆଯାଉ। କଥିତ ଯେଉଁ ଦୁଇକୋଟି ମୁସଲମାନ ଭାରତକୁ ଅନୁପ୍ରବେଶ କରିଛନ୍ତି, ସେମାନେ କ'ଣ ତାଙ୍କ ଦେଶରେ ଧର୍ମୀୟ ନିର୍ଯାତନା ଯୋଗୁ ଦେଶ ଛାଡିଛନ୍ତି ? ବିଲ୍‌ର ବିରୋଧ କରୁଥିବା ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ତ କହିବାକୁ ପଛାଇନାହାନ୍ତି ଯେ ବାଂଲାଦେଶରେ ହିନ୍ଦୁ ନିର୍ଯାତନା ହୁଏ ନାହିଁ। ତା'ହେଲେ ୧୯୫୧ ମସିହାରେ ପୂର୍ବପାକିସ୍ତାନ (ବର୍ତ୍ତମାନ ବାଂଲାଦେଶ)ରେ ହିନ୍ଦୁଙ୍କ ସଂଖ୍ୟା ୨୨.୦୫ ପ୍ରତିଶତ ଥିଲାବେଳେ ୧୯୯୭ରେ ଏହା ୯.୨ ପ୍ରତିଶତକୁ ଖସି ଆସିଲା କାହିଁକି? ବର୍ତ୍ତମାନ ଏହା ୮.୫ ପ୍ରତିଶତ। କେହି ବାଧ୍ୟ ନ ହେଲେ ନିଜ ଜନ୍ମଭୂମି, ଘରଦ୍ୱାର, ଜମିବାଡ଼ି, ବ୍ୟବସାୟ ଇତ୍ୟାଦି ଛାଡ଼ି ଅନ୍ୟ ଦେଶରେ ଶରଣାର୍ଥୀ ହୁଏ ନାହିଁ। ଯେଉଁମାନେ ଯୁକ୍ତି କରୁଛନ୍ତି ଯେ, ହିନ୍ଦୁମାନଙ୍କୁ ନାଗରିକତା ପ୍ରଦାନ କଲେ ତାହା ସହ ମୁସଲମାନ ଅନୁପ୍ରବେଶକାରୀଙ୍କୁ ମଧ୍ୟ ନାଗରିକତା ଦେବାକୁ ପଡ଼ିବ, ସେମାନେ ଭୁଲିଯାଉଛନ୍ତି ଯେ, ୧୯୪୭ ମସିହାରେ କେଉଁ ବିଚାରରେ ଦେଶ ବିଭାଜନ ହୋଇଥିଲା।

ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇ ରାଜ୍ୟ ସଭାର ଅନୁମୋଦନ ନିମିତ୍ତ ଅପେକ୍ଷାରେ ଥିଲା। କିନ୍ତୁ ବିଲ୍‌ଟି ଉପସ୍ଥାପିତ ହେବା ପୂର୍ବରୁ ରାଜ୍ୟ ସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରହିବାରୁ ଏହା ବସ୍ତୁତଃ ଅକାମୀ ହୋଇଯାଇଛି।

ଶହୀଦନଗର, ଭୁବନେଶ୍ୱର, ମୋ-୯୪୩୯୧୭୫୯୫୦

## ଆମ ସମସ୍ୟା

### ସତ୍ୟବାଦୀରେ ଅଘୋଷିତ ବିଜୁଳି କାଟ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ଅଘୋଷିତ ବିଜୁଳିକାଟ୍ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ରାଜ୍ୟରେ ବିଦ୍ୟୁତ୍ କାଟ ହେବନାହିଁ ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି ସେସୁ ଅଧିକାରୀ। ଏ ସମ୍ପର୍କରେ ଅଞ୍ଚଳର ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ବର୍ତ୍ତମାନ ପିଲାଙ୍କ ମାଟ୍ରିକ ପରୀକ୍ଷା ଚାଲିବେଳେ ସେସୁର ଏହି ବିଦ୍ୟୁତ୍ କାଟ ଯୋଗୁ ସେମାନଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ବିଭାଗୀୟ ଯନ୍ତ୍ରୀ ତଥା ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ବିଦ୍ୟୁତ୍ କାଟ ରୋକିବାକୁ ଦାବି ହେଉଛି।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ମନମାନି ସ୍ୱାସ୍ଥ୍ୟସେବା

ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବା ବେଳେ ଏହା ବାସ୍ତବ କ୍ଷେତ୍ରରେ ଯେପରିଭାବେ କାର୍ଯ୍ୟକାରୀ ହେଉଛି, ତାହାକୁ ନେଇ ଅନେକ ସ୍ଥାନରେ ରୋଗୀ ଏବଂ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହିପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାର ସମସ୍ତ ୱାର୍ଡବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ ସରକାରୀଭାବେ ବହୁଦିନ ପୂର୍ବରୁ ଗଢ଼ିଉଠିଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଡାକ୍ତରଙ୍କ ମନମାନି ଓ ସମୟାନୁବର୍ତ୍ତିତାର ଅଭାବ ଯୋଗୁ ଏଠାକୁ ଆସୁଥିବା ରୋଗୀ ଠିକ୍‌ଭାବେ ସେବା ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଶେଷରେ ରୋଗୀମାନଙ୍କୁ ନିରାଶ ଓ ଖର୍ଚ୍ଚାନ୍ତ ହୋଇ ଦୂରଦୂରାନ୍ତକୁ ଚିକିତ୍ସା ପାଇଁ ଯିବାକୁ ପଡୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

କୈଳାସ ଚନ୍ଦ୍ର ପୋଲାଇ, ବରଡିହୀ, ଅସ୍ତରଙ୍ଗ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ଶହୀଦ ପରିବାରଙ୍କ ପ୍ରତି କେନ୍ଦ୍ର ଓ ସମ୍ପୃକ୍ତ ରାଜ୍ୟ ସରକାର ଆର୍ଥିକ ସହାୟତା ଘୋଷଣା କରିଥିବା ବେଳେ ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ସଂଗଠନ ମଧ୍ୟ ଆର୍ଥିକ ସହାୟତା କରୁଛନ୍ତି। ଏହି ସ୍ପର୍ଶକାତର ଘଟଣାରେ ବିଭିନ୍ନ ଦିଗରୁ ସହାୟତାର ସୁଅ ଛୁଟିବାରେ ଲାଗିଛି। ନିଜ ଆର୍ଥିକ ସ୍ଥିତି ଅନୁସାରେ ଶହୀଦ ପରିବାରଙ୍କୁ ସହାୟତା ପଠାଇବା କାର୍ଯ୍ୟ ଜାରି ରହିଛି। ଏହି କ୍ରମରେ ଶହୀଦ ପରିବାରଙ୍କୁ ସହାୟତା ଲାଗି ଜଣେ ପ୍ରିନ୍ସିପାଲ ନିଜ ଅଳଙ୍କାର ବିକି ଦେଇଛନ୍ତି। ଉତ୍ତରପ୍ରଦେଶ ରାଜ୍ୟର ବରେଲି ଅନ୍ତର୍ଗତ ଏକ ଘରୋଇ ସ୍କୁଲର ପ୍ରିନ୍ସିପାଲ ନିଜ ଅଳଙ୍କାର ବିକ୍ରିକରି ୧୩,୩୮,୩୮୭ ଟଙ୍କା ସଂଗ୍ରହ କରିଥିଲେ। ଏହାକୁ ଶହୀଦ ପରିବାରଙ୍କ ସହାୟତା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପଠାଇଛନ୍ତି। କିରନ୍ ଝାଗ୍‌ୱାଲା ନାମକ ଏହି ପ୍ରିନ୍ସିପାଲଙ୍କ ସହାୟତା ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ ହୋଇଛି। କିରନ୍‌ଙ୍କ ପିତା ଏହି ଅଳଙ୍କାର ତାଙ୍କୁ ବାହାଘର ସମୟରେ ଉପହାର ଦେଇଥିଲେ। ତେବେ ସେ ଶହୀଦ ପରିବାରଙ୍କ ଦୁଃଖରେ ଭାଗିପଡ଼ିବା ସହିତ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି।

### ଚିରନ୍ତନୀ

କେତେ ଝର ହଜିଯାଏ ନ ମିଶୁଁ ସାଗରେ
ଅବିଦିତ ପାଷାଣ ଗହ୍ୱରେ।
ଚିରକାଳ ପାଇଁ ତା'ର ଜୀବନର କ୍ଷୀଣ ଇତିହାସ
ଏ ଭୁବନ କୋଳାହଳେ ଅବହେଳେ ରହେ ଅପ୍ରକାଶ।
ନ ଦେଖୁଁ ଆଲୋକ ଧରାତଳେ ପଡ଼େ ଝରି
ଅଶୋକର ପେଲବ ମଞ୍ଜରୀ। (ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୫ ଫେବୃୟାରୀ ୧୯୯୪

- ବୋସ୍‌ନିଆର ଦୁଇ ବିରୋଧୀ ଗୋଷ୍ଠୀ କ୍ରୋଏସୀୟ ମୁସ୍‌ଲିମମାନେ ବୋସ୍‌ନିଆରେ ଦୀର୍ଘକାଳୀନ ଯୁଦ୍ଧ ବିରତି ପାଳନ କରିବା ପାଇଁ ରାଜି ହୋଇଛନ୍ତି।
- ମୋଜାମ୍ବିକ୍‌ରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ପୋଲିସର କାର୍ଯ୍ୟକଳାପ ଓ ମାନବିକ ଅଧିକାର ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଏକ ୧୧୪୪ ଜଣିଆ ପୋଲିସ ତଦାରଖକାରୀ ଦଳ ଗଠନ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୧୮- ସୁରକ୍ଷା ବଳ ସହ ୧୨ ଘଣ୍ଟାର ଏନ୍‌କାଉଣ୍ଟରରେ ପୁଲୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଅବଦୁଲ ରଶିଦ ଗାଜି ନିହତ। ଏଥିରେ ଅନ୍ୟ ଦୁଇ ଆତଙ୍କବାଦୀ ନିହତ ହେବା ସହ ଜଣେ ମେଜର ଓ ତିନିଜଣ ଯବାନ ଶହୀଦ ହୋଇଛନ୍ତି।

୨୦- ଗ୍ଲୋବାଲ ୱାର୍ମିଂ (ବିଶ୍ୱତାପନ) ଶବ୍ଦକୁ ଲୋକପ୍ରିୟ କରାଇଥିବା ବିଶିଷ୍ଟ ଆମେରିକୀୟ ଜଳବାୟୁ ବୈଜ୍ଞାନିକ ୱାଲାସେ ସ୍ମିଥ୍ ବ୍ରୋଏକରଙ୍କର ୮୭ ବର୍ଷ ବୟସରେ ପରଲୋକ।

୨୧- ବାଂଲାଦେଶ ରାଜଧାନୀ ଢାକାସ୍ଥିତ ଏକ କେମିକାଲ ୱେରହାଉସ୍ ଓ ପାଖ ଆପାର୍ଟମେଣ୍ଟ ବିଲ୍‌ଡିଂରେ ନିଆଁ ଲାଗି ୫ ଶିଶୁ ଓ ୯ ମହିଳାଙ୍କ ସମେତ ୮୧ ଦଗ୍ଧ।

୨୨- ଆସାମ ଗୋଲାହାଟ ଜିଲାରେ ବିଷାକ୍ତ ମଦ ପିଇ ୩୨ ଜଣ ଚା ବଗିଚା ଶ୍ରମିକଙ୍କର ମୃତ୍ୟୁ ଘଟିଛି ଓ ୫୦ ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି।

■ ସାତମାଇଲ ଚାଷୀ ସମାବେଶକୁ ସମ୍ବୋଧିତ କଲେ ମୁଖ୍ୟମନ୍ତ୍ରୀ

# ‘କାଳିଆ ଯୋଜନା ଐତିହାସିକ’

■ ଏପ୍ରିଲ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

ଢେଙ୍କାନାଳ ଅଫିସ, ୨୪।୨

ସାରା ଦେଶର ଚାଷୀଙ୍କୁ ବାଟ ଦେଖାଇଛି ‘କାଳିଆ’। ଏହି ଯୋଜନାରେ ରାଜ୍ୟର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହେଲେଣି। ଏଥିରେ ଛୋଟଚାଷୀ, ଭାଗଚାଷୀ, କ୍ଷୁଦ୍ରଚାଷୀ, କୃଷି ଶ୍ରମିକ ସମସ୍ତେ ସହାୟତା ପାଇପାରିବେ। ଏଥିରୁ ଯେପରି କେହି ଜଣେ ବି ବାଦ୍ ନ ପଡ଼ନ୍ତି ସେ ନେଇ ନଜର ରଖାଯାଇଛି। କାଳିଆ ଛାତ୍ରବୃତ୍ତି ଦ୍ୱାରା ଚାଷୀ ପରିବାରର ମେଧାବୀ ପିଲା ଉପକୃତ ହେଉଛନ୍ତି। ସମସ୍ତେ ଏହାର ସୁଯୋଗ ନିଅନ୍ତୁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ବଡ଼ବର ପଡ଼ିଆରେ ରବିବାର ଅପରାହ୍ଣରେ ଆୟୋଜିତ ବିଶାଳ ଚାଷୀ ସମାବେଶକୁ ସମ୍ବୋଧିତ କରି ସେ ଏପରି ବକ୍ତବ୍ୟ ରଖିଥିଲେ।



ଢେଙ୍କାନାଳ ଜିଲା ସାତମାଇଲସ୍ଥିତ ବଡ଼ବର ପଡ଼ିଆରେ ରବିବାର ଆୟୋଜିତ ଚାଷୀ ସମାବେଶ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ପ୍ରାରମ୍ଭରେ ଛେଣ୍ଡିପଦା ଅଞ୍ଚଳର ମହିଳା ଚାଷୀ ସୌଦାମିନୀ ମାଝି ବକ୍ତବ୍ୟ ରଖି କାଳିଆ ଯୋଜନା ସମ୍ପର୍କରେ ବ୍ୟକ୍ତିଗତ ଅନୁଭୂତି ବଖାଣିଥିଲେ। ଏଥିସହ ଏପ୍ରିଲ ୧ରେ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ତୁରନ୍ତ ମଞ୍ଜୁରୀ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହାକୁ ସଭାସ୍ଥଳରେ ସମସ୍ତେ କରତାଳି, ହୁଳହୁଳି ଦେଇ ସ୍ୱାଗତ ଜଣାଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଢେଙ୍କାନାଳ ଜିଲାରେ ୯୫୩ କୋଟି ଟଙ୍କାର ୧୦୩ ପ୍ରକଳ୍ପ ଏବଂ ଅନୁଗୋଳ ଜିଲାରେ ୧୧୨୯ କୋଟି ଟଙ୍କାରେ ୩୬ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ କାଳିଆ ଯୋଜନାରେ ୧ଲକ୍ଷ ୭୯ହଜାର ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୫ ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି। ସେହିପରି କାଳିଆ ଛାତ୍ରବୃତ୍ତି ଯୋଜନାରେ ମେଧାବୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାବେଶରେ ମନ୍ତ୍ରୀ ପ୍ରତାପ ଜେନା, ପ୍ରଫୁଲ୍ଲ ମଲ୍ଲିକ, ଡା. ନୃସିଂହ ଚରଣ ସାହୁ, ଏମ୍‌ପି ତଥାଗତ ସତପଥୀ, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ରଜନୀକାନ୍ତ ସିଂ, ବ୍ରଜକିଶୋର ପ୍ରଧାନ, ମହେଶ ସାହୁ, ସରୋଜ ସାମଲ, ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ୧୫ ଜିଲାରେ ୪୮ ଘଣ୍ଟା ବର୍ଷା

ଭୁବନେଶ୍ୱର,୨୪।୨(ବ୍ୟୁରୋ)

■ ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷିବ

■ ୨୬ ଓ ୨୭ରେ ୫୦ କିମି ବେଗରେ ବହିବ ପବନ

■ ଦ୍ୱିତୀୟ ଦିନ ଧରି ଭୁବନେଶ୍ୱରର ତାପମାତ୍ରା ୩୯.୪ ଡିଗ୍ରୀ

ଶନିବାର ଭଳି ରବିବାର ମଧ୍ୟ ଭୁବନେଶ୍ୱରର ସର୍ବାଧିକ ତାପମାତ୍ରା ୩୯.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ଅସହ୍ୟ ତାତିରେ ସହରର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ଅନ୍ୟପକ୍ଷରେ ସୁନ୍ଦରଗଡ଼ରେ ସର୍ବନିମ୍ନ ୧୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ତେବେ ଭଦ୍ରକ ଜିଲାରେ ଘନ କୁହୁଡ଼ି ଦେଖାଯିବା ସହ ଗଜପତି ଓ ରାୟଗଡ଼ାରେ ବର୍ଷା ଆରମ୍ଭ ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରଫ୍ ଲାଇନ୍ ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟର ଉପକୂଳ, ପଶ୍ଚିମ ଓ ଆଭ୍ୟନ୍ତରୀଣ ଅଞ୍ଚଳର ୧୫ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କଳାହାଣ୍ଡି, ବାଲେଶ୍ୱର, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ଭଦ୍ରକ, କଟକ, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ ଆଦି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ସହିତ ବଜ୍ରପାତ ଓ ଘଡ଼ଘଡି ମାରିବାର ଆଶଙ୍କା ରହିଛି। ତେବେ ସୋମବାର କେନ୍ଦୁଝର, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଆଦି ୫ଟି ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୬ ଓ ୨୭ ଏହି ଦୁଇଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସହିତ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବର୍ଷା ହେବା ଫଳରେ ତାପମାତ୍ରା ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।






## ଏସ୍‌ଡିପିଓଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୪ ଗିରଫ

କୋରେଇ,୨୪।୨(ସ୍ୱ.ପ୍ର.): ପାଣିକୋଇଲି ଟୋଲ ପ୍ଲାଜା ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ନମ୍ବର ବିହୀନ ସ୍କର୍ପିଓରେ ଆସିଥିବା ୪ ଜଣ ଯୁବକ ଗଣ୍ଡଗୋଳ ଆରମ୍ଭ କରିଥିଲେ। ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ (ଏସ୍‌ଡିପିଓ) କେଦାରନାଥ ସାହୁ ଉକ୍ତ ରାସ୍ତା ଦେଇ ଯାଉଥିବା ସମୟରେ ଯୁବକମାନେ ଗଣ୍ଡଗୋଳ କରୁଥିବା ଦେଖି ଅଟକିଥିଲେ। ଫଳରେ ଯୁବକମାନେ ଏସ୍‌ଡିପିଓଙ୍କୁ ଦୁର୍ବ୍ୟବହାର କରିଥିଲେ। ଏମିତିକି ପିଏସ୍‌ଓ ତାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ସେମାନେ ଶୁଣି ନ ଥିଲେ। ଫଳରେ ସେ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ପାଣିକୋଇଲି ପୋଲିସ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଗିରଫ କରି ଥାନାକୁ ଆଣିବା ସହ ସେମାନଙ୍କ ଗାଡ଼ିରେ ଥିବା ସାଢେ ୪ ଲିଟର ବିଦେଶୀ ମଦ ଥିବା ଦେଖିବାକୁ ମିଳିଥିଲା। ଏନେଇ ପୋଲିସ ଏକ ମାମଲା (୩୧/୧୯) ରୁଜୁ କରିଛି। ଅଭିଯୁକ୍ତମାନେ କଟକ ଜିଲା ନିଆଳିର ମାନସ ରଞ୍ଜନ ପ୍ରଧାନ(୨୭), ଶୁଭ୍ରଜିତ ମଲିକ(୨୭), କେନ୍ଦ୍ରାପଡା ଜିଲା ମହାକାଳପଡାର ସନ୍ତୋଷ ନାୟକ(୨୭) ଓ ଜଗତସିଂହପୁର ଜିଲା ବାଲିକୁଦାର ବଳରାମ ଦାସ(୨୭)। ସେମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

■ ଗ୍ରାମୀଣ ଆବାସ ଯୋଜନା ବାଟବଣା

# ବାଦ୍ ପଡୁଛନ୍ତି ହିତାଧିକାରୀ

ବରୀ,୨୪।୨(ସ୍ୱ.ପ୍ର.)

ବରୀ ବ୍ଲକରେ ବିଭିନ୍ନ ସରକାରୀ ଯୋଜନାରେ ଜାଲିଆତି ହେଉଥିବା ଘଟଣା ପଦାକୁ ଆସି ସାରିଥିଲାବେଳେ ଏବେ ଗ୍ରାମୀଣ ଆବାସ ଯୋଜନା ବାଟବଣା ହୋଇଛି। ଏ ନେଇ ପୂର୍ବରୁ ୩ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲମ୍ବିତ ହୋଇଥିବା ରେକର୍ଡ ରହିଛି। ଗମ୍ଭୁ ପଞ୍ଚାୟତରେ ଗ୍ରାମୀଣ ଆବାସ ଯୋଜନାରେ ୩ ଫାଇଲକୁ ନେଇ ପଞ୍ଚାୟତବାସୀ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିବା ପରେ ବିଡିଓ ପ୍ରଭାସ ବେଉରା ଶୁକ୍ରବାର ବରୀ ଥାନାକୁ ଚିଠି ଲେଖିଛନ୍ତି।

କୋଠାଘର ଥାଇ ୩ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଗୃହ ମିଳିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଡିଓଙ୍କ ନିକଟରେ ଅଭିଯୋଗ ହେବାପରେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିନା ଦସ୍ତଖତରେ ହିତାଧିକାରୀଙ୍କୁ ଅର୍ଥ ପୈଠ କରାଯାଇଥିବା ସ୍ପଷ୍ଟ ହୋଇଛି। ଉକ୍ତ ୩ ଅଯୋଗ୍ୟ ହିତାଧିକାରୀ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଅର୍ଥ ହାତେଇ ନେବାକୁ ଉଦ୍ୟମ କରୁଥିଲା ବେଳେ ଘଟଣା ପଦାକୁ ଆସିଛି। ଅପରପକ୍ଷରେ ଉକ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ୩ ହିତାଧିକାରୀ ଅନୁପଯୁକ୍ତ ବୋଲି ଫାଇଲରେ ଉଲ୍ଲେଖ କରିଥିବା ଜଣାପଡିଛି। ଏହିସବୁ ଫାଇଲ ପ୍ରକଳ୍ପ ସଂଯୋଜକଙ୍କ ପାଖରେ ରହିଥିଲାବେଳେ ଏବେ ଫାଇଲ ଭିତରୁ ଗୋଟିଏ ପୃଷ୍ଠା ଗାଏବ ହୋଇଯାଇଥିବା ଜଣାପଡ଼ିଛି। ଏହି ଫାଇଲ ଉପରେ ପ୍ରକଳ୍ପ ସଂଯୋଜକଙ୍କ ଦସ୍ତଖତ ଦେଖିବା ପରେ ବିଡିଓ ଦସ୍ତଖତ କରିଥିଲେ। ପ୍ରକଳ୍ପ ସଂଯୋଜକଙ୍କ ଦସ୍ତଖତ ଉପରେ ଛକି ପଡିଥିବା ଦେଖିବାକୁ ମିଳିଛି। ଫାଇଲଗୁଡିକ ଉପଯୁକ୍ତ ନୁହେଁ ବୋଲି ପ୍ରକଳ୍ପ ସଂଯୋଜକ ନିଜ ବୟାନରେ କହିବା ସହ ଦସ୍ତଖତକୁ କାଟିଥିବା କଥା କହିଛନ୍ତି। ତେବେ ଫାଇଲଗୁଡିକ ଯଦି ଉପଯୁକ୍ତ ନୁହେଁ ତେବେ ପ୍ରକଳ୍ପ ସଂଯୋଜକଙ୍କଠାରୁ ଏଗୁଡିକ ବିଡିଓଙ୍କ ନିକଟକୁ ଯାଇଥିଲା କିପରି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଞ୍ଚାୟତର ଗ୍ରାମ ରୋଜଗାର ସେବକ ଉକ୍ତ ଘଟଣାରେ ସମ୍ପୃକ୍ତ ବୋଲି ପୋଲିସ ତଦନ୍ତରୁ ସୂଚନା ମିଳିଛି। ବିଡିଓ ଏବଂ ପ୍ରକଳ୍ପ ସଂଯୋଜକଙ୍କ ମଧୁଚନ୍ଦ୍ରିକା ଯୋଗୁ ପାଖାପାଖି ଶହେ ହିତାଧିକାରୀ ବଳି ପଡିଥିବା ଜଣାପଡିଛି। ସେହିପରି ପ୍ରକୃତ ହିତାଧିକାରୀଙ୍କ କ୍ରମିକ ସଂଖ୍ୟାକୁ ବାଦ୍ ଦେଇ ଥିଲାବାଲଙ୍କଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରାଯାଇ ପୂର୍ବରୁ ପାଖାପାଖି ୨ଶହ ଆବାସ ଯୋଜନାକୁ ବିକ୍ରି କରିଦିଆଯାଇଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ବ୍ଲକ ପ୍ରକଳ୍ପ ସଂଯୋଜକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଜିଲା ପ୍ରଶାସନ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆବାସ ଯୋଜନାରେ ଘର ମିଳିବାଠାରୁ ଶେଷ କିସ୍ତି ପୈଠ ପର୍ଯ୍ୟନ୍ତ ଗ୍ରାମ ରୋଜଗାର ସେବକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ପ୍ରକଳ୍ପ ସଂଯୋଜକ, ବିଡିଓ, ବିତ୍ତ ଅଧିକାରୀ, ମୁଖ୍ୟ କିରାଣିଙ୍କ ଦସ୍ତଖତକୁ ଦେଖି ଯାଞ୍ଚ କଲାପରେ କମ୍ପ୍ୟୁଟର ପୋଗ୍ରାମର ବିଲ୍ ପୈଠ କରିବାର ଭୂମିକା ଆଦି ତଦନ୍ତ ପରିସରଭୁକ୍ତ ହୋଇଥିବା ଜଣାପଡିଛି। ଏ ନେଇ ପ୍ରକଳ୍ପ ସଂଯୋଜକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ବିଡିଓ ବେଉରାଙ୍କୁ ପଚାରିବାରେ, ଗମ୍ଭୁ ପଞ୍ଚାୟତର ୩ ଆବାସ ଯୋଜନା ଫାଇଲକୁ ନେଇ ଅଭିଯୋଗ ଆସିଛି। ଏ ନେଇ ବରୀ ଥାନାରେ ଅଭିଯୋଗ କରାଯାଇଛି। ତଦନ୍ତ ସରିଲା ପରେ ଘଟଣା ସ୍ପଷ୍ଟ ହୋଇଯିବ ବୋଲି ସେ କହିଛନ୍ତି।

**ବରୀ ବ୍ଲକ**

- ■ ୩ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଲମ୍ବିତ ହୋଇଥିବା ରେକର୍ଡ ରହିଛି
- ■ ବିଡିଓ ଏବଂ ପ୍ରକଳ୍ପ ସଂଯୋଜକଙ୍କ ମଧୁଚନ୍ଦ୍ରିକା
- ■ ପ୍ରକଳ୍ପ ସଂଯୋଜକଙ୍କ ଅନ୍ୟତ୍ର ବଦଳି ହୋଇଛି

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

ଛତିଆ,୨୪।୨(ଡି.ଏନ.ଏ.)

ବୈରୀ ପୋଲିସ ଶନିବାର ରାତିରେ ଏକ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିଛି। ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଓ ନୂତନ ଭାବେ ଥାନାରେ ଯୋଗ ଦେଇଥିବା ଏସ୍‌ଆଇ ବିଶ୍ୱଜିତ ବିଶ୍ୱାଳ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କୋହ୍ଲା ହରିଡାପାଳ ରାସ୍ତାର ପୁବୁଲିଠାରେ ଏକ ଟ୍ରକ୍ ଆସୁଥିବା ଦେଖି ଅଟକାଇଥିଲେ। ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲା। ପରେ ମାଙ୍କଡା ବୋଝେଇ ଟ୍ରକ୍ (ଓଆର୍-୦୯ଇ-୩୩୧୩)କୁ ଜବତ କରି ଥାନାକୁ ଆଣିଥିଲେ। ଟ୍ରକ୍‌ଟି କଟକ ଜିଲା ସଫା ଅଞ୍ଚଳର ବୋଲି ଜଣାପଡିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**4 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ ₹1,000.00 କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଛନ୍ତି ।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **ଫେବୃୟାରୀ 26, 2019 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ । ଏ ସମ୍ପର୍କୀୟ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ - **(www.rbi.org.in)** ରେ **ଫେବୃୟାରୀ 22, 2019 (ଶୁକ୍ରବାର)** ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

## ଜିଲାପାଳଙ୍କ ଦ୍ୱାରା ଭଜନ କ୍ୟାସେଟ୍ ଉନ୍ମୋଚିତ

ସିଂହପୁର,୨୪।୨(ଡି.ଏନ୍.ଏ.)

ଚକାଡୋଳା କାଳିଆ ଭଜନ କ୍ୟାସେଟକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ରବିବାର ଉନ୍ମୋଚନ କରିଛନ୍ତି। ଜିଲାପାଳ ଦାସ ଓ ଗାଳ୍ପିକ ନୃସିଂହ ଚରଣ ରାଉତଙ୍କ ରଚିତ କ୍ୟାସେଟରେ ଦିନେଶ ମଲିକ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଉନ୍ମୋଚନ ଉତ୍ସବରେ ସହକାରୀ ଜିଲାପାଳ କୁଳମଣି ନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରକ୍ଷାତ କଣ୍ଠଶିଳ୍ପୀ ସୁଧାକର ମିଶ୍ର, ରବୀନ୍ଦ୍ର ମହାପାତ୍ର, ଏଜୋଲା ମିଶ୍ର, ଅରୁପମା ନାୟକ ପ୍ରମୁଖ କଣ୍ଠଦାନ କରିଛନ୍ତି।

## ଦଶରଥପୁର ବିଡିଓ, ମଙ୍ଗଳପୁର ଥାନାଧିକାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଦଶରଥପୁର,୨୪।୨(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ବିଡିଓ ନାରାୟଣ ଚନ୍ଦ୍ର ନାୟକ ଏବଂ ଉକ୍ତ ବ୍ଲକର ମଙ୍ଗଳପୁର ଥାନାଧିକାରୀ ବାମଦେବ ନନ୍ଦଙ୍କ ଅନ୍ୟତ୍ର ବଦଳି ହୋଇଯିବା ପରିପ୍ରେକ୍ଷୀରେ ରବିବାର ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତସ୍ଥିତ ପ୍ରସିଦ୍ଧ କୁଆଁସ ମଙ୍ଗଳା ପୀଠଠାରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବ୍ଲକ ଅଧକ୍ଷା ସୁଜାତା ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ, ଯାଜପୁର ଜିଲା ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ସରୋଜ କୁମାର ମହାପାତ୍ର, ସଭ୍ୟା ରଞ୍ଜିତା ରାଉତ, ମାମିନା ମଲ୍ଲିକ, ବ୍ଲକର ସହକାରୀ ଯନ୍ତ୍ରୀ ସୁଧାକର ନାୟକ, ଏପିଓ ଅମ୍ରିତା ଦାସ, ମୁଖ୍ୟ କିରାଣୀ ବେଣୁଧର ନାୟକ, ବ୍ଲକ ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ, ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ମିନତୀ ସାମଲଙ୍କ ସହ ବ୍ଲକ ଏବଂ ଥାନାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ୩୫ ପଞ୍ଚାୟତର ଜନପ୍ରତିନିଧି ଯୋଗଦେଇ ବିଡିଓ ଏବଂ ଥାନାଧିକାରୀଙ୍କ କାର୍ଯ୍ୟକାଳ ସମୟରେ ପ୍ରଶାସନିକ ସେବା କ୍ଷେତ୍ରରେ ଉଭୟଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଂଶସା କରିଥିଲେ। ଡାହାଣହତା ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ଯେନା ଓ ସମାଜିକ କର୍ମୀ ଅଜୟ କୁମାର ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ନାରାୟଣ ଚନ୍ଦ୍ର ନାୟକ ଓ ବାମଦେବ ନନ୍ଦଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର
सत्यमेव जयते



**ପୂର୍ବୋଦୟ**
**ପୂର୍ବ ଭାରତରୁ ହେଉଅଛି**
**ନୂଆ ଭାରତର ଉଦୟ**

ଭିତ୍ତିପ୍ରସ୍ତର ସ୍ଥାପନ
କେନ୍ଦ୍ରୀୟ ବିଦ୍ୟାଳୟ, କୁତ୍ରା, ସୁନ୍ଦରଗଡ଼ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ମୁଣ୍ଡଳି, କଟକ

ଶୁଭ ଉଦ୍‌ଘାଟନ
କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଓଏନ୍‌ଜିସି ସମର୍ଥିତ ସ୍ମାର୍ଟ ଶ୍ରେଣୀଗୃହ ପ୍ରକଳ୍ପ

ଏବଂ

ଶୁଭାରମ୍ଭ
ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାଠାରେ ମିଳିତ ପର୍ଯ୍ୟଟକ ସୁବିଧା

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ତଥା
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର
ଙ୍କ କରକମଳରେ

ଗରିମାମୟ ଉପସ୍ଥିତି
ଡ. (ପ୍ରଫେସର) ପ୍ରସନ୍ନ କୁମାର ପାଟ୍ଟଶାଣୀ, ସାଂସଦ, ଭୁବନେଶ୍ୱର | ବିଜୟ କୁମାର ମହାନ୍ତି, ବିଧାୟକ, ଭୁବନେଶ୍ୱର-ମଧ୍ୟ

ପ୍ରକଳ୍ପ ମୁଖ୍ୟାଂଶ
ଖୋର୍ଦ୍ଧା ଏବଂ କଟକ ଜିଲାର ୯ଟି କେନ୍ଦ୍ରୀୟ ବିଦ୍ୟାଳୟର ୧୮୪ଟି ଶ୍ରେଣୀଗୃହକୁ ସ୍ମାର୍ଟ ଶ୍ରେଣୀଗୃହ ଭାବରେ ବିକଶିତ କରାଯାଉଛି
ବୈଷୟିକ ଜ୍ଞାନକୌଶଳ ସମ୍ବଳିତ ଶିକ୍ଷାରୁ ୧୨,୩୦୦ ଛାତ୍ରଛାତ୍ରୀ ଉପକୃତ ହେବେ
କୁତ୍ରା, ସୁନ୍ଦରଗଡ଼ର କେନ୍ଦ୍ରୀୟ ବିଦ୍ୟାଳୟ (ଶ୍ରେଣୀ ୧ ରୁ ୧୨) ୧୩.୧ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ହେଉଛି ଯାହା ୧୦୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ
କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୩ (ଏନଡିଆରଏଫ୍ ମୁଣ୍ଡଳି), କଟକ (ଶ୍ରେଣୀ ୧ ରୁ ୧୨) ୨୦.୯ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହେଉଛି ଏବଂ ଏହା ୧୨୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ
ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାଠାରେ ୪.୬୪ କୋଟି ଟଙ୍କା ମୂଲ୍ୟରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧାର ବ୍ୟବସ୍ଥା

ସୋମବାର, ୨୫ ଫେବୃୟାରୀ ୨୦୧୯
କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧, ଭୁବନେଶ୍ୱର




ଏପରି ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ



ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ

ପ୍ଲେ-ୱିନ୍® କ୍ୟାପ୍‌ସୁଲ

୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ୍ ରାତିରେ ସେବନ କରନ୍ତୁ
ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ

ଏକ୍ସଟ୍ରା ଟାଇମିଂ ପାଇଁ
Order Online : 08291288119/09320401294

ଗୁପ୍ତ ରୋଗ ଓ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତ ରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ଢିଲାପଣ, ନପୁଂସକତା ଓ ଅନ୍ୟାନ୍ୟ ପୌରୁଷ ସମସ୍ୟା, ସେଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ୍ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।




ତେଲ | କ୍ୟାପ୍‌ସୁଲ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍ସରେ ଉପଲବ୍ଧ
www.playwincapsule.com
SS : Mahendra Pharma / Orissa Drug Distributors
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ



"ଜମ୍ମୁ-କଶ୍ମୀରରେ ସମ୍ବିଧାନର ଧାରା ୩୫-କ ବଳରେ ମିଳୁଥିବା ସ୍ୱତନ୍ତ୍ର ସୁବିଧାରେ ପରିବର୍ତ୍ତନ ହେବନାହିଁ। ଜନସାଧାରଣ ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ।
-ସତ୍ୟପାଳ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ

## ■ ପିଆର୍‌ସି ବିବାଦକୁ ନେଇ କର୍ଫ୍ୟୁ ଜାରି

# ଅରୁଣାଚଳରେ ଅଚଳାବସ୍ଥା

ଇଟାନଗର,୨୪।୨(ପି.ଟି.)

ଆସାମରେ ଏନ୍‌ଆର୍‌ସି ବିଭ୍ରାଟ ପରେ ଅରୁଣାଚଳରେ ପିଆର୍‌ସି ବିବାଦ। କେତେକ ନିର୍ଦ୍ଦିଷ୍ଟ ଆଦିବାସୀ ସମ୍ପ୍ରଦାୟକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ପିଆର୍‌ସି) ଦିଆଯିବା ପ୍ରତିବାଦରେ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା ଓ ଜଳାପୋଡ଼ା କରି ଆଇନ ହାତକୁ ନେଇଛନ୍ତି। ଅରୁଣାଚଳ ପ୍ରଦେଶ ରାଜଧାନୀ ଇଟାନଗରରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନା ଏବଂ ଆଇଟିବିପି ଯବାନଙ୍କୁ ମୁତୟନ କରାଯାଇଛି।

ଉତ୍ତର-ପୂର୍ବ ରାଜ୍ୟ ଅରୁଣାଚଳରେ ନାମସାଇ ଓ ଚାନାଙ୍ଗଲାଙ୍ଗ ସମ୍ପ୍ରଦାୟକୁ ପିଆର୍‌ସି ଦେବା ପାଇଁ ସରକାର ନିଷ୍ପତ୍ତି ନେଇଥିବାରୁ ଏହାକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି। ରାଜ୍ୟ ବାହାରର ୨ ତଫସିଲଭୁକ୍ତ ଉପଜାତି(ଏସ୍‌ଟି) ସମୁଦାୟର ଛାତ୍ରୀଛାତ୍ରଙ୍କୁ ସରକାର ପିଆର୍‌ସି ଦେଲେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥହାନି ହେବ ବୋଲି ଅଭିଯୋଗ ହେଉଛି। ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ଛୁଟି ଥିବାରୁ ବହୁସଂଖ୍ୟକ ଲୋକ ରାସ୍ତାରେ ଶୋଭାଯାତ୍ରା କରିଛନ୍ତି। କର୍ଫ୍ୟୁ ଜାରି ହୋଇଥିଲେ ସୁଦ୍ଧା ସେମାନେ ତାକୁ ନ ମାନି ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁଙ୍କ ବାସଭବନରେ ଭଙ୍ଗାରୁଜା କରିବା ସହ ଉପମୁଖ୍ୟମନ୍ତ୍ରୀ ଚାଓନା ମେଇନ୍‌ଙ୍କ ଘର ଜାଳି ଦେଇଛନ୍ତି। ଏଥିସହ ସେମାନେ ଇଟାନଗର ଓ ନହରଲାଗୁନ ଥାନାରେ ନିଆଁ ଲଗାଇଦେଇଛନ୍ତି। ଏହାସହ ଶତାଧିକ ଯାନବାହନ ଜାଳି ଦେଇଛନ୍ତି। ବିଭିନ୍ନ ସ୍ଥାନରେ ପୋଲିସ ଓ ସରକାରୀ ଅଧିକାରୀଙ୍କ ଉପରେ ଟେକାମାଡ଼ ହୋଇଛି। ଲୋକଙ୍କ ଆକ୍ରମଣରେ ଜଣେ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଆୟତ୍ତ କରିବାକୁ ଯାଇ ସୁରକ୍ଷା ବଳ ବ୍ଲାଙ୍କଫାୟାର କରିଛି। ନହରଲାଗୁନରେ ପୋଲିସର ଗୁଳିମାଡ଼ରେ ଜଣେ ସାଧାରଣ ନାଗରିକ ନିହତ ହୋଇଛନ୍ତି। ସୋସିଆଲ୍ ମିଡିଆରେ ଗୁଜବ ଏଡାଇବା ଲାଗି ସାରା ରାଜ୍ୟରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ଏହାକୁ ଆୟତ୍ତକୁ ଆଣିବା ଲାଗି ରାଜ୍ୟ ସରକାର ସବୁ ପ୍ରକାର ପଦକ୍ଷେପ ନେଉଥିବା ଗୃହମନ୍ତ୍ରୀ କୁମାର ୱାଇ ସୂଚନା ଦେଇଛନ୍ତି। ରାଜ୍ୟପାଳ ବି.ଡି. ମିଶ୍ର ହିଂସାର ନିନ୍ଦାକରିବା ସହ ଶାନ୍ତି ବଜାୟ ରଖିବା ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ଅରୁଣାଚଳର ପେମା ଖଣ୍ଡୁ ସରକାର ରାଜ୍ୟ ବାହାରର ଆଦିବାସୀଙ୍କୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ନବମ ରେବିଆଙ୍କ ନେତୃତ୍ୱାଧୀନ କମିଟି ତଥ୍ୟର ଉପଯୁକ୍ତ ଯାଞ୍ଚ ନ କରି ପିଆର୍‌ସି ସମ୍ପର୍କିତ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ସରକାର ଉକ୍ତ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଯାଉଥିବାରୁ ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦରେ ଶୁକ୍ରବାରଠାରୁ ୪୮ ଘଣ୍ଟିଆ ବନ୍ଦ ପାଳନ କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଲଗାତର ୩ ଦିନ ଧରି ଆନ୍ଦୋଳନ ଲାଗିରହିଛି।



ଉତ୍ତ୍ୟକ୍ତ ଲୋକେ ଉପମୁଖ୍ୟମନ୍ତ୍ରୀଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି।

**ରାସ୍ତାକୁ ଓହ୍ଲାଇଲେ ଛାତ୍ର**

- ■ମୁଖ୍ୟମନ୍ତ୍ରୀଙ୍କ ଘରେ ଭଙ୍ଗାରୁଜା
- ■ଉପମୁଖ୍ୟମନ୍ତ୍ରୀଙ୍କ ଘର ଜାଳିଦେଲେ
- ■୨ ଥାନା ପୋଡ଼ିଲେ
- ■ପୋଲିସ ଗୁଳିରେ ଜଣେ ନିହତ
- ■ସଂଘର୍ଷ ବେଳେ ଏସ୍‌ପିଙ୍କ ସମେତ ଅନେକ ଆହତ
- ■ସ୍ଥିତି ନିୟନ୍ତ୍ରଣ ପାଇଁ ସେନା ମୁତୟନ

## 'ଆତଙ୍କବାଦ ବିରୋଧରେ ଏକାଠି ହୁଅ'

ନୂଆଦିଲ୍ଲୀ,୨୪।୨(ପି.ଟି.)

ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣ ପରେ ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ ସେନା ସଙ୍କଳ୍ପବଦ୍ଧ ହୋଇଛି। ସିଆର୍‌ପିଏଫ୍ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବନି। ଆତଙ୍କବାଦର ମୂଳୋତ୍ପାଟନ ହେବ। କଠୋର ପଦକ୍ଷେପ ନିଆଯିବ। ଏ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର୍ ହୋଇଥିବା ବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆତଙ୍କବାଦ ନିରୋଧୀ ଲଢ଼ାଇରେ ଏକଜୁଟ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି। ରବିବାର ୫୩ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ଆତଙ୍କବାଦର ଚେର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନକୁ ଲମ୍ବିଛି। ପାକିସ୍ତାନସ୍ଥିତ ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ସୁରକ୍ଷା ଯବାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାର ୧୦୦ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଶ୍ମୀର ଉପତ୍ୟକାରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ସେନା, ପୋଲିସ ଏବଂ ଅର୍ଦ୍ଧସାମରିକ ବଳଙ୍କ ଅଭିଯାନ ଜାରି ରହିଛି। ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନଙ୍କ ତ୍ୟାଗ ଆତଙ୍କବାଦୀ ଶକ୍ତି ବିରୋଧୀ ଲଢ଼ାଇକୁ ଆହୁରି ସଶକ୍ତ କରିବ ବୋଲି ମୋଦି ଦର୍ଶାଇଛନ୍ତି।

ଏଥିସହ ସେନା ଓ ସୁରକ୍ଷା ଯବାନଙ୍କ ମହାବଳିଦାନର ସ୍ମୃତି ସ୍ୱରୂପ ଖୁବ୍ କମ୍ ସମୟ ମଧ୍ୟରେ ନିର୍ମାଣ କରାଯାଇଥିବା ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସୋମବାର ଉତ୍ସର୍ଗୀକୃତ କରିବେ ବୋଲି ମୋଦି କହିଛନ୍ତି। ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ସଫଳତା କାମନା କରିବା ସହ ଆଦିବାସୀ ଯୋଦ୍ଧା ବୀର୍ସା ମୁଣ୍ଡା ଏବଂ ଖ୍ୟାତନାମା ଔଦ୍ୟୋଗିକ ଜାମଶେଦ୍‌ଜୀ ଟାଟାଙ୍କ ତ୍ୟାଗପୂତ ଜୀବନକୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପାହାଡ଼କୁ କାଟି ନିଜ ଗାଁରେ ୩ କି.ମି. ଲମ୍ବ କେନାଲ ଖୋଳିଥିବା 'ଦି କେନାଲ୍ ମ୍ୟାନ୍ ଅଫ୍ ଓଡ଼ିଶା' ଦୈତାରି ନାୟକଙ୍କ ଦୃଢ଼ ମନୋବଳକୁ ପ୍ରଶଂସା କରିଛନ୍ତି। 'ଯୋଗଃ କର୍ମସୁ କୌଶଳମ୍' ଗୀତାର ଉକ୍ତିକୁ ସେ ପ୍ରମାଣିତ କରିଥିବା ଜଣାଇଛନ୍ତି। ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଶାର ଯବାନ ପ୍ରସନ୍ନ ସାହୁଙ୍କ ଅଦମ୍ୟ ସାହସ ଏବଂ ତାଙ୍କ ସ୍ତ୍ରୀଙ୍କ ଧୈର୍ଯ୍ୟକୁ ପ୍ରଣାମ ଜଣାଇଛନ୍ତି।

**ମନ୍ କୀ ବାତ୍‌ରେ ଓଡ଼ିଶାର ଦୈତାରି ନାୟକଙ୍କୁ ପ୍ରଶଂସା କଲେ ମୋଦି**

## ମଦମୃତ୍ୟୁ ସଂଖ୍ୟା ୧୪୩

ଗୁଆହାଟୀ,୨୪।୨

ଆସାମ ମଦମୃତ୍ୟୁ ସଂଖ୍ୟା ରବିବାର ୧୪୩ରେ ପହଞ୍ଚିଛି। ଏବେ ବି ୩୦୦ରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଗତ ଗୁରୁବାର ସନ୍ଧ୍ୟାରେ ସଲମାରା ଚା ବଗିଚାର କର୍ମଚାରୀମାନେ ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇପଡିଥିଲେ। କ୍ରମେ ସେମାନଙ୍କ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଥିଲା। ଏହାର ଦୁଇସପ୍ତାହ ପୂର୍ବରୁ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ବିଷାକ୍ତ ମଦ ପିଇ ଶତାଧିକ ପ୍ରାଣ ହରାଇଥିଲେ। ଇତିମଧ୍ୟରେ ପୋଲିସ ବେଆଇନ ମଦ କାରବାରରେ ସମ୍ପୃକ୍ତ ଦେଶୀ ମଦଭାଟି ମାଲିକଙ୍କ ସମେତ ୧୨ ଜଣଙ୍କୁ ଗିରଫ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି, ମୃତ୍ୟୁସଂଖ୍ୟା ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଅସୁସ୍ଥଙ୍କ ସଂଖ୍ୟା କ୍ରମାଗତ ଭାବେ ବଦଳି ଚାଲିଛି।

# କୁମ୍ଭରେ ବୁଡ଼ ପକାଇଲେ ପ୍ରଧାନମନ୍ତ୍ରୀ

ପ୍ରୟାଗରାଜ,୨୪।୨

କୁମ୍ଭମେଳା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରୟାଗରାଜ ଯାଇ ସଙ୍ଗମରେ ବୁଡ଼ ପକାଇଛନ୍ତି। ମେଳାସ୍ଥଳକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖିବାରେ ସଫେଇ କର୍ମଚାରୀମାନଙ୍କ ଉଦ୍ୟମର ସ୍ୱୀକୃତି ସ୍ୱରୂପ ମୋଦି ସେମାନଙ୍କୁ 'ସ୍ୱଚ୍ଛ କୁମ୍ଭ ସ୍ୱଚ୍ଛ ଆଭାର' ପୁରସ୍କାରରେ ସମ୍ମାନିତ କରିଥିଲେ। ଏହି ଅବସରରେ ପୁରସ୍କୃତ ୫ ସଫେଇ କର୍ମଚାରୀଙ୍କୁ ସମ୍ମାନ ସ୍ୱରୂପ ପ୍ରଧାନମନ୍ତ୍ରୀ ନିଜ ହାତରେ ସେମାନଙ୍କ ଗୋଡ଼ ଧୋଇଦେଇଥିଲେ।

କୁମ୍ଭମେଳାକୁ କୋଟି କୋଟି ଭକ୍ତ ଆସୁଥିବାବେଳେ ଉକ୍ତ ସ୍ଥଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଏକ ଚ୍ୟାଲେଞ୍ଜ ଥିଲା। ତେବେ ସଫେଇ କର୍ମଚାରୀମାନେ ନିଜର ଅଦମ୍ୟ ଉଦ୍ୟମ ବଳରେ ଏହାକୁ ସଫଳ କରିଦେଖାଇଛନ୍ତି। ମେଳା ସ୍ଥଳରେ ୨୦ ହଜାର ଡଷ୍ଟବିନ୍, ୧ ଲକ୍ଷ ଟଏଲେଟ ସ୍ଥାପନ କରାଯାଇଛି । ସଫେଇ କର୍ମଚାରୀମାନେ ହେଉଛନ୍ତି କର୍ମଯୋଗୀ। ସେମାନେ ମୋର ଭାଇଭଉଣୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେମାନେ କୌଣସି ପ୍ରଶଂସାକୁ ଅପେକ୍ଷା ନ କରି ସକାଳଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅକ୍ଳାନ୍ତ ପରିଶ୍ରମ କରିଚାଲିଛନ୍ତି। ଏହି ମୁହୂର୍ତ୍ତ ସବୁଦିନ ପାଇଁ ତାଙ୍କର ମନେରହିବ ବୋଲି ମୋଦି କହିଥିଲେ। ଏହା ପୂର୍ବରୁ ଜବାହାରଲାଲ୍ ନେହେରୁ ପ୍ରଧାନମନ୍ତ୍ରୀ ଥିଲାବେଳେ ୧୯୫୧ରେ କୁମ୍ଭମେଳାରେ ପ୍ରୟାଗରେ ବୁଡ଼ ପକାଇଥିଲେ।



**ସଫେଇ କର୍ମଚାରୀଙ୍କ ଗୋଡ଼ ଧୋଇଦେଲେ**



ପାଲେଷ୍ଟାଇନ୍‌ର ୱେଷ୍ଟବ୍ୟାଙ୍କସ୍ଥିତ ନେବ୍ଲସ୍‌ରେ ବିକ୍ଷୋଭକାରୀଙ୍କୁ ଦମନ କରିବା ପାଇଁ ଇସ୍ରାଏଲ୍‌ର ଜଣେ ସୈନ୍ୟ ପ୍ରସ୍ତୁତ ହେଉଛନ୍ତି।

# ଜୈଶ୍‌କୁ ପୁଣି ଝଟକା

ଶ୍ରୀନଗର,୨୪।୨

**କୁଲଗାମ୍‌ରେ ଏନ୍‌କାଉଣ୍ଟର**

- ■୩ ଆତଙ୍କବାଦୀ ନିହତ
- ■ଗୁଳି ବିନିମୟ ବେଳେ ଡିଏସ୍‌ପି, ଯବାନ ଶହୀଦ





ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ରବିବାର ଆତଙ୍କବାଦୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ଗୁଳି ବିନିମୟବେଳେ ଜଣେ ଡିଏସ୍‌ପି ଓ ଜଣେ ଯବାନ ଶହୀଦ ହୋଇଥିବାବେଳେ ମେଜରଙ୍କ ସମେତ ୩ ଯବାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ୯୨ ବେସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନ୍‌କାଉଣ୍ଟରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି।

ଆତଙ୍କବାଦୀମାନେ ଗୋଟିଏ ଘରେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ସେନା, ସିଆର୍‌ପିଏଫ ଏବଂ ରାଜ୍ୟ ପୋଲିସ ପକ୍ଷରୁ କୁଲଗାମ୍ ଜିଲାରେ ମିଳିତ ଅପରେଶନ୍ ଆରମ୍ଭ ହୋଇଥିଲା। ସୁରକ୍ଷା ବଳ ଜିଲାର ତୁରିଗାମ୍ ଅଞ୍ଚଳକୁ ଚାରିପଟୁ ଘେରିଯାଇ ସର୍ଚ୍ଚ ଅପରେଶନ ଚଳାଇଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଫଳରେ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଶହୀଦ ହୋଇଥିବା ଡିଏସ୍‌ପି ଅମନ କୁମାର ଠାକୁର ପୋଲିସ୍ ଟିମ୍‌ର ନେତୃତ୍ୱ ନେଉଥିଲେ। ଜମ୍ମୁ-କଶ୍ମୀର ପୋଲିସ ସେବାର ୨୦୧୧ ବ୍ୟାଚ୍‌ର ଅଫିସର ଠାକୁର ଦୁଇବର୍ଷ ହେଲା କୁଲଗାମ୍‌ରେ ପୋଷ୍ଟିଂ ହୋଇଥିଲେ। ରାଜ୍ୟ ପୋଲିସ ଜଣେ ନିର୍ଭୀକ ଅଫିସରଙ୍କୁ ହରାଇବା ଦୁର୍ଭାଗ୍ୟଜନକ ବୋଲି ଡିଜିପି ଦିଲ୍‌ବାଗ ସିଂ କହିଛନ୍ତି। ଗୁରୁତର ଆହତ ଯବାନ ସୋମବୀରଙ୍କର ମୃତ୍ୟୁ ଘଟିଛି। ନିହତ ଆତଙ୍କବାଦୀଙ୍କ ପରିଚୟ ମିଳିପାରି ନାହିଁ। ରାଜ୍ୟରେ ବିଚ୍ଛିନ୍ନତାବାଦୀଙ୍କ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଚଳାଇଥିବାବେଳେ ଅତିରିକ୍ତ ୧୦ ହଜାର ଅର୍ଦ୍ଧସାମରିକ ବାହିନୀ ଯବାନଙ୍କୁ ସେଠାକୁ ପଠାଯାଇଛି। ପୁଲ୍‌ୱାମା ଆକ୍ରମଣ ପରେ ସୀମାନ୍ତରେ ଉତ୍ତେଜନା ସୃଷ୍ଟି ହୋଇଥିବାରୁ ଜମ୍ମୁ-କଶ୍ମୀର ଏବେ ସେନାଛାଉଣୀରେ ପରିଣତ ହୋଇଛି।

## କଶ୍ମୀର, ମାଓବାଦୀ ପ୍ରଭାବିତ ଜିଲାରେ ଯବାନଙ୍କ ଭତ୍ତା ବଢ଼ିଲା

ନୂଆଦିଲ୍ଲୀ,୨୪।୨



ଜମ୍ମୁ-କଶ୍ମୀରରେ ନିଯୁକ୍ତ ଯବାନମାନଙ୍କୁ ମାଗଣା ବିମାନଯାତ୍ରା ସୁବିଧା ପ୍ରଦାନ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିପଦପୂର୍ଣ୍ଣ ଓ କଷ୍ଟକର ସ୍ଥାନରେ ନିୟୋଜିତ ଯବାନଙ୍କ ଭତ୍ତା (ଆର୍‌ଏଚ୍‌ଏ) ୭୮ ପ୍ରତିଶତ ବଢ଼ାଇଛନ୍ତି। ଗତ ୨୨ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ଜମ୍ମୁ-କଶ୍ମୀରର ୧୦ଟି ବିପଦପୂର୍ଣ୍ଣ ଜିଲା ଅନନ୍ତନାଗ, କୁଲ୍‌ଗାମ, ଶୋପିଆନ୍, ପୁଲ୍‌ୱାମା, ବଡଗାମ୍, ଗଣ୍ଡେରୱାଲ, ବାରମୁଲ୍ଲା, କୁପୱାରା, ବନ୍ଦିପୋରା, ଶ୍ରୀନଗରରେ ନିୟୋଜିତ ଯବାନ ବର୍ଦ୍ଧିତ ଭତ୍ତା ପାଇବେ। ଏହାଦ୍ୱାରା ପାଖାପାଖି ୫୫ ହଜାର ସିଆରପିଏଫ ଏବଂ ଅନ୍ୟ ଅର୍ଦ୍ଧସାମରିକ ବାହିନୀର ଯବାନ ଉପକୃତ ହେବେ। ପୂର୍ବରୁ ସେମାନଙ୍କୁ ୯୭୦୦ ଟଙ୍କା ଭତ୍ତା ମିଳୁଥିବାବେଳେ ଏଣିକି ୧୭,୩୦୦ ଟଙ୍କା ମିଳିବ। ଇନ୍ସପେକ୍ଟର ପାହ୍ୟାରୁ ଊର୍ଦ୍ଧ୍ୱ ଅଫିସରଙ୍କୁ ପୂର୍ବରୁ ୧୬,୯୦୦ ଟଙ୍କା ମିଳୁଥିବାବେଳେ ଏହାକୁ ୨୫ ହଜାର ଟଙ୍କାକୁ ବଢ଼ାଯାଇଛି। ସେହିପରି ନକ୍ସଲପ୍ରବଣ ଓଡିଶାର ମାଲକାନଗିରି, ମହାରାଷ୍ଟ୍ରର ଗଡଚିରୋଲି, ଛତିଶଗଡ଼ର ବସ୍ତର, ଦାନ୍ତେୱାଡା, ବିଜାପୁର, ସୁକମା ଓ ନାରାୟଣପୁର, ଝାଡ଼ଖଣ୍ଡର ଲାତେହାର ଜିଲାରେ ନିୟୋଜିତ ଯବାନଙ୍କୁ ମଧ୍ୟ ଏହି ସୁବିଧା ମିଳିବ। ନକ୍ସଲ ପ୍ରଭାବିତ ଅଞ୍ଚଳରେ ପାଖାପାଖି ୩୩ ହଜାର ସିଆରପିଏଫ୍ ଯବାନ ନିୟୋଜିତ ହୋଇଛନ୍ତି।

## ଝାଡ଼ଖଣ୍ଡରେ ଏନ୍‌କାଉଣ୍ଟର ୩ ମାଓବାଦୀ ନିହତ

ରାଞ୍ଚି,୨୪।୨

ଝାଡ଼ଖଣ୍ଡର ଗୁମ୍‌ଲାରେ ରବିବାର ସକାଳେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଘଟି ୩ ମାଓବାଦୀ ନିହତ ହୋଇଛନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ୨ଟି ଏକେ-୪୭ ସମେତ ୫ ବନ୍ଧୁକ ଜବତ ହୋଇଛି। ମାଓବାଦୀମାନେ ଲୁଚି ରହିଥିବା ଖବର ପାଇ ପୋଲିସ ଓ ସିଆର୍‌ପିଏଫ୍ କୋବ୍ରା ବାଟାଲିୟନର ଯବାନମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ।

## ୧୭୬ କାର୍ ଭସ୍ମୀଭୂତ

ଚେନ୍ନାଇ,୨୪।୨

ରବିବାର ଚେନ୍ନାଇର ପୋରୁରସ୍ଥିତ ରାମଚନ୍ଦ୍ର ମେଡ଼ିକାଲ୍ ହସ୍ପିଟାଲ୍ ଅପରପାର୍ଶ୍ୱରେ ଥିବା ପାର୍କିଂସ୍ଥଳରେ ନିଆଁ ଲାଗି ୧୭୬ କାର୍ ଜଳିଯାଇଛି। ଅପରାହ୍ନ ୨ଘଟିକାରେ ପାର୍କିଂସ୍ଥଳ ଧୂଆଁମୟ ହୋଇଯାଇଥିଲା। ୩୦ ଅଗ୍ନିଶମ ଗାଡ଼ି ନିଆଁକୁ ଆୟତ୍ତ କରିବାରେ ନିୟୋଜିତ କରାଯାଇଥିଲା।

**ଇତିହାସର ଆଇନାରେ**

### ଫେବୃୟାରୀ ୨୫ର ପ୍ରମୁଖ ଘଟଣା

୧୯୪୫ ଫେବୃୟାରୀ ୨୫ରେ ଜର୍ମାନୀ ବିରୋଧରେ ତୁର୍କୀ ଯୁଦ୍ଧ ଘୋଷଣା କରିଥିଲା। ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଘଟଣା। ଦ୍ୱିତୀୟ ବିଶ୍ୱଯୁଦ୍ଧ ୧୯୩୯ରୁ ଆରମ୍ଭ ହୋଇ ୧୯୪୫ରେ ଶେଷ ହୋଇଥିଲା। ବିଶ୍ୱର ମହାଶକ୍ତି ବୋଲାଉଥିବା ଦେଶଗୁଡ଼ିକ ସାମରିକ ମେଣ୍ଟ କରି ଦୁଇ ଭାଗରେ ବିଭକ୍ତ ହୋଇଥିଲେ।

୨୦୧୫ ଫେବୃୟାରୀ ୨୫ରେ ଆଫଗାନିସ୍ତାନର ଉତ୍ତର-ପୂର୍ବ ଭାଗରେ ତୁଷାର ଅତଡା ଧସିବା ଯୋଗୁ ୩୧୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୨୯ ଜଣ ଆହତ ହୋଇଥିଲେ। ମୃତାହତ ଲୋକଙ୍କୁ ଉଦ୍ଧାର କରିବା ପାଇଁ ୧,୦୦୦ ଆଫଗାନି ସେନା ମୁତୟନ ହୋଇଥିଲେ। ପଞ୍ଜଶିର୍ ପ୍ରଦେଶର କାର୍ଯ୍ୟକାରୀ ଗଭର୍ନର ଅବଦୁଲ୍ ରହମନ୍ କବିରିଙ୍କ କହିବାନୁଯାୟୀ, ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଆଫଗାନିସ୍ତାନରେ ଏଭଳି ତୁଷାର ଅତଡା ଧସିବା କେବେ ଘଟି ନ ଥିଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୫ | ୧୯.୮ |
| ଚାନ୍ଦବାଲି | ୩୧.୨ | ୨୧.୪ |
| କଟକ | ୩୫.୮ | ୨୦.୨ |
| ପାରାଦ୍ୱୀପ | ୩୦.୨ | ୨୩.୧ |
| ଭୁବନେଶ୍ୱର | ୩୬.୮ | ୨୨.୯ |
| ଗୋପାଳପୁର | ୩୦.୯ | ୨୪.୧ |
| ପୁରୀ | ୩୨.୦ | ୨୫.୨ |
| ଅନୁଗୋଳ | ୩୫.୭ | ୧୭.୬ |
| ବାରିପଦା | ୩୩.୬ | ୨୦.୫ |
| ଝାରସୁଗୁଡ଼ା | ୩୪.୬ | ୧୮.୫ |
| କେନ୍ଦୁଝର | ୩୩.୭ | ୧୮.୪ |
| ସମ୍ବଲପୁର | ୩୫.୪ | ୧୮.୭ |
| ସୁନ୍ଦରଗଡ଼ | ୩୪.୦ | ୧୫.୦ |
| ହୀରାକୁଦ | ୩୪.୯ | ୧୯.୯ |
| ତାଳଚେର | ୩୫.୩ | ୧୮.୫ |
| ଭବାନୀପାଟଣା | ୩୮.୦ | ୨୦.୫ |
| ବଲାଙ୍ଗୀର | ୩୬.୨ | ୧୯.୨ |
| କୋରାପୁଟ | ୩୪.୮ | ୧୬.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୯.୦ | ୧୭.୬ |
| ସୋନପୁର | ୩୬.୨ | ୧୯.୦ |
| ଦାରିଙ୍ଗିବାଡ଼ି | ୩୩.୦ | ୧୮.୫ |

ଡିଗ୍ରୀ ସେଲ୍‌ସିୟସ୍

**ଫୁର୍‌ସତ**

## ସୋନାକ୍ଷୀଙ୍କ ନାମରେ ଠକେଇ ମାମଲା

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ମୋରାଦାବାଦ୍ ଥାନାରେ ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନାଙ୍କ ନାମରେ ଠକେଇ ମାମଲା ରୁଜୁ ହୋଇଛି। ଅପରପକ୍ଷରେ କାର୍ଯ୍ୟକ୍ରମ ଆୟୋଜକ ମିଥ୍ୟା ଖବର ପ୍ରକାଶ ପାଇଁ ଗଣମାଧ୍ୟମକୁ ବ୍ୟବହାର କରୁଥିବା ସୋନାକ୍ଷୀ ଅଭିଯୋଗ କରିଛନ୍ତି। ଏଥିରୁ ବିରତ ନ ରହିଲେ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୋନାକ୍ଷୀ ଏବଂ ତାଙ୍କ ଟିମ୍ ପକ୍ଷରୁ କୁହାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୋଗ ପତ୍ରରେ ସୋନାକ୍ଷୀଙ୍କ ସମେତ ୪ଜଣଙ୍କ ନାମ ଉଲ୍ଲେଖ ରହିଛି। ସେମାନେ ହେଲେ ମାଳବିକା ପଞ୍ଜାବୀ, ଧୁମିଲ ଠକ୍କର, ଏଡ୍‌ଗାର ସାକାରିଆ ଏବଂ ଅଭିଷେକ ସିହ୍ନା। ସେମାନଙ୍କ ନାମରେ ୩୨ ଲକ୍ଷ ଟଙ୍କାର ଠକେଇ ଅଭିଯୋଗ ହୋଇଛି। ଅଭିଯୋଗକାରୀ ପ୍ରମୋଦ ଶର୍ମା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଏକ କାର୍ଯ୍ୟକ୍ରମରେ ଉପସ୍ଥିତି ପାଇଁ ସୋନାକ୍ଷୀଙ୍କ ଆକାଉଣ୍ଟକୁ ୩୨ଲକ୍ଷ ଟଙ୍କା ଟ୍ରାନ୍ସଫର କରାଯାଇଥିଲା। କିନ୍ତୁ ସେ ଏଥିରେ ଯୋଗ ଦେଲେନାହିଁ। ସୂଚନା ଅନୁଯାୟୀ, ଇଣ୍ଡିଆନ୍ ଫ୍ୟାଶନ୍ ଆଣ୍ଡ ବିଉଟି ଆୱାର୍ଡ ପ୍ରୋଗ୍ରାମ ଗତବର୍ଷ ସେପ୍ଟେମ୍ବର ୩୦ରେ ଆୟୋଜିତ ହୋଇଥିଲା। ଏଥିରେ ସୋନାକ୍ଷୀ ଯୋଗଦେବେ ବୋଲି କଥାବାର୍ତ୍ତା ପରେ ତାଙ୍କ ଆକାଉଣ୍ଟରେ ୩୨ଲକ୍ଷ ଟଙ୍କା ଜମା କରାଯାଇଥିଲା। କିନ୍ତୁ ସୋନାକ୍ଷୀ କାର୍ଯ୍ୟକ୍ରମରେ ଯୋଗ ନ ଦେବାରୁ ଆୟୋଜକଙ୍କର କ୍ଷତି ଘଟିଥିଲା।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଫେବୃୟାରୀ, ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ମାଡ଼ ମାରିବା ଅଭିଯୋଗ, ୩ ଭାଇ ଗିରଫ

**ଧର୍ମଶାଳା,୨୪।୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ଦେଓଦା ଗ୍ରାମର ୨ ଦଳିତ ଭାଇଙ୍କୁ ମାଡ଼ ମାରିବା ଅଭିଯୋଗରେ ରବିବାର ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ରାମର ପ୍ରଦୀପ ବେହେରା, ଆନନ୍ଦ ବେହେରା ଓ ପାରେଶ୍ୱର ବେହେରା। ପ୍ରକାଶ ଯେ, ଶନିବାର ସନ୍ଧ୍ୟାରେ ଦେଓଦା ଗ୍ରାମର ସଞ୍ଜୟ ମଳିକ ଓ ରଞ୍ଜନ ମଳିକ ଘରକୁ ଆସୁଥିଲେ। ଏହି ସମୟରେ ଗ୍ରାମରାସ୍ତାରେ ପ୍ରଦୀପ, ପାରେଶ୍ୱର ଓ ଆନନ୍ଦ ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ରଞ୍ଜନ ଓ ସଞ୍ଜୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ସଞ୍ଜୟ ଓ ରଞ୍ଜନଙ୍କ ଭାଇ ବିଜୟ ମଳିକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୭୩/୧୯) ରଜୁ କରି ୩ ଭାଇଙ୍କୁ ଗିରଫ କରିଥିଲା।

### ମୁସଲିମ ସମ୍ପ୍ରଦାୟ ପକ୍ଷରୁ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ରସୁଲପୁର,୨୪।୨(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ମିର୍ଜାପୁର ମୁସଲିମ୍ ସମ୍ପ୍ରଦାୟ ପକ୍ଷରୁ ପୁଲୱାମା ଆକ୍ରମଣରେ ଶହୀଦ୍ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ରାହାମ୍ବା ପଞ୍ଚାୟତ ମିର୍ଜାପୁର ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଶହୀଦ୍‌ଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଶୋଭାଯାତ୍ରାରେ ଯବାନ ଅମର ରହେ, ପାକିସ୍ତାନ ମୁର୍ଦ୍ଦାବାଦ, ଭାରତ ଜିନ୍ଦାବାଦ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରାକାରୀ ମିର୍ଜାପୁର ବସ୍ତିରୁ ବାହାରି ମଧୁବନ ବଜାର ଦେଇ ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଗୁମାନ ଖାଁଙ୍କ ନେତୃତ୍ୱରେ କାବୁଲ ଖାନ୍, ଅବଦୁଲ୍ ଖୁଦୁସ୍ ଖାଁ, ମୀର ସେହେର ଅଲ୍ଲୀ, ନିଜାମୁଦ୍ଦିନ ଖାନ୍, କଲିମ ଖାନ୍, ରଫିକ୍ ଖାନ୍, ସେକ୍ ତବିର, ରାଜୁ ଜୟିନୁଲ ଖାନ୍, ଜାନେ ଆଲମ୍, ମୌଲାନା ମେହେରବାନ୍, ଆସିକୁର ରେହେମନ୍‌ଙ୍କ ସମେତ ବହୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ଦିନ ଦ୍ୱିପ୍ରହରରେ ଲୁଟ୍: ଘରେ କଳାକନା ବୁଲାଇଲେ ଚୋର

**ବିରଜାକ୍ଷେତ୍ର,୨୪।୨(ଡିଏନଏ):** ଯାଜପୁରସହର ଶ୍ରୀରାମପୁର ଗ୍ରାମର କୈଳାସ ବେହେରାଙ୍କ ଘରୁ ଶନିବାର ଅପରାହ୍ନରେ ଝରକା ଭାଙ୍ଗି ୫ଭରି ସୁନା ଓ ୨୧ ହଜାର ଟଙ୍କା ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ବେହେରାଙ୍କ ପରିବାର ତାଙ୍କ ବନ୍ଧୁ ଘରକୁ ଯାଇଥିବାବେଳେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଙ୍କ ଝରକା ଗ୍ରୀଲ୍ ଭାଙ୍ଗି ଏହି ଲୁଟ୍ କରିଥିବା ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ବେହେରା ଯାଜପୁର ଥାନାରେ ଏତଲା ଦେଇଥିବାବେଳେ ଯାଜପୁର ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (୪୦/୧୯) ରୁଜୁ କରି ତଦନ୍ତ ଚଳାଇଛି।

# ଠିକାରେ ପରିମଳ ବ୍ୟବସ୍ଥା, ହନ୍ତସନ୍ତ ସହରବାସୀ

**ଯାଜପୁର ଅଫିସ,୨୪।୨**

ସହରାଞ୍ଚଳରେ ମୌଳିକ ନାଗରିକ ସେବା ପ୍ରଦାନର ଦାୟିତ୍ୱ ସ୍ୱାୟତ୍ତ ଶାସନ ବା ପୌର ସଂସ୍ଥା ଉପରେ ନ୍ୟସ୍ତ ରହିଥାଏ। ଏହାର ସର୍ବପ୍ରଥମ ଦାୟିତ୍ୱ ହେଉଛି ସହରର ପରିବେଶକୁ ସ୍ୱାସ୍ଥ୍ୟକର ଓ ନିର୍ମଳ ରଖିବା। ହେଲେ ଯାଜପୁର ଜିଲାର ବ୍ୟାସନଗର ପୌରପରିଷଦ ଏହି ମୌଳିକ ଦାୟିତ୍ୱ ନିଜ କାନ୍ଧରୁ ଖସାଇ ପରିମଳ ସେବାକୁ ଘରୋଇକରଣ କରିଛି। ଗତ ପ୍ରାୟ ୨ବର୍ଷ ହେଲା ସହରର ୨୬ଟି ୱାର୍ଡର ପରିମଳ କାର୍ଯ୍ୟର ଘରୋଇକରଣ ହୋଇଛି। ଜାଗୃତି ନାମକ ଏକ ଅନୁଷ୍ଠାନକୁ ପରିମଳ ଦାୟିତ୍ୱ ଦିଆଯାଇଛି। ମାତ୍ର ଏହା ସାଧାରଣତଃ ଠିକା ବ୍ୟବସ୍ଥାରେ ପରିଣତ ହୋଇଛି। ଆଉ ଏହି ବ୍ୟବସ୍ଥାକୁ ନେଇ ଉପୁଜିଥିବା ବିବାଦ ଯୋଗୁ ବ୍ୟାସନଗର ସହରର ପରିମଳ ବିପର୍ଯ୍ୟସ୍ତ ହୋଇଛି। ମଶା ଉପଦ୍ରବରେ ପୌରବାସୀ ନୟାନ୍ତ ହୋଇପଡିଛନ୍ତି। ମଶା ମାରିବାକୁ ନିୟୋଜିତ ଅନ୍ୟ ସଂସ୍ଥା ସ୍ୱାଇକ୍ ମଧ୍ୟ ବିଫଳ ହୋଇଛି। ଏହି ଦୁର୍ଦ୍ଦଶାର ପ୍ରତିକାର ପାଇଁ ନିର୍ବାଚିତ ପ୍ରତିନିଧି ତତ୍ପର ହେବା ପରିବର୍ତ୍ତେ ପରିମଳ ସେବାକୁ ନେଇ ଚାଲିଥିବା ଠିକା ବିବାଦରେ ଛନ୍ଦି ହୋଇଯାଇଛନ୍ତି। ଫଳରେ ଆଗାମୀ ଦିନରେ ସହରର ଅବସ୍ଥା ଦୁର୍ଦ୍ଦଶାଗ୍ରସ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

ପ୍ରକାଶ ଯେ, ୧୦ବର୍ଷ ପୂର୍ବେ ବ୍ୟାସନଗର ସହରର ଜନସଂଖ୍ୟା ପ୍ରାୟ ୫୦ହଜାର ଥିବାବେଳେ ସହରର ପରିମଳ ସେବା ପାଇଁ ନିୟମିତ ସଫେଇ କର୍ମଚାରୀ ଓ ୫୦୦ରୁ ଅଧିକ ଅସ୍ଥାୟୀ ସଫେଇ କର୍ମଚାରୀ ଥିଲେ। ପରବର୍ତ୍ତୀ ସମୟରେ ସହରର ଜନବସତି ସମ୍ପ୍ରସାରିତ ହେବା ସହ ଜନସଂଖ୍ୟା ଦେଢଲକ୍ଷରୁ ଅଧିକକୁ ବୃଦ୍ଧି ପାଇଛି। କିନ୍ତୁ ନିୟମିତ ଓ ଅସ୍ଥାୟୀ ସଫେଇ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ପାଇଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଓ ସେମାନଙ୍କ କାମର ଉପଯୁକ୍ତ ତଦାରଖ ଦ୍ୱାରା ପରିମଳ ସେବାର ଉନ୍ନତି ପାଇଁ ଧ୍ୟାନ ନ ଦେଇ ପୌର ପରିଷଦ ଦାୟିତ୍ୱ ଖସାଇବାକୁ ପରିମଳ ସେବାର ଘରୋଇକରଣ କରିଛି। ଦାୟିତ୍ୱରେ ଥିବା ଅନୁଷ୍ଠାନ ସଫେଇ କାର୍ଯ୍ୟ ଠିକ୍ ଭାବେ କରୁ ନ ଥିବାବେଳେ ପୌର ପରିଷଦ ଅର୍ଥକୁ ବରବାଦ କରୁଛି। ସମ୍ପୃକ୍ତ ଅନୁଷ୍ଠାନର ଏତେ ଦବଦବା ରହିଛି ଯେ, ପୌର କର୍ତ୍ତୃପକ୍ଷ ସଫେଇ କାର୍ଯ୍ୟରେ ତ୍ରୁଟି ନେଇ ତାକୁ କୈଫିୟତ ତଲବ କରିବାକୁ ସାହସ କରୁ ନାହାନ୍ତି। ଘରକୁ ଘର ଆବର୍ଜନା ସଂଗ୍ରହ, ରାସ୍ତାଘାଟ ଝାଡୁ କରାଯିବା, ନାଳ ସଫା, ଅସ୍ଥାୟୀ ଡମ୍ପିଂୟାର୍ଡରେ ଆବର୍ଜନା ଜମା

**ବ୍ୟାସନଗର ପୌର ପରିଷଦ**



- ମଶା ଉପଦ୍ରବରେ ଅତିଷ୍ଠ ପୌରବାସୀ
- ଘରୋଇ ସଂସ୍ଥାକୁ ଦାୟିତ୍ୱ ପରେ ସୃଷ୍ଟି ହୋଇଛି ଅଧିକ ସମସ୍ୟା
- ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କରି ସକାଳ ସୁଦ୍ଧା ଅସ୍ଥାୟୀ ଡମ୍ପିଂ ୟାର୍ଡରୁ ଆବର୍ଜନା ଉଠାଯିବା ନେଇ ଅନୁଷ୍ଠାନ ସହ ସର୍ତ୍ତ ରଖାଯାଇଥିଲା। ଯାହା ଠିକ୍‌ଭାବେ ପରିଚାଳନା ହେଉ ନ ଥିବା ବେଳେ ମାସ ପୂରିଲେ ହରାହାରି ପ୍ରାୟ ୧୫ଲକ୍ଷ ଟଙ୍କା ବିଲ ପଇଠ ହେଉଛି। ରାସ୍ତାକଡରୁ ମଇଳା, ଡ୍ରେନ ଆଦୌ ସଫା ହେଉ ନ ଥିବାରୁ ମଶାଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ପ୍ରାୟ ୬ମାସ ହେବ ସହରର ଅଧିକାଂଶ ଡ୍ରେନ ସଫା ହୋଇନାହିଁ କିମ୍ବା ସେଥିରେ ଆବଶ୍ୟକ ମଶାତେଲ ସିଞ୍ଚନ କରାଯାଉ ନାହିଁ। ଏଥିପାଇଁ ଆସୁଥିବା ଅନୁଦାନକୁ ଠିକାସଂସ୍ଥା ଓ ପୌର କର୍ତ୍ତୃପକ୍ଷ ମିଳିମିଶି ଚଳୁ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ପ୍ରଥମ ବର୍ଷ ଘରକୁ ଘର ବୁଲି ସହରର ୬୦ ପ୍ରତିଶତ ଅଞ୍ଚଳରୁ ମଇଳା ଉଠାଇବେ, ଦ୍ୱିତୀୟ ବର୍ଷ ୮୦ ପ୍ରତିଶତ ଓ ତୃତୀୟ ବର୍ଷ ୧୦୦ ପ୍ରତିଶତ ଏହି କାର୍ଯ୍ୟ କରିବାକୁ ଜାଗୃତି ସହିତ ଚୁକ୍ତି ହୋଇଛି । ଏହାବାଦ ଅଳିଆ ଉଠାଣ, ଗଳି ରାସ୍ତା ସଫେଇ, ଡ୍ରେନ ସଫେଇ, ବୁଦା ଓ ଘାସ କଟା ଆଦି ୧୦୦ ପ୍ରତିଶତ କରିବାକୁ ଜାଗୃତି ଚୁକ୍ତିରେ ପ୍ରତିଶ୍ରୁତି ଦେଇଛି । କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି । ବାସ୍ତବରେ ମାସିକ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବାବେଳେ କିଛି ପୌର ଅଧିକାରୀଙ୍କୁ ହାତକରି ଏହାର ୨ଗୁଣ ବିଲ ଦାଖଲ କରାଯାଉଛି। ଯାହାକି ତଦନ୍ତ ସାପେକ୍ଷ ବୋଲି ସହରବାସୀ ଦାବି କରୁଛନ୍ତି। ଉପଯୁକ୍ତ ଭାବେ ସଫେଇ ନ କଲେ ଚୁକ୍ତିରେ ଠିକାସଂସ୍ଥାକୁ ଜୋରିମାନା ବ୍ୟବସ୍ଥା ରହିଛି। ହେଲେ ଏଯାଏ ନିୟୋଜିତ ପ୍ରଭାବଶାଳୀ ଠିକାସଂସ୍ଥା ଜାଗୃତିଠାରେ ଏହା ଲାଗୁ ହୋଇନାହିଁ। ସହର ସାରା ସନ୍ତସନ୍ତିଆ ଜାଗା, ଗୋଳିଆ ପାଣି, ପଚାଶଢା ଓ ଅଳିଆ ଆବର୍ଜନା ମଶାଙ୍କ ଲାଗି ଭୂସ୍ୱର୍ଗ ପାଲଟିଛି। ସହରର ଗଳିକନ୍ଦି, ରାସ୍ତାକଡରେ ଗୁଟ୍‌ଖା ଓ ଅନ୍ୟାନ୍ୟ ପାନୀୟ ଭର୍ତ୍ତି ପ୍ଲାଷ୍ଟିକ ପାଉଚ ବହୁଳ ପରିମାଣରେ ଦେଖିବାକୁ ମିଳୁଛି। ତୁରନ୍ତ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦଙ୍କୁ ପଚାରିବାରେ, ବ୍ୟାସ ସରୋବର ମେଳା ପରେ ମଶା ମାରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ମଶା ମାରିବାକୁ ଯେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ତାର ଅବଧି ଶେଷ ହୋଇଛି। ତଥାପି ଏକ ମାସ ବୃଦ୍ଧି କରି ମଶା ମରା ତେଲ, ଧୂଆଁ, ଘରକୁ ଘର ବୁଲି ସିଞ୍ଚନ କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

### ଧର୍ମଶାଳା ପ୍ରିମିୟର୍‌ଲିଗ୍ କ୍ରିକେଟ ଗଙ୍ଗାଧରପୁର ଚାମ୍ପିୟନ୍

**ଧର୍ମଶାଳା,୨୪।୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଚୋରମୁହାଁ ମଜାର ପଡ଼ିଆରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ବାବୁକପ୍ ଧର୍ମଶାଳା ପ୍ରିମିୟର୍‌ଲିଗ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଶେଷ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଧର୍ମଶାଳା ଇଲେଭେନ୍ ଦଳକୁ ୩୫ ରନ୍‌ରେ ପରାସ୍ତ କରି ଗଙ୍ଗାଧରପୁର ଦଳ ଚଳିତ ବର୍ଷର ଚାମ୍ପିୟନ୍ ହୋଇଛି। ଗଙ୍ଗାଧରପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୯ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୨୦୭ ରନ୍ କରିଥିଲା। ଜବାବରେ ଧର୍ମଶାଳା ଇଲେଭେନ୍ ୧୭ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୭୨ ରନ୍ କରି ପରାସ୍ତ ହୋଇଥିଲା। କମିଟିର ସଭାପତି ସୁମନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କେଡିଏମ୍ ଉପାଧ୍ୟକ୍ଷ ରଞ୍ଜନ କୁମାର ରାୟ, ଯୁବନେତା ମଦନ ମୋହନ ନାୟକ, କ୍ରୀଡାବିତ୍ ବିଶ୍ୱଜିତ ସାମଲ ଅତିଥିଭାବେ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଚାମ୍ପିୟନ ଦଳର ପଲ୍‌ଭେଜ ମିଶ୍ରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଜିତେନ୍ଦ୍ର ଜେନାଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଜଗନ୍ନାଥ ଦାସ ଓ ପର୍ଶୁରାମ ମହାନ୍ତି ପରିଚାଳନା କରିଥିଲେ। ଆନନ୍ଦ ବେହେରା, ସ୍ମୃତିରଞ୍ଜନ ସାମଲ ସ୍କୋରରେ ସହାୟତା କରିଥିଲେ।

**୧୪୪ ଧାରାକୁ ମାନିଲାନି ବ୍ଲକ ପ୍ରଶାସନ**

# ବ୍ୟକ୍ତିଗତ ଜମି ଉପରେ ରାସ୍ତା ନିର୍ମାଣ

**ବିରଜାକ୍ଷେତ୍ର,୨୪।୨(ଡିଏନଏ)**

ଯାଜପୁର ବ୍ଲକର ସିମିଳିଆ ପଞ୍ଚାୟତ ଅନ୍ତର୍ଗତ ମଇଦପୁର ମୌଜାର ଜଣେ ବ୍ୟକ୍ତିଙ୍କ ଜମି ଉପରେ ୧୪୪ ଧାରା ଜାରି ହୋଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ସେଠାରେ ଏଫ୍‌ଡିଆର୍ ରାସ୍ତା ନିର୍ମାଣ କରାଯିବା ନେଇ ଉତ୍ତେଜନା ଦେଖାଦେଇଛି। ସୂଚନା ଯେ, ସିମିଳିଆ ପଞ୍ଚାୟତ ଓଲେଇପଡ଼ା ଗ୍ରାମର ଆର୍‌ଡି ରୋଡରୁ ସମବାୟ ସମିତି ରାସ୍ତା ନାମରେ ଏକ ପ୍ରକଳ୍ପ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ମଞ୍ଜୁର ହୋଇଥିଲା। ତେବେ ଏହି ରାସ୍ତା ନିର୍ମାଣ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସମ୍ପନ୍ନ ହେବା କଥା। ମାତ୍ର ସମ୍ପୃକ୍ତ ଗ୍ରାମର କେତେଜଣ ଯୁବକ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅଲିଖିତ ନିର୍ଦ୍ଦେଶରେ ଆରମ୍ଭ କରିଥିଲେ। ତେବେ ଯେଉଁ ଜମି ଉପରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା ସମ୍ପୃକ୍ତ ଜମି ମାଲିକ ଏ ନେଇ ପ୍ରତିବାଦ କରିଥିଲେ। ତାଙ୍କ ପ୍ରତିବାଦକୁ ସ୍ଥାନୀୟ ଯୁବଗୋଷ୍ଠୀ କର୍ଣ୍ଣପାତ ନ କରିବାରୁ ବାଧ ହୋଇ ଜମି ମାଲିକ ଧର୍ମେନ୍ଦ୍ର ରାଉତ ଉପଜିଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟରେ ୧୪୪ ଧାରାରେ ଏକ ମାମଲା (୨୩୯/୧୯) ରୁଜୁ କରାଯାଇ ତୁରନ୍ତ କାର୍ଯ୍ୟ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ରାଉତ ସମ୍ପୃକ୍ତ ଜମି ଉପରେ ଆବଶ୍ୟକ କବଲା ଓ ଖଜଣା ରସିଦ୍ ଦାଖଲ କରିଥିଲେ। କୋର୍ଟ ବ୍ଲକ ପ୍ରଶାସନକୁ ଆସନ୍ତା ୧।୩।୨୦୧୯ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ରବିବାର ସକାଳେ କେତେଜଣ ଯୁବକ ଜବରଦସ୍ତ ଉକ୍ତ ଜମି ଉପରେ ମେଶିନ୍ ଲଗାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାପରେ ଜମି ମାଲିକ ଘଟଣାସ୍ଥଳରେ ପହଞ୍ଚି ଏପରି କାର୍ଯ୍ୟର ବିରୋଧ କରିବାରୁ ତାଙ୍କୁ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଛି। ତେବେ ଏପରି ଘଟଣା ସମ୍ପର୍କରେ ଉଭୟ ବ୍ଲକ ବିଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ, ସେମାନେ ଏପରି କାର୍ଯ୍ୟ ତାଙ୍କ ଅଜ୍ଞାତରେ କରିଛନ୍ତି। କୋର୍ଟଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରିଛନ୍ତି।



ବ୍ୟକ୍ତିଗତ ଜମିରେ ରାସ୍ତା ନିର୍ମାଣ କରାଯାଉଛି।

### ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଅ ଗିରଫ

**ଧର୍ମଶାଳା,୨୪।୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରରେ ଅଷ୍ଟପ୍ରହରୀ ଟଙ୍କା ହଡ଼ପ ଓ ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ରବିବାର ପୋଲିସ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଗ୍ରାମର ଧୀରେନ୍ଦ୍ର ସ୍ୱାଇଁ । ପ୍ରକାଶ ଯେ, ଭରତପୁର ଗ୍ରାମରେ ଅଷ୍ଟପ୍ରହରୀ ପାଇଁ ୨ହଜାର ଟଙ୍କା ଆଦାୟ ହୋଇ ଧୀରେନ୍ଦ୍ର ସ୍ୱାଇଁ ପାଖରେ ଗଚ୍ଛିତ ଥିଲା। ମାତ୍ର ଏହି ଟଙ୍କା ଧୀରେନ୍ଦ୍ର ନ ଦେବାରୁ ଗ୍ରାମରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧୀରେନ୍ଦ୍ରଙ୍କୁ ଅଷ୍ଟପ୍ରହର ଟଙ୍କା ମଗାଯାଇଥିଲା। ଏ ନେଇ ଧୀରେନ୍ଦ୍ରଙ୍କ ବାପା ରଷି ସ୍ୱାଇଁ ଟଙ୍କା ପୈଠ କରିବାକୁ ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ଘରେ ପୁଅ ଧୀରେନ୍ଦ୍ରଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଧୀରେନ୍ଦ୍ର ବାପା ରଷିଙ୍କୁ ମାଡ଼ମାରି ଆହତ କରିଥିଲେ। ପରେ ରଷି ଜେନାପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୪୦/୧୯) ରୁଜୁ କରି ଅଭିଯୁକ୍ତ ପୁଅ ଧୀରେନ୍ଦ୍ରଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଶୁସାନ୍ତ କୁମାର ଦାସ ସୂଚନା ଦେଇଛନ୍ତି।

# ୨ରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରସ୍ତୁତି

**ଚଣ୍ଡିଖୋଲ,୨୪।୨(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାର୍ଚ୍ଚ ୨ ତାରିଖରେ ବଡ଼ଚଣା ଗସ୍ତରେ ଆସିବେ। ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିଖୋଲ ନିକଟ ସୁଙ୍ଗୁଡ଼ା ଖେଳ ପଡ଼ିଆରେ ଏକ ସାଧାରଣ ସଭା କାର୍ଯ୍ୟକ୍ରମରେ ଯୋଗଦେବେ। ସେନେଇ ଚଣ୍ଡିଖୋଲସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ ଅଧ୍ୟକ୍ଷତା କରିଥିଲେ। ବଡ଼ଚଣା ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ସେଦିନ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ କେତେକ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପଗୁଡ଼ିକ ନିମନ୍ତେ ୩ ଶହ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସଭାକୁ ସଫଳ କରିବା ପାଇଁ ବିଜେଡିର ମହିଳା ସଂଗଠନ, ଛାତ୍ର ସଂଗଠନ ଓ ଯୁବ ସଂଗଠନଙ୍କର ପ୍ରମୁଖ ଭୂମିକା ଥିବା ସେ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ଦଳର ସାଧାରଣ ସମ୍ପାଦକ ବିପିନ ବିହାରି ଜେନା, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟା ସୁମତୀ ବାସ୍କେ, ବିନୋଦିନୀ ସାହୁ, ନିରଞ୍ଜନ ସେନାପତି, ପଞ୍ଚାନନ ଧଳ, ଶାରଦା ମହାନ୍ତି, ମାଧବାନନ୍ଦ ମହାପାତ୍ର, ମନ୍ଦାକିନୀ ଜେନା, ସରପ ଚାଟାଲିନ୍ ସ୍ୱାଇଁ, ଫନିନ୍ଦ୍ରନାଥ ପଣ୍ଡା,ଗଗନ ବିହାରୀ ସ୍ୱାଇଁ, ପଲ୍ଲିମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଦଳୀୟ କର୍ମୀଙ୍କୁ ଅନୁରୋଧ କରିଥିଲେ। ବିଭିନ୍ନ ସ୍ଥାନକୁ ଗାଡ଼ି ମୋଟର ପଠାଇବା ସହ ଲୋକଙ୍କ ଆସିବା ପାଇଁ ସୁବିଧା କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏହି ସମାବେଶରେ ୫୦ ହଜାରରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେବା ପାଇଁ ଘୋଷଣା କରାଯାଇଛି।



ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଆୟୋଜିତ ବୈଠକ।

### ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଗିରଫ

**ଧର୍ମଶାଳା,୨୪।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ କଲାଣ୍ଡ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ପ୍ରଫୁଲ୍ଲ କୁମାର ସାହୁ ସେହି ଗ୍ରାମର ହରିହର ସାହୁଙ୍କ ଘରେ ପଶି କୌଣସି ଏକ କାରଣକୁ ନେଇ ସ୍ତ୍ରୀ ଓ ଝିଅଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ କୁମୁଦୁନି ସାହୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୩୯/୧୯) ରୁଜୁ କରି ପ୍ରଫୁଲ୍ଲଙ୍କୁ ଗିରଫ କରିଥିଲା।

# ୫ଦିନ ପରେ ବି ଗିରଫ ହେଲେନି ଥାନାଧିକାରୀ

**କୋରେଇ,୨୪।୨(ସ୍ୱ.ପ୍ର.)**

**ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା**

ପୋଲିସକୁ ଆଇନର ରକ୍ଷକ କୁହାଯାଏ। କିନ୍ତୁ ଅଧିକାଂଶ ସମୟରେ ନିଜ ସୁରକ୍ଷା କ୍ଷେତ୍ରରେ ପୋଲିସ ହିଁ ସବୁ ଆଇନ୍ କାନୁନ୍‌କୁ ଫୁଁ କରି ଉଡ଼େଇ ଦେଉଥିବା ଦେଖିବାକୁ ମିଳେ। ଏହାର ଅନେକ ଉଦାହରଣ ରହିଥିବା ବେଳେ ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳରେ ଏହାର ଏକ ସଦ୍ୟ ନମୂନା ସାମ୍ନାକୁ ଆସିଛି। ପୋଲିସ ପ୍ରଭାବ ଆଗରେ ମୂଲ୍ୟହୀନ ହୋଇଛି ହାଇକୋର୍ଟଙ୍କ ନିର୍ଦ୍ଦେଶ। ଜଣେ ଦଳିତ ଓପିଏଫ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଓ ଜାତିଆଣ ଆକ୍ଷେପ କରିବା ଘଟଣାରେ ଯାଜପୁର ରୋଡ ଥାନାଧିକାରୀ ଅମିତାଭ ମହାପାତ୍ରଙ୍କୁ ଗିରଫ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ ୫ଦିନ ପରେ ବି ଗିରଫ ହୋଇନାହାନ୍ତି ଉକ୍ତ ଥାନାଧିକାରୀ। ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଅକ୍ଟୋବର ୨୪ତାରିଖ ସନ୍ଧ୍ୟା ୭ଟାରେ ପାଣିକୋଇଲି ଥାନା ପକ୍ଷରୁ ଓଏପିଏଫ (ଓଡ଼ିଶା ଅକ୍ଜିଲାରୀ ପୋଲିସ ଫୋର୍ସ) ରବୀନ୍ଦ୍ର ପୂର୍ତ୍ତିଙ୍କୁ ପାଣିକୋଇଲି ଟୋଲ୍ ଗେଟ୍‌ରେ ନିୟୋଜିତ କରାଯାଇଥିଲା। ସେଠାରେ ଆମ୍ବୁଲାନ୍ସ ଗାଡି ପାଇଁ ଉଦ୍ଦିଷ୍ଟ ଲେନରେ ଯାଜପୁରରୋଡ ଥାନାଧିକାରୀ ମହାପାତ୍ର ସାଧା ପୋଷାକରେ ଏକ ଘରୋଇ ଗାଡିରେ ପଶି ଆସିବାରୁ ରବୀନ୍ଦ୍ର ତାଙ୍କୁ ବିରୋଧ କରିଥିଲେ। ଏଥିରେ ଥାନାଧିକାରୀ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରି ମାଡ ମାରିବାକୁ ଉଦ୍ୟମ କରିଥିଲେ। ଏ ନେଇ ରବୀନ୍ଦ୍ର ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପାଣିକୋଇଲି ଥାନା ପୋଲିସ ପକ୍ଷରୁ ଅଭିଯୋଗ ପଞ୍ଜୀକରଣ ହୋଇ ନ ଥିଲା। ଏହାପରେ ଜାନୁୟାରୀ ୧୭ରେ ଓଏପିଏଫ ରବୀନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମର୍ମରେ ଗତ ୧୯।୨।୨୦୧୯ରେ ହାଇକୋର୍ଟ ସିଆର୍‌ଏଲ୍‌ଏମ୍‌ପି ୯୦/୨୦୧୯ ନମ୍ବର ମାମଲାର ଶୁଣାଣି କରି ପାଣିକୋଇଲି ଥାନାରେ ଯଦି ମାମଲା ରୁଜୁ ହୋଇଛି ତେବେ ତୁରନ୍ତ ଅଭିଯୁକ୍ତ ଥାନାଧିକାରୀ ମହାପାତ୍ରଙ୍କୁ ଗିରଫ କର, ନଚେତ୍ ନିର୍ଦ୍ଦେଶ ପାଇବାର ୧୫ଦିନ ମଧ୍ୟରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରିତାପର ବିଷୟ ଯେ, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ୫ଦିନ ବିତିଯାଇଥିଲେ ହେଁ ଏଯାବତ୍ ପାଣିକୋଇଲି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ପ୍ରକାଶ ଯୋଗ୍ୟ ଯେ, ଥାନାଧିକାରୀ ମହାପାତ୍ରଙ୍କ ବିରୋଧରେ ସୋସିଆଲ ମିଡିଆରେ ଅରୁଚିକର ଟିପ୍ପଣୀ ଦେଇ ୨ଜଣ ଗିରଫ ହୋଇସାରିଛନ୍ତି। ମାତ୍ର ଏବେ ଉକ୍ତ ଥାନାଧିକାରୀଙ୍କ ଭୁଲ ପାଇଁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପୋଲିସର କାର୍ଯ୍ୟ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏ ସମ୍ପର୍କରେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ପଚାରିବାରୁ, ହାଇକୋର୍ଟଙ୍କ ନିର୍ଦ୍ଦେଶ ହସ୍ତଗତ ହୋଇନାହିଁ। ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ତିତ୍‌ଲିରେ ୧୦ ପାନୀୟ ଜଳ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇଛି ବିଭାଗ**

# ମରାମତି ଆଳରେ ଅର୍ଥ ହଡ଼ପ ମସୁଧା

**ରସୁଲପୁର,୨୪।୨(ଡିଏନଏ)**

ରସୁଲପୁର ବ୍ଲକର ୨୮ ପଞ୍ଚାୟତରେ ୩୩ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଉକ୍ତ ପ୍ରକଳ୍ପ ମଧ୍ୟରୁ ୧୦ଟି ପ୍ରକଳ୍ପ ତିତିଲି ବାତ୍ୟାରେ କ୍ଷୟକ୍ଷତି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏ ନେଇ ବ୍ଲକ ପାନୀୟ ଜଳ ଯୋଗାଣ ବିଭାଗ ମିଥ୍ୟା ରିପୋର୍ଟ ପ୍ରଦାନ କରି ଏ ବାବଦକୁ ପ୍ରତ୍ୟେକ ପ୍ରକଳ୍ପ ପାଇଁ ୧.୫ଲକ୍ଷ ଟଙ୍କା ହିସାବରେ ୧୫ଲକ୍ଷ ଟଙ୍କା ଅନୁଦାନ ହାତେଇଥିବା କୁହାଯାଉଛି। ଏପରିକି ଗୋଟିଏ ପ୍ରକଳ୍ପ ପାଇଁ ଏକାଧିକ ଥର ଅନୁଦାନ ମିଳିଛି। ଉକ୍ତ ଅନୁଦାନକୁ କେମିତି ଖର୍ଚ୍ଚ କରିବ ତାକୁ ନେଇ ବିଭାଗ ଚିନ୍ତାରେ ପଡିଯାଇଛି। ଅନୁଦାନ ମିଳିବାର ୪ମାସ ପରେ ବି ବିଭାଗ ଟଙ୍କା କେମିତି ଖର୍ଚ୍ଚ କରିବ ସେ ନେଇ ବାଟ ଖୋଜୁଛି। ଉକ୍ତ ଅନୁଦାନକୁ କାଗଜ କଲମରେ ସୀମିତ ରଖି ଅର୍ଥ ହଡ଼ପ କରିବାକୁ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ମଧ୍ୟରେ ଯୋଜନା ହେଉଥିବା ଶୁଣିବାକୁ ମିଳିଛି।

୧୧ ଅକ୍ଟୋବର, ୨୦୧୮ରେ ତିତ୍‌ଲି ବାତ୍ୟା ଓଡ଼ିଶା ମୁହାଁ ହୋଇଥିଲା। ଏହି ବାତ୍ୟାରେ ଯାଜପୁର ଜିଲାରେ ଝିପ୍‌ଝିପ୍ ବର୍ଷା ହୋଇଥିଲା। ସେଥିରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପରେ କୌଣସି କ୍ଷୟକ୍ଷତି ଘଟି ନ ଥିଲା। ମାତ୍ର ରାଜ୍ୟ ସରକାରଙ୍କ ଚିଠି ଓ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ବ୍ଲକରୁ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠା ଯାଇଥିଲା। ଏହିକ୍ରମରେ ରସୁଲପୁର ବ୍ଲକ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ କଲଣ ପଞ୍ଚାୟତର କଲଣ, ନରସିଂହପୁର ପଞ୍ଚାୟତର ନରସିଂହପୁର, ହରିପୁର, ରାଉତରାପୁର, ବନ୍ଧଡିହ, ଶ୍ରୀବନ୍ତପୁର, ଅତଲାପୁର, ପ୍ରଥମାଖଣ୍ଡି ପ୍ରଭୃତି ପଞ୍ଚାୟତରେ ଥିବା ପାଇପ୍ ଜଳ ଯୋଗାଣ ପ୍ରକଳ୍ପରେ କ୍ଷୟକ୍ଷତି ହୋଇଥିବା ଦର୍ଶାଯାଇ ରିପୋର୍ଟ ପଠାଯାଇଥିଲା। ଏଥିସହ ନରସିଂହପୁର ଓ କଲଣ ପଞ୍ଚାୟତରେ ଗୋଟିଏ ପ୍ରକଳ୍ପରେ ଏକାଧିକ ସ୍ଥାନରେ କ୍ଷତି ପହଞ୍ଚିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଉକ୍ତ ପ୍ରକଳ୍ପଗୁଡ଼ିକର ମରାମତି ପାଇଁ ନରସିଂହପୁର ପଞ୍ଚାୟତର ୩ ପ୍ରକଳ୍ପ ଆଳରେ ସର୍ବାଧିକ ୪.୫ଲକ୍ଷ, କଲଣ ପଞ୍ଚାୟତର ୨ଟି ପ୍ରକଳ୍ପ ପାଇଁ ୩ଲକ୍ଷ ବାକି ଅନ୍ୟ ୫ ପଞ୍ଚାୟତର ଗୋଟିଏ ଲେଖାଏ ପ୍ରକଳ୍ପ ପାଇଁ ୧.୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ଏହି ଅର୍ଥ କେମିତି ଖର୍ଚ୍ଚ ହେବ ସେ ନେଇ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ବାତ୍ୟା ଓ ବନ୍ୟା ଅନୁଦାନ ମିଳିବାର ମାସକ ମଧ୍ୟରେ କ୍ଷୟକ୍ଷତିର ମରାମତି କାର୍ଯ୍ୟ ସରିବା ନେଇ ସରକାରୀ ନିୟମ ରହିଛି। ମାତ୍ର ଅନୁଦାନ ମିଳିବାର ୪ମାସ ପରେ ବି ବିଭାଗ ପକ୍ଷରୁ ମରାମତି କାର୍ଯ୍ୟକୁ ନେଇ ଆକଳନ ହୋଇନାହିଁ। ଏ ଦିଗରେ ବିଭାଗର ଟାଳଟୁଳ ନୀତି ପ୍ରକଳ୍ପର ବାସ୍ତବ ଅବସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ବାତ୍ୟା ଅନୁଦାନ କେମିତି ଖର୍ଚ୍ଚ ହେବ ସେ ନେଇ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି, କୁନ୍ଦିନେତା, ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଭିତିରି ଆଲୋଚନା ହେଉଛି। ଅଧିକାଂଶ ପ୍ରକଳ୍ପରେ ମରାମତିର ଆବଶ୍ୟକତା ନ ଥିବାରୁ ସେ ଦିଗରେ ମିଥ୍ୟା ବିଲ୍ କରାଇ ଅର୍ଥ ହଡପ କରିବାକୁ ମସୁଧା ହେଉଛି। ଆଉ କେତେକ ସ୍ଥାନରେ ପ୍ରକଳ୍ପଗୁଡ଼ିକରେ ପୂର୍ବରୁ ହୋଇଥିବା ମରାମତି କାର୍ଯ୍ୟର ଫଟୋ ଡିଟିଲି କ୍ଷୟକ୍ଷତି ମରାମତି ଫାଇଲରେ ରଖାଯାଇ ଏହି ବାବଦକୁ ଉଦ୍ଦିଷ୍ଟ ଅର୍ଥ ବାଟମାରଣା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ବିଭିନ୍ନ ସ୍ଥାନରେ ଚର୍ଚ୍ଚା ହେଉଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ପଦ୍ମନାଭ ଖଣ୍ଡେଇଙ୍କୁ ପଚାରିବାରୁ, ଟଙ୍କା ଆସିଛି। ହେଲେ ସେ ନେଇ କ'ଣ କାର୍ଯ୍ୟ ହେବ ତାହା ସ୍ଥିର ହୋଇନାହିଁ। ପ୍ରକଳ୍ପ ମରାମତି ନେଇ ବିଭାଗ ପକ୍ଷରୁ ଏଯାବତ୍ କୌଣସି ଆକଳନ ହୋଇନାହିଁ ବୋଲି କହିଛନ୍ତି।



- ୧୫ଲକ୍ଷ ଅନୁଦାନ ହଡ଼ପ ମସୁଧା
- ୪ମାସ ପରେ ବି ଖର୍ଚ୍ଚ ହୋଇପାରୁନି ଅର୍ଥ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ର ସିଧାପ୍ରସାରଣ

**ମାର୍ଶାଘାଇ, ୨୪।୨ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ କୁସୁନପୁର ଆଖଣ୍ଡଳମଣି ମନ୍ଦିର ନିକଟ ପଡିଆଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫୩ ତମ ମନ୍ କି ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ଭୁବନ ମୋହନ ଜେନା, ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡା, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ପରିଡା, ସମ୍ପାଦକ ପ୍ରସନ୍ନ ପରିଡା, ମାର୍ଶାଘାଇ ୨୫ ନଂ. ଜୋନ ସଭାପତି ଇଂ. ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରଦୀପ୍ତ କୁମାର ମହାପାତ୍ର, ୧୯ ନଂ. ଜୋନ ସଭାପତି ସତ୍ୟପ୍ରକାଶ ସାମଲ, ୨୬ ନଂ. ଜୋନ୍ ସଭାପତି ରମେଶ ବେହେରା, ୨୨ ନଂ. ଜୋନ ସଭାପତି ଡା. ଗୋଲେଖ ନାଉରୀ, ଶୁକଦେବ ସ୍ୱାଇଁ, ଯୁବ ନେତା ସୁଶାନ୍ତ ସାହୁ, ସଞ୍ଜୟ ସ୍ୱାଇଁଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ।

### ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

**ରାଜକନିକା,୨୪।୨(ଡି.ଏନ୍.ଏ.):** ଘରପାଖରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଭ୍ରାମ୍ୟମାଣ ଯାନରେ ଚିକିତ୍ସା ସେବା ଉପଲବ୍ଧ କରାଯାଉଛି। ଏହି ଭ୍ରାମ୍ୟମାଣ ଯାନ ରାଜକନିକା ବ୍ଲକରେ ପହଞ୍ଚି ସେଠାରେ ଚିକିତ୍ସା ସେବା ପ୍ରଦାନ କରାଉଛି। ବ୍ଲକରେ ପ୍ରାୟ ମାସେ ହେବ ଏଭଳି ଭାବେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି।

ଧନ୍ୱନ୍ତରୀ ନାମକ ୫୫ ଫୁଟ ଲମ୍ବର ଏହି ଯାନଟି ୬କକ୍ଷ ବିଶିଷ୍ଟ ହୋଇଥିବା ବେଳେ, ଏଥିରେ ଔଷଧ, ଅସ୍ଥିଶଲ୍ୟ, ସ୍ତ୍ରୀ ରୋଗ, ଦାନ୍ତ, ଆଖି ଓ ଶିଶୁରୋଗ ବିଶେଷଜ୍ଞମାନେ ରୋଗୀ ଚିକିତ୍ସା କରୁଛନ୍ତି। ଏଥିସହ ଗାଡ଼ିରେ ଲାବେରେଟରି ମଧ ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ଶିଶୁଆଛକରେ ୩୪୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଉତ୍କଳ ବିପନ୍ନ ସହାୟତା ସମିତି ସଦସ୍ୟ ସଞ୍ଜୟ ବେହୁରାଙ୍କ ଉଦ୍ୟମରେ ସାଧାରଣ ଲୋକଙ୍କୁ ଏହି ଚିକିତ୍ସା ସେବା ଯୋଗାଇଦିଆଯାଉଛି।

### ଶହୀଦଙ୍କ ପାଇଁ ୧୦୦୮ ଦୀପଦାନ



**ରାଜନଗର, ୨୪।୨ (ଡିଏନ୍.ଏ):** ପୁଲ୍‌ୱାମାରେ ଶହୀଦ ହୋଇଥିବା ୪୯ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଜନଗର ନିର୍ବାଚନ ମଣ୍ଡଳୀସ୍ଥିତ ମଦନପୁର ଯଜ୍ଞ ପଡିଆଠାରେ ରବିବାର ୧୦୦୮ ଦୀପଦାନ କରାଯାଇଛି। ଯଜ୍ଞ ପୂର୍ଣ୍ଣାହୁତି ଅବସରରେ ମଦନପୁର ଯଜ୍ଞ କମିଟି ପକ୍ଷରୁ ଶହୀଦଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଇଥିଲା। ହଜାର ହଜାର ଜନ ସାଧାରଣ ଯଜ୍ଞ କାର୍ଯ୍ୟରେ ଯୋଗଦେଇଥିବା ବେଳେ ଦୀପଦାନ କାର୍ଯ୍ୟକ୍ରମରେ ଯୋଗଦେଇ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା

**ଡେରାବିଶ,୨୪।୨ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଖମୋଳ ପଞ୍ଚାୟତ ଡାଳିଜୀ ଗ୍ରାମର ମା'କହ୍ନାଈଶ୍ୱରୀ ଓ ମର୍କତେଶ୍ୱରୀ ଦେବୀଙ୍କ ପ୍ରାଙ୍ଗଣରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବୁଧବାର ଗ୍ରାମଦେବତୀଙ୍କ ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ, ଗୁରୁବାର ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ପଣ୍ଡିତ ପ୍ରସନ୍ନ କୁମାର ଷଡ଼ଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହ ସ୍ଥାପନା କରାଯାଇ ନୂତନ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ବରିଷ୍ଠ ଭାଜପା ନେତା ଉତ୍କଳ କେଶରୀ ପରିଡା, ଭୁବନମୋହନ ଜେନା, ବିଜେଡି ନେତା ପ୍ରମୋଦ ସାହୁ, ରତିକାନ୍ତ କାନୁନ୍‌ଗୋ, କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ପ୍ରାଧାପକ ଅଜୟ କୁମାର ରାଉତ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ରଘୁନନ୍ଦନ ପଣ୍ଡା ପ୍ରମୁଖ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ।

# ଜହର ପାଲଟୁଛି ନଦୀ ଜଳ

**କେନ୍ଦ୍ରାପଡା ଅଫିସ, ୨୪।୨**

- ପ୍ରଦୂଷିତ ହେଉଛି ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମ
- ଚିଙ୍ଗୁଡି ଘେରିର ବିଷାକ୍ତ ପାଣି ନଦୀରେ ମିଶୁଛି
- ଜଳରୁ ଅତ୍ୟଧିକ ମାତ୍ରାରେ ଫ୍ଲୋରାଇଡ୍ ମିଳୁଛି
- ଆଗକୁ ପରିସ୍ଥିତି ସଙ୍କଟାପନ୍ନ ହେବା ଆଶଙ୍କା

କେନ୍ଦ୍ରାପଡା ଜିଲାର ଜୀବନରେଖା ଭାବେ ପରିଚିତ ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମ ଏବେ ପ୍ରଦୂଷିତ ହେବାରେ ଲାଗିଛି । କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡର ୨୦୧୭ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ,ଏହି ଦୁଇ ନଦୀର ଜଳ ଅତିମାତ୍ରାରେ ଖରାପ ହୋଇଯାଇଛି। ଏନେଇ ପରିବେଶବିତ୍‌ଙ୍କ ପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଜିଲାର ୭ ନଦୀ ଓ ୨୭ ଶାଖାନଦୀ ଏହି ୨ ସିଷ୍ଟମ ମଧ୍ୟରେ ଆସୁଥିବାବେଳେ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ପରିସ୍ଥିତି ଅଧିକ ସଙ୍କଟାପନ୍ନ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି।

ତଥ୍ୟ ଅନୁଯାୟୀ ଜିଲାର ୪୮ ହଜାର ହେକ୍ଟର ଜମି ଜଳସେଚିତ ହେଉଛି। ସେହିପରି ଏହି ଜଳକୁ ଉତ୍ତୋଳନ କରାଯାଇ କେନ୍ଦ୍ରାପଡା ସହର ପାନୀୟ ଜଳ ସମସ୍ୟା ସମାଧାନ ହେଉଛି। ଆଗାମୀ ଦିନରେ ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳର ୨୦୦ଟି ଲୁଣାଞ୍ଚଳ ରାଜସ୍ୱ ଗ୍ରାମ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଅଞ୍ଚଳରେ ପାନୀୟ ଜଳ ଯୋଗାଣ ହେବ। ଏ ପରିସ୍ଥିତିରେ ନଦୀଜଳ ଦୂଷିତ ହେବା ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

୨୦୧୭ରେ ବିଧାନସଭା ଅଧିବେଶନ ସମୟରେ ଏକ ପ୍ରଶ୍ନର ଉତ୍ତର ଦେଇ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ସଂଗୃହୀତ ବ୍ରାହ୍ମଣୀର ଜଳକୁ ସି ଗ୍ରେଡ ବୋଲି କହିଥିଲେ। ଏହି ଜଳ ମନୁଷ୍ୟ ପକ୍ଷରେ ବ୍ୟବହାରଯୋଗ୍ୟ ନୁହେଁ ବୋଲି ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । ନଦୀମୁକ୍ତି ଅଭିଯାନର ରାଜ୍ୟ ସଂଯୋଜକ ମାନସ ମିଶ୍ର କୁହନ୍ତି, କେନ୍ଦ୍ରାପଡାବାସୀ ବ୍ୟବହାର କରୁଥିବା ନଦୀର ଜଳ ଏବେ ବିପଦପୂର୍ଣ୍ଣ ହୋଇଯାଇଛି । ଜଳ ପରୀକ୍ଷଣ ପରେ ଏଥିରେ ଅତ୍ୟଧିକ ଫ୍ଲୋରାଇଡ ରହୁଥିବା ସୂଚନା ମିଳିଛି । ବ୍ରାହ୍ମଣୀ ଓ ମହାନଦୀ ତଟାଞ୍ଚଳରେ ଥିବା ସହର ଓ ଶିଳ୍ପାଞ୍ଚଳ ଏଥିପାଇଁ ବେଶିମାତ୍ରାରେ ଦାୟୀ ବୋଲି ସେ କହିଛନ୍ତି। ସହର ଓ ଶିଳ୍ପାଞ୍ଚଳରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀକୁ ଛଡାଯାଉଛି। ସେହିପରି କ୍ଷେତକୁ ଜଳସେଚନ ପାଇଁ ଯେତିକି ଜଳ ଖର୍ଚ୍ଚ ହେଉନାହିଁ, ତାହାଠାରୁ ଅଧିକ ଜଳ ଶିଳ୍ପ ଟାଣି ନେଉଛି। ଏଥିସହ ସେ ଆହୁରି ଦୁଇଟି କାରଣ ଦର୍ଶାଇଛନ୍ତି । ସେଗୁଡିକ ହେଲା ଅତିକ୍ରମଣ ଓ ଶୋଷଣ । ଅତିକ୍ରମଣ ଅର୍ଥ ନଦୀର ଜବରଦଖଲ । ଜବରଦଖଲ ଫଳରେ ବହୁ ନଦୀର ଶଯ୍ୟାପଥ ସଙ୍କୁଚିତ ହୋଇଯାଉଛି । ଫଳରେ ସ୍ୱାଭାବିକ ଜଳ ନିଷ୍କାସନ ହେବା ପରିବର୍ତ୍ତେ ଅନେକ ସମୟରେ କୃତ୍ରିମ ବନ୍ୟା ସୃଷ୍ଟି କରୁଛି। ସେହିପରି ଶୋଷଣର ଅର୍ଥ ନଦୀ ଜଳର ମାତ୍ରାଧିକ ବ୍ୟବହାର । ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଜଳନୀତି ପ୍ରଣୟନ କରୁନାହାନ୍ତି।

ବାରହାପୁର ଗ୍ରାମର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ମହାନଦୀ କୂଳରେ ଅନେକ ଛୋଟବଡ ସହର ଗଢ଼ିଉଠିଛି । ଏସବୁ ସହରରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀକୁ ଦୂଷିତ କରୁଛି। ସେହିପରି ଜିଲା ନିକଟସ୍ଥ ସହରର ଶିଳ୍ପ ଓ କାରଖାନାରୁ ନିର୍ଗତ ବିଷାକ୍ତ ଜଳ ବ୍ରାହ୍ମଣୀ ନଦୀ ଜଳକୁ ନଷ୍ଟ କରୁଛି । ଜିଲାରେ ଶିଳ୍ପ ନ ଥିଲେ ମଧ ଚିଙ୍ଗୁଡି ଘେରିର ବିଷାକ୍ତ ପାଣି ନଦୀରେ ମିଶି ଜଳକୁ ବିଷାକ୍ତ କରୁଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଚର୍ମରୋଗଠାରୁ କ୍ୟାନସର ପର୍ଯ୍ୟନ୍ତ ବିଭିନ୍ନ ମାରାତ୍ମକ ରୋଗ ବ୍ୟାପୁଥିବା ଅଭିଯୋଗ ହେଉଛି । ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଏବେଠାରୁ ଧ୍ୟାନ ନ ଦେଲେ ଆଗାମୀ ଦିନରେ ଏହାର ପରିମାଣ ଅଧିକ ଭୟଙ୍କର ହେବ ବୋଲି ବୁଦ୍ଧିଜୀବୀ ବାନାମ୍ବର ସାହୁ କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ଅସହାୟ ରବୀନ୍ଦ୍ରଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଡେରାବିଶ, ୨୪।୨ (ସ୍ୱ.ପ୍ର.)**



ରବୀନ୍ଦ୍ରନାଥ ଦାସ ଓ ତାଙ୍କ ସ୍ତ୍ରୀ।

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ରବୀନ୍ଦ୍ରନାଥ ଦାସ (୬୯) ଦୂରାରୋଗରେ ପୀଡ଼ିତ ଥିଲେ ହେଁ ଅର୍ଥ ନ ଥିବାରୁ ଚିକିତ୍ସାରୁ ବଞ୍ଚିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ରବୀନ୍ଦ୍ରଙ୍କର ଘରଡିଅକୁ ଛାଡି ଦେଲେ ଚାଷଜମି ଗୁଣ୍ଠେ ନାହିଁ । ଗାଁ ସ୍କୁଲ ପାଖରେ ନଳି, ଶୋଲା ମଟର ବିକି ସେହି ପଇସାରେ ଦୁଃଖେ କଷ୍ଟେ ଚଳନ୍ତି । ବୟସାଧିକ ଯୋଗୁ ପରିଶ୍ରମ କରି ପାରୁନାହାଁନ୍ତି । ଦୀର୍ଘ ଦିନରୁ ବହୁମୂତ୍ର ରୋଗରେ ଆକ୍ରାନ୍ତ ହୋଇ ନିଜ ସ୍ୱଳ୍ପ ରୋଜଗାରରୁ ଅର୍ଦ୍ଧାଧିକ ଟଙ୍କା ଔଷଧରେ ଖର୍ଚ୍ଚ କରି ଆସୁଛନ୍ତି । ନିକଟରେ ସ୍ୱାସ୍ଥ୍ୟବସ୍ଥା ପରୀକ୍ଷା କରିବାରୁ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ବର୍ତ୍ତମାନ ପରିସ୍ଥିତିରେ ତାଙ୍କର ଅପରେସନ୍‌ର ଆବଶ୍ୟକତା ରହିଛି। ସେ ଜଣେ ବିପିଏଲ୍ ହିତାଧିକାରୀ ଏବଂ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅଧିକାରୀ ଅଟନ୍ତି । ହେଲେ ଏହି କାର୍ଡ ମାଧ୍ୟମରେ କିଛି କରାଯାଇପାରିବ ନାହିଁ ବୋଲି କଟକ ବଡଡାକ୍ତରଖାନାର ଡାକ୍ତର କହିବା ପରେ ଦାସ ଭାଙ୍ଗି ପଡ଼ିଛନ୍ତି । ଏବେ ସେ ଆର୍ଥିକ ସାହାଯ୍ୟ ପାଇଁ ସରକାର ଓ ସମାଜସେବୀଙ୍କ ଦ୍ୱାରସ୍ଥ ହେବାକୁ ବାଧ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ କିମ୍ବା ଜିଲା ରେଡକ୍ରସ୍ ସଂସ୍ଥାରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଖାଦ୍ୟ ସୁରକ୍ଷା କମିଶନ ସଦସ୍ୟାଙ୍କ ସଚେତନତା ସଭା



ସଚେତନତା ସଭାରେ ଯୋଗଦେଇଥିବା ମହିଳାମାନେ।

**କେନ୍ଦ୍ରାପଡା ଅଫିସ, ୨୪।୨**

କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ସଦସ୍ୟା ଡ. ସିପ୍ରା ମଲ୍ଲିକ ଏକ ସଚେତନତା ସଭା ଶନିବାର ଆୟୋଜନ କରିଥିଲେ । ଏହି ଅବସରରେ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିସହ ମଲ୍ଲିକ ସ୍ଥାନୀୟ ଅଞ୍ଚଳରେ ଥିବା ସମସ୍ୟାଗୁଡିକୁ ଅନୁଧ୍ୟାନ କରିଥିଲେ । ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇପାରି ନଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ କରିଥିଲେ। ପଞ୍ଚାୟତ ମହିଳା ମହାସଙ୍ଘର ସଭାନେତ୍ରୀ ଦ୍ରୌପଦୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଋଷିକାନ୍ତ ବଳ, ମହେନ୍ଦ୍ର କୁମାର ମିଶ୍ର, ତନୁଜା ଦାସ ଓ ମଞ୍ଜୁଷା ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜବରଦଖଲରେ ଶ୍ରୀଜୀଉଙ୍କ ପଦପଦ୍ମ ପୋଖରୀ

**କେନ୍ଦ୍ରାପଡା ଅଫିସ, ୨୪।୨**

କେନ୍ଦ୍ରପଡା ସହରର ଭଗବାନପୁରସ୍ଥିତ ଶ୍ରୀ ବଳଦେବଜୀଉଙ୍କ ପଦପଦ୍ମ ପୋଖରୀକୁ ଜବରଦଖଲ କରିବାକୁ ଉଦ୍ୟମ ହୋଇଛି। ଏହାକୁ ବିରୋଧ କରି ଗ୍ରାମରେ ରବିବାର ଉତ୍ତେଜନା ପ୍ରକାଶ ପାଇଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ପୋଖରୀର ପଛପଟେ ଥିବା ନିଜସ୍ୱ ଜମିରେ ଘର ନିର୍ମାଣ କରି ଜଣେ ବିଲଡର ପୋଖରୀ ହୁଡାରେ ରାସ୍ତା ନିର୍ମାଣ କରିବାକୁ ଉଦ୍ୟମ କରୁଛନ୍ତି।

ପୂର୍ବରୁ ମଧ ଏଭଳି ଉଦ୍ୟମ ହୋଇଥିଲା। ସେତେବେଳେ ତତ୍କାଳୀନ ଜିଲାପାଳ ରେଘୁ ଜୀ. ଏଥିରେ ହସ୍ତକ୍ଷେପ କରି ପୋଖରୀର ସ୍ଥିତାବସ୍ଥା ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ଅନୁଧ୍ୟାନ କରି ଶ୍ରୀଜୀଉଙ୍କ ଦେବୋତ୍ତର ସଂସ୍ଥା ପକ୍ଷରୁ ଏକ ମାମଲା ରୁଜୁ କରିବା ଲାଗି କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ଯୌତୁକଜନିତ ବଧୂହତ୍ୟା

**କେନ୍ଦ୍ରାପଡା ଅଫିସ, ୨୪।୨**

ଯୌତୁକ ପାଇଁ ଜଣେ ମହିଳାଙ୍କୁ ମାରି ଦିଆଯାଇଛି। ଏନେଇ ଶନିବାର ମହାକାଳପଡ଼ା ଥାନାରେ ପାଟକୁରା ଥାନା ଅନ୍ତର୍ଗତ ଦଳନ୍ତା ଗ୍ରାମର ଧ୍ରୁବଚରଣ ବେହେରା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଝିଅ ବିଶ୍ୱମୈତ୍ରୀଙ୍କ ସହ ମହାକାଳପଡା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବିଜୟ କୁମାର ବେହେରାଙ୍କ ୨୦୧୨ରେ ବୈଦିକ ରୀତିରେ ବିବାହ ହୋଇଥିଲା । ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ୬ ଲକ୍ଷ ଟଙ୍କା, ୧୫ ଭରି ସୁନା ଓ ଆସବାବପତ୍ର ଆଦି ଦିଆଯାଇଥିଲା । ମାତ୍ର ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ପକ୍ଷରୁ ବିଶ୍ୱମୈତ୍ରୀଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଗତ ଶୁକ୍ରବାର ଅଧିକ ଟଙ୍କା ଆଣିବାକୁ ଦାବିକରି ବିଜୟଙ୍କ ପରିବାର ଲୋକେ ତାଙ୍କୁ ଜୀବନରୁ ମାରି ଦେଇଥିବା ନେଇ ବେହେରା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ କହିଛନ୍ତି,ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ-୧୮/୧୯)ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ଖୁବଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବିଶ୍ୱ ହିନ୍ଦୁ ପରିଷଦ ନୂତନ କର୍ମକର୍ତ୍ତା ଚୟନ

**ପଟ୍ଟାମୁଣ୍ଡାଇ, ୨୪।୨ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ବିଶ୍ୱହିନ୍ଦୁ ପରିଷଦ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ରାଧାରମଣ ମଠ ପରିସରରେ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ରମୋହନ ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲା କାର୍ଯ୍ୟକାରୀ ସଭାପତି ଗୋପୀନାଥ ତ୍ରିପାଠୀ, ଜିଲା ସମ୍ପାଦକ ପବିତ୍ର ମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଶ୍ୱହିନ୍ଦୁ ପରିଷଦର ନୀତି, ଆଦର୍ଶ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ସମ୍ପାଦକ ପ୍ରତାପ ଚନ୍ଦ୍ର ପାଢ଼ୀ, ସହସମ୍ପାଦକ ସରୋଜକାନ୍ତ ପଣ୍ଡା ଏବଂ ପ୍ରଚାର ପ୍ରସାର ଓ ସୂଚନା ପ୍ରମୁଖ ଭାବେ ମିଳନ୍ ଧଳଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ମାର୍ଶାଘାଇ, ଆଳି, ରାଜନଗର, ରାଜକନିକା , ମହାକାଳପଡ଼ା ପ୍ରଖଣ୍ଡ ସମେତ କେନ୍ଦ୍ରାପଡ଼ା ଜିଲାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପୂର୍ବତନ ବିଧାୟକ ଇନ୍ଦ୍ରମଣି ରାଉତଙ୍କ ଶ୍ରାଦ୍ଧବାର୍ଷିକୀ




**କେନ୍ଦ୍ରାପଡା ଅଫିସ, ୨୪।୨**

କେନ୍ଦ୍ରାପଡା ଜିଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପୂର୍ବତନ ବିଧାୟକ ଇନ୍ଦ୍ରମଣୀ ରାଉତଙ୍କ ୧୩ତମ ଶ୍ରାଦ୍ଧବାର୍ଷିକୀ ରବିବାର ସହରର ଉର୍ଦ୍ଧୁ ଲାଇବ୍ରେରୀରେ ପାଳନ କରାଯାଇଛି । ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ସ୍ୱାଧୀନତା ସଂଗ୍ରାମୀ ନକୁଳ ଦାସ, ଶିକ୍ଷାବିତ୍ ଅଜୟକୁମାର ରାଉତ ଓ ବୁଦ୍ଧିଜୀବୀ ଦେବେନ୍ଦ୍ର ସୁଆର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। । ଏହି ଅବସରରେ ସ୍ୱର୍ଗତ ରାଉତଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାକୁ ସଂସଦ ସଭାପତି ସୁଶୀଲ ସାମଲ, ଗୋଲକ ଚନ୍ଦ୍ର ପଢ଼ିଆରୀ ଓ ମନୋଜ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ୨ରୁ ସାଗରବେଳା ମହୋତ୍ସବ

**ରାଜନଗର, ୨୪।୨ (ଡି.ଏନ୍.ଏ.)**

ରାଜନଗର ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ବାରଗାଁସ୍ଥିତ ମା' ମାଟିଆମଙ୍ଗଳାଙ୍କ ପୀଠରେ ଆସନ୍ତା ୨ ତାରିଖଠାରୁ ସାଗରବେଳା ମହୋତ୍ସବ ଆରମ୍ଭ ହେବ। ଏହି ଉପଲକ୍ଷେ ମାଟିଆ ମଙ୍ଗଳା ପୀଠରେ ମନ୍ଦିର ଉନ୍ନୟନ କମିଟି ସଭାପତି ବାସୁଦେବ ମିଶ୍ରଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ହେବାକୁ ଥିବା ୩ ଦିନିଆ ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ରାଜନଗର ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ, ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ପିସିସିଏଫ ଅଜୟ କୁମାର ମହାପାତ୍ର, ଡା. ଅଜାମ୍ବର ସୂତାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିବା ବେଳେ ଏଥିରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ, ଅବସରପ୍ରାପ୍ତ ପ୍ରଶାସକ ଡା. କେଳୁଚରଣ ସ୍ୱାଇଁ ଯୋଗଦେବେ ବୋଲି ଜଣାପଡ଼ିଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଧ୍ରୁବଚରଣ ସାହୁ ସମ୍ମାନିତ ଅତିଥି, ଉତ୍କଳ ଭାଷା ବିଭାଗ ପ୍ରଫେସର ଡା. ଶଶିଭୂଷଣ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ସଭାପତି ଡା. ଅଭୟ କୁମାର ପାତ୍ର, ମହାସଚିବ ଅଧ୍ୟାପକ ସତ୍ୟବାଦୀ ଜେନା ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ଡା. ଧରଣୀଧର ରାଉତ, ସତ୍ୟବାଦୀ ଜେନା, ପଦ୍ମଲୋଚନ ରାଉତ, ବିଜୟ କୁମାର ଜେନା, ବାରଗାଁ ଯୁବ ପରିଷଦର ସଭାପତି ସରୋଜ କୁମାର ରାଉତ, ମାନସ ରଞ୍ଜନ ମିଶ୍ର, କାହ୍ନୁଚରଣ ଚଣ୍ଡ, ବିଚିତ୍ର କୁମାର ବିଶ୍ୱାଳ, ଭଗବତୀ ରାଉତ, କୈଳାସ ଚନ୍ଦ୍ର ମହାନ୍ତି, ସୁନୀଲ କୁମାର ରାଉଳ, ଚିତ୍ତରଞ୍ଜନ ପଣ୍ଡା, କ୍ଷୀରୋଦ କୁମାର ମଲ୍ଲିକ, ହେମନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ଚିତ୍ରକଳା ପ୍ରଦର୍ଶନୀରେ ଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ଚିତ୍ରକଳା ପ୍ରଦର୍ଶିତ

**ରାଜନଗର, ୨୪।୨ (ଡି.ଏନ୍.ଏ.)**

ନୂଆଦିଲ୍ଲୀସ୍ଥିତ ରବୀନ୍ଦ୍ର ଭବନଠାରେ ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ଚିତ୍ରକଳା ପ୍ରଦର୍ଶନୀରେ ରାଜନଗର ବ୍ଲକ ଅଞ୍ଚଳର ଚିତ୍ରଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ଚିତ୍ରକଳା ସ୍ଥାନ ପାଇଛି। ଏହି ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ଲଳିତକଳା ଏକାଡେମୀ ପକ୍ଷରୁ ଏହି ଜାତୀୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଛି।

ସୂଚନାଯୋଗ୍ୟ, ଶିଳ୍ପୀ ଶ୍ରୀକାନ୍ତ ଭିତରକନିକା ଜାତୀୟ ଉଦ୍ୟାନର ବିରଳ ଜୀବଜନ୍ତୁ ଏବଂ ଗହୀରମଥାକୁ ଆସୁଥିବା ଅଲିଭରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ବିଭିନ୍ନ ଚିତ୍ର ଆଙ୍କି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ଭାବେ ପୁରସ୍କୃତ ହୋଇଛନ୍ତି।

## ଆତ୍ମନିଯୁକ୍ତି ତାଲିମ ଶିବିର




ତାଲିମ ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ମହାକାଳପଡ଼ା,୨୪।୨(ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟର ଓଡ଼ିଶା ମିଶନ ଶକ୍ତି ସଭାଗୃହରେ ଜିଲାଶିଳ୍ପ କେନ୍ଦ୍ର ପକ୍ଷରୁ ରବିବାର ଆତ୍ମନିଯୁକ୍ତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବତୀଯୁବକଙ୍କୁ ଆତ୍ମନିଯୁକ୍ତି ଦେବା ନିମନ୍ତେ ଏହାକୁ ଆୟୋଜନ କରାଯାଇଥିଲା। ଫେବୃୟାରୀ ୧୩ରୁ ଆରମ୍ଭ ହୋଇଥିବା ଏହି ଶିବିର ୨୮ ପର୍ଯ୍ୟନ୍ତ ଚାଲିବ। ଶିବିରରେ ଆତ୍ମନିଯୁକ୍ତି, କ୍ଷୁଦ୍ର ବ୍ୟବସାୟୀ, ବିକ୍ରିବଟା ସମ୍ବନ୍ଧୀୟ ପରିଚାଳନା ବ୍ୟବସ୍ଥା, କାର୍ଯ୍ୟକାରୀ ପୁଞ୍ଜିର ସୁବ୍ୟବସ୍ଥା ଓ ହିସାବ ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ଅମୀୟ ବେହେରା, ୱାଇଏମ୍‌ସିଏ ସାଧାରଣ ସମ୍ପାଦକ ଶୁଭ୍ରକାନ୍ତ ସାମଲ ଓ ଭୁବନେଶ୍ୱରସ୍ଥିତ ଜାଭିୟର ଅନୁଷ୍ଠାନର ମାନବ ସମ୍ବଳ ବିକାଶ ପରାମର୍ଶଦାତା ଚିଦାନନ୍ଦ ନାୟକ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ: ବାଲାବାବା ଚାମ୍ପିୟନ

**ଡେରାବିଶ, ୨୪।୨ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ଜହଙ୍ଗର ହାଟପଡ଼ିଆଠାରେ ଅନୁଷ୍ଠିତ ନବମ ସର୍ବେଶ୍ୱର ରଥ ଚାଲେଞ୍ଜ କପ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ଓ ପଞ୍ଚୁପାଣ୍ଡବ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେଇଥିଲା। ପଞ୍ଚୁପାଣ୍ଡବ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କର ୧୨୪ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲାବାବା ଟିମ୍ ୧୯ ଓଭରରେ ୧୨୫ ରନ୍ ସଂଗ୍ରହ କରି ମ୍ୟାଚ୍ ଜିତି ଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ବିଜେଡି ସମ୍ପାଦକ ରବି ସାମଲ ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟା ପୂର୍ଣ୍ଣିମା ମଲ୍ଲ ଓ ମନୋରମା ସହୁ, ଗୋଲରାହାଟ ସମିତିସଭ୍ୟ ଶୈଳବାଳା ପଲେଇ, ସାମାଜିକ କର୍ମୀ ବିପିନ ବିହାରୀସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଓ ଉପବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। କର୍ମକର୍ତ୍ତା ଚିରଞ୍ଜିବୀ ବଳ, ସତ୍ୟପ୍ରକାଶ ସେଠୀ, ନରେନ୍ଦ୍ର ସେଠୀ, ଚିତ୍ତରଞ୍ଜନ ଭଦ୍ର, ବଳରାମ ରାଉତ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ସଂକ୍ଷେପରେ**

## ଶହୀଦ ପ୍ରସନ୍ନଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତ୍‌ସିଂହପୁର ଅଫିସ, ୨୪।୨:** ଜମ୍ମୁ-କାଶ୍ମୀରର ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ପାରିଶିଖର ଗାଁର ପ୍ରସନ୍ନ ସାହୁଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା, ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବଡ଼ବଜାର କୋର୍ଟ ଛକ ନିକଟରେ ମଧ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପ୍ରତ୍ୟେକ ବର୍ଗର ଲୋକ ଏଥିରେ ସାମିଲ ହୋଇଥିଲେ।

## ଶହୀଦଙ୍କ ପରିବାରକୁ ଟ୍ରକ ମାଲିକ ସଂଘର ସହାୟତା



**ପାରାଦୀପ,୨୪।୨(ସ୍ୱ.ପ୍ର.):** ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଦୁଇ ଓଡ଼ିଆ ଯବାନଙ୍କ ପରିବାରକୁ ପାରାଦୀପ ଟ୍ରକ୍ ମାଲି ସଂଘ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଶନିବାର ଏନେଇ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ଏଥିରେ ଶହୀଦ ପ୍ରସନ୍ନ ସାହୁ ଓ ମନୋଜ ବେହେରାଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଲେଖାଏ ଦେବାକୁ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ସଂଘର କର୍ମକର୍ତ୍ତାମାନେ ଶହୀଦଙ୍କ ପରିବାରକୁ ଭେଟି ସହାୟତା ଦେଇଛନ୍ତି। ଏଥିସହ ସଂଘ ପକ୍ଷରୁ ଶହୀଦ ଯବାନ ଫଣ୍ଡ ଗଠନ କରାଯାଇଛି। ପ୍ରଥମ ଦିନରେ ଏହି ଫଣ୍ଡ ପାଇଁ ୩୦ ହଜାର ଟଙ୍କା ସଂଗ୍ରହ ହୋଇଛି। ମାସ ଶେଷରେ ଏହି ଅର୍ଥ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସଂଘ ଉପସଭାପତି ପ୍ରକାଶ ଜେନା କହିଛନ୍ତି। ବୈଠକରେ ମନୋଜ ସ୍ୱାଇଁ, ସୁଧିର ଜେନା, ସୁନାକର ମହାନ୍ତି, ଉମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୨୮ରୁ ହୋଇନି ଭୂବନ୍ଦୋବସ୍ତ

# ହଇରାଣ ହେଉଛନ୍ତି ୧୪ ରାଜସ୍ୱ ଗ୍ରାମବାସୀ

- ଆନ୍ଦୋଳନକୁ ଓହ୍ଲାଇବ ଭୂବନ୍ଦୋବସ୍ତ କ୍ରିୟାନୁଷ୍ଠାନ କମିଟି
- ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି

**କୁଜଙ୍ଗ,୨୪।୨(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ତହସିଲ୍ ଅଧୀନ ୧୪ଟି ଗ୍ରାମ ଅଧୀନ ରାଜସ୍ୱ ଗ୍ରାମରେ ୧୯୨୮ରୁ ଭୂବନ୍ଦୋବସ୍ତ କାର୍ଯ୍ୟ ହୋଇନାହିଁ। ଫଳରେ ବିଜୟଚାନ୍ଦପୁର, କୋଲଡିଆ, କେରୁଡିଆପଲ୍ଲୀ କନ୍ଧା, ଉଦୟଚନ୍ଦ୍ରପୁର, ମୂଷାଡିଆ, ବାହାରତରୀ, ବାଲିଡିଆ, ନୂଆଗଡ଼, କତକୁଲା, ସିଜୁ, ଝିମାଣୀ, ପିତାମ୍ବରପୁର, କାଠଗଡ଼ା, ବାହାର ତରିଡିଆ ଆଦି ଗ୍ରାମର ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ସରକାରଙ୍କ ରାଜସ୍ୱ ବିଭାଗର ନୂତନ ନିର୍ଦ୍ଦେଶାବଳୀ ପରେ ଖତିୟାନ ନ ଥିବା ଯୋଗୁଁ ହଜାର ହଜାର ଗ୍ରାମବାସୀ ହଇରାଣ ହେଉଛନ୍ତି। ଆବଶ୍ୟକ ସମୟରେ ସେମାନେ ଜମି ଖରିଦ ବିକ୍ରି କରିପାରୁନାହାନ୍ତି। ବ୍ୟବସାୟ ବାଣିଜ୍ୟ କିମ୍ବା ଗୃହ ନିର୍ମାଣ ପାଇଁ ସେମାନଙ୍କୁ ବ୍ୟାଙ୍କରୁ ଋଣ ମିଳୁନାହିଁ। ଦୀର୍ଘ ଅବଧି ଲିଜ୍ ହୋଇ ନ ପାରିବା, ଆବାସିକ ପ୍ରମାଣପତ୍ର ଓ ଆୟ ପ୍ରମାଣପତ୍ର ନ ମିଳିବା ଫଳରେ ପିଲାଙ୍କ ପାଠପଢ଼ା ଓ ପାସ୍‌ପୋର୍ଟ ଦରଖାସ୍ତ ଆବେଦନରେ ଅସୁବିଧା ହେଉଛି। ସେହିପରି ଲ୍ୟାଣ୍ଡ ପାସବୁକ୍ ତଥା ଭୂବନ୍ଧକ ଋଣ ମିଳୁନାହିଁ ଓ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନାରେ ଉକ୍ତ ୧୪ଟି ରାଜସ୍ୱ ଗ୍ରାମ ସାମିଲ୍ ହୋଇପାରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଏ ଅଞ୍ଚଳରେ ଭୂବନ୍ଦୋବସ୍ତ କ୍ୟାମ୍ପ ଅଫିସ୍ ୨୦୦୮ ମସିହା ସୁଦ୍ଧା କାର୍ଯ୍ୟକାରୀ ହେଉଥିଲା। ମାତ୍ର ରାଜସ୍ୱ ବିଭାଗ ୨୦୧୩ ଅକ୍ଟୋବର ୨୮ର ଚିଠି ନଂ.ଏସ୍‌ଏମ୍ ୬୩/୨୦୧୩/୪୦୯୮୫ ପରେ ସମସ୍ତ ବନ୍ଦୋବସ୍ତ କାର୍ଯ୍ୟ ପ୍ରତ୍ୟାହାର ହୋଇଗଲା। ଭିନ୍ନ ଭିନ୍ନ ସମୟରେ କେତେଜଣ ସଚେତନ ଜମି ମାଲିକ ତଥା ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ବନ୍ଦୋବସ୍ତ କାର୍ଯ୍ୟ କରିବା ପାଇଁ ରାଜସ୍ୱ ବିଭାଗର ସମସ୍ତସ୍ତରର ଅଧିକାରୀ ତଥା ଉଚ୍ଚ ନ୍ୟାୟାଳୟରେ ଆବେଦନପତ୍ର ଉପସ୍ଥାପନ କରିସାରିଛନ୍ତି। ମାତ୍ର ପରିତାପର ବିଷୟ ଏହି ଭୂବନ୍ଦୋବସ୍ତ କାର୍ଯ୍ୟ ସରକାରଙ୍କ ପ୍ରାଥମିକ ଦାୟିତ୍ୱ ହୋଇଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଗଲାନାହିଁ। କୃଷକଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ପ୍ରକାର ଯୋଜନା କରୁଥିବାବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉନାହାନ୍ତି। ରାଜସ୍ୱ ସଚିବ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଆବେଦନପତ୍ରକୁ ଶୀତଳଭଣ୍ଡାରରେ ରଖିଦେଇଛନ୍ତି। ତେଣୁ ସରକାରଙ୍କ ନିକଟରେ ନ୍ୟାୟ ଦାବି ଉପସ୍ଥାପନକୁ ଅଧିକ ଜୋରଦାର କରିବାକୁ ଉକ୍ତ ୧୪ ରାଜସ୍ୱ ଗ୍ରାମର ଲୋକମାନେ କତକୁଲା ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ବସି ଭୂବନ୍ଦୋବସ୍ତ କ୍ରିୟାନୁଷ୍ଠାନ କମିଟି ନାମରେ ଏକ ମଞ୍ଚ ଗଠନ କରିଛନ୍ତି। ଏହି ଭୂବନ୍ଦୋବସ୍ତ କ୍ରିୟାନୁଷ୍ଠାନ କମିଟି ମଞ୍ଚ ପୂର୍ବତନ ଜିଲାପରିଷଦ ଅଧକ୍ଷା ସବିତା ମହାପାତ୍ରଙ୍କ ପୌରୋହିତ୍ୟରେ ଗଠିତ ହୋଇଛି। ଏଥିରେ ସଭାପତି ଭାବେ ପ୍ରଭାତ କୁମାର ନନ୍ଦୀ, ଉପସଭାପତି କେଶବ ଚରଣ ବେହେରା, ଅରକ୍ଷିତ ଦାସ, ସମ୍ପାଦକ ଆଭାସ ଚନ୍ଦ୍ର ଚୌଧୁରୀ, ସହସମ୍ପାଦକ ପ୍ରିୟରଞ୍ଜନ ସାମନ୍ତରାୟ, କୋଷାଧକ୍ଷ ଭାବେ ବିଜୟ କୁମାର ମଲ୍ଲିକ ରହିଛନ୍ତି। କୋଠି ଗ୍ରାମ ପ୍ରତିନିଧି ସୁବୋଧ କୁମାର ଆଚାର୍ଯ୍ୟ, ଝିମାଣୀ ଗ୍ରାମର କେଳୁଚରଣ ସ୍ୱାଇଁ, ବାଲିଆର ବିପିନ ଚନ୍ଦ୍ର ମହାପାତ୍ର, ନୂଆଗଡ଼ର ସୁରେଶ ଚନ୍ଦ୍ର ସାହୁ, କତକୁଲାର ଭାଗ୍ୟଧର ବିଶ୍ୱାଳ, ବିଜୟଚନ୍ଦ୍ରପୁର ଗ୍ରାମର ପ୍ରତିନିଧି ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଏନ୍.କେ.ଆର୍. ମୂର୍ତ୍ତି, ମହେଶ୍ୱର ଭୂୟାଁ, ପାରାଦୀପଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ, ରଞ୍ଜନ କୁମାର ଧଳ, ମାନସ ପଡ଼ିହାରୀ ପ୍ରମୁଖ ଶତାଧିକ ଲୋକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ମଞ୍ଚ ବନ୍ଦୋବସ୍ତ କାର୍ଯ୍ୟ କରିବାକୁ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି କୁହାଯାଇଛି।



ବୈଠକରେ ଉପସ୍ଥିତ ଗ୍ରାମବାସୀ।

## ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟଚାଲାଣ

# ଯୌତୁକ ସାମଗ୍ରୀ ବାପଘରକୁ ହସ୍ତାନ୍ତର

**ତିର୍ତ୍ତୋଲ,୨୪।୨(ଡି.ଏନ.ଏ.):** ତିର୍ତ୍ତୋଲ ଥାନା ସଅଁରା ପଞ୍ଚାୟତ ବରୁଣପଡ଼ା ଗ୍ରାମର ସୁଶାନ୍ତ ରାଉତ ସ୍ତ୍ରୀ ପ୍ରଜ୍ଞାଶ୍ରୀଙ୍କୁ ଯୌତୁକ ପାଇଁ ହତ୍ୟା କରିଥିବା ଅଭିଯୋଗ ହେବା ପରେ ଶନିବାର ପୋଲିସ ତାଙ୍କୁ ଗିରଫ କରିଥିଲା। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିସହ ତାଙ୍କ ଘରୁ ଆଇଆଇସି ପ୍ରଶାନ୍ତ ମାଝୀଙ୍କ ତତ୍ତ୍ୱାବଧାନରେ ପୋଲିସ ଯୌତୁକ ସାମଗ୍ରୀ ଜବତ କରି ପ୍ରଜ୍ଞାଶ୍ରୀଙ୍କ ବାପଘରକୁ ହସ୍ତାନ୍ତର କରିଛି। ଅଭିଯୋଗ ଅନୁଯାୟୀ, ସୁଶାନ୍ତଙ୍କ ସହ ପ୍ରଜ୍ଞାଶ୍ରୀଙ୍କ ବିବାହ ୨୦୧୬ରେ ହୋଇଥିଲା। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ପ୍ରଦାନ କରାଯାଇଥିଲା। ତେବେ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ପ୍ରଜ୍ଞାଶ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ତାଙ୍କୁ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକମାନେ ମାରି ଗଛରେ ଝୁଲାଇ ଦେଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ନଂ. ୫୬/୧୯ ରୁଜୁ କରି ତଦନ୍ତ ଚଳାଇଥିଲା।

# ରାଢ଼ଙ୍ଗରେ କଂଗ୍ରେସ କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

**ରଘୁନାଥପୁର,୨୪।୨ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ରାଢଙ୍ଗରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ତୃଣମୂଳସ୍ତରରେ ସଙ୍ଗଠନକୁ ମଜଭୁତ କରିବାକୁ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରତିମା ମଲ୍ଲିକ ଉପସ୍ଥିତ କର୍ମୀଙ୍କୁ କହିଥିଲେ। ବ୍ଲକ କଂଗ୍ରେସ ଜୋନ ୨ର ସଭାପତି ସର୍ବେଶ୍ୱର ପଣ୍ଡା ପୌରୋହିତ୍ୟ କରିଥିଲେ। ସାଧାରଣ ସମ୍ପାଦିକା ମଲ୍ଲିକ ରାଜ୍ୟରେ ଚାଲିଥିବା ୧୯ ବର୍ଷର ବିଜେଡି ଶାସନ କାଳରେ ନାବାଳିକାଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଇଥିବା କହିଥିଲେ। ସେହିପରି କଂଗ୍ରେସ ନେତା ବିଭୁ ପ୍ରସାଦ ତରାଇ ଯୋଗଦେଇ ରାଜ୍ୟ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିଜର ପ୍ରଚାର ପାଇଁ ପିଠା ପ୍ରୋଗ୍ରାମ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଆବାହକ ପ୍ରଭାକର ଜେନା, ଜୋନ ୧ ସଭାପତି ଆଇନଜୀବୀ ଗଗନ ଦାଶ, ଦେବେନ୍ଦ୍ର ମଲ୍ଲିକ, ଶରତ ଚନ୍ଦ୍ର ରାଉତ, କୃଷ୍ଣଚନ୍ଦ୍ର ନାୟକ, ଅର୍ଜୁନ ରାଉତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ଗୌହାଟୀ ଯାତ୍ରା

**ଜଗତ୍‌ସିଂହପୁର ଅଫିସ,୨୪।୨:** ବରିଷ୍ଠ ନାଗରିକମାନଙ୍କ ପାଇଁ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକମାନେ ଦେଶର ବିଭିନ୍ନ ତୀର୍ଥକ୍ଷେତ୍ର ପରିଭ୍ରମଣ କରିବାର ସୁଯୋଗ ପାଉଛନ୍ତି। ସେହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାର ବରିଷ୍ଠ ନାଗରିକମାନେ ରବିବାର ପୂର୍ବାହ୍ଣରେ ଆସାମର ଗୌହାଟୀ ଯାତ୍ରା ଆରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆରୁ ସେମାନେ ୩ଟି ବସ ଯୋଗେ ଭୁବନେଶ୍ୱର ଯାଇଥିଲେ। ସେଠାରୁ ଟ୍ରେନ ଯୋଗେ ଯାତ୍ରା କରିଥିଲେ। ଡେପୁଟି କଲେକ୍ଟର ବିବୁଧ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲା ସଂସ୍କୃତି ଅଧିକାରୀ ରଞ୍ଜନ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲାରୁ ମୋଟ ୧୦୮ ଜଣ ଗୌହାଟୀ ଯାତ୍ରା କରିଛନ୍ତ। ସେମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ଓ ବିରିଡ଼ି ବ୍ଲକରୁ ୩୩ ଜଣ, ନାଉଗାଁ, ବାଲିକୁଦା, ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକରୁ ୩୩, ଏରସମା ଓ କୁଜଙ୍ଗ ବ୍ଲକରୁ ୪୨ ଜଣ ଅଛନ୍ତି। ସେମାନେ କଲିକତାର ଦକ୍ଷିଣକାଳୀ ମନ୍ଦିର, ଆସାମ ଗୌହାଟୀସ୍ଥିତ କାମାକ୍ଷା ମନ୍ଦିର ଆଦି ପରିଦର୍ଶନ କରିବେ। ତୀର୍ଥଯାତ୍ରୀ ଦଳରେ ଶ୍ରମ ନିରୀକ୍ଷକ ସନ୍ତୋଷ ମହାନ୍ତି, ବରିଷ୍ଠ କିରାଣି ସୂର୍ଯ୍ୟକାନ୍ତ ସାହୁ, କାଜଲ ମଲ୍ଲିକ, ବସନ୍ତ ସୋରେନ, କନିଷ୍ଠ କିରାଣି ଶାରଦା ପ୍ରସାଦ ସାହୁ, ରାଧାମୋହନ ଜେନା ପ୍ରମୁଖ ରହିଛନ୍ତି।

# ଆତଙ୍କବାଦ ନିଶ୍ଚିହ୍ନ ପାଇଁ ବିଶ୍ୱ ସମୁଦାୟକୁ ଅନୁରୋଧ



ମହମ୍ମଦପୁରରେ ଆତଙ୍କବାଦ ବିରୋଧରେ ସ୍ୱରତ୍ତୋଳନ କରୁଥିବା ଲୋକମାନେ।

**ରଘୁନାଥପୁର,୨୪।୨ (ଡି.ଏନ.ଏ)**

ଆତଙ୍କବାଦ ହେଉଛି ସାରା ବିଶ୍ୱ ପାଇଁ ମାରାତ୍ମକ ବ୍ୟାଧି। ଆତଙ୍କବାଦକୁ ପ୍ରୋତ୍ସାହନ ଦେଇଥିବା ରାଷ୍ଟ୍ର ଘାତକ ସଦୃଶ। ତେଣୁ ଆତଙ୍କବାଦକୁ ସମୂଳେ ନିଶ୍ଚିହ୍ନ କରିବାକୁ ବିଶ୍ୱ ସମୁଦାୟକୁ ଅନୁରୋଧ କରିଛନ୍ତି, ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ପଞ୍ଚାୟତବାସୀ। ସରପଞ୍ଚ ସରୋଜ କୁମାର ବେହେରାଙ୍କ ପରିଚାଳନାରେ ପଞ୍ଚାୟତର ହିନ୍ଦୁ ଓ ମୁସଲିମ ଭାଇମାନେ ଏକତ୍ରିତ ହୋଇଥିଲେ। ଜଲାଲ ଉଦ୍ଦିନ ଅହମ୍ମଦ, ଅବଦୁଲ ସୋଫିୟାନ, ନରେନ୍ଦ୍ର ବାରିକ, ସମିତିସଭ୍ୟା ଶୋଭା ମଞ୍ଜରୀ ବେହେରା, ସୟଦ ନୁର ମହମ୍ମଦ, ମୁଖ୍‌ତାର ଅହମ୍ମଦ, ସାବିର ଅଲି, ଇମ୍ରାନ ଅଲି, ନକୁଳ ବେହେରା, ନିରଞ୍ଜନ ସାହୁ, ଗଙ୍ଗାଧର ପାତ୍ର, ରଞ୍ଜନ ବେହେରା, ଅଜୟ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ଦିବ୍ୟଜ୍ୟୋତି କ୍ଲବ କ୍ରିକେଟ: ମାଣତ୍ରୀ ଚାମ୍ପିୟନ

**ବିରିଡ଼ି,୨୪।୨(ଡି.ଏନ.ଏ):** ବିରିଡ଼ି ବ୍ଲକ ଦିବ୍ୟଜ୍ୟୋତି କ୍ଲବ ହଳଦିଆପଡା-ନୂଆଗାଁ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ସାହୁ ଉଦ୍‌ଘାଟନ କରିଥିଲେ। ଫାଇନାଲରେ ଅଲ୍ଲୀପଡ଼ାକୁ ହରାଇ ମାଣତ୍ରୀ କ୍ରିକେଟ ଟିମ ଚାମ୍ପିୟନ ହୋଇଛି। ପ୍ରଥମେ ମାଣତ୍ରି କ୍ରିକେଟ ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪ ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ଅଲ୍ଲୀପଡ଼ା ଟିମ୍ ନିର୍ଦ୍ଧାରିତ ୮ ଓଭରରେ ୮ ଉଇକେଟ ହରାଇ ୫୫ ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ ଦଳକୁ ବିଜେଡି ନେତା ଯୁଧିଷ୍ଠିର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୦ ହଜାର ଟଙ୍କା ସହ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ରନର୍ସ ଅପ୍ ଟିମକୁ ରନର୍ସ କପ ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ତୃତୀୟ ସ୍ଥାନ ପାଇଥିବା ବଡିମୀରା ଟିମକୁ ୨୫ ଶହ ଟଙ୍କା ସହ କପ ପ୍ରଦାନ କରାଯାଇଥିଲା। ଦିବ୍ୟଜ୍ୟୋତି କ୍ଲବର ସଭାପତି କରୁଣାକର ରାଉତ, ସମ୍ପାଦକ ସମ୍ପଦ ସାହୁ, କୋଷାଧକ୍ଷ ପ୍ରଣବ ରାଉତଙ୍କ ସହ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ନିରାକାର କ୍ରିକେଟ ଟୁର୍ନାମେଣ୍ଟ : ଡିଡିଏଲ ଚାମ୍ପିୟନ

**ତିର୍ତ୍ତୋଲ,୨୪।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ବେହେଡ଼ପୁର ଗ୍ରାମରେ ଚାଲିଥିବା ନିରାକାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଏଥିରେ କଟକ ଜିଲା ସାଲେପୁରର ଡିଡିଏଲ କ୍ରିକେଟ ଟିମ୍ ୪ ଉଇକେଟରେ ବେହେଡପୁରର ବଜରଙ୍ଗୀ କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସୁଧିର ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ବିଜେଡି ବ୍ଲକ ସଭାପତି ବସନ୍ତ ମହାପାତ୍ର ଚାମ୍ପିୟନ ଦଳକୁ ଟ୍ରଫି ଏବଂ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ରନର୍ସ ଅପ୍ ଦଳକୁ ଜିଲା ବିଜୁ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ସମିତ୍ ଲେଙ୍କା ରନର୍ସ କପ ପ୍ରଦାନ କରିଥିଲେ।

# ବୀର ମରେ ନାହିଁ, ପ୍ରସନ୍ନ ଚିର ଅମର

**ନାଉଗାଁ,୨୪।୨(ସ୍ୱ.ପ୍ର.)**

**ଶହୀଦ ପ୍ରସନ୍ନଙ୍କ ସ୍ମୃତିସଭା**

ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ପାରିଶିଖରର ପ୍ରସନ୍ନ ସାହୁଙ୍କ ଏକାଦଶାହ ଅବସରରେ ରବିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ପୁରୀ ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପ୍ରସନ୍ନଙ୍କ ପାଇଁ ସାରା ଦେଶ ଗର୍ବିତ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ତାଙ୍କ ବଳିଦାନ କଦାପି ବୃଥା ଜୀବ ନାହିଁ। ଏ ମାଟି ଆହୁରି ଶହ ଶହ ଯବାନଙ୍କୁ ଜନ୍ମ ଦେବ। ବୀର କେବେ ମରେନାହିଁ, ତେଣୁ ପ୍ରସନ୍ନ ଶହୀଦ ହୋଇ ମଧ ଆଜି ଅମର ବୋଲି ସେମାନେ ପ୍ରକାଶ କରିଥିଲେ। ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁ ଚରଣ ଦାସ, ଏମ୍‌ପି ଡା.କୁଳମଣି ସାମଲ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକ, ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପ୍ରତାପ ମିଶ୍ର, ଲୋରା ମହାପାତ୍ର, ସୁଲେଖା ମାଝି, ଡେଜାଲିନ ମହାପାତ୍ର, ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମହାପାତ୍ର, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଯୁବନେତା ପ୍ରଦୀପ ସ୍ୱାଇଁ, ନାଉଗାଁ ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ, ଜିଲା ଯୁବ ବିଜେଡି ସଭାପତି ଅମରେନ୍ଦ୍ର ଦାସ, ସନ୍ତୋଷ ପଟ୍ଟନାୟକ, ନଟବର ବାରିକ, ସୁଶାନ୍ତ କାନୁନଗୋ, ନିଲୁରାମ ଜେନା ପ୍ରମୁଖ ଯୋଗ ଦେଇଥିଲେ।



ସ୍ମୃତିସଭାରେ ଯୋଗ ଦେଇଥିବା ରାଜନେତା ଓ ବିଶିଷ୍ଟ ବ୍ୟକ୍ତି।



ଶହୀଦ ପ୍ରସନ୍ନ ସାହୁଙ୍କ ଫଟୋ ପାଖରେ ତାଙ୍କ ସ୍ତ୍ରୀ ଓ ଝିଅପୁଅ।

### ଯୋଗଦେଲେ ସବୁ ଦଳର ନେତା

ପ୍ରସନ୍ନଙ୍କ ସ୍ମୃତିଚାରଣ ସଭାରେ ଦଳଗତ ନିର୍ବିଶେଷରେ ସବୁ ଦଳର ନେତା ଯୋଗ ଦେଇଥିଲେ। ସମସ୍ତେ ପ୍ରସନ୍ନଙ୍କ ବଳିଦାନକୁ ମନେ ପକାଇବା ସହ ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ନାଉଗାଁ ବ୍ଲକର ସଚେତନ ନାଗରିକ ମଞ୍ଚ, ନାଉଗାଁ ସାଂସ୍କୃତିକ ପରିଷଦ ଓ ବିଭିନ୍ନ ଯୁବକ ସଂଘ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

### ଗଠନ ହେଲା ଶହୀଦ ପ୍ରସନ୍ନ ସାହୁ ଯୁବକ ସଂଘ

ପ୍ରସନ୍ନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାରିଶିଖର ଗ୍ରାମରେ ଶହୀଦ ପ୍ରସନ୍ନ ସାହୁ ଯୁବକ ସଂଘ ଗଠନ କରାଯାଇଛି। ଏହି ସଂଘରେ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇଛନ୍ତି। ବିଭିନ୍ନ ଜନହିତକର କାର୍ଯ୍ୟ କରିବାକୁ ଏହି ସଂଘ ଲକ୍ଷ୍ୟ ରଖିଥିବା ସଦସ୍ୟମାନେ କହିଛନ୍ତି।

### ଶହୀଦଙ୍କ ପରିବାରକୁ ସହାୟତା

ପ୍ରସନ୍ନଙ୍କ ପରିବାରକୁ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ସମବେଦନା ଜଣାଇବା ସହ ୫୫ ହଜାର, ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଂଘ ୧ଲକ୍ଷ, ପାରାଦୀପ ଡମ୍ଫର ସଂଘ ୧ଲକ୍ଷ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ନାୟକ ୫ହଜାର ଟଙ୍କା ପ୍ରଦାନ କରିଛନ୍ତି।

### ଶିଖର ଘାଟ ସେତୁ ନାମକରଣ ଦାବି

ଶିଖର ଘାଟ ସେତୁକୁ ଶହୀଦ ପ୍ରସନ୍ନ ସାହୁଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ପ୍ରସନ୍ନଙ୍କ ସ୍ମୃତିସଭା ଅବସରରେ ଆଇନଜୀବୀ ସୁଶାନ୍ତ କାନୁନ୍‌ଗୋ ଏହି ଦାବି ଉପସ୍ଥାପନ କରିଛନ୍ତି।

# ପିଏମ୍ କିଷାନ ସମ୍ମାନନିଧି ଯୋଜନା, ମନ୍ କୀ ବାତ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା।

**ରଘୁନାଥପୁର,୨୪।୨ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ କେରେକେରାଠାରେ ତିର୍ତ୍ତୋଲ ଭାଜପା ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଓ ମନ କୀ ବାତ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତରପ୍ରଦେଶ ଗୋରଖପୁରଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଏମ କିଷାନ ସମ୍ମାନନିଧି ଯୋଜନାର ଶୁଭ ଉଦ୍‌ଘାଟନ ଅବସରରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ସିଧା ପ୍ରସାରଣ ଜରିଆରେ ଏ ସମ୍ପର୍କରେ ମଧ ଅବଗତ କରାଯାଇଥିଲା। ଏହି ଉପଲକ୍ଷେ ରଘୁନାଥପୁର ମଣ୍ଡଳ ସଭାପତି ସୁବାସ ଜେନା, ଜଇପୁର ମଣ୍ଡଳ ସଭାପତି ଅଶୋକ ନାୟକଙ୍କ ସମେତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ୮ ଜଣ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇ, ମାନସ କୁମାର ମହାପାତ୍ର, ନିର୍ମଳ ମହାପାତ୍ର, ଅଶୋକ କୁମାର ମହାରଣା, ଛପଡା ସମିତିସଭ୍ୟା କାଦମ୍ବିନୀ ସ୍ୱାଇଁ, ଜିଲା ସାଧାରଣ ସମ୍ପାଦକ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା କୃଷକ ଭାଇମାନଙ୍କ ପାଇଁ ମୋଦି ସରକାରଙ୍କ ପକ୍ଷରୁ ଏକ ବଳିଷ୍ଠ ପଦକ୍ଷେପ। ଏହା ନିଶ୍ଚିତ ଭାବେ ସେମାନଙ୍କ ପାଇଁ ସହାୟକ ହେବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଏହାଛଡା ଉଜ୍ଜ୍ୱଳା ସମେତ ଅନେକ ଯୋଜନାରୁ ଲୋକମାନେ କିପରି ସୁଫଳ ପାଇ ପାରୁଛନ୍ତି ପ୍ରଫେସର ଭୋଇ ଏ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବନେତା ଦିଳୀପ ସ୍ୱାଇଁ, ବିଜୟଲକ୍ଷ୍ମୀ ସାହୁ, ବିରିଡି ମଣ୍ଡଳ ସଭାପତି ଆଲୋକ ପଣ୍ଡା, ଦାଇଁଲୋ ସଭାପତି ମନୋରଞ୍ଜନ ଦାସ, ଶାରଳା ମଣ୍ଡଳ ସଭାପତି ମନୋରଞ୍ଜନ ସାହୁ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାଷୀ ଟମାଟୋ ଫିଙ୍ଗିବା ସରକାରଙ୍କୁ ଉପହାସ

**ଭୁବନେଶ୍ୱର, ୨୪।୨(ବ୍ୟୁରୋ):** ଟମାଟୋ ବିକ୍ରି କରି ନ ପାରି କେନ୍ଦୁଝର ଜିଲାର ଚାଷୀମାନେ ବ୍ଲକ ସମ୍ମୁଖରେ ଉତ୍ପାଦିତ ହେଉଥିବା ସବୁ ଟମାଟୋ ଢାଳିଦେଉଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, କାଳିଆ ପ୍ରଚାର ହୋର୍ଡିଂ ସାମ୍ନାରେ ଚାଷୀ ଟମାଟୋ ଫିଙ୍ଗିବା କୌତୂହଳର ବିଷୟ। ଏହା ସରକାରଙ୍କୁ ଉପହାସ ସଦୃଶ। ଦୀର୍ଘ ୧୯ବର୍ଷ ଶାସନରେ ଥିବା ଇଏ ଏକ ପ୍ରଚାର ସର୍ବସ୍ୱ ସରକାର ବୋଲି ସ୍ପଷ୍ଟ ହୋଇଛି। ଗତବର୍ଷ ମଧ ଏହି ଅଞ୍ଚଳର ଚାଷୀ ଉତ୍ପାଦିତ ମୂଲ୍ୟ ନ ପାଇ ରାସ୍ତାରେ ଟମାଟୋ ଫିଙ୍ଗି ପ୍ରତିବାଦ କରିଥିଲେ। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଲା ଭଳି ଲାଗୁଛି। ୧୯ବର୍ଷ ବହୁତ ହୋଇଗଲା, ଏବେ ସରକାର ବଦଳାଇବାର ସମୟ ଆସିଛି ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି। ଧର୍ମେନ୍ଦ୍ର ଆହୁରି କହିଛନ୍ତି ଯେ, କାଳିଆ ଯୋଜନାକୁ ନେଇ ସରକାର ତୁମ୍ବିତୋଫାନ କରୁଛନ୍ତି। କେନ୍ଦୁଝର ଜିଲାର ତେଲକୋଇ ବ୍ଲକ୍ କାର୍ଯ୍ୟାଳୟ ସାମ୍ନାରେ ଚାଷୀମାନେ ପ୍ରଚୁର ମାତ୍ରାରେ ଟମାଟୋ ଢାଳୁଛନ୍ତି। ସେମାନେ ଢାଳୁଥିବା ସ୍ଥାନର ଠିକ୍ ପଛପଟେ କାଳିଆ ଯୋଜନା ପ୍ରଚାର ବ୍ୟାନର ଲାଗିଥିବା ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାରଙ୍କ ଅର୍ଥ ବ୍ୟବହାର କରି ଡେରାସର ଖାଦ୍ୟ ପ୍ରକ୍ରିୟାକରଣ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାରେ ରାଜ୍ୟ ସରକାର କାହିଁକି ବାଧକ ସାଜୁଛନ୍ତି ବୋଲି ଶନିବାର ପ୍ରଶ୍ନ କରିଥିଲେ। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ବିକାଶ ହୋଇଥିଲେ ରାଜ୍ୟର ଚାଷୀ ନିଜର କଷ୍ଟ ଅର୍ଜିତ ଅମଳକୁ ପ୍ରତିବାଦ କରି ଫିଙ୍ଗିଦେବା ବଦଳରେ ଉଚିତ ମୂଲ୍ୟ ପାଇଥାନ୍ତେ। ୨୦୧୪ ଇସ୍ତାହାରରେ ଶାସକ ବିଜେଡି ସବୁ ବ୍ଲକରେ ଗୋଟିଏ ଲେଖା ଶୀତଳଭଣ୍ଡାର ପାଇଁ ପ୍ରତିଶ୍ରୁତି ଦେଇଥିଲା। ସେତକ କଲେନାହିଁ ବରଂ ଯେଉଁ ଉଦ୍ୟମୀମାନେ ଶୀତଳଭଣ୍ଡାର କରିଥଲେ ଏବେ ସେଗୁଡ଼ିକ ବନ୍ଦ ହେବାକୁ ବସିଛି। ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ମିଳୁ ନ ଥିବା ସୁବିଧା ଦାବି ନେଇ ଶୀତଳଭଣ୍ଡାର ମାଲିକମାନେ ଆନ୍ଦୋଳନ କରିଥିଲେ। ଆଳୁ ଓ ପିଆଜ ମିଶନର ବଡ଼ ଯୋଜନାର ବଡ଼ ବିଫଳତା ପଛରେ ଶୀତଳଭଣ୍ଡାର ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଅଭାବ ରାଜ୍ୟ ସରକାର ଜାଣିଛନ୍ତି। ମାତ୍ର ଗୋଟିଏ ସ୍ଥାଣୁ, ଅପାରଗ ଓ ଚାଷୀଙ୍କ ପ୍ରତି ସମ୍ବେଦନହୀନ ସରକାରଠାରୁ ଅଧିକ ଆଶା କରିବା ଅମୂଳକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ହୋଟେଲରେ ଅଗ୍ନିକାଣ୍ଡ, ୭ ଆହତ

#### ଏଲ୍‌ପିଜି ପାଇପ୍ ଫାଟି ନିଆଁ ଲାଗିଥିବା ସୂଚନା



**ରାଉରକେଲା ଅଫିସ,୨୪।୨:** ରାଉରକେଲା ପାନପୋଷ ଗାନ୍ଧୀ ଛକସ୍ଥିତ ପଞ୍ଚମ ହୋଟେଲରେ ରବିବାର ସକାଳ ସାଢ଼େ ୮ଟାରେ ଅଗ୍ନିକାଣ୍ଡ ଘଟି ୭ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହୋଟେଲ ମାଲିକ ସୁରେଶ ପଶାୟତ, କର୍ମଚାରୀ ପ୍ରଦୀପ ମହାକୁଡ଼ (୪୨), ପଦ୍ମନ ବେହେରା (୪୨), କମଳନାଥ ଗିରି (୪୦), ଲୁଟୁ ଦତ୍ତ (୫୦), ଅଲେଖ ମହାପାତ୍ର (୪୫) ଓ ଟେଲସା ଟପୋ (୬୦)। ଏମାନଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି। ହୋଟେଲରେ ବ୍ୟବହୃତ ଏଲ୍‌ପିଜି ପାଇପ୍ ଫାଟିଯିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଗ୍ୟାସ୍ ଚୁଲାରେ ହୋଟେଲ ସମ୍ମୁଖରେ ସକାଳ ଜଳଖିଆ ପ୍ରସ୍ତୁତ କରାଯାଉଥିଲା। ତେବେ ହଠାତ୍ ପାଇପ୍ ଫାଟିଯିବାରୁ ହୋଟେଲ ଭିତରକୁ ନିଆଁ ବ୍ୟାପିଯାଇଥିଲା। ଫଳରେ ନିକଟରେ କାର୍ଯ୍ୟ କରୁଥିବା ୬ କର୍ମଚାରୀ ଓ ମାଲିକ ଆହତ ହୋଇଥିଲେ। ଏଥିସହ ହୋଟେଲର ଆସବାବପତ୍ର ଓ ସିଲିଂ ପୋଡ଼ି ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




# ବିକଳ୍ପ ସମ୍ଭାବନା, ତଥାପି ରହିଛି ଆଶା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୨୪।୨**

ବରାହ-ବିରଜା କ୍ଷେତ୍ରର ରାଜ୍ୟ ରାଜନୈତିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଦଶରଥପୁର ବ୍ଲକର ୨୦ଟି ପଞ୍ଚାୟତ ଓ ଯାଜପୁର ବ୍ଲକର ୧୮ ପଞ୍ଚାୟତକୁ ନେଇ ଗଠିତ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ଦୁଇ ଦଶନ୍ଧି ହେଲା ବିଜେଡି ଲଗାତାର ଭାବେ ବିଜୟୀ ହୋଇଆସିଛି। ଗତ ବିଧାନସଭା ନିର୍ବାଚନରେ ବିଜେଡି ପ୍ରାୟ ୭୦ ପ୍ରତିଶତ ଭୋଟ ପାଇଥିଲା। ପ୍ରଣବପ୍ରକାଶ ଦାସ(ବବି) ବିପୁଳ ଭୋଟ ପାଇ ନିର୍ବାଚିତ ହୋଇଥିଲେ। କିନ୍ତୁ ଏବେ ପରିସ୍ଥିତିରେ ପରିବର୍ତ୍ତନ ଘଟିଛି। ଗତ ୧୯ ତାରିଖରେ ଯାଜପୁର ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ମାରାଥନ ଗସ୍ତବେଳେ ଏହି ପ୍ରଭାବଶାଳୀ ନେତାଙ୍କ ଅନୁପସ୍ଥିତି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି କଂଗ୍ରେସ ଓ ଭାଜପା ମଧ ଏଠାରେ ନୂଆ ମୁହଁକୁ ପ୍ରାଧାନ୍ୟ ଦେବେ ବୋଲି ଆଲୋଚନା ହେଉଛି।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ଗଡ ଭାବେ ପରିଚିତ। ୧୯୫୭ରୁ ୨୦୦୪ ପର୍ଯ୍ୟନ୍ତ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। ୨୦୦୯ରୁ ଏହି ନିର୍ବାଚନ ମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଛି। ସେବେଠାରୁ ବବି ୨ଥର ବିଜେଡି ଟିକେଟରୁ ନିର୍ବାଚିତ ହୋଇଛନ୍ତି। ୨୦୧୪ ନିର୍ବାଚନରେ ସେ କଂଗ୍ରେସର ସନ୍ତୋଷ କୁମାର ନନ୍ଦଙ୍କୁ ୮୪,୬୧୩ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହେବା ପରେ ଶକ୍ତିମନ୍ତ୍ରୀ ହୋଇଥିଲେ। ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସମୟରେ ୨୦୧୭ରେ ତାଙ୍କଠାରୁ ମନ୍ତ୍ରୀ ପଦ କାଢି ନିଆଯାଇଥିଲା। ଗତ ୫ ବର୍ଷ ମଧ୍ୟରେ ଯାଜପୁର ସହରର ନବ କଳେବର ହୋଇଥିବାବେଳେ ଯାଜପୁର ପୌର ପରିଷଦର ୧୫୦ବର୍ଷ ପୂର୍ତ୍ତି ପାଳନ ହୋଇଛି। ସମୟକ୍ରମେ ବବିଙ୍କୁ ରାଜ୍ୟର ଅନ୍ୟ ଜିଲାଗୁଡ଼ିକରେ ସଂଗଠନ ଦାୟିତ୍ୱ ଦିଆଯାଇଛି। ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବାର ଅନେକ ନଜିର ରହିଛି। ୨୦୦୦ରେ ସୂର୍ଯ୍ୟମଣି ଜେନା, ୨୦୦୪ରେ ପରମେଶ୍ୱର ସେଠୀ ଓ ୨୦୦୯ ଓ ୨୦୧୪ରେ ବବିଙ୍କୁ ଟିକେଟ ମିଳିଛି। ତେଣୁ ଏଥର କାହାକୁ ଟିକେଟ ମିଳିବ ସେ ନେଇ ଚର୍ଚ୍ଚା ଜୋର ଧରିଛି। ବବିଙ୍କୁ ଯଦି ଟିକେଟ ନ ମିଳେ ତେବେ ତାଙ୍କ ଭାଇ ତଥା ପୂର୍ବତନ ଯାଜପୁର ପୌରପାଳ ଭବପ୍ରସାଦ ଦାସଙ୍କୁ ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ପୁତୁରାଙ୍କୁ ଏଠାରେ ଟିକେଟ ଦିଆଯିବ ବୋଲି ମଧ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଭବପ୍ରସାଦ ଦାସ କୁହନ୍ତି, ଯାହା ସବୁ ଆଲୋଚନା ହେଉଛି ତାହା କପୋଳକଳ୍ପିତ। ସେ ବିଜେଡିରେ କର୍ମୀ ଭାବେ କାର୍ଯ୍ୟ କରୁଛନ୍ତି, ତାହା ଆଗକୁ ମଧ ଜାରି ରହିବ ବୋଲି କହିଛନ୍ତି। ତେବେ ଯାଜପୁର ବିଧାୟକ ବବିଙ୍କ କୌଣସି ମତାମତ ମିଳିପାରି ନାହିଁ।

ଗତ ପଞ୍ଚାୟତ ନିର୍ବାଚନରେ ଯାଜପୁର ଜିଲାରେ ଭାଜପା ଅପ୍ରତ୍ୟାଶିତ ସଫଳତା ପାଇଥିଲା। ଜିଲା ପରିଷଦ ନିର୍ବାଚନରେ ଭାଜପାର ଭୋଟହାର ୧୫ ପ୍ରତିଶତରୁ ୩୨ ପ୍ରତିଶତକୁ ବୃଦ୍ଧି ପାଇଥିଲା। କଂଗ୍ରେସ ଉପରେ ଜିଲାବାସୀ ଭରସା ନ କରି ଭାଜପାକୁ ବିକଳ୍ପ ଭାବେ ଗ୍ରହଣ କରିବାକୁ ଆଗଭର ହୋଇଥିଲେ। ଏହାପରେ ଜିଲାର କୋଣ ଅନୁକୋଣରେ ଭାଜପାର ମିଶ୍ରଣ ପର୍ବ ଆରମ୍ଭ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀରୁ ଭାଜପା ଜିଲା ସଭାପତି ଗୌତମ ରାୟ ଜଣେ ମାତ୍ର ଆଶାୟୀ ପ୍ରାର୍ଥୀ ରହିଛନ୍ତି। ତେବେ ଜିଲା ଭାଜପାରେ ପୁରୁଣା-ନୂଆ ବିବାଦ ଦଳକୁ ସେତେଟା ସକ୍ରିୟ କରି ପାରି ନ ଥିବା ମନେ ହୋଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକାଧିକ ଗସ୍ତ କର୍ମୀଙ୍କୁ ଉତ୍ସାହିତ କରିଛି ସତ, ହେଲେ ଭୋଟରଙ୍କ ନିକଟତର କରିପାରି ନାହିଁ। ତଥାପି ଭାଜପା ଆସନ୍ତା ସାଧାରଣ ନିର୍ବାଚନରେ ବିଜେଡିକୁ ଟକ୍କର ଦେବାର କ୍ଷମତା ରଖିଛି ବୋଲି ଜିଲା ସଭାପତି ରାୟ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଏଥର ନିର୍ବାଚନରେ ଜିଲାରେ ଭାଜପା ରେକର୍ଡ ସୃଷ୍ଟି କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ ବିଭିନ୍ନ ଯୋଜନା ଓ ସୁଶାସନ ଜିଲାବାସୀଙ୍କୁ ଆକୃଷ୍ଟ କରିଛି। ଭାଜପାର ସେ ଜଣେ ଶୃଙ୍ଖଳିତ କର୍ମୀ। ଟିକେଟ ପାଇବା ନ ପାଇବା ବଡ କଥା ନୁହେଁ। ଭାଜପାରେ ଜଣେ କର୍ମୀ ଭାବେ କାର୍ଯ୍ୟ କରି ରାଜ୍ୟର ଦୁର୍ନୀତି ଓ ଭ୍ରଷ୍ଟାଚାର ଶାସନକୁ ବିଲୁପ୍ତ କରିବା ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଯାଜପୁର ନିର୍ବାଚନ ମଣ୍ଡଳୀ ଅଣକଂଗ୍ରେସ ଗଡ଼ ଭାବେ ପରିଚିତ। ୧୯୫୧ ଓ ୧୯୫୭ରେ ରାଜ୍ୟର ପ୍ରଥମ, ଦ୍ୱିତୀୟ ନିର୍ବାଚନରେ ଯାଜପୁର ପୂର୍ବ ଓ ପଶ୍ଚିମ ନିର୍ବାଚନ ମଣ୍ଡଳୀ କଂଗ୍ରେସ ଦଖଲ କରିଥିଲା। ଏହାପରେ ୧୯୮୦ ନିର୍ବାଚନରେ କଂଗ୍ରେସରୁ ନିରଞ୍ଜନ ଜେନା ନିର୍ବାଚିତ ହୋଇଥିଲେ। ବାକି ସମୟ ଉତ୍କଳ କଂଗ୍ରେସ, ଜନ କଂଗ୍ରେସ, ଜନତା ପାର୍ଟି, ଜନତା ଦଳ ଓ ବିଜେଡି ଅକ୍ତିଆରରେ ରହିଆସିଛି। କଂଗ୍ରେସର ସାଂଗଠନିକ ସ୍ଥିତିକୁ ଦେଖିଲେ ଏବେ ବି ନିର୍ବାଚନରେ ସଫଳ ହେବା ମନେ ହେଉନାହିଁ। ଗତ ସାଧାରଣ ନିର୍ବାଚନରେ କଂଗ୍ରେସ ଏଠାରେ ମାତ୍ର ୧୩.୧୪ ପ୍ରତିଶତ ଭୋଟ ହାତେଇଥିଲା ; ଯାହାକି ଅମାନତ ହରାଇବା ସହ ସମାନ। ଏପରିକି ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରୁ ତୃତୀୟ ସ୍ଥାନକୁ ଖସି ଯାଇଥିଲା। ସଂପ୍ରତି ଦେଶର ୩ ପ୍ରମୁଖ ରାଜ୍ୟରେ କଂଗ୍ରେସର ସଫଳତା ପରେ କର୍ମୀଙ୍କ ମଧ୍ୟରେ ବଳ ଫେରିଛି। ତେଣୁ ଆସନ୍ତା ସାଧାରଣ ନିର୍ବାଚନରେ ସେହି ଉତ୍ସାହ ପ୍ରତିଫଳିତ ହେବ ବୋଲି କର୍ମୀ ଆଶା ବାନ୍ଧିଛନ୍ତି। ଗତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ନନ୍ଦ ଏଥର ବି ଆଶାୟୀ ରହିଛନ୍ତି। ସେ କହିଛନ୍ତି, ୩୦ ବର୍ଷ ହେଲା ଦଳରେ ସକ୍ରିୟ କର୍ମୀ ଭାବେ କାମ କରୁଛି। ଲୋକଙ୍କ ସହିତ ରହିଛି। ଯଦି ଟିକେଟ ନ ମିଳେ କଂଗ୍ରେସରେ ରହି ଦଳକୁ ବିଜୟୀ କରିବାକୁ ଉଦ୍ୟମ କରିବି। ଏଆଇସିସିର ସଭ୍ୟ ତଥା ଯୁବନେତା ପୁଲିନ ପୁହାଣ ଟିକେଟ ପାଇବା ଦୌଡରେ ଅଛନ୍ତି। ସେ କୁହନ୍ତି ଯୁବ କଂଗ୍ରେସ କର୍ମୀମାନଙ୍କୁ ନେଇ ଏବେ ଦଳର ସାଂଗଠନିକ ସ୍ଥିତି ସୁଦୃଢ଼ ସ୍ଥିତିରେ ପହଞ୍ଚିଛି। ଆସନ୍ତା ନିର୍ବାଚନରେ କଂଗ୍ରେସ ନିଶ୍ଚିତ ଭାବେ ସଫଳତା ପାଇବ। ଟିକେଟ ନ ମିଳିଲେ ବି ସଂଗଠନ ପାଇଁ କାମ ଜାରି ରଖିବେ। ବରିଷ୍ଠ କଂଗ୍ରେସ ନେତା ବଳଭଦ୍ର ଦାସ କୁହନ୍ତି ଅଶୋକ ଦାସଙ୍କ ପଟ୍ଟଶିଷ୍ୟ ଭାବେ ସେ ଦଳ ବଦଳ କରି ଶିଖି ନାହାନ୍ତି। ସ୍ୱାଭିମାନ ସହିତ କଂଗ୍ରେସରେ ରହି କାମ କରି ଆସୁଛନ୍ତି। କଂଗ୍ରେସ ସମର୍ଥନରେ ସର୍ବାଗ୍ରେ ଟିକେଟ ପାଇବା ଦୌଡରେ ସେ ରହିଛନ୍ତି। ତେଣୁ କଂଗ୍ରେସର ନୀତି ଆଦର୍ଶରେ ସେ ଲୋକଙ୍କ ସେବା କରିବାକୁ ଆଗ୍ରହୀ ଅଛନ୍ତି।

**ଭୋଟର ସଂଖ୍ୟା**

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୪ | ୧୧୨୪୯୯ | ୯୬୬୯୪ | ୩ | ୨୦୯୧୯୬ |
| ୨୦୧୯ | ୧୧୯୪୯୨ | ୧୦୫୬୬୧ | ୬ | ୨୨୫୨୫୯ |

**ନିର୍ବାଚନ ଫଳାଫଳ**

| ନିର୍ବାଚନ | ପ୍ରାର୍ଥୀ | ଦଳ | ଭୋଟ |
|---|---|---|---|
| ୨୦୧୪ | ପ୍ରଣବ ପ୍ରକାଶ ଦାସ | ବିଜେଡି | ୧,୦୪,୪୫୮ |
| | ସନ୍ତୋଷ କୁମାର ନନ୍ଦ | କଂଗ୍ରେସ | ୧୯,୮୪୫ |
| | ଜଗନ୍ନାଥ ପ୍ରସାଦ ସାମଲ | ଭାଜପା | ୧୭,୧୮୦ |
| ୨୦୦୯ | ପ୍ରଣବ ପ୍ରକାଶ ଦାସ | ବିଜେଡି | ୬୧,୭୧୨ |
| | ଦେବବ୍ରତ କଣ୍ଠ | କଂଗ୍ରେସ | ୩୧,୪୬୭ |
| | ଗୌତମ ରାୟ | ଭାଜପା | ୨୭,୭୮୫ |

# 'କାଳିଆ ଛାତ୍ରବୃତ୍ତି ଯୋଜନା କେବଳ ବାହାନା'

**ଭୁବନେଶ୍ୱର, ୨୪।୨(ବ୍ୟୁରୋ)**

ସରକାରଙ୍କ କାଳିଆ ଛାତ୍ରବୃତ୍ତି ଯୋଜନା ଏକ ବାହାନା। ଚାଷୀ ତଥା ଓବିସି ପରିବାରକୁ ଧୋକା ଦେବା ପାଇଁ କାଳିଆ ଛାତ୍ରବୃତ୍ତି କେବଳ ନିର୍ବାଚନୀ ଧୂଆଁବାଣ। ସାଧାରଣ ବର୍ଗର ଆର୍ଥିକ ପଛୁଆ ପରିବାର ପାଇଁ ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥା ରାଜ୍ୟରେ ଲାଗୁ କରିବାକୁ ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଛାତ୍ରବୃତ୍ତିର ଶୁଭାରମ୍ଭ କରି ଚାଷୀ ତଥା ଓବିସି ପରିବାରର ପିଲାଙ୍କୁ ଭଣ୍ଡାଇବାକୁ ବଡ଼ ସ୍ୱପ୍ନ ଦେଖାଉଛନ୍ତି। କାଳିଆ ଛାତ୍ର ବୃତ୍ତି ଅର୍ଥରେ ପିଲାମାନେ ଡାକ୍ତର, ଇଞ୍ଜିନିୟର ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପାଟିରେ ଓଡ଼ିଶା ଚାଷୀ ପରିବାରର ପିଲାଙ୍କ ପାଇଁ ଏପରି ମନ୍ତବ୍ୟ ସଇତାନର ବେଦ ପାଠ ସହ ସମାନ ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଓବିସି ବର୍ଗ ପିଲାଙ୍କ ପାଠପଢ଼ା ପାଇଁ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ମୁଖ୍ୟମନ୍ତ୍ରୀ ଏହି ବର୍ଗର ପିଲାଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଦେବା ବଦଳରେ ସାହୁକାର ଭଳି ଟଙ୍କା ଦେବେ ବୋଲି କହିବା ପରିତାପର ବିଷୟ। ରାଜ୍ୟର ଓବିସି ବର୍ଗର ପିଲାମାନେ ପ୍ରଶ୍ନ କରୁଛନ୍ତି, ସେମାନଙ୍କ ସାମ୍ବିଧାନିକ ଅଧିକାର- ଶିକ୍ଷା ଓ ଚାକିରିରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସାରା ଦେଶରେ ଲାଗୁଥିବା ବେଳେ ଓଡ଼ିଶାରେ ଲାଗୁ ହୋଇ ନାହିଁ କାହିଁକି। ସାଧାରଣ ନିର୍ବାଚନ ଘୋଷଣାକୁ ଆଉ ହାତଗଣତି କେଇଟା ଦିନ ରହିଲା। ମାର୍ଚ୍ଚ ପ୍ରଥମ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ନେଇ ଚର୍ଚ୍ଚା ହେଉଛି। ଠିକ୍ ଏହି ସମୟରେ ବୁଢ଼ା ବାଘ ସ୍ୱର୍ଣ୍ଣ କଙ୍କଣ ଧରି ନିଜର ଶେଷ ଶିକାର ଅପେକ୍ଷାରେ ଅଛି। ରାଜ୍ୟରେ ହରିଶ୍ଚନ୍ଦ୍ର ଯୋଜନାରେ କେମିତି ଟଙ୍କା ମିଳୁଛି, ମହାପ୍ରୟାଣ ଯୋଜନାର ଅବସ୍ଥା କ'ଣ ରାଜ୍ୟବାସୀ ଜାଣିଛନ୍ତି। ଯେଉଁ ସରକାର ମାଟ୍ରିକ୍ ପରୀକ୍ଷାର ପ୍ରଶ୍ନପତ୍ରକୁ ସମ୍ଭାଳି ପାରନ୍ତି ନାହିଁ ଓଡ଼ିଆ ପିଲାଙ୍କ ଭବିଷ୍ୟତ କ'ଣ ଗଢ଼ିବେ ଏଥିରୁ ସ୍ପଷ୍ଟ। ବିଜେଡି ସରକାରର ମିଛ ବାହାନାକୁ ପ୍ରତ୍ୟାଖ୍ୟାନ କରିବାର ସମୟ ଆସିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବିଜେଡି ମୁଖପାତ୍ର ପ୍ରଶାନ୍ତ ନନ୍ଦ କହିଛନ୍ତି ଯେ, ଧର୍ମେନ୍ଦ୍ର ଯାହା କହୁଛନ୍ତି ସେସବୁ କେବଳ ରାଜନୀତି ଉଦ୍ଦେଶ ପ୍ରଣୋଦିତ। ଲୋକମାନଙ୍କୁ ଭ୍ରମିତ କରିବା ପାଇଁ ସେ ସବୁବେଳେ ଚେଷ୍ଟା କରୁଛନ୍ତି। ଶନିବାର ପଚରାଯାଇଥିବା ୨୦ଟି ପ୍ରଶ୍ନର ଉତ୍ତର ପ୍ରଥମେ ଧର୍ମେନ୍ଦ୍ର ଦିଅନ୍ତୁ ବୋଲି ପ୍ରଶାନ୍ତ କହିଛନ୍ତି।

# ସୁନ୍ଦରଗଡ଼ ସହରରେ ଦନ୍ତାହାତୀ

**ସୁନ୍ଦରଗଡ଼, ୨୪।୨ (ଡି.ଏନ୍.ଏ.)**

ସୁନ୍ଦରଗଡ ସହରର ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚ କ୍ୟାମ୍ପସ ମଧ୍ୟକୁ ରବିବାର ସକାଳେ ଏକ ଦନ୍ତାହାତୀ ପଶି ଆସିବା ନେଇ ସହରରେ ଆତଙ୍କ ପ୍ରକାଶ ପାଇଥିଲା। ସକାଳ ପ୍ରାୟ ୬ଟା ବେଳେ ଏହି ହାତୀ ଚର୍ଚ୍ଚ କ୍ୟାମ୍ପସସ୍ଥିତ ବୁଦୁବୁଦିଆ ପ୍ଲାଣ୍ଟେସନ ମଧ୍ୟକୁ ଭଙ୍ଗା ପାଚେରି ଦେଇ ପଶିଆସିଥିଲା। ରବିବାର ଥିବାରୁ ପ୍ରାର୍ଥନା ପାଇଁ ଚର୍ଚ୍ଚ ପରିସରରେ ଲୋକଙ୍କ ସମାଗମ ହେଉଥିବାବେଳେ ଏହି ହାତୀ କ୍ୟାମ୍ପସ୍ ଭିତରେ ପଶିଥିବା ଦେଖିବାକୁ ମିଳିଥିଲା।

ଖବରପାଇ ସୁନ୍ଦରଗଡ ବନଖଣ୍ଡ ସହକାରୀ ବନସଂରକ୍ଷକ ଟଙ୍କଧର ବେହେରା ଓ ସଦର ରେଞ୍ଜ ଅଫିସର ରୁନେନ୍ଦ୍ର ସ୍ୱାଇଁ ସଦଳବଳେ ପହଞ୍ଚି ହାତୀକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଚର୍ଚ୍ଚ ଆଖପାଖ ସେଣ୍ଟ ମେରୀ ଗାର୍ଲସ ହାଇସ୍କୁଲର ଛାତ୍ରୀ ନିବାସ, ସେଣ୍ଟ ଟେରେସା ଇଂଲିଶ ମାଧ୍ୟମ ସ୍କୁଲ ଓ ଆଖପାଖରେ ଘରବାଡି ତଥା ସହରର ମୁଖ୍ୟ ରାସ୍ତା ଥିବାରୁ ହାତୀ ଘଉଡାଇବା ସମ୍ଭବ ହୋଇ ନ ଥିଲା। ହାତୀ ରହିଥିବା ସ୍ଥାନର ଚତୁଃପାର୍ଶ୍ୱରେ ପାଚେରି ଥିବାରୁ ହାତୀ ସନ୍ଧ୍ୟା ପର୍ଯ୍ୟନ୍ତ ସେହି ଭିତରେ ରହିଥିଲା। ରାତିରେ ହାତୀକୁ ଘଉଡ଼ାଇ ଦିଆଯାଇଛି। ଏହା ସୁନ୍ଦରଗଡ଼ ସହର ନିକଟ ଇବ୍ ନଦୀ ଅତିକ୍ରମ କରି ଉଜଳପୁର ରେଞ୍ଜର ଜଙ୍ଗଲକୁ ଚାଲିଯାଇଛି। ଦନ୍ତାହାତୀର ବୟସ ପ୍ରାୟ ୧୦ବର୍ଷ ହେବ। ଝାରସୁଗୁଡା ସୀମାନ୍ତ ଜଙ୍ଗଲରୁ ଦଳରୁ ଅଲଗା ହୋଇ ସମ୍ଭବତଃ ସୁନ୍ଦରଗଡ ଜିଲା ସୀମାକୁ ଚାଲିଆସି ଶନିବାର ରାତିରେ ସହରରେ ପଶିଥିଲା। ପରେ ଏହି ଚର୍ଚ୍ଚ ପରିସରକୁ ଭଙ୍ଗା ପାଚେରି ଦେଇ ଆସିଥିଲା। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡ. ଅରୁଣ କୁମାର ମିଶ୍ର ଓ ପୋଲିସ ଅଧୀକ୍ଷକ (ଏସ୍‌ପି) ସୌମ୍ୟା ମିଶ୍ରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ହାତୀର ଗତିବିଧି ଉପରେ ଜଙ୍ଗଲ ବିଭାଗର କର୍ମଚାରୀମାନେ ନଜର ରଖିଛନ୍ତି ବୋଲି ଡିଏଫ୍‌ଓ ମିଶ୍ର କହିଛନ୍ତି।



ସୁନ୍ଦରଗଡ ସହର ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚ କ୍ୟାମ୍ପସକୁ ପଶି ଆସିଥିବା ଦନ୍ତାହାତୀ।

## ସର୍ବକ୍ଷମା

# ଘୋଷଣାନାମାର ଭେଦନୀତି




### (ଅବିଚ୍ଛିନ୍ନ ଯୁଦ୍ଧ ପ୍ରସ୍ତୁତିରେ ବାଧକ ସାଜିଥିଲେ ଭେଦୁଆ)

ଐତିହ୍ୟର ଓଡ଼ିଶା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

୧୮୧୭ ମସିହାର ଗଣଯୁଦ୍ଧ ଥମିବାର ନାଁ ଧରି ନ ଥିଲା। ଉପକୂଳ ଅଞ୍ଚଳରୁ ବହୁ ଲୋକ ଗାଁ-ଗଣ୍ଡା ଛାଡ଼ି ଗଡ଼ଜାତ ରାଜ୍ୟଗୁଡ଼ିକୁ ଚାଲି ଯାଇଥିଲେ। ସେମାନଙ୍କ ଅସନ୍ତୋଷ ସେଇ ସେଇ ସ୍ଥାନରେ ଦାନା ବାନ୍ଧୁଥିଲା। ୧୫.୦୬.୧୮୧୮ରେ ଏକ ସରକାରୀ ଚିଠିରୁ ଜଣାଯାଏ ବିପ୍ଳବୀମାନଙ୍କୁ ଧରିବା ପାଇଁ ସରକାର ପୁରସ୍କାର ଘୋଷଣା କରିଥିଲେ। ଯେଉଁମାନେ ସରକାରଙ୍କ ପାଖରେ ଆତ୍ମସମର୍ପଣ କରିବେ ସେମାନଙ୍କ ପ୍ରତି ସରକାର ସହୃଦୟତାର ସହିତ ବିଚାର କରିବେ ବୋଲି ଘୋଷଣାନାମାରେ ଥିଲା। ସମାନ ମାସେ ଯାଉ ଯାଉ ବାଣପୁରର ବ୍ରହ୍ମାନନ୍ଦ ସିଂହ ଓ ପଞ୍ଚୁପଲ୍ଲୀର ଦଳବେହେରା ଆତ୍ମସମର୍ପଣ କରିଥିଲେ। ସେ ତାରିଖଟି ଥିଲା ୧୬.୦୭.୧୮୧୮। ଧରିଲେ କାହାକୁ ନା, ଗଙ୍ଗପଡ଼ାର ଭାଗୁ ହରିଚନ୍ଦନ ଓ ମାଖନ ସିଂହଙ୍କୁ। ଦିହେଁ ଥିଲେ ବିପ୍ଳବ ସରଦାର ଗୋପାଳ ଛୋଟରାୟଙ୍କ ପୁତୁରା।

ଆତ୍ମସମର୍ପଣ ଘୋଷଣାନାମା ବିଶେଷ କିଛି ପ୍ରଭାବ ପକାଇଥିବାର ଅନୁଭବ ହୁଏ ନାହିଁ। ଇତିହାସ ଅନୁଶୀଳନରୁ ଜଣାପଡୁଛି ବିପ୍ଳବୀମାନେ ମାନସିକ ସ୍ତରରେ ଏପରି ଏକ ବିଚାରରେ ପହଁଚିଥିଲେ ଯେଉଁଠାରୁ ଫେରିଆସିବା ସହଜ ନ ଥିଲା। ଯୁଦ୍ଧରେ ଜଡ଼ିତ ହୋଇଥିବା ସାଧାରଣ ଲୋକଟିଏ ପ୍ରଥମେ ମୁହଁ ଫେରେଇବାକୁ ଆଗଭର ହେଲାନାହିଁ। ଏଣେ ଇଂରେଜ ଅଧିକାରୀମାନେ 'ଆତ୍ମସମର୍ପଣ ଘୋଷଣା' କରିସାରିବା ପରେ ମଧ ଥୟ ଧରି ନ ଥିଲେ। ଗୋପ ଅଞ୍ଚଳରେ ପ୍ରବଳ ଧରପଗଡ଼ ଆରମ୍ଭ କରି ଗଞ୍ଜାପଡ଼ାରୁ ଗୋପାଳ ସାମନ୍ତରାଙ୍କ ସମେତ ତାଙ୍କର ଦୁଇଭାଇଙ୍କୁ ଧରିବା ପରେ ସେଇ ଗାଁର ୩୪ ଜଣ ଯୁଦ୍ଧ ସମ୍ପୃକ୍ତ ଲଢୁଆ ବୀରଙ୍କୁ ଗିରଫ କରିଥିଲେ। ରଥି ସାମନ୍ତସିଂହାର ଓ ତାଙ୍କ ପୁଅ ସରଦାର ଗୁମାନ ସିଂହଙ୍କୁ ଗୋପାଳ ସାମନ୍ତରାଙ୍କ ଗିରଫ ପରେ ପରେ ବୁଢ଼ି ଗ୍ରାମ ଘେରାଉ କରି ଗିରଫ କରାଯାଇଥିଲା, ତଥାପି ଇଂରେଜ ସେନା ଭୟ କରୁଥିଲେ ରଥି ସାମନ୍ତସିଂହାରଙ୍କ ଦ୍ୱିତୀୟ ପୁଅକୁ। ତାଙ୍କୁ ସତ୍ୟବାଦୀଠାରୁ ଉଠାଇ ନେଇଥିଲେ। ଏସବୁ ଘଟଣା ଘଟିଥିଲା ଜୁଲାଇ ମାସ ଶେଷ ଓ ଅଗଷ୍ଟ ମାସ ମଧ୍ୟଭାଗରେ।

ଆମେ ଜାଣିଛେ, ଫିରିଙ୍ଗି କଳି ଭାରତ ପୁସ୍ତକ ସହାୟତାରେ ଯେ ବାରବାଟୀ ଦୁର୍ଗର ପ୍ରବେଶପଥ ଭାଙ୍ଗି ଇଂରେଜମାନେ ପ୍ରବେଶ କଲାବେଳେ ଆମର ବୀର ଲଢୁଆ ପାଇକବାହିନୀର ୨୭୨ ଜଣଙ୍କୁ ହତ୍ୟା କରିଥିଲେ। ମରହଟ୍ଟା ସୁବାଦାର ସେତେବେଳେ ବାରବାଟୀରେ ଥାଆନ୍ତି। ସେ ଜୟୀ ରାଜଗୁରୁଙ୍କ ସଙ୍ଗେ ପରାମର୍ଶ କରି କିପରି ଇଂରେଜମାନଙ୍କୁ ତଡ଼ି ହେବ, ସେ ବିଷୟରେ ବିଚାର କରୁଥାନ୍ତି। ରାଜଗୁରୁ ଶେଷରେ ଇଂରେଜମାନଙ୍କୁ ତଡ଼ିବା ପାଇଁ ମରହଟ୍ଟା ସୁବାଦାରଙ୍କୁ ଅସ୍ତ୍ର କରିଥିଲେ। ଦୁହେଁ ବିଚାର କରି ୧୧ ବର୍ଷ ଧରି ବନ୍ଦୀ ଜୀବନ କଟାଉଥିବା ଜଣେ ଦୁର୍ଦ୍ଧର୍ଷ ଅପରାଧୀକୁ ମୁକ୍ତକରି କିଲ୍ଲାଦାର ଭାବରେ ଘୋଷଣା କରିଥିଲେ। ରାଜଗୁରୁଙ୍କର ଏହା ଥିଲା ସମ୍ପୂର୍ଣ୍ଣ ଭେଦନୀତି। ନା ସେ ମରହଟ୍ଟା ସୁବାଦାରଙ୍କୁ ଅନ୍ତଃକରଣରେ ଗ୍ରହଣ କରିଥିଲେ, ନାଁ ସେ ଦୁର୍ଦ୍ଧର୍ଷ କିଲ୍ଲାଦାରଙ୍କୁ। କଣ୍ଟାକୁ କଣ୍ଟାରେ କାଢ଼ିବା ନ୍ୟାୟରେ କେବଳ ସେ ସମର୍ଥନ କରି ଯୁଦ୍ଧର ମୂଳଦୁଆ ପକାଇ ଚାଲିଥିଲେ। କିଲ୍ଲାଦାର ପାଇକ ଯୋଦ୍ଧାମାନଙ୍କ ସହିତ ମିଶି ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି। ଇଂରେଜମାନେ ତୋପ ଫୁଟାଇ ବାରବାଟୀର ପ୍ରବେଶଦ୍ୱାର ଭାଙ୍ଗି ଯେତେବେଳେ କିଲ୍ଲା ଭିତରେ ପ୍ରବେଶ ଉଦ୍ୟମ କରୁଥିଲେ, ସେତେବେଳେ ପ୍ରବଳ ଯୁଦ୍ଧ ହୋଇଥିଲା। ସେଇ ଯୁଦ୍ଧରେ ହିଁ ୨୭୨ ଜଣ ବୀର ସ୍ୱର୍ଗଗତି ଲାଭ କରିଥିଲେ। ଓଡ଼ିଶାର ସୁରକ୍ଷା ପାଇଁ ପ୍ରାଣ ଉତ୍ସର୍ଗ କରିଥିବା ବୀରମାନଙ୍କ ତାଲିକା ପ୍ରସ୍ତୁତ ହୋଇ ନାହିଁ। ସେମାନଙ୍କୁ ଚିହ୍ନଟ କରାଯାଇ ନାହିଁ। ସେମାନେ କେଉଁ ଗଡ଼ର କିମ୍ବା କେଉଁ ଗାଁର ଥିଲେ, ତାହା ଖୋଜାଯାଇ ନାହିଁ। ଆମେ ବିଦ୍ରୋହ ଚେତନାରେ ବାନ୍ଧି ହୋଇଯିବା ପରେ ଯୁଦ୍ଧ ଚେତନାକୁ ଆଜିକା ଦିନରେ ମଧ ପ୍ରବେଶ କରିବା ସମ୍ଭବ ହୋଇନାହିଁ। ଏଇ ଘଟଣାକୁ ୧୯୯୪ ମସିହାରେ ଇତିହାସକାର ଫକୀର ହରିଚନ୍ଦନ ସବିଶେଷ ବର୍ଣ୍ଣନା କରିଥିଲେ। କିନ୍ତୁ ଏହାକୁ ନିଃସଙ୍କୋଚରେ ଆଲୋଚକମାନେ ଗ୍ରହଣ କରିବାରେ ଆଗ୍ରହ ଦେଖାଇ ନାହାନ୍ତି। ଆଲୋଚକମାନେ ସନ୍ଦେହ ପ୍ରକାଶ କରିଛନ୍ତି ଯେ, ଇଂରେଜମାନେ ବାରବାଟୀ କିଲ୍ଲାକୁ ଅକ୍ତିଆର କରିବାବେଳେ ମରହଟ୍ଟା ସୁବାଦାର ମରହଟ୍ଟା ସେନାମାନଙ୍କୁ ନେଇ ବାରବାଟୀ ଛାଡ଼ି ଚାଲି ଯାଇଥିଲେ। ବାସ୍ତବରେ ଇତିହାସରେ ଏହି ସନ୍ଧିକ୍ଷଣ ଅନାଲୋଚିତ ହୋଇ ରହିଥିବାରୁ ଫକୀର ହରିଚନ୍ଦନଙ୍କ ମତକୁ ଗ୍ରହଣ କରିବା ପାଇଁ ଅନ୍ୟ କେହି ଆଗ୍ରହ ପ୍ରକାଶ କରିନାହାନ୍ତି।

ଇଂରେଜମାନେ ଓଡ଼ିଶା ଭିତରେ ପ୍ରବେଶ କଲା ଦିନୁଁ ପାଇକ ସେନାବାହିନୀକୁ ଦୁର୍ବଳ କରିବାର ଯୋଜନାକୁ ପ୍ରାଥମିକତା ଦେଇଥିଲେ। ପୁରୀ ଜିଲାର ଗୋପ, ସତ୍ୟବାଦୀ ଓ ଖୋର୍ଦ୍ଧା ଅଞ୍ଚଳରୁ ବିପ୍ଳବୀମାନଙ୍କୁ ଗିରଫ କରିବା ପରେ ଦାମ ସୁବୁଦ୍ଧିଙ୍କୁ ତାଙ୍କର ଦୁଇ ଭାଇ ନିତ୍ୟାନନ୍ଦ ମଙ୍ଗରାଜ ଓ ସୋମନାଥ ପାଟଶାଣୀଙ୍କୁ ସେପ୍ଟେମ୍ବର ମାସରେ ସମ୍ବଲପୁରଠାରୁ ଗିରଫ କରିଥିଲେ। ସମ୍ବଲପୁରରେ ଦାମ ସୁବୁଦ୍ଧିଙ୍କ ପୁତୁରା ଇଂରେଜ ସରକାରଙ୍କ ବିରୋଧରେ ବିପ୍ଳବ ସଂଗଠିତ କରୁଥିବାରୁ ଦାଶରଥି ପାଇକରାୟଙ୍କୁ ମଧ ଗିରଫ କରିବାକୁ ଭୁଲି ନ ଥିଲେ।

ଇଂରେଜମାନଙ୍କର ସର୍ବକ୍ଷମା ଘୋଷଣାନାମାରେ ଆଉ ଗୋଟିଏ ପ୍ରଲୋଭନ ରହିଥିଲା। ଯେଉଁମାନେ ଆତ୍ମସମର୍ପଣ କରିବେ ସେମାନଙ୍କର ବାଜ୍ୟାପ୍ତ ହୋଇଥିବା ଜାଗିରି (ଜାୟଗିରି) ଫେରସ୍ତ ଦିଆଯିବ। କେବଳ ସେତିକି ନୁହଁ, ସ୍ୱତନ୍ତ୍ର ପୁରସ୍କାର ଯୋଜନା ବି ଘୋଷଣା କରିଥିଲେ। ଏହି ଯୋଜନାକୁ ସଫଳ କରିବାକୁ ଗୁପ୍ତରେ ଭେଦୁଆଙ୍କୁ ପରାମର୍ଶ ଦିଆଯାଇଥିବାର ସମ୍ଭାବନା ହୁଏ। ଫଳରେ ଭେଦୁଆମାନେ ବିପ୍ଳବୀମାନଙ୍କୁ କେତେକାଂଶରେ ଆନମନା କରିବାକୁ ସଫଳ ହୋଇଥିଲେ। ଭେଦୁଆମାନେ ଜାତି ପ୍ରତି ବେଇମାନ କରି ଯେଉଁ କ୍ଷତି ପହଁଚାଇଥିଲେ, ତାହା ଇତିହାସରେ କଳାଦାଗ ହୋଇ ରହିଛି, ରହିବ ମଧ। ଏଇ ବେଇମାନୀମାନଙ୍କୁ ପ୍ରୋତ୍ସାହନ ଦେବାରେ ଇଂରେଜମାନେ ହେଳା କରି ନ ଥିଲେ। ଭେଦୁଆ କାର୍ଯ୍ୟ କରି ଶିବପ୍ରସାଦ ଦାରୋଗା ପୁରସ୍କାର ପାଇଥିଲେ ହଜାରେ ଟଙ୍କା। ରାମ ମହାରଥୀ ପାଇଥିଲେ ୫୦୦ ଟଙ୍କା, ଭରତ ମାଝି ପାଇଥିଲେ ୧୦୦ ଟଙ୍କା, ଜଗବନ୍ଧୁ ମଙ୍ଗରାଜ ପାଇଥିଲେ ୧୦୦ ଟଙ୍କା, ନବୀନ ବାହୁବଳେନ୍ଦ୍ର ପାଇଥିଲେ ୧୦୦ ଟଙ୍କା ଓ ଧନୁ ନାମଧାରୀ ଜଣେ ଭେଦୁଆ ୧୦୦ ଟଙ୍କା ପାଇଥିଲେ। ଏହା ଇତିହାସର କଥା। ଏମାନଙ୍କ ବ୍ୟତୀତ ହୃଦୟବିଦାରକ ଓ ଅବିଶ୍ୱସନୀୟ କାର୍ଯ୍ୟ କରିଥିଲେ ମଳିପଡ଼ାର ଜାଗିରଦାର। ସେତେବେଳେ ୧୦୦୦ ଟଙ୍କା ବିନିମୟରେ ପିଣ୍ଡିକି ବାହୁବଳେନ୍ଦ୍ରଙ୍କୁ ଦୁଦୁରା ମଞ୍ଜି ଖାଇବାକୁ ଦେଇ ଧରାଇ ଦେଇଥିଲେ।

# ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଚାଙ୍ଗ୍‌ଇ-୪



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା





“ଚାଙ୍ଗ୍‌ଇ-୪ରେ ଥିବା ବିବିଧ ଯନ୍ତ୍ରପାତି ମଧ୍ୟରେ ରହିଛି ଉଚ୍ଚଶକ୍ତିସମ୍ପନ୍ନ କ୍ୟାମେରା, ନିମ୍ନ ଆବୃତ୍ତି ରେଡିଓ ସ୍ପେକ୍ଟ୍ରୋମିଟର ବିଶ୍ଳେଷକ, ଚନ୍ଦ୍ରରେ ନିଉଟ୍ରନ୍ ଏବଂ ବିକିରଣ ମାତ୍ରା ଚିହ୍ନଟକାରୀ ବ୍ୟବସ୍ଥା ଇତ୍ୟାଦି । ଏଗୁଡ଼ିକ ସାହାଯ୍ୟରେ ଏହା ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ଚନ୍ଦ୍ରର ଭୂଭାଗ ସର୍ବେକ୍ଷଣ, ଭୂମିର ଗଠନ ଓ ଖଣିଜଦ୍ରବ୍ୟ ସମୂହଠାରୁ ଆରମ୍ଭକରି ସେଠାକାର ପରିବେଶ ଅଧ୍ୟୟନ ଲାଗି ନିଉଟ୍ରନ୍ ବିକିରଣ ତଥା ଚାର୍ଜ ବିହୀନ ପରମାଣୁଗୁଡ଼ିକର ଆକଳନ କରିବେ...”

ପୃଥିବୀକୁ ପରିକ୍ରମା କରିବା ଅବସରରେ ଚନ୍ଦ୍ର ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ମଧ୍ୟ ଘୂର୍ଣ୍ଣନ କରିଥାଏ। ଏହାର ଏହି ପରିକ୍ରମା ବେଗ ସହିତ ଘୂର୍ଣ୍ଣନ ବେଗ ସମାନ। ସେଥିପାଇଁ ସଦାସର୍ବଦା ଆମେ ତା'ର କେବଳ ଗୋଟିଏ ପାର୍ଶ୍ୱ ହିଁ ଦେଖିପାରୁ। ଅପରପାର୍ଶ୍ୱର ଅଧିକାଂଶ ଭାଗ, ଅର୍ଥାତ୍ ତା'ର ୮୨% ଆମ ଦୃଷ୍ଟିଗୋଚର ହୁଏନାହିଁ। ତେଣୁ ଆମେ ତାକୁ 'ଅନ୍ଧକାର ପାର୍ଶ୍ୱ' ବୋଲି କହୁ। ତେବେ, ତାହା ପ୍ରକୃତରେ ଅନ୍ଧକାରମୟ ନୁହେଁ, ବରଂ ବେଶ୍ ଆଲୋକିତ।

ଚନ୍ଦ୍ର ହେଉଛି ଆମର ସବୁଠାରୁ ଅଧିକ ଅଧ୍ୟୟନ ଓ ସର୍ବେକ୍ଷଣ ହୋଇଥିବା ମହାକାଶ ପିଣ୍ଡ। ଏହାର ପୃଷ୍ଠଦେଶକୁ ପଠାଯାଇ ସାରିଛି ଅନେକ ମହାକାଶଯାନ। ସେଗୁଡ଼ିକ ତାହାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଛନ୍ତି। ମଣିଷ ମଧ୍ୟ ସେଠାରେ ପାଦ ରଖିସାରିଛି। ତେବେ ଏ କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ସମାହିତ ହୋଇଛି ତାହାର ପୃଥିବୀ ଆଡ଼କୁ ମୁହଁ କରିଥିବା ଅର୍ଦ୍ଧାଂଶରେ। 'ଅନ୍ଧକାର ପାର୍ଶ୍ୱ' ବୋଲି କୁହାଯାଉଥିବା ଅପରପାର୍ଶ୍ୱଟି ରହିଯାଇଛି ପ୍ରାୟତଃ ଅନାବିଷ୍କୃତ।

ପ୍ରଥମେ ୧୯୫୯ ମସିହାରେ ଏହି ଭାଗର ଫଟୋଚିତ୍ରଟିଏ ଉତ୍ତୋଳନ କରିବାକୁ ସମର୍ଥ ହୋଇଥିଲା ତଦାନିନ୍ତନ ସୋଭିଏଟ୍ ୟୁନିୟନ ଦ୍ୱାରା ପ୍ରେରିତ ଲୁନା-୩ ନାମକ ମହାକାଶ ଅନୁସନ୍ଧାନକାରୀ ବ୍ୟବସ୍ଥା ବା 'ପ୍ରୋବ୍'। ତାହାକୁ ଭିତ୍ତିକରି ୧୯୬୦ ମସିହାରେ ସୋଭିଏଟ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ପ୍ରସ୍ତୁତ କରିଥିଲା ଏହାର ଏକ ସୁନିର୍ଦ୍ଦିଷ୍ଟ ହୋଇ ନ ଥିବା ମାନଚିତ୍ର। ତତ୍ପରେ ଆମେରିକା ପ୍ରେରିତ 'ଆପୋଲୋ-୮'ର ମହାକାଶଚାରୀମାନେ ଏହି ପାର୍ଶ୍ୱକୁ ପ୍ରଥମଥର ପାଇଁ ଆଖିରେ ଦେଖିଥିଲେ ଏବଂ ତାହାର ଫଟୋ ଉତ୍ତୋଳନ କରିଥିଲେ। ଇତିମଧ୍ୟରେ ଆଉ କିଛି ମହାକାଶଯାନ ତଥା ମହାକାଶ ଅନୁସନ୍ଧାନ ବ୍ୟବସ୍ଥା ଏହାକୁ ଅଧ୍ୟୟନ ଓ ଅନୁସନ୍ଧାନ କରିଛନ୍ତି। ତେବେ, ସେ ସମସ୍ତ ଅଧ୍ୟୟନ ସୀମିତ ଏବଂ ଅସମ୍ପୂର୍ଣ୍ଣ। ଏ ଦୃଷ୍ଟିରୁ ଜାନୁୟାରୀ ୩ ତାରିଖ (୨୦୧୯)ରେ ଚନ୍ଦ୍ରର ଏହି ତଥାକଥିତ 'ଅନ୍ଧକାର ପାର୍ଶ୍ୱ'ରେ ପ୍ରଥମଥର ପାଇଁ ଧୀରଗତିରେ ଅବତରଣ କରିଥିବା ଚାଇନା ପ୍ରେରିତ ମହାକାଶ ଯାନ 'ଚାଙ୍ଗ୍‌ଇ-୪' ଚନ୍ଦ୍ର ଅଭିଯାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ସେ ଦେଶର 'ଚନ୍ଦ୍ର ଦେବତୀ'ଙ୍କ ନାମରେ ନାମିତ ଏହି ଚନ୍ଦ୍ର ଅନୁଧ୍ୟାନକାରୀ ବ୍ୟବସ୍ଥା ବା ଲୁନାର ପ୍ରୋବ୍‌ଟି ଦିନ ୧୦ଟା ୨୬ ମିନିଟ୍ ବେଳେ ସେଠାର ଦକ୍ଷିଣ ମେରୁ ନିକଟସ୍ଥ ଭନ୍ କାର୍‌ମାନ୍ ଗହ୍ୱର ନିକଟରେ ଭୂ-ସ୍ପର୍ଶ କରିଥିଲା ବୋଲି ସୂଚନା ଦେଇଛନ୍ତି ଚାଇନା ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ। ଚନ୍ଦ୍ରର ଏହି ପାର୍ଶ୍ୱଟିର ପୃଥିବୀ ସହିତ ରେଡିଓ ଯୋଗାଯୋଗରେ ସମସ୍ୟା ରହିଛି। ଏଣୁ ମେ' ମାସରେ (୨୦୧୮) ମହାକାଶରେ ଅବସ୍ଥାପିତ ସେ ଦେଶର କ୍ୟୁକ୍ୟିଆଓ ଯୋଗାଯୋଗ ଉପଗ୍ରହ ମାଧ୍ୟମରେ ଏହା ଫଟୋଚିତ୍ର ଓ ସୂଚନାମାନ ପଠାଇବାରେ ଲାଗିଛି। ଏଥିରେ ମଧ୍ୟ ରହିଛି ଜର୍ମାନୀ ଏବଂ ସ୍ୱିଡେନର ଦୁଇଟି ଅନୁଧ୍ୟାନକାରୀ ବ୍ୟବସ୍ଥା, ଯାହା କି କିଛି କିଛି ପରୀକ୍ଷା ନିରୀକ୍ଷା ଲାଗି ଉଦ୍ଦିଷ୍ଟ। ପୁନଶ୍ଚ ଚାଙ୍ଗ୍‌ଇ-୪ର ଅଂଶବିଶେଷ ହୋଇଥିବା ଚନ୍ଦ୍ର ଭ୍ରମଣକାରୀ ବ୍ୟବସ୍ଥା ବା ଲୁନାର ରୋଭର ୟୁଟୁ-୨ ସେଠାରେ ଭ୍ରମଣକରି ବିବିଧ ତଥ୍ୟ ସଂଗ୍ରହ କରିବାରେ ଲାଗିଛି।

'ଚାଙ୍ଗ୍‌ଇ-୪'ରେ ଥିବା ବିବିଧ ଯନ୍ତ୍ରପାତି ମଧ୍ୟରେ ରହିଛି ଉଚ୍ଚଶକ୍ତିସମ୍ପନ୍ନ କ୍ୟାମେରା, ନିମ୍ନ ଆବୃତ୍ତି ରେଡିଓ ସ୍ପେକ୍ଟ୍ରୋମିଟର ବିଶ୍ଳେଷକ, ଚନ୍ଦ୍ରରେ ନିଉଟ୍ରନ୍ ଏବଂ ବିକିରଣ ମାତ୍ରା ଚିହ୍ନଟକାରୀ ବ୍ୟବସ୍ଥା ଇତ୍ୟାଦି। ଏଗୁଡ଼ିକ ସାହାଯ୍ୟରେ ଏହା ଜ୍ୟୋତିର୍ବିଜ୍ଞାନ ସମ୍ପର୍କିତ ପର୍ଯ୍ୟବେକ୍ଷଣ, ଚନ୍ଦ୍ରର ଭୂଭାଗ ସର୍ବେକ୍ଷଣ, ଭୂମିର ଗଠନ ଓ ଖଣିଜଦ୍ରବ୍ୟ ସମୂହଠାରୁ ଆରମ୍ଭକରି ସେଠାକାର ପରିବେଶ ଅଧ୍ୟୟନ ଲାଗି ନିଉଟ୍ରନ୍ ବିକିରଣ ତଥା ଚାର୍ଜ ବିହୀନ ପରମାଣୁଗୁଡ଼ିକର ଆକଳନ କରିବେ। ଏପରି କି ସେଠାରେ ରେଡିଓ ଟେଲିସ୍କୋପ୍‌ଟିଏ ସ୍ଥାପନ ପାଇଁ ମଧ୍ୟ ପ୍ରାଥମିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ।

ଚନ୍ଦ୍ରର ଦୁଇପାର୍ଶ୍ୱର ରୂପ ମଧ୍ୟରେ ରହିଛି ଅନେକ ବିଭିନ୍ନତା। ଆମ ନିକଟରେ ପାର୍ଶ୍ୱର ବହିରାବରଣ ସ୍ଥୂଳ ଏବଂ ଉତ୍ତୋଳନ ଅଧିକ ହେଲାବେଳେ ଦୂରବର୍ତ୍ତୀ ପାର୍ଶ୍ୱରେ ତାହା ତା'ର ବିପରୀତ। ପୁନଶ୍ଚ ଦୂରବର୍ତ୍ତୀ ପାର୍ଶ୍ୱର ଆଗ୍ନେୟଗିରିଗୁଡ଼ିକ ଅପେକ୍ଷାକୃତ କମ୍ ସକ୍ରିୟ। ସେହିପରି ଏ ଭାଗଟି ପାଖକୁ ପାଖ ଖୁନ୍ଦିହୋଇ ରହିଥିବା ଗହ୍ୱରଗୁଡ଼ିକରେ ଗଡ଼ା ହୋଇଥିବାରୁ ଏଠାରେ ସମତଳ ଭୂମି ବେଶ୍ କମ୍।

ପାର୍ଶ୍ୱଦ୍ୱୟ ମଧ୍ୟରେ ଥିବା ଏପରି ପ୍ରଭେଦତାର କାରଣ ନିର୍ଦ୍ଦିଷ୍ଟ ରୂପେ ଜଣାନାହିଁ। ତେବେ, ସାଧାରଣ ଭାବେ ଗୃହୀତ ବ୍ୟାଖ୍ୟା ଅନୁସାରେ ନିକଟତର ଗୋଲାର୍ଦ୍ଧରେ ରହିଛି ଅଧିକ ତାପ ଉପନ୍ନକାରୀ ମୌଳିକ ପଦାର୍ଥ। ଆମେରିକା ପ୍ରେରିତ ଲୁନାର ପ୍ରସ୍‌ପେକ୍ଟର ନାମକ ଗାମାରଶ୍ମି ଚାଳିତ ବ୍ୟବସ୍ଥାରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ପୁନଶ୍ଚ ଏ ଦୁଇ ଗୋଲାର୍ଦ୍ଧରେ ଚନ୍ଦ୍ରର ଚତୁଃପାର୍ଶ୍ୱରେ ଆଗରୁ ଥିବା ଛୋଟ ଛୋଟ ପିଣ୍ଡଗୁଡ଼ିକର ପତନ ହାର ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ଥିବାର କୁହାଯାଏ। ପୃଥିବୀ ଦ୍ୱାରା କିଛି ମାତ୍ରାରେ ଘୋଡ଼ାଇ ହୋଇରହିଥିବା ନିକଟତର ପାର୍ଶ୍ୱରେ ଏହା କମ୍ ଘଟିଥିବାର କେତେଜଣଙ୍କର ମତ। ତନ୍ମଧ୍ୟରେ ଥିବା ତାରତମ୍ୟର ଏହା ମଧ୍ୟ କାରଣ ହୋଇପାରେ। ତେବେ, ଆଉ ଏକ ଭିନ୍ନ ମତପୋଷଣ କରନ୍ତି ଅନ୍ୟ କେତେଜଣ ଜ୍ୟୋତିର୍ବିଜ୍ଞାନୀ। ଏଥି ଅନୁଯାୟୀ ଚନ୍ଦ୍ରର ଏକ ଅତି ନଗଣ୍ୟ ଅଂଶକୁ ପୃଥିବୀ ଆଚ୍ଛାଦିତ କରିଥାଏ। ଏଣୁ ପ୍ରକୃତରେ ଏହାର ଉଭୟ ପାର୍ଶ୍ୱରେ ପ୍ରାୟତଃ ସମସଂଖ୍ୟକ ପିଣ୍ଡିଗୁଡ଼ିକର ପତନ ଘଟିଥିଲା। ଅତଏବ ସେଠାରେ ସୃଷ୍ଟି ହୋଇଥିଲା ତଦନୁଯାୟୀ ସମାନ ସଂଖ୍ୟାରେ ଗହ୍ୱର। କିନ୍ତୁ ପୃଥିବୀର ନିକଟତର ପାର୍ଶ୍ୱରେ ଆଗ୍ନେୟଗିରିଗୁଡ଼ିକ ଅଧିକ ସକ୍ରିୟ ଥିବାରୁ ତହିଁରୁ ନିର୍ଗତ ଲାଭାରେ ଅଧିକାଂଶ ଅନ୍ଧବହୁତ ପୋତି ହୋଇପଡ଼ିଛି।

ଏହା ବ୍ୟତୀତ ଚନ୍ଦ୍ର ଆମ ନିକଟତର ପାର୍ଶ୍ୱ ତୁଳନାରେ ଅପରପାର୍ଶ୍ୱଟି ପୃଥିବୀରୁ ଉତ୍ପନ୍ନ ରେଡିଓ ତରଙ୍ଗ କମ୍ ମାତ୍ରାରେ ପ୍ରାପ୍ତ ହୁଏ। ପୁନଶ୍ଚ, ମହାକାଶରେ ସ୍ଥାପିତ ବିବିଧ ଯୋଗାଯୋଗ ବ୍ୟବସ୍ଥା, କୃତ୍ରିମ ଉପଗ୍ରହ ଇତ୍ୟାଦିରୁ ଦୂରରେ ଥିବାରୁ ଏହା କମ୍ କୋଳାହଳପୂର୍ଣ୍ଣ। ଏଣୁ ରେଡିଓ ଟେଲିସ୍କୋପ୍ ସ୍ଥାପନ ପାଇଁ ଏହା ଉତ୍ତମ ସ୍ଥାନ। ଚାଙ୍ଗ୍‌ଇ ଏବଂ ତା' ସହିତ ପ୍ରେରିତ ଭ୍ରମଣକାରୀ ବ୍ୟବସ୍ଥା 'ୟୁଟୁ-୨' ଏ ସବୁ ଉପରେ ଅଧିକ ଅଧ୍ୟୟନ କରିବେ। ଫଳରେ ଅଦ୍ୟାବଧି ଦୃଷ୍ଟିଗୋଚର ହୋଇ ନ ଥିବା ଚନ୍ଦ୍ରର ଏହି ପାର୍ଶ୍ୱ ସମ୍ପର୍କରେ ଅଧିକ ବୈଜ୍ଞାନିକ ତଥ୍ୟ ସଂଗ୍ରହ ସମ୍ଭବ ହେବ। ବିଶେଷକରି, ଏହା ତା'ର ଦକ୍ଷିଣ ମେରୁସ୍ଥିତ ଆଇଟ୍‌କେନ୍ ଅବବାହିକାକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବ। ପ୍ରାୟ ୧୩ କିଲୋମିଟର ଗଭୀର ଏବଂ ୨୫୦୦ କିଲୋମିଟର ପ୍ରସ୍ଥ ବିଶିଷ୍ଟ ଏହି ଅଞ୍ଚଳରେ ରହିଛି ପ୍ରଚୁର ପରିମାଣରେ ବରଫ। ଏଣୁ ସାରା ଦୁନିଆର ମହାକାଶ ବିଜ୍ଞାନୀଙ୍କ ଦୃଷ୍ଟି ଏବେ ଏହା ଉପରେ ରହିଛି; କାରଣ ଚନ୍ଦ୍ରପୃଷ୍ଠରେ ସ୍ଥାୟୀ ଶିବିରଟିଏ ସ୍ଥାପନ ପାଇଁ ଏହାକୁ ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିଚାର କରାଯାଉଛି। ଏହାବ୍ୟତୀତ ମହାକାଶ ଗବେଷଣା ତଥା ବିଶ୍ୱବ୍ରହ୍ମାଣ୍ଡର ଅଧ୍ୟୟନ ଲାଗି ଏହା ନୂତନ ମାର୍ଗ ଉନ୍ମୋଚନ କରିବ।

ଚନ୍ଦ୍ରପୃଷ୍ଠରେ ରହିଛି ପ୍ରଚୁର ପରିମାଣରେ ହିଲିୟମ୍-୩, ଯାହା କି ପୃଥିବୀପୃଷ୍ଠରେ ବିରଳ। ଆଗାମୀ ଯୁଗର ଇନ୍ଧନ ରୂପେ ପରିଗଣିତ ଏହି ପଦାର୍ଥଟି ନିଃସିକ୍ତ ରିଆକ୍ଟରରେ ଶକ୍ତି ଉତ୍ପାଦନ ଏବଂ ଗ୍ରହଗ୍ରହାନ୍ତର ଯାତ୍ରା ପାଇଁ ମହାକାଶଯାନକୁ ଶକ୍ତି ଯୋଗାଇବା ଲାଗି ଉଦ୍ଦିଷ୍ଟ। ଏହାବ୍ୟତୀତ ଆଗାମୀ ଦିନଗୁଡ଼ିକରେ ସୁଦୂର ମହାକାଶ ଅଭିଯାନ ଓ ପର୍ଯ୍ୟବେକ୍ଷକ ପାଇଁ ଚନ୍ଦ୍ରପୃଷ୍ଠକୁ ବ୍ୟବହାର କରିବା ଲାଗି ମଧ୍ୟ ଉଦ୍ୟମ ଚାଲିଛି। ଅତଏବ ଏହା ଉପରେ ଅଧିକରୁ ଅଧିକ ଅଧିକାର ସାବ୍ୟସ୍ତ କରିବା ଲାଗି ପ୍ରତିଯୋଗିତା ପ୍ରାୟତଃ ଆରମ୍ଭ ହୋଇଗଲାଣି। ଚାଇନାର ଏହି ନୂତନ ଚନ୍ଦ୍ର ବିଜୟ ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ଇତିମଧ୍ୟରେ ଏହା ଚାଙ୍ଗ୍‌ଇ-୫ ଏବଂ ଚାଙ୍ଗ୍‌ଇ-୬ ମହାକାଶଯାନ ପ୍ରେରଣ ପାଇଁ ଆରମ୍ଭ କରିଥିବା ଯୋଜନା ଅନେକ ଦୂର ଅଗ୍ରସର ହୋଇସାରିଲାଣି। ଏହା ତାହାକୁ ଆହୁରି ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରିବେ। ଏପରି କି ସେଠାରେ କୃଷିକାର୍ଯ୍ୟ ପାଇଁ ମଧ୍ୟ ପରିକଳ୍ପନା ଆରମ୍ଭ ହେଲାଣି। ସେଥିପାଇଁ ଏବେ ରୋପଣ କରାଯାଇଛି କେତୋଟି ଚାର ଗଛ, ଯାହା କି ଠିକ୍‌ରୂପେ ବଢୁଥିବାର କୁହାଯାଉଛି।

ଆଶା କରାଯାଏ, ଏ ସବୁରେ ସଫଳତା ଫଳରେ ଚାଇନା ମହାକାଶ ଗବେଷଣା କ୍ଷେତ୍ରରେ ଚାଲିଥିବା ପ୍ରତିଯୋଗିତାରେ, ବିଶେଷକରି ଚନ୍ଦ୍ରପୃଷ୍ଠରେ ଅଧିକାର ସାବ୍ୟସ୍ତ କରିବାରେ ଆମେରିକା ସମେତ ଅନ୍ୟ ସବୁ ଦେଶକୁ ଟପିଯାଇପାରିବ। ତାହା ହୁଏତ ସେହି ଦୁଇଦେଶ ମଧ୍ୟରେ ଆରମ୍ଭ କରିଦେବ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା, ଯାହାକୁ ପର୍ଯ୍ୟବେକ୍ଷକମାନେ 'ମହାକାଶରେ ଶୀତଳଯୁଦ୍ଧ' ବୋଲି ନାମିତ କରୁଛନ୍ତି।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୯୮୫୭୬୭

# ଭାତକୁ ନେଇ ଭ୍ରାନ୍ତ ଧାରଣା

**ଆମର ପ୍ରମୁଖ ଖାଦ୍ୟ ଭିତରେ ଭାତ ଅନ୍ୟତମ। ତେବେ ଏହାକୁ ନେଇ ଅନେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ତେବେ ସେଗୁଡ଼ିକ ସତ କି ମିଛ ଜାଣନ୍ତୁ ସେ ସମ୍ପର୍କରେ...**

- ଅନେକଙ୍କର ଧାରଣା ଅଛି ଯେ ଭାତ ଖାଇଲେ ମେଦ ବହୁତଳା ବଢ଼ିଥାଏ। କିନ୍ତୁ ବାସ୍ତବରେ ସେପରି କିଛି ଘଟି ନ ଥାଏ। ଭାତରେ ଫ୍ୟାଟ୍ ଅଂଶ କମ ଥାଏ। ଯେହେତୁ ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଡ ଏବଂ ଫାଇବର ରହିଛି ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ। ଭାତ ମଧ୍ୟ କୋଲେଷ୍ଟରଲ ସ୍ତରକୁ ସନ୍ତୁଳିତ ରଖିଥାଏ।
- ଧାରଣା ଅଛି ଯେ, ଭାତରେ 'ଗ୍ଲୁଟୋନ୍' ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଆଲର୍ଜି ସୃଷ୍ଟି କରିଥାଏ। ହେଲେ ଏଭଳି ଭାବନା ଭୁଲ। ଏହି ତତ୍ତ୍ୱ ଭାତରେ ଆଦୌ ନାହିଁ। ଯେଉଁଥିପାଇଁ ଅବସ୍ଥା ଦେଖି ଡାଇବେଟିସ୍ ରୋଗୀଙ୍କୁ ଅଳ୍ପ ଭାତ ଖାଇବାକୁ ପରାମର୍ଶ ଦିଆଯାଇଥାଏ।
- କେତେକ ଭାବନ୍ତି ଯେ ଭାତରେ ଆଦୌ ପ୍ରୋଟିନ୍ ନାହିଁ। ହେଲେ ଏଭଳି ଧାରଣା ଅମୂଳକ। ଏକ କପ୍ ଭାତରେ ୧୬୫ କ୍ୟାଲୋରି ଏବଂ ୩-୪ ଗ୍ରାମ ପ୍ରୋଟିନ୍ ଅଛି।
- ଅନେକଙ୍କ ମନରେ ଧାରଣା ରହିଛି ଯେ, ରାତିରେ ଭାତ ଖାଇବା ଠିକ୍ ନୁହେଁ। ଭାତ ଖାଇଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ରାତିରେ ଯଦି ଅଳ୍ପ ଭାତ ଖାଆନ୍ତି ତେବେ ଭଲ ନିଦ ହୋଇଥାଏ। ଏହାର ପରିମାଣ ଅଳ୍ପ ରହିଲେ ତାହା ମଧ୍ୟ ସହଜରେ ହଜମ ହୋଇଥାଏ।
- ଭାତରେ ସୋଡିୟମ ପରିମାଣ ଅଧିକ ଅଛି, ତେଣୁ ଏହାକୁ ବ୍ଲଡ ପ୍ରେସର ରୋଗୀ ଖାଇବା ଠିକ୍ ନୁହେଁ। କିନ୍ତୁ ଏଭଳି ଧାରଣା ଠିକ୍ ନୁହେଁ। ଭାତରେ ଅଳ୍ପ ପରିମାଣରେ ସୋଡିୟମ ରହିଛି, ଯାହାର କୌଣସି କୁପ୍ରଭାବ ଶରୀର ଉପରେ ପଡି ନ ଥାଏ।



# ଅତ୍ୟଧିକ ଝାଳ ବୋହିବା ହୋଇପାରେ ରୋଗର ଲକ୍ଷଣ



କେତେକଙ୍କ ଶରୀରରୁ ଅତ୍ୟଧିକ ଝାଳ ବାହାରିଥାଏ। ଏହା କିଛି ରୋଗର କାରଣ ବୋଲି ଜଣାପଡିଛି। ଶରୀର ଭିତରେ ଯଦି ଇନଫେକଶନ ରହିଲା ତେବେ ଝାଳ ଆବଶ୍ୟକତାଠାରୁ ଅଧିକ ପରିମାଣରେ ବାହାରି ଥାଏ। ବିଶେଷ ଭାବରେ ବୋନ୍ (ଅସ୍ଥି) ଇନ୍‌ଫେକଶନ୍ କିମ୍ବା ଏଚ.ଆଇ.ଭି. ଇନଫେକଶନ ଯୋଗୁ ମଧ୍ୟ ଅଧିକ ଝାଳ ବାହାରିଥାଏ। ତେବେ ଏଭଳି ସମସ୍ୟା ଜଟିଳ ହେବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହୃଦଜନିତ ସମସ୍ୟାର ଅନ୍ୟତମ ଲକ୍ଷଣ ହେଉଛି ହଠାତ୍ ପ୍ରବଳ ଝାଳ ବୋହିବା। ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଦେଲେ ପ୍ରବଳ ଝାଳ ବାହାରି ଥାଏ। ସବୁବେଳେ ଟେନସନରେ ରହିଲେ, ମନରେ ଅଧିକାଂଶ ସମୟ ଭୟ ଜାତ ହେଲେ ଆବଶ୍ୟତାଠାରୁ ଅଧିକ ଝାଳ ବୋହି ଥାଏ। ବେଳେବେଳେ ଆମ ଶରୀରରେ ହରମୋନ ସ୍ତରରେ ଅସନ୍ତୁଳନ ଦେଖାଦେଇଥାଏ। ଏହାଦ୍ୱାରା ଝାଳ ଗ୍ରନ୍ଥୀଗୁଡିକ ପୂର୍ବାପେକ୍ଷା ସକ୍ରିୟ ହୋଇଉଠନ୍ତି, ଯାହାଫଳରେ ଅତ୍ୟଧିକ ଝାଳ ବାହାରିଥାଏ।

# ମସ୍ତିଷ୍କକୁ ସକ୍ରିୟ କରେ ଭିଟାମିନ୍ 'ଡି'

ଭିଟାମିନ୍ 'ଡି'ର ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଶରୀରରେ ଯଦି ଏହାର ପରିମାଣ ସନ୍ତୁଳିତ ରହେ ତେବେ ମସ୍ତିଷ୍କ ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଅପରପକ୍ଷରେ ଜଣେ ମାନସିକ ରୋଗୀ ପ୍ରଚୁର ପରିମାଣରେ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଖାଇବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କ ମସ୍ତିଷ୍କରେ ଥିବା 'ସେରୋଟୋନିକ୍' ନାମକ ରାସାୟନିକ ସ୍ତର ଆହୁରି ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ। ଫଳରେ ମସ୍ତିଷ୍କ ସୁସ୍ଥ ରହିଥାଏ। ଆମେରିକାସ୍ଥିତ ୟୁନିଭର୍ସିଟି ଅଫ କାଲିଫର୍ନିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ 'ସେରୋଟୋନିକ୍ ସ୍ତର ଏବଂ ଭିଟାମିନ୍ ଡି' ଶୀର୍ଷକ ବିଷୟକୁ ନେଇ କରିଥିବା ଗବେଷଣାରୁ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଭିଟାମିନ୍-ଡିଯୁକ୍ତ ଖାଦ୍ୟ ଖାଇବା ସହ ଜଣେ ନିୟମିତ ବ୍ୟାୟାମ କରିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି। ଶରୀରରେ ଏହାର ପରିମାଣ କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ ଏବଂ ଶରୀରରେ କ୍ୟାଲସିୟମ ପରିମାଣ କମିଯାଏ। ଅପରପକ୍ଷରେ ହାର୍ଟ ଆଟାକ, କିଡ୍‌ନୀରେ ଷ୍ଟୋନ୍ ଆଶଙ୍କା ମଧ୍ୟ ରହିଛି। ତେଣୁ ଏହି ଭିଟାମିନ କିପରି ଆମ ଶରୀରରେ ସନ୍ତୁଳିତ ଅବସ୍ଥାରେ ରହିବ ସେ ନେଇ ଆମେ ସଚେତନ ରହିବା ଦରକାର। ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳ ସମୟରେ ଯଦି ଆମେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସୁ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ କଡ୍ ଲିଭର ଅଏଲ, ସୋୟାଜାତୀୟ ଖାଦ୍ୟ, ମାଛ, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ, ଛତୁରେ ଏହି ଭିଟାମିନ୍ ଭରି ରହିଛି।



# ବଦହଜମୀ କିଛି କଥା



ଅନେକେ ଖାଦ୍ୟ ଲୋଭକୁ ସହଜରେ ସମ୍ବରଣ କରିପାରନ୍ତି ନାହିଁ। ଫଳରେ ଆବଶ୍ୟକତାଠାରୁ ଅଧିକ ଖାଇଥାଆନ୍ତି। ଏହାଦ୍ୱାରା ସେମାନଙ୍କର ପାଚନକ୍ରିୟା ପ୍ରଭାବିତ ହୋଇଥାଏ। ଫଳରେ ବଦହଜମୀ ଏବଂ ପେଟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି କେତେକଙ୍କର ଏହା ଜଟିଳ ହେବା ଦ୍ୱାରା ସେମାନଙ୍କୁ ହସ୍‌ପିଟାଲରେ ଆଡମିଶନ କରାଯାଇ ଚିକିତ୍ସା କରାଯାଏ। ତେଣୁ ଖାଦ୍ୟ ଖାଇବା ଉପରେ ଧ୍ୟାନ ଦେବା ନିହାତି ଦରକାର। କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ଚାପ କିମ୍ବା ଚିନ୍ତାଗ୍ରସ୍ତ ସମୟରେ ନ ଖାଇବା ଭଲ। ଅତ୍ୟଧିକ ଫ୍ୟାଟ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ନିଶାଦ୍ରବ୍ୟ ସେବନ ଠାରୁ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ। ପ୍ରତିଦିନ କେତେବେଳେ ଖାଇବେ ତାହାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ। ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଅତ୍ୟଧିକ ଖାଦ୍ୟ ଖାଇବା ଅପେକ୍ଷା ଅଧିକ ଥର ହେଉ ପଛେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ। ଖାଦ୍ୟ ଚୋବାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ। କାରଣ ଏହି ସମୟରେ ପାଟି ଖୋଲା ରହିଲେ ବାୟୁ ପେଟଭିତରୁ ଯାଇ ପାଚନ କ୍ରିୟାକୁ ପ୍ରଭାବିତ କରେ। ଖାଇବା ସମୟରେ ପାଣି ପିଅନ୍ତୁ ନାହିଁ। ଖାଇବାର ଅତିକମ୍‌ରେ ଘଣ୍ଟାଏ ପରେ ପାଣି ପିଅନ୍ତୁ। ସବୁଠାରୁ ବଡ କଥା ହେଲା ପ୍ରତିଦିନ ଅତିକମ୍‌ରେ ୨-୩ ଲିଟର ପାଣି ପିଅନ୍ତୁ, ଯାହା ଖାଦ୍ୟକୁ ହଜମ କରାଇବାରେ ସାହାଯ୍ୟ କରିଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରି ଭୋଜନ କରନ୍ତୁ।



ସୁଲଭ ବାସଗୃହ କ୍ଷେତ୍ରରେ ଜିଏସ୍‌ଟି ହ୍ରାସ ଭାରତୀୟ ରିୟଲ ଇଷ୍ଟେଟ ଲାଗି ଐତିହାସିକ ନିଷ୍ପତ୍ତି।

– ଜାକ୍ସେୟ ଶାହ, ସଭାପତି, କ୍ରେଡାଇ



ଆଗାମୀ ୧୦ ବର୍ଷରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତ ୫ଜି ବଜାର ହେବ।

– ଜେମ୍‌ସ ଉ, ସଭାପତି, ହୁଏୱି ଟେକ୍ନୋଲୋଜିଜ୍

## ସଂକ୍ଷେପରେ

### ବିତରକଙ୍କୁ ଟ୍ରାଇ ନିର୍ଦ୍ଦେଶ
## ଏକାପ୍ରକାର ଚ୍ୟାନେଲ ଏକାଠି ରଖ

**ନୂଆଦିଲ୍ଲୀ,୨୪-୨:** ଟିଭି ଚ୍ୟାନେଲ ବିତରକମାନେ ନିୟମ ଅନୁଯାୟୀ ଏକାପ୍ରକାର ଚ୍ୟାନେଲକୁ ଏକାଠି ରଖିବାକୁ ଟେଲିକମ୍ ନିୟାମକ ଟ୍ରାଇ ନିର୍ଦ୍ଦେଶ ଦେଇଛନ୍ତି। ଏହା ପାଳନ କରା ନ ଗଲେ ବିତରକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଗ୍ରାହକଙ୍କ ପକ୍ଷରୁ ଅଭିଯୋଗ କରାଯିବା ପରେ ଟ୍ରାଇ ପକ୍ଷରୁ ଉକ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଥିଯୋଗୁ ଉପଭୋକ୍ତାଙ୍କୁ ସୁବିଧା ହେବ। କାରଣ ଏକାପ୍ରକାର ଚ୍ୟାନେଲକୁ ବିତରକମାନେ ଭିନ୍ନ ଭିନ୍ନ ନମ୍ବରରେ ପ୍ରସାରଣ କରୁଥିବାରୁ ଏହାକୁ ଖୋଜିବା ଲାଗି ଅସୁବିଧା ହେଉଛି। ଏହାଛଡ଼ା ଗୋଟିଏ ଚ୍ୟାନେଲକୁ ଏକାଧିକ ସ୍ଥାନରେ ଦେଖିଲେ ଏଥିପ୍ରତି ଲୋକଙ୍କ ଆଗ୍ରହ ନଷ୍ଟ ହୁଏ ଏବଂ ରେଟିଂ ଉପରେ ପ୍ରତିକୂଳ ପ୍ରଭାବ ପଡେ। ଡିଟିଏସ୍ ପରିଚାଳକ ଏବଂ ମଲ୍ଟି ସିଷ୍ଟମ ପରିଚାଳକଙ୍କୁ ମଧ ସମାନ ନିର୍ଦ୍ଦେଶ ଦିଆଯାଇଛି। ଟ୍ରାଇ ପରାମର୍ଶଦାତା(ପ୍ରସାରଣ) ଅରବିନ୍ଦ କୁମାର କହିଛନ୍ତି ଯେ, ଏହି ନିର୍ଦ୍ଦେଶକୁ ତତ୍କାଳ କାର୍ଯ୍ୟକାରୀ କରାଯାଇଛି। ଗ୍ରାହକଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଟ୍ରାଇ ଏପରି ପଦକ୍ଷେପ ଗ୍ରହଣ କରିଛି।

## ଏନ୍‌ପିଏସ୍ ଗ୍ରାହକଙ୍କୁ ମିଳିବ ସର୍ବନିମ୍ନ ପେନ୍‌ସନ

**ନୂଆଦିଲ୍ଲୀ,୨୪-୨:** କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ 'ଜାତୀୟ ପେନସନ ସିଷ୍ଟମ'(ଏନ୍‌ପିଏସ୍) ଅଧୀନରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷଙ୍କୁ ସର୍ବନିମ୍ନ ସୁନିଶ୍ଚିତ ରିଟର୍ନ ପ୍ରଦାନ ଲାଗି ବ୍ୟବସ୍ଥା କରାଯାଉଛି। ଏନେଇ ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ(ପିଏଫ୍‌ଆର୍‌ଡିଏ) ବିଚାର କରୁଛି। ଅବସର ଲାଗି ଯୋଗଦାନ ଭିତ୍ତିରେ ସଞ୍ଚୟ କରିବାର ଅଭ୍ୟାସ ସୃଷ୍ଟି ଲାଗି ସରକାରଙ୍କ ପକ୍ଷରୁ ଏହି ଏନ୍‌ପିଏସ୍ ଯୋଜନା ଲାଗୁ କରାଯାଇଛି। ଜାନୁୟାରୀ ଶେଷ ସୁଦ୍ଧା ଏହି ଯୋଜନାରେ ପ୍ରାୟ ୨.୯୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ପରିଚାଳନା କରାଯାଉଛି ଏବଂ ଏଥିରେ ୧.୨୧ କୋଟି ଗ୍ରାହକ ନିଜକୁ ଯୋଡିଛନ୍ତି। ପିଏଫ୍‌ଆର୍‌ଡିଏ ସର୍ବନିମ୍ନ ରିଟର୍ନ ଗ୍ୟାରେଣ୍ଟି ଯୋଜନା ବିକଶିତ କରିବା ତଥା ଏହାର ଡିଜାଇନ ପ୍ରସ୍ତୁତ କରିବା ଉପରେ କାମ କରୁଛି। ଏନ୍‌ପିଏସ୍‌ରେ ରିଟର୍ନ ରାଶି କେତେ ହେବା ଆବଶ୍ୟକ ସେ ଦିଗରେ ପରାମର୍ଶ ଦେବାକୁ ନିୟାମକଙ୍କ ପକ୍ଷରୁ ସମସ୍ତ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣତଃ ଏନ୍‌ପିଏସରେ ସାମିଲ ହେଉଥିବା କର୍ମଚାରୀଙ୍କୁ ଅବସର ଅଥବା ୬୦ ବର୍ଷ ପର୍ଯ୍ୟନ୍ତ ଏହି ସ୍କିମ୍‌ରେ ନିବେଶ କରିବାକୁ ପଡିଥାଏ। ସେହିଭଳି ଏହି ସ୍କିମ୍‌ରୁ ବାହାରିବାକୁ ଚାହିଁଲେ ତାଙ୍କୁ ଜମା ଅର୍ଥର ୬୦% କାଢ଼ିବାକୁ ସୁଯୋଗ ଦିଆଯାଇଥାଏ।

# ବୀମା କମ୍ପାନୀ ମିଶ୍ରଣରେ ବାଧା

**ନୂଆଦିଲ୍ଲୀ,୨୪-୨**




କେନ୍ଦ୍ର ସରକାର ୩ଟି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀକୁ ମିଶାଇ ଦେବା ଲାଗି ଉଦ୍ୟମ କରୁଥିବା ବେଳେ ଏଥିରେ ଏବେ ବାଧା ସୃଷ୍ଟି ହୋଇଛି। ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଥିବା ବେଳେ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରୁଥିବା ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍(ଡିଏଫ୍‌ଏସ୍) ତରବରିଆ ମିଶ୍ରଣ ସପକ୍ଷରେ ନ ଥିବା ଦର୍ଶାଇଛି। ବୀମା ପରିଚାଳନା ସଂକ୍ରାନ୍ତ କାର୍ଯ୍ୟକଳାପ ସମ୍ପର୍କରେ ପ୍ରଥମେ ନିର୍ଦ୍ଧାରଣ କରାଯିବା ଏବଂ ଏହାର ବ୍ୟାପକ ତର୍ଜମା କରିବା ଲାଗି ସୁଯୋଗ ମିଳିବା ଆବଶ୍ୟକ ଦର୍ଶାଇ ଏହା ଡିଆଇପିଏଏମ୍‌କୁ ପତ୍ର ଲେଖିଛି। ତରବରିଆ ପଦକ୍ଷେପ ନ ନେବାକୁ ଏହା ପରାମର୍ଶ ଦେଇଛି।

ଡିଏଫ୍‌ଏସ୍‌ର ପଛଘୁଞ୍ଚା ଯୋଗୁ ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ(ଡିଆଇପିଏଏମ୍) ପକ୍ଷରୁ ପ୍ରସ୍ତୁତ ଚଳିତ ବର୍ଷର ପୁଞ୍ଜି ପ୍ରତ୍ୟାହାର କ୍ୟାଲେଣ୍ଡରରୁ ୩ ବୀମା କମ୍ପାନୀଙ୍କ ମିଶ୍ରଣକୁ ବାଦ୍ ଦିଆଯାଇଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମିଶ୍ରଣ ନେଇ ଆଶଙ୍କା ବ୍ୟକ୍ତ କରାଯାଇଥିବାରୁ ଏବେ ଏହା ସମ୍ଭବ ହେବ ନାହିଁ ବୋଲି ମନେ କରାଯାଉଛି। ଏପରି କି କେନ୍ଦ୍ରରେ ନୂଆ ସରକାର ଆସିବା ପରେ ମଧ ଏହା ଆସନ୍ତାବର୍ଷ ହେବା ନେଇ ଏବେ ସନ୍ଦେହ ସୃଷ୍ଟି ହେଲାଣି।

ସୂଚନାଥାଉ କି, ଏନ୍‌ଡିଏ ସରକାର ୨୦୧୮ ବଜେଟ ଉପସ୍ଥାପନ କରି ୟୁନାଇଟେଡ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀ, ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ କମ୍ପାନୀ ଏବଂ ଓରିଏଣ୍ଟାଲ ଇଣ୍ଡିଆ ଇନ୍‌ସ୍ୟୁରାନ୍ସ କମ୍ପାନୀକୁ ମିଶାଇ ଦିଆଯିବ ବୋଲି ଘୋଷଣା କରିଥିଲେ। ବୀମା ଉଦ୍ୟୋଗରେ ଏହା ସର୍ବବୃହତ୍ ମିଶ୍ରଣ ହେବ ବୋଲି ସେତେବେଳେ କୁହାଯାଇଥିଲା। କାରଣ ଏହାଦ୍ୱାରା ପ୍ରାୟ ନୂଆ କମ୍ପାନୀର ପୁଞ୍ଜି ୧ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଆଶାକରାଯାଉଥିଲା। ଆର୍ଥିକ ବର୍ଷ ୨୦୧୯ରେ ଏହି ମିଶ୍ରଣ ପ୍ରକ୍ରିୟା ସାରିବାକୁ ଯୋଜନା ହୋଇଥିଲା।

ଅନ୍ୟପକ୍ଷରେ ଡିଏଫ୍‌ଏସ୍ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି ଯେ, ବିଭିନ୍ନ ଦୃଷ୍ଟିରୁ ବିଚାର ନ କରି ତରବରିଆ ଭାବେ ନୂଆ ବୀମା କମ୍ପାନୀ ଗଠନ କରିବା ଦ୍ୱାରା ଯେଉଁ ଅସୁବିଧା ସୃଷ୍ଟି ହେବ ତାହାର ସମାଧାନ କରିହେବ ନାହିଁ। ଏହାବାଦ୍ ମିଶ୍ରଣ ପରେ ଉକ୍ତ ୩ଟି କମ୍ପାନୀର କ୍ଷତି ହ୍ରାସ ସହ କମ୍ ଖର୍ଚ୍ଚରେ ଉଚ୍ଚ କାର୍ଯ୍ୟକ୍ଷମ ପ୍ରଦାନ ସମ୍ଭବ ହେବ ବୋଲି ଗ୍ୟାରେଣ୍ଟି ଦେଇ ହେବନାହିଁ। ଏଣୁ ସବୁ ଦୃଷ୍ଟିକୁ ବିଚାରକୁ ନେଇ ମିଶ୍ରଣ କରାଯିବାର ଆବଶ୍ୟକତା ରହିଛି ବୋଲି ଡିଏଫ୍‌ଏସ୍ ନିଜର ପତ୍ରରେ ଦର୍ଶାଇଛି। ଅନ୍ୟପକ୍ଷରେ ବୀମା ନିୟାମକ ଆଇଆରଡିଏଆଇରୁ ପ୍ରାପ୍ତ ସୂଚନାନୁଯାୟୀ, ୨୦୧୭-୧୮ ସୁଦ୍ଧା ଉକ୍ତ ୩ ବୀମା କମ୍ପାନୀଙ୍କ ପ୍ରିମିୟମ ପ୍ରଥମ ୯ ମାସରେ ୩୨,୧୧୫ କୋଟି ଟଙ୍କା ଥିଲା। ଏହି ୩ କମ୍ପାନୀର ମୋଟ୍ ବଜାର ଅଂଶ ୨୯.୫୨% ରହିଛି।

## ଭିଗାର୍ଡ ଆଣିଲା ନୂଆ ମଡ୍ୟୁଲାର ସୁଇଚ୍




**ଭୁବନେଶ୍ୱର,୨୪-୨**

ଭିଗାର୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ନୂଆ ରେଞ୍ଜର ମଡ୍ୟୁଲାର ସୁଇଚ ବଜାରକୁ ଆସିଛି। ମାଟେଓ ବ୍ରାଣ୍ଡରେ କମ୍ପାନୀ ନୂଆ ପ୍ରଡକ୍ଟ ଆଣିଛି। କମ୍ପାନୀର ଜାତୀୟ ପ୍ରଡକ୍ଟ ମୁଖ୍ୟ ବିମଳ ଦୀକ୍ଷିତ, ବ୍ରାଞ୍ଚ ମ୍ୟାନେଜର ସୁମନ୍ତ କୁମାର ପ୍ରଧାନ, ରାଜ୍ୟ ପ୍ରଡକ୍ଟ ଇନଚାର୍ଜ ସମରେନ୍ଦ୍ର ରାଉତ ଏହାର ବଜାର ପ୍ରବେଶ କରାଇଥିଲେ। ନୂଆ ପ୍ରଡକ୍ଟରେ ଗୁଣବତ୍ତାକୁ ପ୍ରାଥମିକତା ଦିଆଯାଇଥିବା ଦୀକ୍ଷିତ କହିଛନ୍ତି। ଏହା ଓଡ଼ିଶା ବଜାରରେ ନିଜର ଏକ ସ୍ଥାନ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ରାଜ୍ୟରେ ଭିଗାର୍ଡର ଅଭିବୃଦ୍ଧିକୁ ନେଇ ସୁମନ୍ତ କୁମାର ପ୍ରଧାନ ସୂଚନା ଦେଇଥିଲେ।

## ନିର୍ମାଣ କ୍ଷେତ୍ର ମେଗା ରୋଜଗାର ମେଳା ୨୭ରୁ

**ଭୁବନେଶ୍ୱର,୨୪-୨**

କନଷ୍ଟ୍ରକସନ ସ୍କିଲ ଡେଭଲପମେଣ୍ଟ କାଉନସିଲ ଅଫ୍ ଇଣ୍ଡିଆ ପକ୍ଷରୁ ଚଳିତ ମାସ ୨୭ ଏବଂ ୨୮ରେ କଟକଠାରେ ଦୁଇ ଦିନିଆ ନିର୍ମାଣ କ୍ଷେତ୍ର ମେଗା ରୋଜଗାର ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଏହା ଏଲ୍ ଆଣ୍ଡ ଟି ସ୍କିଲ ଟ୍ରେନିଂ ପ୍ରତିଷ୍ଠାନଠାରେ ଆୟୋଜନ କରାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ତଥା ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ପ୍ରମୁଖ ରିୟଲ ଇଷ୍ଟେଟ ସଂସ୍ଥା ବାସ୍ତୁ ବିହାର ଏବଂ ୩୫ ଅନ୍ୟ କମ୍ପାନୀ ଯୋଗଦେବା ସହ ୨୫୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରିବେ। ବେରୋଜଗାର ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ମେଳା ଆୟୋଜନ କରାଯାଉଥିବା ବାସ୍ତୁ ବିହାରର ଅଧ୍ୟକ୍ଷ ବିନୟ କୁମାର ତିୱାରୀ ସୂଚନା ଦେଇଛନ୍ତି। ପଞ୍ଚମ, ସପ୍ତମ, ମାଟ୍ରିକ୍,ଯୁକ୍ତ ଦୁଇ, ସ୍ନାତକ, ଆଇଟିଆଇ, ଡିପ୍ଲୋମା, ବିଟେକ୍, ଏମ୍‌ବିଏ ମାର୍କେଟିଂ ଭଳି ଯୋଗ୍ୟତା ଥିବା ପ୍ରାର୍ଥୀ ଏହି ନିଯୁକ୍ତି ମେଳାରେ ଭାଗ ନେଇ ପାରିବେ। ଆଶାୟୀ ପ୍ରାର୍ଥୀ ସିଧାସଳଖ ନିୟୋଜକ ଷ୍ଟଲକୁ ଯାଇ ସାକ୍ଷାତ୍‌କାର ଦେଇପାରିବେ। ପ୍ରାର୍ଥୀଙ୍କୁ ଯୋଗ୍ୟତା ମୁତାବକ ନିଯୁକ୍ତି ମିଳିବ।

## ଓଏଚ୍‌ପିସି ପକ୍ଷରୁ ସରକାରଙ୍କୁ ଲାଭାଂଶ ପ୍ରଦାନ



**ଭୁବନେଶ୍ୱର,୨୪-୨**

ଓଡ଼ିଶା ଜଳ ବିଦ୍ୟୁତ ନିଗମ(ଓଏଚ୍‌ପିସି) ପକ୍ଷରୁ ସରକାରଙ୍କୁ ୨୦୧୭-୧୮ ଆର୍ଥିକ ବର୍ଷ ଲାଗି ଲାଭାଂଶ ପ୍ରଦାନ କରାଯାଇଛି। ଏହି ସମୟରେ ନିଗମ ୧୮.୬୫ କୋଟି ଟଙ୍କା ପ୍ରଦାନ କରିଥିବା ସୂଚନା ଦେଇଛି। ନିଗମର ଟିକସ ପରବର୍ତ୍ତୀ ଲାଭ ୬୨.୧୭ କୋଟି ଟଙ୍କା ରହିଛି। ନିକଟରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଲାଭାଂଶ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ଶକ୍ତି ସଚିବ ହେମନ୍ତ ଶର୍ମା, ଓଏଚ୍‌ପିସି ସିଏମ୍‌ଡି ବିଶାଳ ଦେବ, ଅର୍ଥ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୪-୨:** ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସର ୭୭ତମ ପ୍ରତିଷ୍ଠା ଦିବସ ଜାଗମରାସ୍ଥିତ ମଣ୍ଡଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ପି.କେ ପଣ୍ଡା, ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ପି.କେ.ଷଡଙ୍ଗୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ରକ୍ତଦାନ ଶିବିର ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କିଟ୍‌ର ଏଫ୍‌ଓ ଏଚ୍.କେ. ନାୟକ, ମୁଖ୍ୟ ପ୍ରବନ୍ଧକ ସୁବାସ ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ପିସିଏରୁ ବାହାରିବେ ଆହୁରି ୩-୪ ବ୍ୟାଙ୍କ

**ନୂଆଦିଲ୍ଲୀ,୨୪-୨**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ପ୍ରଣୀତ ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ)ରୁ ଆହୁରି ୩ରୁ ୪ଟି ଦୁର୍ବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବାହାରି ଆସିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ଆସନ୍ତା ୬ରୁ ୮ମାସ ମଧ୍ୟରେ ଏହା ସମ୍ଭବ ହେବ ବୋଲି କୁହାଯାଇଛି। ଫଶି ଯାଇଥିବା ଋଣ ହ୍ରାସ ପାଇବା ଏବଂ କେନ୍ଦ୍ର ସରକାର ବ୍ୟାଙ୍କଗୁଡ଼ିକରେ ପୁଞ୍ଜି ନିବେଶ କରିବାରୁ ଏହା ସମ୍ଭବ ହେବାକୁ ଯାଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ୧୨ ରାଷ୍ଟ୍ରାୟ ବ୍ୟାଙ୍କକୁ ସରକାର ୪୮,୨୩୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହି କାରଣରୁ ଆସନ୍ତା କିଛି ସପ୍ତାହ ମଧ୍ୟରେ କର୍ପୋରେଶନ ବ୍ୟାଙ୍କ ଏବଂ ଆଲ୍ଲାହାବାଦ ବ୍ୟାଙ୍କ ପିସିଏରୁ ବାହାରି ଆସିବେ। ସରକାରଙ୍କ ପୁଞ୍ଜି ନିବେଶରୁ କର୍ପୋରେଶନ ବ୍ୟାଙ୍କ ସର୍ବାଧିକ ଲାଭାନ୍ୱିତ ହୋଇଥିଲା ଏବଂ ୯୦୮୬ କୋଟି ଟଙ୍କା ପାଇଥିଲା। ଏହାପରେ ଆଲ୍ଲାହାବାଦ ବ୍ୟାଙ୍କକୁ ୬୮୯୬ କୋଟି ଟଙ୍କା ମିଳିଥିଲା। ପୂର୍ବରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ), ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର(ବିଓଏମ୍) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଗତ ମାସରେ ପିସିଏରୁ ବାହାରି ଆସିଥିଲେ। ଫଳରେ ପିସିଏରେ ଥିବା ବ୍ୟାଙ୍କ ସଂଖ୍ୟା ୮କୁ ଖସିଆସିଛି। ଅନ୍ୟପକ୍ଷରେ ଏପ୍ରିଲ ପହିଲାରୁ ଦେନା ବ୍ୟାଙ୍କର ବିଲୟ ପରେ ଏହା ମଧ ପିସିଏରୁ ବାଦ୍ ପଡିବ। ଅପରପକ୍ଷରେ ଏଲ୍‌ଆଇସିର ଅଧିଗ୍ରହଣ ପରେ ଆଇଡିବିଆଇର ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ଏବଂ ସେପ୍ଟେମ୍ବର ତ୍ରୈମାସ ଫଳାଫଳ ଘୋଷଣା ପରେ ଏହାକୁ ପିସିଏରୁ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି।

## ନାଲ୍‌କୋର ଦୀର୍ଘ ମିଆଦୀ ବେତନ ସମାଧାନ



**ଭୁବନେଶ୍ୱର,୨୪-୨**

ରାଷ୍ଟ୍ରାୟତ୍ତ ନାଲ୍‌କୋ ପକ୍ଷରୁ ୬ଷ୍ଠ ଦୀର୍ଘ ମିଆଦୀ ବେତନ ସମାଧାନ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କମ୍ପାନୀର ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟଠାରେ ୫ ଟ୍ରେଡ ୟୁନିୟନ ଉପସ୍ଥିତ ରହି ଚୁକ୍ତିରେ ସାମିଲ ହୋଇଛନ୍ତି। କାର୍ଯ୍ୟଧାରାକୁ ୧୦୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଇଥିବାରୁ ଏହାକୁ ୟୁନିୟନଗୁଡ଼ିକ ଐତିହାସିକ କହିବା ସହ ସନ୍ତୋଷ ବ୍ୟକ୍ତ କରିଛନ୍ତି। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ଚୁକ୍ତି ସମ୍ପାଦିତ ହୋଇଛି। ଏଭଳି ପଦକ୍ଷେପ କର୍ମଚାରୀଙ୍କ ନୈତିକ ମନୋବଳକୁ ବୃଦ୍ଧି କରିବା ସହ କମ୍ପାନୀର ବାଣିଜ୍ୟ ସଂସ୍କୃତିକୁ ବଢାଇବା ଦିଗରେ ସହାୟକ ହେବ ବୋଲି ସିଏମ୍‌ଡି ଚାନ୍ଦ କହିଛନ୍ତି। ସେହିଭଳି ଲକ୍ଷ୍ୟ ପୂରଣ, କମ୍ପାନୀର ରାଜସ୍ୱ ଏବଂ ଲାଭ ଦିଗରେ ଏହା ସହାୟକ ହେବା ନେଇ ସେ ମତ ରଖିଛନ୍ତି। ଦୀର୍ଘ ମିଆଦୀ ବେତନ ସମାଧାନ ଦ୍ୱାରା ୫୦୦୦ କର୍ମଚାରୀ ଲାଭବାନ ହୋଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

OFFICE OF THE NOTIFIED AREA COUNCIL, KASHINAGAR, GAJAPATI
No. 485/ NAC Dated: 23.02.2019

**QUOTATION CALL NOTICE**

Sealed Quotations are invited from the intending authorized stockists/ Dealers/Suppliers of reputed companies for supply of following Sanitation Materials under Solid waste management programme i.e. Dustbins, Hand cart wheel borrow, hanging Dustbins, Tri cycle Rickshaw, Bucket (Green & Blue) etc. and Mobile Toilet with printed name of the ULB on or before 4.30 PM of 06.03.2019 by Speed Post only.

The detail schedule of Quotation Call Notice shall be available from the office of the undersigned on payment of Rs. 5000/- (in cash) durign office hours from 25.02.2019 to 06.03.2019 and upto 1.00 PM and the same will be received upto 4.30 PM on 06.03.2019. The interested quotationers may apply along with all the requisite documents and EMD etc. as per schedule within the stipulated date and time period. The sealed cover must be mentioned with "Quotation for the supply of sanitation material."

The Authority reserves the right to accept or reject any quotation without assigning any reason thereof. The authority will not be held responsible for postal delay on delivery of Quotations by the Post man.

Sd./- Executive Officer, N.A.C., Kashinagar, Gajapati

Annexure-II
**CSO-CUM-DISTRICT MANAGER**
**ODISHA STATE CIVIL SUPPLIES CORPORATION LIMITED, GAJAPATI**
**NEW COLLECTORATE BUILDING, PARALAKHEMUNDI**
**www.gajapati.nic.in**

No. 548/ VIII-2/2019 Date : 23.02.2019

CSO-cum-District Manager, OSCSC Ltd. Gajapati invites sealed tenders from reputed firms/ companies/ persons for appointment as Level-I Transport Contract for transportation of food grains from FSD, FCI to RRC-cum-DSC.

Interested firms/ companies/ persons may obtain tender document from the office of the CSO-cum-District Manager from 26.02.2019 to 18.03.2019 up to 3.00 PM. The interested firms/ companies/ persons may also download the tender document from the District website **www.gajapati.nic.in.**

Interested firms/ companies/ persons will have to submit the tender documents through registered post/ speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The Corporation shall not be responsible for any postal / courier delay. Tender paper received after the schedule date & time shall not be considered.

**Address for submission of Tender document:**
**District Manager, OSCSC Ltd., Gajapati District.**
**At/Po- Paralakhemundi, District- Gajapati, PIN - 761200**

| | |
|---|---|
| Period of sale of tender document | 26.02.2019 to 18.03.2019 |
| Last date for receipt of tender document | 18.03.2019 up to 5.00 PM |
| Date of opening of Technical Bid | 23.03. 2019 at 12.30 PM |
| Date of opening of Price Bid | 26. 03.2019 at 11.00 AM |

**Sd./- CSO-cum-District Manager, OSCSC Ltd., Gajapati**

**GOVT. OF ODISHA**
**DEPARTMENT OF WATER RESOURCE, O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL**
**Email ld-ccerrip@gmail.com**
ଓଡ଼ିଶା ସରକାର
**e-Procurement Notice**

No.1311-A:- The chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **online percentage rate bids for** construction of the work as detailed below.

1. Name of the work : Excavation of Darpani Branch Canal from RD 8.120 km to 11.200 km including construction of its structures of Right Bank Canal of Rengali Irrigation Project.
2. Tender Cost : 1663.95 lakh
3. Bid Document Cost : 10,000.00 (online)
4. Bid Security : 16,64,000.00 (online)
5. Class of Contractor : Super Class
6. Period of Completion : 17 calendar months (517 days)
7. Other details are as follows;

| Procurement Officer | Bid Identification No. | Availability of tender online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| 1 | 2 | 4 | 5 | 6 |
| Chief Construction Engineer, RRIP, Dhenkanal | CCERRIP-17/2018-19 | 01.03.2019 from 10.00 A.M. | 25.03.2019 5.00 P.M. | 26.03.2019 11.00 A.M. |

8. For further details and online bidding, visit Govt. website **www.tendersodisha.gov.in**

32351/11/0023/1819 **Sd./- (J.K. Tripathy) Chief Construction Engineer, Rengali Right Irrigation Project, Dhenkanal**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER RURAL, WORKS DIVISION - II, MALKANGIRI**
**NATIONAL COMPETITIVE BIDDING THROUGH e-PROCUREMENT**
No.1775-O **Identification No. Online 09/RWD-II,MKG/2018-19**

1. Name of the work : Road work (Detailed in annexure)
2. Total Number of Works : 01 (One) numbers.
3. Tender Cost : Rs.22.12 lakhs
4. Class of Contractor : 'C' and 'B' Class contractors
5. Period of Completion : 2 Months (Detailed in Annexure)
6. Other Details :-

| Procurement Officer | Bid Identification No. | No. of Works | Availability of tender online for bidding | | Last Date & time of seeking tender clarification | Date & time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division -II, Malkangiri | Online tender / 11 / RWD-II, MKG/2018-19 | 01 (One) No. of Road work | 01.03.2019 from 11.00 A.M. | 12.03.2019 up to 5.00 P.M. | 11.03.2019 up to 5.00 P.M. | 14.03.2019 at 11.00 A.M. |

Further details can be seen from the Website **www.tenderorissa.gov.in**
25079/11/0009/1819 **Executive Engineer, R.W. Division -II, Malkangiri**

DADLS-282

**ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା.୨୭ .୦୨.୨୦୧୯ ସ୍ଥାନ – ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା** ସମୟ – ପୂର୍ବାହ୍ନ ଘ.୧୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ଓ ନବମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

**ବକ୍ତୃତା ପ୍ରତିଯୋଗିତା** ସମୟ – ଅପରାହ୍ନ ଘ.୧.୩୦ମି.
ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
ଦ୍ୱିତୀୟ ବର୍ଗ (ଅଷ୍ଟମ ଓ ନବମ ଶ୍ରେଣୀ)
ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ ।
- ପ୍ରତିଯୋଗିତା କେବଳ ଓଡିଆ ଭାଷାରେ ଅନୁଷ୍ଠିତ ହେବ ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ । ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର/ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା.୨୭.୦୨.୨୦୧୯ରିଖ ସନ୍ଧ୍ୟା ଘ.୬.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ ।

ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0592/1819

ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣ ବୈଷମବାଦ ବେଳେ ଏହି ଦେଶକୁ ଯେପରି ଏକଘରିଆ କରାଯାଇଥିଲା, ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପାକିସ୍ତାନକୁ ସେପରି କରାଯିବା ଉଚିତ୍ । –ବିନୋଦ ରୟ, ବିସିସିଆଇ ପ୍ରଶାସକ କମିଟି ମୁଖ୍ୟ



ଫେଡ୍ କପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ଭାରତୀୟ ମହିଳା ଟେନିସ୍ କ୍ରମେ ଉନ୍ନତି ହେଉଥିବା ପ୍ରତୀୟମାନ ହେଉଛି । –ବିଶାଲ ଉପାଲ୍, ଭାରତୀୟ ଫେଡ୍‌କପ୍ ଟିମ୍ ଅଧିନାୟକ



## ସଂକ୍ଷେପରେ

### ସୌଭାଗ୍ୟଙ୍କ ଶତକ ବୃଥା: ହାରିଲା ଓଡ଼ିଶା

**କଟକ ଅଫିସ,୨୪।୨:** ଗୁଜରାଟର ଶାସ୍ତ୍ରୀ ମୈଦାନଠାରେ ରବିବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୧୧୨ରନରେ ଆନ୍ଧ୍ରପ୍ରଦେଶ ଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆନ୍ଧ୍ରପ୍ରଦେଶ ୮ଉଇକେଟରେ ୩୦୫ରନ କରିଥିଲା। କରଣ ସିନ୍ଧେ ୧୧୧ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରୀତ କନୱର ସିଂ ଚୌହ୍ୱାନ ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୯ ଉଇକେଟ ହରାଇ ୧୯୩ରନ କରିଥିଲା। ସୌଭାଗ୍ୟ ରଞ୍ଜନ ମିଶ୍ର ୧୦୦ରନ କରି ଅପରାଜିତ ରହିଥିଲେ ମଧ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁଁ ଓଡ଼ିଶା ପରାଜିତ ହୋଇଥିଲା। ଆନ୍ଧ୍ରପ୍ରଦେଶ ପକ୍ଷରୁ ସି.କୌଶିକ ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ ।

### ମାଧୁରୀ-ସୁଶ୍ରୀଙ୍କ ଚମତ୍କାର ବ୍ୟାଟିଂ: ଓଡ଼ିଶା ବିଜୟୀ

**କଟକ ଅଫିସ,୨୪।୨:** ପୁଦୁଚେରୀର ପାଲମିରା କ୍ରିକେଟ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୨୦ରନରେ ବେଙ୍ଗଲକୁ ପରାସ୍ତ କରିଛି। ଟୁର୍ନାମେଣ୍ଟର ଗ୍ରୁପ-ଇ'ରେ ସ୍ଥାନ ପାଇଥିବା ଓଡ଼ିଶା ୩ଟି ବିଜୟ ସହ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ରହିଛି। ମ୍ୟାଚରେ ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ କରିଥିଲା। ଅଧିନାୟିକା ମଧୁସ୍ମିତା ବେହେରା ୮, ସରିତା ମେହେର ୪, ପ୍ରଜ୍ଞା ମହାନ୍ତି ୧ ଓ ରାଣୀ ଟୁଡୁ ୪ରନରେ ଆଉଟ ହେବା ଯୋଗୁଁ ଓଡ଼ିଶା ସଙ୍କଟରେ ପଡ଼ିଥିଲା। ମାତ୍ର ଓପନର ମାଧୁରୀ ମେହେଟା ଓ ମଧ୍ୟକ୍ରମର ବ୍ୟାଟ୍ସଓମ୍ୟାନ ସୁଶ୍ରୀ ଦିବ୍ୟଦର୍ଶିନୀ ଭାଗିଦାରୀରେ ୬୨ରନ ଯୋଗକରି ଓଡ଼ିଶାର ଦଳୀୟ ସ୍କୋରକୁ ୧୦୦ ଅତିକ୍ରମ କରାଇଥିଲେ। ମାଧୁରୀ ୫୧ ଓ ସୁଶ୍ରୀ ୪୩ ରନ କରି ଅପରାଜିତ ରହିଥିଲେ। ଫଳରେ ଓଡ଼ିଶା ୪ ଉଇକେଟ ହରାଇ ଓଡ଼ିଶା ୧୧୭ ରନ କରିଥିଲା। ୧୧୮ରନର ବିଜୟ ଲକ୍ଷ୍ୟକୁ ପିଛା କରି ବେଙ୍ଗଲ ୯୭ରନରେ ଅଲଆଉଟ ହୋଇଯାଇଥିଲା। ଅଧିନାୟିକା ତନୁଶ୍ରୀ ସରକାର ସର୍ବାଧିକ ୩୯ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରୀମାଲକ୍ଷ୍ମୀ ଏକ୍କା ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା।

### ହାଇ ଜମ୍ପର ତେଜସ୍ୱିନଙ୍କୁ ବିଗ୍ ୧୨ ଟାଇଟଲ

**ନୂଆଦିଲ୍ଲୀ,୨୪।୨(ପିଟି):** ଭାରତର ତେଜସ୍ୱିନ ଶଙ୍କର ଯୁକ୍ତରାଷ୍ଟ୍ର ଆମେରିକାର ଟେକ୍ସାସଠାରେ ବିଗ୍ ୧୨ କଲିଜିଏଟ୍ ଆଥଲେଟିକ୍ ମିଟ୍ ପୁରୁଷ ହାଇଜମ୍ପ ଟାଇଟଲ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ସେ ଜାତୀୟ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। କାନ୍ସାସ୍ ରାଜ୍ୟ ୟୁନିଭର୍ସିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ତେଜସ୍ୱିନ ଅନ୍ତିମ ଉଦ୍ୟମରେ ୨.୨୮ ମିଟର ଲମ୍ଫ ପ୍ରଦାନ କରିଥିଲେ। ସେ ସମାନ ବ୍ୟବଧାନ ଗତବର୍ଷ ପଟିଆଲାଠାରେ ଅନୁଷ୍ଠିତ ୨୨ତମ ଫେଡେରେଶନ କପ୍‌ରେ ହାସଲ କରିଥିଲେ। ସେ କାନ୍ସାସ୍ ବିଶ୍ୱବିଦ୍ୟାଳୟର ୬ଷ୍ଠ ହାଇ ଜମ୍ପର ଭାବେ ବିଗ୍୧୨ ଟାଇଟଲ ଜିତିଛନ୍ତି। ୨୦ ବର୍ଷୀୟ ତେଜସ୍ୱିନ ୨୦୧୫ ରାଜ୍ୟଗୋଷ୍ଠୀ ଯୁଥ୍ ଗେମ୍ସରେ ଏକ ସ୍ୱର୍ଣ୍ଣ ପଦକ ବ୍ୟତୀତ ୨୦୧୬ ସାଉଥ ଏସିଆନ ଗେମ୍ସରେ ଏକ ରୌପ୍ୟ ପଦକ ହାସଲ କରିଥିଲେ।

### ବ୍ରିଜଭୂଷଣ ପୁଣି ଡବ୍ଲ୍ୟୁଏଫ୍ଆଇ ସଭାପତି

**ନୂଆଦିଲ୍ଲୀ,୨୪।୨(ପିଟି):** ବ୍ରିଜଭୂଷଣ ଶରନ ସିଂ ରବିବାର ସର୍ବସମ୍ମତି କ୍ରମେ ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଏଫ୍ଆଇ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତେବେ କ୍ରମାଗତ ୩ୟ ଥର ପାଇଁ ବ୍ରିଜଭୂଷଣ ଏହି ପଦ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ଭଳି ପୂର୍ବ ପଦାଧିକାରୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବଚିତ ହୋଇଛନ୍ତି। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ସେମାନେ ଦାୟିତ୍ୱ ସମ୍ଭାଳିବେ। ଅବସରପ୍ରାପ୍ତ ଜଷ୍ଟିସ୍ ଆର. ବି. ମିଶ୍ରା ରିଟର୍ନିଂ ଅଫିସର ଭାବେ ନିର୍ବଚନ ପରିଚାଳନା କରିଥିଲେ।

■ ବାରବାଟୀରେ ବିସିସିଆଇ ସଭାପତି

# ସରକାରଙ୍କ ନିଷ୍ପତ୍ତିରେ ଝୁଲୁଛି ଭାରତ-ପାକ୍ ମ୍ୟାଚ୍

କଟକ ଅଫିସ,୨୪।୨

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର କାର୍ଯ୍ୟକାରୀ ସଭାପତି ସି.କେ. ଖାନ୍ନା ଓଡ଼ିଶା ଗସ୍ତରେ ଆସିଛନ୍ତି। ରବିବାର ସେ ବାରବାଟୀ ଷ୍ଟାଡିୟମରେ ପହଞ୍ଚିବା ସହ ଏଠାରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ନାମେଣ୍ଟ ମ୍ୟାଚ୍ ଦେଖିଥିଲେ। ଏହି ଅବସରରେ ଖାନ୍ନା ଭାରତୀୟ କ୍ରିକେଟର ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ମତ ମଧ ଦେଇଥିଲେ।

**ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା**

ଆସନ୍ତା ଆଇସିସି ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ହେବା ନେଇ କରାଯାଇଥିବା ପ୍ରଶ୍ନର ଉତ୍ତରରେ ଖାନ୍ନା କହିଥିଲେ, ଗତ କିଛି ଦିନ ତଳେ କମିଟି ଅଫ୍ ଆଡମିନିଷ୍ଟ୍ରେଟର୍ସ(ସିଓଏ)ର ବୈଠକ ବସିଥିଲା। ସରକାରଙ୍କ ନିଷ୍ପତ୍ତି ଉପରେ ଏହି ମ୍ୟାଚ୍‌ର ଭାଗ୍ୟ ଛଡ଼ାଯାଇଛି। ସରକାରଙ୍କ ନିଷ୍ପତ୍ତି ଯାହା ହେବ ତାହାକୁ ଗ୍ରହଣ କରାଯିବ। ଏହାଛଡ଼ା ଭାରତ ବିଶ୍ୱ କ୍ରିକେଟ ପ୍ରତିଯୋଗିତା ଗୁଡ଼ିକରେ ଟପ୍ ଗିଅରରେ ଅଛି। ବିଶ୍ୱକପରେ ଚାମ୍ପିୟନ ହେବାର ପ୍ରମୁଖ ଦାବିଦାର ଦୌଡ଼ରେ ମଧ ଭାରତ ରହିଛି। ଏହା ଉପରେ ବିଶେଷ ଦୃଷ୍ଟି ଦିଆଯାଉଛି।

**ହେବନି ଆଇପିଏଲ ଉଦ୍‌ଘାଟନୀ ଉତ୍ସବ**

ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ଆଗାମୀ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ ହେବ ନାହିଁ ବୋଲି ସୂଚନା ଦେଇଛନ୍ତି ଖାନ୍ନା। ପୂର୍ବରୁ ପୁଲୱାମାରେ ଶହୀଦ ଯବାନମାନଙ୍କ ନିମନ୍ତେ ୫ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ବିସିସିଆଇ ପକ୍ଷରୁ ଯୋଜନା ହେଉଥିଲା। ମାତ୍ର ଗତ ସିଓଏ ବୈଠକରେ ଆଇପିଏଲ ଉଦ୍‌ଘାଟନୀ ଉତ୍ସବ ନ କରାଯାଇ ବଜେଟ ହୋଇଥିବା ସମସ୍ତ ଅର୍ଥ ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।



ଷ୍ଟାଡ଼ିୟମ ପରିଦର୍ଶନ ଅବସରରେ ବିସିସିଆଇ କାର୍ଯ୍ୟକାରୀ ସଭାପତି ସି.କେ.ଖାନ୍ନା (ଡାହାଣ)।

**ରାଜ୍ୟ ସଂଘକୁ ମିଳିବ ପାଣ୍ଠି**

ସମସ୍ତ ରାଜ୍ୟ କ୍ରିକେଟ ସଂଘ ଗୁଡ଼ିକର ଆର୍ଥିକ ଦୁରବସ୍ଥା କେବେ ଦୂର ହେବ ବୋଲି ପ୍ରଶ୍ନର ଉତ୍ତରରେ ସେ କହିଥିଲେ, ଖୁବଶୀଘ୍ର ରାଜ୍ୟ ସଂଘମାନଙ୍କୁ ପାଣ୍ଠି ମିଳିବ। ରାଜ୍ୟ ସଂଘଗୁଡ଼ିକ ଏ ବାବଦରେ ସିଓଏ ସହ ଆଲୋଚନା ମଧ କରିପାରିବେ ବୋଲି ଖାନ୍ନା କହିଛନ୍ତି।

**ବାରବାଟୀକୁ ପ୍ରଥମ ଗସ୍ତ**

ବାରବାଟୀ ଷ୍ଟାଡିୟମକୁ ପ୍ରଥମଥର ଆସିଛି ବୋଲି ଖାନ୍ନା କହିଛନ୍ତି। ଏହି ଅନ୍ତର୍ଜାତୀୟ ଷ୍ଟାଡିୟମର ପରିବେଶ ବହୁତ ଭଲ ବୋଲି ମଧ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଆଗାମୀ ଦିନରେ ଅନ୍ତର୍ଜାତୀୟ ମ୍ୟାଚ୍ ହେବାର ପ୍ରଶ୍ନକୁ ନେଇ ସେ ସକାରାତ୍ମକ ଭାବନା ରଖିବାକୁ କହିଥିଲେ।

■ ସୟଦ ମୁସ୍ତାକ ଅଲି ଟି୨୦

# ଓଡ଼ିଶାର ପ୍ରଥମ ବିଜୟ

କଟକ ଅଫିସ,୨୪।୨

ଓଡ଼ିଶା ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟର ପ୍ରଥମ ବିଜୟ ପଏଣ୍ଟ ହାସଲ କରିଛି । ସ୍ଥାନୀୟ ଡ୍ରିମସ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ୯ ଉଇକେଟରେ ମିଜୋରାମକୁ ପରାସ୍ତ କରିଛି। ଓଡ଼ିଆ ସ୍ପିନର ପପୁ ରାୟ ଟି୨୦ ଫର୍ମାଟରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ୮ ରନ ଦେଇ ପପୁ ୩ଟି ଉଇକେଟ ଅକ୍ତିଆର କରିବା ସହ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାଛଡ଼ା ୩ଟି ମ୍ୟାଚ୍ ଶେଷ ସୁଦ୍ଧା ଏହି ଟୁର୍ନାମେଣ୍ଟରେ ପପୁ ୬ ଉଇକେଟ ଅକ୍ତିଆର କରିବା ସହ ସର୍ବାଧିକ ଉଇକେଟ ଦଖଲକାରୀ ତାଲିକାର ଶ୍ରେଷ୍ଠ ୧୦ଜଣ ଭିତରେ ସ୍ଥାନ ପାଇଛନ୍ତି। ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ମିଜୋରାମ ୧ ରନରେ ପ୍ରଥମ ଉଇକେଟ ପତନ ଘଟାଇବା ସହ ୩୦ରନରେ ଓଡ଼ିଶା ବୋଲରମାନେ ମିଜୋରାମର ୪ଜଣ ବ୍ୟାଟ୍ସମ୍ୟାନଙ୍କୁ ପ୍ୟାଭିଲିୟନ ଫେରାଇ ସାରିଥିଲେ। ବ୍ୟାଟ୍ସମ୍ୟାନଙ୍କ ବିଫଳତା ଫଳରେ ମିଜୋରାମର ଇନିଂସ ୯୧ ରନରେ ସୀମିତ ରହିଥିଲା। ଅଧିନାୟକ ତରୁୱାର କୋହଲି ସର୍ବାଧିକ ୩୭ ରନ କରିଥିଲେ। ପପୁଙ୍କ ବ୍ୟତୀତ ରାଜେଶ ମହାନ୍ତି ୨, ସୂର୍ଯ୍ୟକାନ୍ତ ପ୍ରଧାନ, ଦେବବ୍ରତ ପ୍ରଧାନ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ। ଜବାବରେ ୧୨.୫ ଓଭରରେ ଗୋଟିଏ ଉଇକେଟ ହରାଇ ଓଡ଼ିଶା ବିଜୟ ଲକ୍ଷ୍ୟ ହାସଲ କରିଛି। ପଦାର୍ପଣ କରିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ କ୍ଲିନ ବୋଲ୍ଡ ହୋଇଥିଲେ। ଉଇକେଟ କିପର ରାଜେଶ ଧୂପର(୩୮ରନ) ଓ ସନ୍ଦୀପ ପଟ୍ଟନାୟକ(୫୪ ରନ) ଅପରାଜିତ ରହି ଓଡ଼ିଶାକୁ ଟୁର୍ନାମେଣ୍ଟରେ ପ୍ରଥମ ବିଜୟ ପ୍ରଦାନ କରିଛନ୍ତି ।



ମନୀଷ ପାଣ୍ଡେ

**ମନୀଷଙ୍କ ଧୂଆଁଧାର ଶତକ**

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ରେ କର୍ନାଟକ ୧୪୬ ରନରେ ଅରୁଣାଚଳ ପ୍ରଦେଶକୁ ହରାଇଥିଲା। କର୍ନାଟକ ଅଧିନାୟକ ତଥା ଅନ୍ତର୍ଜାତୀୟ ଖେଳାଳି ମନୀଷ ପାଣ୍ଡେଙ୍କ ଧୂଆଁଧାର ଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା କର୍ନାଟକ ୪ ଉଇକେଟ ହରାଇ ୨୨୬ ରନ କରିଥିଲା। ମନୀଷ ୪୩ ବଲରୁ ଶତକ ହାସଲ କରିବା ସହ ୧୧୧ରନରେ ଅପରାଜିତ ଥିଲେ। ଏହା ମଧ୍ୟରେ ୯ଟି ଚୌକା ଓ ୭ଟି ଛକା ସାମିଲ ଥିଲା। ଶ୍ରେୟାଶ ଗୋପାଳଙ୍କ ୫ ଉଇକେଟ ବଳରେ ଅରୁଣାଚଳ ପ୍ରଦେଶ ୮୦ରନରେ ଅଲଆଉଟ ହୋଇଥିଲା।

**୩ ଉଇକେଟରେ ଜିତିଲା ବେଙ୍ଗଲ**

ସେହିପରି ବାରବାଟୀରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବେଙ୍ଗଲ ୩ ଉଇକେଟରେ ହରିୟାଣାକୁ ପରାସ୍ତ କରିଛି। ହରିୟାଣା ପ୍ରଥମେ ବ୍ୟାଟିଂ କରି ୮ ଉଇକେଟରେ ୧୪୧ ରନ ସଂଗ୍ରହ କରିଥିଲା। ଅନ୍ୟ ଏକ ମ୍ୟାଚରେ ଆସାମ ୫ ଉଇକେଟରେ ଛତିଶଗଡ଼କୁ ପରାସ୍ତ କରିଥିଲା।



## ଜନ୍ମେଜୟଙ୍କୁ ରୌପ୍ୟ

ଜାତୀୟ ସିନିୟର ବଡିବିଲ୍ଡିଂ

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

କେରଳର କନ୍ନୁରଠାରେ ଅନୁଷ୍ଠିତ ଜାତୀୟ ସିନିୟର ବଡିବିଲ୍ଡିଂ ଚାମ୍ପିୟନଶିପ୍‌ର ୫୬ତମ ସଂସ୍କରଣରେ ଓଡ଼ିଶାର ଜନ୍ମେଜୟ ମହାନ୍ତି ରୌପ୍ୟ ପଦକ ଜିତିଛନ୍ତି। ୭୦ କିଗ୍ରା ବର୍ଗରେ ଜନ୍ମେଜୟ ଏହି ସଫଳତା ପାଇଛନ୍ତି। ଏଥିସହ ଜନ୍ମେଜୟ ପୋଲାଣ୍ଡରେ ମେ'ରେ ହେବାକୁ ଥିବା ମିଷ୍ଟର ୱାର୍ଲ୍ଡ ବଡିବିଲ୍ଡିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଛନ୍ତି। ଏହି ଜାତୀୟ ଚାମ୍ପିୟନଶିପ୍ ପାଇଁ ଜନ୍ମେଜୟ ୧୫ ଦିନ ମଧ୍ୟରେ ୧୨ କେଜି ଓଜନ ହ୍ରାସ କରିଥିଲେ। ପ୍ରକାଶଯୋଗ୍ୟ, ଜନ୍ମେଜୟ ପୂର୍ବରୁ ଏସିଆରେ ୫ମ, ମିଷ୍ଟର ୟୁନିଭର୍ସରେ ୭ମ ସ୍ଥାନରେ ରହିଥିବାବେଳେ ମିଷ୍ଟର ଇଣ୍ଡିଆ ପ୍ରତିଯୋଗିତାରେ ୨ଥର ରୌପ୍ୟ ପଦକ ହାସଲ କରିସାରିଛନ୍ତି। ଏଥିସହ ସେ ମିଷ୍ଟର ଇଷ୍ଟର୍ନ ଇଣ୍ଡିଆରେ ୩ଥର ସ୍ୱର୍ଣ୍ଣ, ଡାକଶ୍ରୀରେ ୬ଥର ସ୍ୱର୍ଣ୍ଣ ପଦକ ସହ ୪ଥର ଟାଇଟଲ ହାସଲ କରିଛନ୍ତି। ଜନ୍ମେଜୟ ୧୪ଥର ମିଷ୍ଟର ଭୁବନେଶ୍ୱର ଟାଇଟଲ ମଧ ଜିତିଛନ୍ତି।

## ଭାରତରେ ଏସିଆନ୍ ସ୍ନୁକର ଟୁର୍ ବାତିଲ

ନୂଆଦିଲ୍ଲୀ,୨୪।୨(ପିଟି)

ଏସିଆନ ସ୍ନୁକର ଟୁର ଭାରତ ଲେଗ୍‌କୁ ରବିବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ବାତିଲ କରିଦିଆଯାଇଛି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ପାକିସ୍ତାନ ଖେଳାଳିଙ୍କୁ ଭିଜାଗତ ସମସ୍ୟା ଦେଖାଦେଇବାରୁ ଏଭଳି ପରସ୍ଥିତି ଉପୁଜିଛି। ୧୦ ରେଡ୍ସ ଏସିଆନ ଟୁର ସ୍ନୁକର ଟୁର୍ନାମେଣ୍ଟ ମାର୍ଚ୍ଚର ଅନ୍ତିମ ସପ୍ତାହରେ ବୋଙ୍ଗାଲୁରୁଠାରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ପାକିସ୍ତାନ ସ୍ନୁକର ଖେଳାଳିଙ୍କୁ ଭିଜା ମିଳିବା ନେଇ ଆୟୋଜକମାନେ ଗ୍ୟାରେଣ୍ଟି ଦେଇପାରି ନ ଥିଲେ। ଏଣୁ ଏସିଆନ୍ କନ୍‌ଫଡେରେଶନ ଅଫ୍ ବିଲିୟାର୍ଡ୍ସ ସ୍ପୋର୍ଟ୍ସ (ଏସିବିଏସ୍) ଇଭେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ଦେଶରେ ଅନ୍ୟ କ୍ରୀଡ଼ା ସହ ଯାହା ଘଟୁଛି, ତାକୁ ଦୃଷ୍ଟିରେ ରଖି ଏସିବିଏସ୍‌କୁ ଆମେ ପାକିସ୍ତାନ ଖେଳାଳିଙ୍କ ଭିଜା ସମ୍ପର୍କରେ ଜଣାଇଥିଲୁ। ଏଣୁ ଏସିଆନ ସ୍ନୁକର ଟୁରର ଅନ୍ତିମ ଲେଗ୍‌କୁ ବାତିଲ କରାଯାଇଛି ବୋଲି ବିଲିୟାର୍ଡ୍ସ ଓ ସ୍ନୁକର ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ବିଏସ୍‌ଏଫ୍ଆଇ) ସମ୍ପାଦକ ଏସ୍. ସୁବ୍ରମଣ୍ୟମ କହିଛନ୍ତି। ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ୨୪ ଖେଳାଳିଙ୍କ ମଧ୍ୟରୁ ୬ ଜଣ ପାକିସ୍ତାନୀ କିମ୍ବା ପାକିସ୍ତାନରେ ଜନ୍ମିତ। ସେମାନେ ଭିଜା ପାଇଁ ଆବେଦନ ମଧ କରି ନ ଥିଲେ। ଉଲ୍ଲେଖଥାଉ କି, ଚଳିତ ମାସ ୧୪ ତାରିଖ ପୁଲୱାମା ଆତଙ୍କବାଦୀ ଆକ୍ରମଣ ଘଟଣାରେ ୪୦ରୁ ଅଧିକ ସିଆରପିଏଫ୍ ଯବାନ ଶହୀଦ ହେବା ପରେ ପାକିସ୍ତାନ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ଇଭେଣ୍ଟ ପ୍ରବଳ ମାତ୍ରାରେ ବାଧାପ୍ରାପ୍ତ ହୋଇଛି।

## ୪ର୍ଥ ବାଟାଲିୟନ ରାଉରକେଲା ଚାମ୍ପିୟନ



ଚାମ୍ପିୟନ ଓଏସ୍ଏପି ୪ର୍ଥ ବାଟାଲିୟନ ଖେଳାଳିଙ୍କ ସହ ଅତିଥି।

ରାଉରକେଲା ଅଫିସ,୨୪।୨

ଇସ୍ପାତ ଷ୍ଟାଡିୟମ ସେକ୍ଟର ୬ ଠାରେ ଚାଲିଥିବା ରାଜ୍ୟ ପୋଲିସ ହକି ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ୪ର୍ଥ ବାଟାଲିୟନ ରାଉରକେଲା ଚାମ୍ପିୟନ ହୋଇଛି। ବିଭିନ୍ନ ଜିଲାରୁ ଏହି ଟୁର୍ନାମେଣ୍ଟରେ ମୋଟ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଓଏସଏପି ୪ର୍ଥ ବାଟାଲିୟନ ରାଉରକେଲା ଓ ୬ଷ୍ଠ ବାଟାଲିୟନ କଟକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୧-୦ ଗୋଲରେ ରାଉରକେଲା ବିଜୟୀ ହୋଇ ଟାଇଟଲ ହାସଲ କରିଛି। ଅନ୍ୟପଟେ କଟକ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୭ହଜାର ୫ଶହ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅତିରିକ୍ତ ପୋଲିସ ଡିଜି(ଏସସିଆରବି) ଡ. ସୁଧାଂଶୁ ଷଡଙ୍ଗୀ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସେ ବିଜୟୀ ଦଳ ଓ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି କବିତା ଜଲାନ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଏସପି ପି.କେ. ମହାପାତ୍ର ଓ ଏସ୍.କେ. ପାଠୀ, ରେଲୱେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଓଏସଏପି କମାଣ୍ଡାଣ୍ଟ ପୁରୁଷୋତ୍ତମ ସାହୁ, କ୍ରୀଡ଼ା ଅଧିକାରୀ ବିଭୂତି ପରିଡା, ଆରଆଇ ସୂର୍ଯ୍ୟକାନ୍ତ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅନିଲ ମଲ୍ଲିକ ଓ ନିଖିଳ କଳାକାର ପ୍ରଧାନ ସଂଯୋଜନା କରିଥିଲେ। ହକି ପ୍ରଶିକ୍ଷକ ପିଟର ତିର୍କୀ ଓ ମିଲଟନ ବିଲୁଙ୍ଗଙ୍କ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ୍ ସୁରୁଖୁରୁରେ ଶେଷ ହୋଇଥିଲା। ଖେଳରେ ତୃତୀୟ ସ୍ଥାନ ଅଧିକାର କରିଥିବା ରିଜର୍ଭ ପୋଲିସ ରାଉରକେଲା ଦଳକୁ ନଗଦ ୫ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଗୋଲକିପର ଭାବେ ମୋଜେସ ଓରାମ, ବେଷ୍ଟ ଡିଫେନ୍ସ ଭାବେ ଉମେଶ କିଶାନ, ବେଷ୍ଟ ଫରୱାର୍ଡ ଅଶୋକ ଲାକ୍ରା, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ଅନିଲ କୁଲୁଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା।


**HOUSING AND URBAN DEVELOPMENT DEPARTMENT**
**OFFICE OF THE BARGARH MUNICIPAL COUNCIL, BARGARH**
At/PO/Dist: Bargarh, Pin: 768028, e-Mail: bargarhmunicipality.eo@gmail.com, Ph.: 06646-234347, Fax.: 06646-234347

Letter No. 1617 Date: 23.02.19

**QUOTATION CALL NOTICE**

The Executive Officer, bargarh Municipality on behalf of Bargarh Municipal Council, Bargarh invitest sealed quotation in prescribed form in conformity with the detailed Quotation Call Notice from registered Firms/Entrepreneur/NGO/Private Companies/Regd. Labours suppliers/ Trusts satisfying the eligibility criteria & having minimum 10 years experience in similar nature of the works preferably in ULB related field for supply of labourer for sanitation work for the year 2019-20.

The Detail Quotation scheduled with term & conditions and other necessary documents shall be available and obtained in the office of the Municipal Council, Bargarh on payment of Rs. 10000/- (Ten Thousand) only (Non refundable) in shape of DD/Banker Cheque/BD in favour of Executive Officer, Bargarh Municipality.

The Quotation schedule sale start from 25.02.19 to 01.03.19 during office hour i.e. 10.30 AM to 5 PM except Govt. Holiday. The Quotation paper along with documents shall be received in the office of the Executive Officer, Bargarh Municipality through tender Box on or before dt. 02.03.19 at 12 PM. The quotation will be opened on the same date at 4.00 PM in presence of the quotationer or their authorized representatives.

The Authority will not be responsible for any delay of submission of the documents and non receipt of the same in time, who may be present at the time of opening of the tender. The total privatisation will be covered under 14th FC Basic grants SWM Component for the year 2019-20.

The undersigned reserves the right to accept or reject any or all the quotations without assigning any reason thereof.

| Sl. No. | Discription | No. of Labour engaged | |
|---|---|---|---|
| 1 | Labour supply | TOTAL | 177 Nos. |

Sd./- Executive Officer, Bargarh Municipality

**COLLECTORATE, MALKANGIRI (ST & SC DEV. SECTION)**
e-mail-mkgdwo@gmail.com / Phone No.-06861-230408

**TENDER CALL NOTICE**

**Advertisement No.342/XX-02-18 Dated: 23.02.2019**

Sealed tenders in plain paper are invited from the intending Reputed Registered firms/ Authorized Dealers, Co-operative Scociety or Suppliers for supply of basic Amenities to hostels runing under ST & SC Dev. Department of Malkangiri District for the year 2018-19. The intrested bidders may submit the tender documents complete in all respect along with EMD, paper cost (Non-refundable) and other requisite documents on or before **06.03.2019** up to 5.00 PM. addressing to the D.W.O., Malkangiri, At/Po- Malkangiri, PIN-764048 by Register/Speed Post. The tender papers shall be opened on 06.03.2019 at 5:30 PM. The other details like terms & conditions general instruction for the bidders etc. are available in the District website: **www.malkangiri.nic.in.**

**Sd./- COLLECTOR, MALKANGIRI**

**OFFICE OF THE PRINCIPAL**
**TENTULIA SASANDEBASTHAN COLLEGE**
**AT/PO: Bijaya DhanurjayaPur, Dist: Ganjam**
**Odisha (PIN-761120)**
**Tender Notice No.1164301/OHEPEE/2019/ IDP-01, Date:23.02.19**

**QUOTATION / TENDER CALL NOTICE**

Sealed price quotations are invited from Manufacturers / Authorized Distributors / Authorized Dealers for procurements of laboratory Equipment / Books and sealed tenders are also invited for outsourcing of Data Entry Operator for IDP (World Bank Funding under OHEPEE, Govt. of Odisha). Detailed specifications, terms and conditions, Tender paper for engagement of DEO are available in the OHEPEE link of college website: tsdcollege.in. Last date for submission of Quotations / Tender is 15 days from the date of publication of the notice.

**Sd./- Principal,**
**T.S.D. College, B.D.Pur. Gm**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନବରଙ୍ଗପୁର**
(ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଉପବିଭାଗ)

**ବିଜ୍ଞାପନ ସଂଖ୍ୟା: ୪୧୮/୨୦୧୯** **ତା: ୧୯।୦୨।୨୦୧୯**

ଏତଦ୍ୱାରା ନବରଙ୍ଗପୁର ଜିଲ୍ଲାର ଇଚ୍ଛୁକ ଅନୁସୂଚିତ ଜନଜାତି (ST) ଓ ଅନୁସୂଚିତ ଜାତି (SC) ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ଶିକ୍ଷାବର୍ଷ ଅର୍ଥାତ୍ ୨୦୧୯-୨୦ରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ SECC ତାଲିକା ଅନ୍ତର୍ଭୁକ୍ତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀମାନଙ୍କ ପାଇଁ ସହରାଞ୍ଚଳ ଶିକ୍ଷା (Urban Education) 'ଅନ୍ୱେଷା' ଯୋଜନାରେ standard-Iରେ ନାମ ଲେଖାଇବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯେଉଁ ଅଭିଭାବକମାନେ ନିଜର ପୁଅ ଝିଅମାନଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ (English Medium School)ରେ ନାମ ଲେଖା ପାଇଁ ଇଚ୍ଛୁକ ଅଛନ୍ତି, ସେମାନେ ସିଧାସଳଖ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ। ପାଠ ପଢ଼ିବା ପାଇଁ ଅଭିଭାବକମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ।

ପ୍ରକାଶଥାଉକି, ଦରଖାସ୍ତ ଫର୍ମ ସହିତ ଆଧାର କାର୍ଡ଼ ଓ ଛାତ୍ର/ଛାତ୍ରୀ ଜାତିଗତ ପ୍ରମାଣପତ୍ରର ନକଲ ସଂଯୋଗ କରିବେ, ନତୁବା ସେମାନଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ। ଇଚ୍ଛୁକ ଅଭିଭାବକମାନେ ନିର୍ଦ୍ଧାରିତ ଫର୍ମ ପୂରଣ କରି ତା୧୦।୦୩।୨୦୧୯ରିଖ ସୁଦ୍ଧା ସିଧାସଳଖ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ନବରଙ୍ଗପୁର କିମ୍ବା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କଠାରେ ସମସ୍ତ ତଥ୍ୟ ସହ ଦାଖଲ କରିପାରିବେ। ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଜିଲ୍ଲା ମଙ୍ଗଳ ଅଧିକାରୀ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟଠାରେ ମିଳିପାରିବ ଓ ଜିଲ୍ଲା website www.nabarangpur.nic.inରେ ଉପଲବ୍ଧ ହେବ।

**ସ୍ୱା./- ଜିଲ୍ଲାପାଳ, ନବରଙ୍ଗପୁର**

**OFFICE OF THE EXECUTIVE ENGINEER, RWS&S. DIVISION, NUAPADA**

**GOVT. OF ODISHA "e"-PROCUREMENT NOTICE**
**E-mail:eerwssnpd@rediffmail.com**
**Bid Identification No. RWS&S_12/2018-19**

No.1760-O:- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the Detailed Tender Call Notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lump sum (**G2**) contract form.

| | |
|---|---|
| Nature of work | :- Rural Piped Water Supply schemes in different Villages and SC/ST Hostels under Nuapada District. |
| No. of Tender | :- 6 (Six) nos. |
| Approx. Estimated Cost | :- Rs.12.77 Lakhs to Rs.47.58 Lakhs |
| Period of completion | :- 05 (Five) months to 08 (eight) months |
| Tender Cost | :- Rs.6000/- |
| Class of Contractor | :- Class C, B & Equivalent |
| Date and Time of availability of bid document in the portal | :- 28.02.2019 at 10.00 AM. |
| Last date / Time for receipt of bids in the portal | :- 16.03.2019 up to 5.00 PM. |
| Date of Opening of bid | :- 18.03.2019 at 11.00 AM. |

The bidders have to participate in online bidding only. Further details can be seen from the website **http://tendersorissa.gov.in.**

25043/11/0010/1819 **Sd./- Executive Engineer, RWSS Division, Nuapada**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, RAIRANGPUR (MAYURBHANJ)**
No.-1782-O:-

Letter No.1031 Date:20.02.2019

**E-mail ID:- eerwrairangpur@yahoo.com**
**"e"-Procurement Notice for ROAD Works**
**Bid Identification No-RWDRRP-28/2018-19**

1. Name of the work : FDR to Construction Double span Box Cell Culvert (6.00 x 3.00)m at ch.-2.455 km on Jamda to Sankuleibira Road for the year 2018-19 in the District of Mayurbhanj.
2. Estimated Cost : Rs32.39 Lakhs Approximately (As per Annexure).
3. Class of Contractor : 'C' & 'B' Class.
4. Period of Completion : 3 (Three) calendar months
5. Tender Paper Cost : As per Annexure

The details are as follows.

| Procurement Officer | Bid Identification No. | Availability of tender online for bidding | | Last Date & time of seeking tender clarification | Date & Time of Opening of tender in O/O E.E.R.W Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| E.E.R.W Division, Rairangpur. | RWDRRP-28/2018-19 | 27.02.2019 at 11.00 AM. | 12.03.2019 up to 5.00 P.M. | 11.03.2019 up to 1.00 P.M. | 15.03.2019 at 11.30 A.M. |

Further details can be seen from the website **www.tendersOdisha.gov.in**

25107/11/0019/1819 **Sd./- Er. D.P. Karan, Executive Engineer, R.W. Division, Rairangpur**

“ ଭାରତ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ପରାଜିତ ହୋଇଥିଲେ ହେଁ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବାର ସାମର୍ଥ୍ୟ ଆମ ନିକଟରେ ରହିଛି।
–ଆନ୍ୟା ଶ୍ରବ୍‌ସୋଲ୍, ଇଂଲଣ୍ଡ ମହିଳା କ୍ରିକେଟର



“ ଆଇସିସି ମହିଳା କ୍ରିକେଟରେ ଟି୨୦ ଫର୍ମାଟର ପ୍ରସାର ପାଇଁ ବିଚାର କରୁଥିବାରୁ ଆମ ଦେଶରେ ମହିଳା ଆଇପିଏଲ ହେବା ଉଚିତ୍। –ମିଥାଲି ରାଜ୍, ଭାରତୀୟ ମହିଳା କ୍ରିକେଟର



## ସଂକ୍ଷେପରେ

### କର୍ମକର୍ତ୍ତାଙ୍କ ତ୍ରୁଟି ଯୋଗୁ ଫାଇନାଲରୁ ବଞ୍ଚିତ ହେଲେ ବର୍ମା

**ନୂଆଦିଲ୍ଲୀ,୨୪।୨(ପିଟି):** ସ୍ଥାନୀୟ ଡ. କାର୍ନି ସିଂ ଶୁଟିଂ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ପୁରୁଷ ବିଭାଗର ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ କର୍ମକର୍ତ୍ତାଙ୍କ ତ୍ରୁଟି ଯୋଗୁ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକଧାରୀ ଅଭିଷେକ ବର୍ମା ଫାଇନାଲରୁ ବାଦ୍ ପଡ଼ିଛନ୍ତି। ବର୍ମା ରବିବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ସେଟ୍ ଶୁଟରଙ୍କ ସହ ଅଂଶଗ୍ରହଣ କରୁଥିଲେ। ଏହି ପର୍ଯ୍ୟାୟରେ ୫ମ ସିରିଜ ଶୁଟ ଚାଲୁଥିବାବେଳେ ବର୍ମାଙ୍କ ସହ ଜଣେ କାର୍ଯ୍ୟରତ କର୍ମକର୍ତ୍ତା କଥା ହେବାକୁ ଆସିଥିଲେ। ବର୍ମାଙ୍କୁ ଦର୍ଶକଙ୍କ ମଧ୍ୟରୁ ଜଣେ କେହି ଡାକୁଥିବା କହିଥିଲେ। ସେ ଥିଲେ ବର୍ମାଙ୍କ ବ୍ୟକ୍ତିଗତ କୋଚ ଓମେନ୍ଦର ସିଂ। ମାତ୍ର ଓମେନ୍ଦରଙ୍କୁ ବିଶ୍ୱକପ୍‌ରେ ଯୋଗଦେବାକୁ ଅନୁମତି ମିଳିନାହିଁ। କୋଚ୍‌ଙ୍କ ସହ ଆଲୋଚନା ଯୋଗୁ ଶୁଟିଂ ସିରିଜ ଶେଷ କରିବା ଲାଗି ଧାର୍ଯ୍ୟ ସମୟର ୧୦ ମିନିଟ୍‌ରୁ କମ୍ ସମୟ ବଳିଥିଲା। ବିଳମ୍ବ ଯୋଗୁ ବର୍ମାଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। ଏଥିଯୋଗୁ ବର୍ମା ୫୭୬ ସ୍କୋର କରିଥିଲେ, ଯାହାକି ଟପ୍ ୮ ବାହାରେ ଥିଲା। ଏହା କାର୍ଯ୍ୟରତ କର୍ମକର୍ତ୍ତାଙ୍କ ଭୁଲ। କାହାରି ନିବେଦନ ପରେ କର୍ମକର୍ତ୍ତା ଜଣଙ୍କ ଅଭିଷେକଙ୍କୁ ଡାକିବା ଉଚିତ ନ ଥିଲା। ଏହା ଆମକୁ ମହଙ୍ଗା ପଡ଼ିଛି ବୋଲି ପାବେଲ କହିଛନ୍ତି।

### ଜାତୀୟ ସବ୍‌ଜୁନିୟର ଭଲିବଲ୍
### ଓଡ଼ିଶା ବାଳିକା ଦଳର ପ୍ରଥମ ବିଜୟ

**ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଭଲିବଲ ଆସୋସିଏଶନ ଓ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ କିଟ୍ ଗ୍ରାଉଣ୍ଡରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳିକା ଦଳ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଅନୁଷ୍ଠିତ ବାଳିକା ବର୍ଗର ମ୍ୟାଚ୍‌ରେ ଓଡ଼ିଶା ୩-୨ ସେଟ୍‌ରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ପୂର୍ବରୁ ଓଡ଼ିଶା ୧-୩ରେ କେରଳଠାରୁ ହାରିଥିଲା। ଦିବସର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମହାରାଷ୍ଟ୍ର ୩-୦ରେ ଉତ୍ତରାଖଣ୍ଡକୁ, ରାଜସ୍ଥାନ ୩-୦ରେ ଆନ୍ଧ୍ରପ୍ରଦେଶକୁ, କେରଳ ୩-୦ରେ ଦିଲ୍ଲୀକୁ, ହରିୟାଣା ୩-୦ରେ ପଣ୍ଡିଚେରୀକୁ, ପଶ୍ଚିମବଙ୍ଗ ୩-୦ରେ ଛତିଶଗଡ଼କୁ, କର୍ଣ୍ଣାଟକ ୩-୦ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଅପରପକ୍ଷରେ ବାଳକ ବର୍ଗରେ ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ୩-୦ରେ ଆସାମକୁ, ପଞ୍ଜାବ ୩-୨ରେ ଆନ୍ଧ୍ରପ୍ରଦେଶକୁ, ଉତ୍ତରପ୍ରଦେଶ ୩-୦ରେ ହିମାଚଳ ପ୍ରଦେଶକୁ, ଝାଡ଼ଖଣ୍ଡ ୩-୨ରେ ପଣ୍ଡିଚେରୀକୁ, ତାମିଲନାଡୁ ୩-୦ରେ କଶ୍ମୀରକୁ ଏବଂ ଉତ୍ତରାଖଣ୍ଡ ୩-୦ରେ ମଧ୍ୟପ୍ରଦେଶକୁ ହରାଇଛି।

### ଇଡେନରୁ ହଟାଯିବନି ପାକିସ୍ତାନ କ୍ରିକେଟରଙ୍କ ଫଟୋ

**କୋଲକାତା,୨୪।୨:** ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣ ପରେ ଭାରତର ବିଭିନ୍ନ କ୍ରିକେଟ ଆସୋସିଏଶନରେ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇ ଦିଆଯାଇଛି। ମାତ୍ର ଐତିହାସିକ ଇଡେନ ଗାର୍ଡେନ ଗ୍ୟାଲେରିରୁ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଯିବ ନାହିଁ। ଏ ନେଇ କ୍ରିକେଟ ଆସୋସିଏଶନ୍ ଅଫ୍ ବେଙ୍ଗଲ (ସିଏବି) ସ୍ପଷ୍ଟ କରିଛି। ବିଜେପି ଯୁବ ମୋର୍ଚ୍ଚା (ବିଜେୱାଇଏମ୍) ପକ୍ଷରୁ ସିଏବି ମୁଖ୍ୟ କାର୍ଯ୍ୟାଳୟ ସାମ୍ନାରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୬୦ ଭାଜପା ଯୁବ ମୋର୍ଚ୍ଚା କର୍ମୀ ପାକିସ୍ତାନ ବିରୋଧୀ ସ୍ଲୋଗାନ ଦେବା ସହ ପାକିସ୍ତାନ କ୍ରିକେଟରଙ୍କ ଫଟୋ ହଟାଇବା ପାଇଁ ଦାବି କରିଥିଲେ। ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବତନ ଅଧିନାୟକ ତଥା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ୧୯୯୨ ବିଶ୍ୱକପ୍ ଧରିଥିବା ଫଟୋ ବିସି ରୟ୍ କ୍ଲବ ଲବିଠାରେ ଲଗାଯାଇଛି। ତାଙ୍କ ବ୍ୟତୀତ ୱାସିମ ଆକ୍ରମ, ଇନ୍ତିଖାବ ଆଲମ ଓ ରମିଜ ରାଜଙ୍କ ଭଳି କେତେ ଜଣ କିମ୍ବଦନ୍ତୀ ଖେଳାଳିଙ୍କ ଫଟୋ କ୍ଲବ କାନ୍ଥରେ ଲାଗିଛି।

### ଟେଷ୍ଟ ର୍‍ୟାଙ୍କିଙ୍ଗ୍: ଦକ୍ଷିଣ ଆଫ୍ରିକା ମାନ୍ୟତା ଖସିଲା

**ଦୁବାଇ,୨୪।୨:** ଆଇସିସି ପକ୍ଷରୁ ରବିବାର ନୂଆ ଟେଷ୍ଟ ଦଳଗତ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରେ ପରାସ୍ତ ହେବା ପରେ ଦକ୍ଷିଣ ଆଫ୍ରିକା ର୍‍ୟାଙ୍କିଙ୍ଗ୍‌ରେ ଅବନତି ଆସିଛି। ପ୍ରୋଟିଜ ଦଳ ଏବେ ୧୦୫ ପଏଣ୍ଟ ସହ ୩ୟ ସ୍ଥାନକୁ ଖସିଛି। ପୂର୍ବରୁ ଦଳ ୧୧୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଥିଲା। ଏହାର ସିଧାସଳଖ ଫାଇଦା ନ୍ୟୁଜିଲାଣ୍ଡ ଦଳକୁ ହୋଇଛି। ନ୍ୟୁଜିଲାଣ୍ଡ ୧୦୭ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଉଠିଛି।

# ଶେଷ ବଲ୍‌ରେ ଜିତିଲା ଅଷ୍ଟ୍ରେଲିଆ

ବିଶାଖାପାଟଣା, ୨୪।୨(ପି.ଟି.)

ସ୍ଥାନୀୟ ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଲୋ– ସ୍କୋରିଂ ରୋମାଞ୍ଚକ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଶେଷ ବଲ୍‌ରେ ଭାରତକୁ ୩ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଛି। ଶେଷ ବଲରେ ଆବଶ୍ୟକ ୨ ରନ କରି ଭ୍ରମଣକାରୀ ଦଳ ବାଜି ମାରିଛି। ଏଥିସହିତ ଅଷ୍ଟ୍ରେଲିଆ ୨ ମ୍ୟାଚ ବିଶିଷ୍ଟ ଏହି ସିରିଜ୍‌ରେ ୧–୦ରେ

**ପ୍ରଥମ ଟି୨୦**

ଅଗ୍ରଣୀ ହାସଲ କରିଛି। ୧୨୭ ରନ ଟାର୍ଗେଟର ପିଛା କରି ଅଷ୍ଟ୍ରେଲିଆ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦଳ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ତରଫରୁ ଗ୍ଲେନ୍ ମ୍ୟାକ୍ସୱେଲ୍ ୪୩ ବଲରୁ ୬ ଚୌକା, ୨ ଛକା ସହ ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡି' ଆର୍ସି ଶର୍ଟ ୩୭, ପିଟର ହ୍ୟାଣ୍ଡ୍ସକମ୍ବ ୧୩ ରନ କରି ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଭାରତ ତରଫରୁ ଯଶପ୍ରୀତ ବୁମ୍‌ରା ୩, ୟୁଜବେନ୍ଦ୍ର ଚହଲ ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଗ୍ଲେନ୍ ମ୍ୟାକ୍ସୱେଲ ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଆରମ୍ଭରୁ ତାରକା ଓପନର ତଥା ଉପ ଅଧିନାୟକ ରୋହିତ ଶର୍ମା ମାତ୍ର ୫ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେ ଜାସନ ବେହେରେନଡୋର୍ଫଙ୍କ ବଲ୍‌ରେ ଆଡାମ ଜାମ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ୩ ସପ୍ତାହର ବିଶ୍ରାମ ପରେ ଦଳକୁ ଫେରିଥିବା ଅଧିନାୟକ ବିରାଟ କୋହଲି ୧୭ ବଲ୍‌ରୁ ୩ ଚୌକା ସହ ୨୪ ରନ କରି ଜମିଆସୁଥିବା ବେଳେ ଜାମ୍ପାଙ୍କ ବଲ୍‌ରେ ନାଥନ କୁଲ୍ଟର-ନିଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦଳର ବିପର୍ଯ୍ୟୟ ଘଟିଥିଲା। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୩୭ଟି ବଲ୍ ଖେଳି ୨୯ ରନ କରି ଅପରାଜିତ ରହିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହେବା ପରେ ଓପନର ଲୋକେଶ ରାହୁଲ ୩୬ ବଲରୁ ୬ ଚୌକା, ୧ ଛକା ସହ ୫୦ ରନ କରି କୁଲ୍ଟର- ନିଲଙ୍କ ବଲ୍‌ରେ ଆରୋନ ଫିଞ୍ଚ୍‌ଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ କୋହଲି ଓ ରାହୁଲ ୫୫ରନ ସଂଗ୍ରହ କରିଥିଲେ। ସେହିପରି ଦୀନେଶ କାର୍ତ୍ତିକ୍ ୧, ଟି୨୦ ସ୍ପେଶାଲିଷ୍ଟ କ୍ରୁନାଲ ପାଣ୍ଡ୍ୟା ୧, ଉମେଶ ଯାଦବ ୨ ରନ କରି ଆଉଟ ହୋଇଥିବା ବେଳେ ୟୁଜବେନ୍ଦ୍ର ଚହଲ ବିନା ସ୍କୋରରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁଲ୍ଟର- ନିଲ ସର୍ବାଧିକ ୩, ବେହେରେନଡୋର୍ଫ, ଜାମ୍ପା ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତୀୟ ଯୁବ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେ ଏହି ମ୍ୟାଚ୍‌ରେ ପଦାର୍ପଣ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ବଦଳରେ ଲୋକେଶ ରାହୁଲ ଖେଳିବାର ସୁଯୋଗ ହାସଲ କରିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ବଦଳରେ ମାର୍କଣ୍ଡେଙ୍କୁ ଖେଳାଯାଇଥିଲା। ସେହିପରି ଭୁବନେଶ୍ୱର କୁମାରଙ୍କ ବଦଳରେ ଉମେଶ ଯାଦବ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଦଳରେ ପିଟର ହ୍ୟାଣ୍ଡ୍ସକମ୍ବ ପଦାର୍ପଣ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

- ଭାରତ ୨୦ ଓଭରରେ ୧୨୬/୭ (ରାହୁଲ-୫୦, ଧୋନୀ- ୨୯*, କୋହଲି- ୨୪, କୁଲ୍ଟର-ନିଲ- ୩/୨୬)।
- ଅଷ୍ଟ୍ରେଲିଆ ୨୦ ଓଭରରେ ୧୨୭/୭ (ମ୍ୟାକ୍ସୱେଲ- ୫୬, ଶର୍ଟ- ୩୭, ବୁମ୍‌ରା- ୩/୧୬)।

### ସୌରଭ ଚୌଧାରୀଙ୍କୁ ସ୍ୱର୍ଣ୍ଣ ସହ ଅଲିମ୍ପିକ୍ କୋଟା

ନୂଆଦିଲ୍ଲୀ,୨୪।୨(ପିଟି)

୧୬ବର୍ଷୀୟ ଭାରତୀୟ ଶୁଟର ସୌରଭ ଚୌଧାରୀ ନୂଆ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଆହୁରି ମଧ୍ୟ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସ୍ଥାନୀୟ ଡ. କାର୍ନି ସିଂ ଶୁଟିଂ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ରେ ସୌରଭ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ୍ ଗେମ୍ସ ଓ ୟୁଥ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକଧାରୀ ଫାଇନାଲରେ ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବହୁ ପଛରେ ପକାଇ ଦେଇଥିଲେ। ସେ ଫାଇନାଲରେ ୨୪୫.୦ ସ୍କୋର କରିଥିଲେ, ଯାହାକି ଏହି ଇଭେଣ୍ଟରେ ଏକ ବିଶ୍ୱ ରେକର୍ଡ। ସେ ନିକଟସ୍ଥ ପ୍ରତିଦ୍ୱନ୍ଦ୍ୱୀ ଦାମିର ମିକେ (୨୩୯.୩)ଙ୍କୁ ୫.୭ ପଏଣ୍ଟରେ ହରାଇଥିଲେ। ରୌପ୍ୟ ପଦକ ଜିତିଥିବା ଦାମିରକୁ ଏହି ଇଭେଣ୍ଟର ଦ୍ୱିତୀୟ ଅଲିମ୍ପିକ୍ସ ଯୋଗ୍ୟତା ମିଳିଛି। ଫାଇନାଲ ରାଉଣ୍ଡ ପାଇଁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟରେ ସୌରଭ ୫୮୭ ସ୍କୋର ସହ ଶୀର୍ଷରେ ରହିଥିଲେ। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅଭିଷେକ ବର୍ମା (୫୭୬) ଓ ରବିନ୍ଦର ସିଂ (୫୭୬) ସ୍କୋର କରି ଫାଇନାଲରୁ ବାଦ୍ ପଡ଼ିଥିଲେ। ଟୁର୍ଣ୍ଣାମେଣ୍ଟରେ ଏବେ ସୁଦ୍ଧା ଭାରତୀୟ ଦଳ ଦୁଇ ସ୍ୱର୍ଣ୍ଣ ପଦକ ଓ ୩ଟି ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଛି। ସୌରଭଙ୍କ ପୂର୍ବରୁ ଅପୂର୍ବୀ ଚାଣ୍ଡେଲା ଓ ଅଞ୍ଜୁମ ମୁଦଗିଲ ଅଲିମ୍ପିକ୍ କୋଟା ପାଇସାରିଛନ୍ତି।

## ଟି୨୦ରେ ଆଫଗାନିସ୍ତାନର ରେକର୍ଡ

ଡେରାଡୁନ, ୨୪।୨ (ପି.ଟି.)

- ସର୍ବାଧିକ ଟି୨୦ ସ୍କୋର: ୨୭୮/୩
- ସର୍ବାଧିକ ଟି୨୦ ଭାଗୀଦାରି: ୨୩୬
- ସର୍ବାଧିକ ସଂଖ୍ୟକ ଛକା: ୧୬
- ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର: ୧୬୨*
- ତୃତୀୟ ଦ୍ରୁତତମ ଟି୨୦ ଶତକ: ୪୨ ବଲ

ଟି୨୦ ଫର୍ମାଟ୍‌ରେ ସର୍ବାଧିକ ସ୍କୋର କରି ଆଫଗାନିସ୍ତାନ ରେକର୍ଡ ସୃଷ୍ଟି କରିଛି। ଏଠାରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ ହରାଇ ରେକର୍ଡ ୨୭୮ ରନ ସଂଗ୍ରହ କରିଥିଲା। ପୂର୍ବରୁ ୨୦୧୬ରେ ପାଲିକେଲରେ ଶ୍ରୀଲଙ୍କା ବିପକ୍ଷରେ ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୨୬୩ ରନ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲା। ତେବେ ଆଫଗାନିସ୍ତାନ ଏବେ ଏହାକୁ ପଛରେ ପକାଇଛି। ଜବାବରେ ଆୟର୍ଲାଣ୍ଡ ୬ ଉଇକେଟ ହରାଇ ୧୯୪ ରନ୍‌ରେ ସୀମିତ ରହି ୮୪ ରନରେ ପରାସ୍ତ ହୋଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ଆଫଗାନିସ୍ତାନ ଆଗୁଆ ସିରିଜ୍ ହାତେଇ ନେଇଛି। ଆଫଗାନିସ୍ତାନ ତରଫରୁ ଓପନର ହଜରାତୁଲ୍ଲା ଜଜାଇ ୬୨ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧୬ ଛକା ସହ ୧୬୨ ରନର ଶତକୀୟ ପାଳି ଖେଳି ଅପରାଜିତ ରହିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟତମ ଓପନର ଉସ୍‌ମାନ ଘନି ୪୮ ବଲରୁ ୭ ଚୌକା ଓ ୩ ଛକା ସହ ୭୩ ରନ ସଂଗ୍ରହ କରିଥିଲେ। ଓପନିଂ ଯୋଡିରେ ହଜରାତୁଲ୍ଲା ଓ ଉସମାନ ୨୩୬ ରନ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ୨୭୯ ରନ ବିଜୟ ଲକ୍ଷ୍ୟର ପିଛା କରି ଭଲ ଆରମ୍ଭ କରିଥିଲା ଆୟର୍ଲାଣ୍ଡ। ଓପନର ତଥା ଅଧିନାୟକ ପଲ ଷ୍ଟିର୍ଲିଂ ସର୍ବାଧିକ ୯୧, କେଭିନ ଓ'ବ୍ରାଏନ ୩୭, ଶେନ୍ ଗେଟକେଟ୍ ୨୪ ରନ କରି ଆଉଟ ହୋଇଥିବା ବେଳେ ସିମି ସିଂ ୧୭ ଓ ଷ୍ଟୁଆର୍ଟ ପଏଣ୍ଟେର ୧୫ ରନ କରି ଅପରାଜିତ ରହିଥିଲେ। ଓପନିଂ ଯୋଡିରେ ଷ୍ଟିର୍ଲିଂ ଓ ଓ'ବ୍ରାଏନ ୧୨୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରସିଦ୍ ଖାଁ ସର୍ବାଧିକ ୪, ମୁଜିବ ଉର ରହମାନ ଓ ଫରିଦ୍ ମାଲିକ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

# ହରିପ୍ଲାଷ୍ଟ ବାଲେଶ୍ୱର ଚାମ୍ପିୟନ

ବାଲେଶ୍ୱର ଅଫିସ,୨୪।୨

ବାଲେଶ୍ୱର ଜିଲା ଆଥେଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପରମିଟ ପଡିଆରେ ସର୍ବଭାରତୀୟ ରାୟସାହେବ ପ୍ରଫୁଲ୍ଲ ଚନ୍ଦ୍ର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ହରିପ୍ଲାଷ୍ଟ ବାଲେଶ୍ୱର ଓ ବାରିପଦା କ୍ରୀଡ଼ା ଛାତ୍ରାବାସ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ହରିପ୍ଲାଷ୍ଟ ୨–୦ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଖେଳର ଦ୍ୱିତୀୟାର୍ଦ୍ଧରେ ହରିପ୍ଲାଷ୍ଟ ଦଳର ଅଖିଳେଶ ଟପୋ ଖେଳର ୬୫ ଓ ୮୩ ମିନିଟ୍‌ରେ ଦୁଇଟି ଗୋଲ ଦେଇ ଦଳକୁ ବିଜୟୀ କରାଇବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇ ଅତିଥିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

କଡା ଟକ୍କର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଖେଳ ଆରମ୍ଭ ହେବାର ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଉଭୟ ଦଳ ଗୋଲ ଦେଇପାରି ନ ଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧ ଖେଳର ୬୫ ଓ ୮୩ ମିନିଟ୍‌ରେ ହରିପ୍ଲାଷ୍ଟ ଦଳର ଅଖିଳେଶ ଦୁଇଟି ଗୋଲ ଦେଇ ଦଳକୁ ଚାମ୍ପିୟନ କରାଇଥିବା ବେଳେ ବାରିପଦା କ୍ରୀଡ଼ା ଛାତ୍ରାବାସ ରନର୍ସଅପ୍ ହୋଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ ପରମିଟ୍ ପଡ଼ିଆର ଉନ୍ନତିକରଣ, ବିଦ୍ୟୁତ୍‌କରଣ ଏବଂ ଡ୍ରେନେଜ୍ ବ୍ୟବସ୍ଥା ଯଥାଶୀଘ୍ର ବିଭିନ୍ନ ସରକାରୀ ଯୋଜନାରେ ସାମିଲ୍ କରାଯିବ ବୋଲି କହିଥିଲେ। ଜିଲାପାଳ ତଥା ଜିଲା ଆଥଲେଟିକ୍ ଆସୋସିଏଶନ୍ ସଭାପତି ରମେଶ ଚନ୍ଦ୍ର ରାଉତ ଯୋଗଦେଇ ଉନ୍ନତମାନର ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରିଥିବା ସଦସ୍ୟ ତଥା ପ୍ରଯୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସମ୍ମାନନୀୟ ଅତିଥି ଭାବେ ହୋସି ବୋଧନବାଲା, ଶିଳ୍ପପତି ହିମାଂଶୁ ଦାସ ଏବଂ ସମସ୍ତ ପ୍ରଯୋଜକ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ସହିତ ୨୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ରନର୍ସଅପ୍ ଦଳକୁ ଟ୍ରଫି ସହିତ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ମ୍ୟାଚ୍ ରେଫରୀ ସୁଜିତ କୁମାର ପାତ୍ର, ଅରୁଣ କୁମାର ନାୟକ, ପ୍ରଦୀପ କୁମାର ଦାସ ଓ ମ୍ୟାଚ୍ କମିଶନର କାର୍ତ୍ତିକ ଚନ୍ଦ୍ର ନାୟକଙ୍କୁ ମଧ୍ୟ ଅତିଥିମାନେ ଟ୍ରଫି ଓ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା। ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲ କିପର ଭାବେ ବାରିପଦା କ୍ରୀଡା ଛାତ୍ରାବାସର ଖେଳାଳି ସୁବ୍ରତ ପ୍ରଧାନ ଏବଂ ଶ୍ରେଷ୍ଠ ଖେଳାଳି ଭାବେ ହରିପ୍ଲାଷ୍ଟ ବାଲେଶ୍ୱରର ଅଖିଳେଶ ଟପୋ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସଙ୍ଗଠନ ସମ୍ପାଦକ ସଂଗ୍ରାମ ଦାସ, ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଅଧିପ ଦାଶ, ସହସମ୍ପାଦକ ପଦ୍ମଲୋଚନ ଲେଙ୍କା, ଉପସଭାପତି ହରମୋହନ ଦାସ, ସୁକାନ୍ତ ନାୟକ, ଯୁଗ୍ମ ସମ୍ପାଦକ ନିମାଇ ଚରଣ ରାଉତରାୟ, କାର୍ତ୍ତିକ ନାୟକ, ସଞ୍ଜୟ ଲେଙ୍କା, ଜଗଦୀଶ ବେହେରା, ତରୁଣ ଚାଟାର୍ଜୀ, କୋଷାଧ୍ୟକ୍ଷ ଅମର କୁମାର ମହାନ୍ତି, ପ୍ରଦୀପ କୁମାର ଦାସ, ସାଦିକ ଅଲ୍ଲି ଖାଁ, ଚିତ୍ତରଞ୍ଜନ ପାଶା, ତପନ ଚକ୍ରବର୍ତ୍ତୀ ଓ ସୁରଜିତ ମହାପାତ୍ର ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ଆଇ- ଲିଗ୍ ଫୁଟବଲ: କଶ୍ମୀର- ଆରୋଜ୍ ମ୍ୟାଚ୍ ଡ୍ର

ଭୁବନେଶ୍ୱର, ୨୪।୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ରିୟଲ କଶ୍ମୀର ଓ ଘରୋଇ ଇଣ୍ଡିଆନ୍ ଆରୋଜ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୨–୨ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ଥିଲା। ଏଥି ସହିତ ବାହାର ମ୍ୟାଚ୍‌ଗୁଡିକରେ କଶ୍ମୀର ତା'ର ଅପରାଜେୟଧାରା ବଜାୟ ରହିଛି। ମ୍ୟାଚ୍‌ର ପ୍ରଥମ ୭୫ ମିନିଟରେ ଗୋଲ ସମ୍ଭବ ହୋଇପାରି ନ ଥିଲା। ତେବ ହଠାତ୍ ଏହା ପରେ ମ୍ୟାଚ୍‌ରେ ରୋମାଞ୍ଚ ଦେଖିବାକୁ ମିଳିଥିଲା ଓ ନିୟମିତ ସମୟର ଅନ୍ତିମ ୧୫ ମିନିଟ୍‌ରେ ୪ଟି ଗୋଲ ସ୍କୋର କରାଯାଇଥିଲା। ମ୍ୟାଚ୍‌ର ୭୮ତମ ମିନିଟ୍‌ରେ ଆରୋଜର ଅମରଜିତ୍ ସିଂ ପେନାଲ୍ଟି ସ୍ପଟ୍‌ରୁ ଶଟ୍ ମାରି ଗୋଲ ଦେଇଥିଲେ। ଏହାପରେ ୮୨ତମ ମିନିଟ୍‌ରେ କଶ୍ମୀର ଆବେଡନେଡୋ ମେଇଟେଇ ଗୋଲ ଦେଇ ମ୍ୟାଚ୍‌କୁ ୧–୧ ସମାନସ୍ଥିତିକୁ ଆଣିଥିଲେ। ଏହାପରେ ମାସନ ରବର୍ଟଶନ ୯୦ ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୨–୧ରେ ଅଗ୍ରଣୀ କରାଇବା ସହ ବିଜୟ ସମ୍ଭାବନା ସୃଷ୍ଟି କରି ଖେଳାଳିମାନେ ବେଶ୍ ଆନନ୍ଦିତ ହୋଇଥିଲେ। ତେବେ ଏହି ଖୁସି ବେଶି ସମୟ ତିଷ୍ଠି ପାରି ନ ଥିଲା। ଏହାର ମାତ୍ର ୬୦ ସେକେଣ୍ଡ ମଧ୍ୟରେ ତଥା ଇଞ୍ଜୁରୀ ଟାଇମ୍‌ର ପ୍ରଥମ ମିନିଟ୍‌ରେ ଆରୋଜ୍‌ର ରାହୁଲ କେପି ଅନୱର ଅଲିଙ୍କ ଏକ ପାସ୍‌କୁ ହେଡ କରି ଗୋଲରେ ପରିଣତ କରିଥିଲେ। ଏହା ପରେ ୪ ମିନିଟର ଖେଳରେ ଆକ୍ରମଣ ଓ ପ୍ରତିଆକ୍ରମଣ ଦେଖିବାକୁ ମିଳିଥିଲେ ମଧ୍ୟ ଗୋଲ ସମ୍ଭବ ହୋଇ ପାରି ନ ଥିଲା ଓ ଶେଷରେ ଫାଇନାଲ ହ୍ୱିସିଲ ବାଜିଥିଲା। ଫଳରେ ମ୍ୟାଚ ୨–୨ ଗୋଲରେ ଅମୀମାଂସିତ ହୋଇଥିଲା। ଆରୋଜ ତା'ର ଶେଷ ଘରୋଇ ମ୍ୟାଚ୍‌ରେ ଅନ୍ତିମ ମୁହୂର୍ତ୍ତରେ ଗୋଲ ଦେଇ ପରାଜୟରୁ ବର୍ତ୍ତିଯାଇଥିଲା। ଫଳରେ ମ୍ୟାଚ ଡ୍ର' ହୋଇଥିଲେ ମଧ୍ୟ ଆରୋଜ ଖେଳାଳି ବିଜୟ ଭଳି ଉତ୍ସବ ମନାଇଥିଲେ।

ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ପଏଣ୍ଟ ଭାଗ ହୋଇଥିଲା। ଏଥି ସହିତ କଶ୍ମୀର ମୋଟ ୧୭ଟି ମ୍ୟାଚ୍ ଖେଳି ୯ଟି ବିଜୟ, ୬ଟି ଡ୍ର ଓ ଦୁଇଟି ପରାଜୟ ସହ ମୋଟ ୩୩ ପଏଣ୍ଟ ପାଇଁ ପଏଣ୍ଟ ତାଲିକର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ଆରୋଜ୍ ଦଳ ୧୯ଟି ମ୍ୟାଚ୍ ଖେଳି ୫ ବିଜୟ, ୩ ଡ୍ର ଓ ୧୧ଟି ପରାଜୟ ସହ ୧୮ ପଏଣ୍ଟ ପାଇଁ ଗୋଟିଏ ସ୍ଥାନ ଉପରକୁ ଉଠିବା ସହ ପୁଣି ଥରେ ସପ୍ତମ ସ୍ଥାନକୁ ଫେରିଛି। ତେବେ ଚେନ୍ନାଇ ସିଟି ୧୭ଟି ମ୍ୟାଚ୍ ଖେଳି ୧୧ଟି ବିଜୟ, ୪ଟି ଡ୍ର ଓ ୨ଟି ପରାଜୟ ସହ ୩୭ ପଏଣ୍ଟ ପାଇ ପୂର୍ବପରି ଶୀର୍ଷସ୍ଥାନରେ ରହିଛି।




ରିୟଲ କଶ୍ମୀର ଓ ଇଣ୍ଡିଆନ୍ ଆରୋଜ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଅରବିନ୍ଦ ମେମୋରିଆଲ କ୍ରିକେଟ୍ ୩ରୁ

ଭୁବନେଶ୍ୱର, ୨୪।୨(ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ମାର୍ଚ୍ଚ ୩ରୁ ରାଜ୍ୟସ୍ତରୀୟ ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (୧୫ ବର୍ଷରୁ କମ୍) ଆରମ୍ଭ ହେବ। ବିଜେବି ନଗରସ୍ଥିତ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ରାଜ୍ୟର ୧୨ଟି ଅଗ୍ରଣୀ କ୍ରିକେଟ୍ ଟିମ୍ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରୁ ସହିଦ୍ ସ୍ପୋର୍ଟିଂ, ପାରାମାଉଣ୍ଟ (ଏ), ପାରାମାଉଣ୍ଟ (ବି), ମୁକ୍ତେଶ୍ୱର କ୍ରିକେଟ କ୍ଲବ, ପ୍ରଗତୀ ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ, ଓସ୍କାର ସ୍ପୋର୍ଟିଂ, ରାମେଶ୍ୱର ସ୍ପୋର୍ଟିଂ ଓ ଗ୍ରୀନ୍ସ କ୍ଲବ ଭାଗନେବାକୁ ଥିବାବେଳେ କଟକରୁ ଜୁଭେନାଇଲ କ୍ରିକେଟ ଏକାଡେମୀ, ୟୁନିୟନ ସ୍ପୋର୍ଟିଂ, ବିଶ୍ୱଭାରତୀ ଓ ନିମପୁର କ୍ରିକେଟ ଏକାଡେମୀ ଟୁର୍ନାମେଣ୍ଟରେ ସ୍ଥାନ ପାଇଛନ୍ତି। ପାରାମାଉଣ୍ଟ (ବି) ଓ ଓସ୍କାର ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ।

## ସଂକ୍ଷେପରେ

### ଓମ୍ପା କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ପାରାଦୀପ,୨୪।୨(ସ୍ୱ.ପ୍ର.): ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା) ପାରାଦୀପର କର୍ମକର୍ତ୍ତା ନିର୍ବାଚନ ଗତ ୨୦ ତାରିଖରେ ହୋଇଥିଲା। ଏଥିରେ ବିଜୟୀ କର୍ମକର୍ତ୍ତାମାନେ ରବିବାର ଶପଥ ଗ୍ରହଣ କରିବା ସହ କାର୍ଯ୍ୟଭାର ନେଇଛନ୍ତି। ଏଥିପାଇଁ ବଡ଼ପଡିଆଠାରେ ଥିବା ସଂଘ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। ସଂଘର ଉପଦେଷ୍ଟା ଅଶୋକ ସେନାପତି ଓ ଆଦିକନ୍ଦ ବିଶ୍ୱାଳ ଶପଥପାଠ କରାଇଥିଲେ। ସଭାପତି ସୁମନ୍ତ କୁମାର ବିଶ୍ୱାଳ, ଉପସଭାପତି (କ) ଅମରଜିତ ଜେନା, ଉପସଭାପତି (ଖ) କିଶୋର କୁମାର ରାୟ, ସମ୍ପାଦକ ସୁବାସ ରାଉତ, ଯୁଗ୍ମସମ୍ପାଦକ ଅମର କୁମାର ବେହେରା, ସହସମ୍ପାଦକ (କ) ସରୋଜ କୁମାର ପ୍ରଧାନ, ସହସମ୍ପାଦକ (ଖ) ପୁରନ୍ଦର ବିଶ୍ୱାଳ, କୋଷାଧକ୍ଷ ରଶ୍ମିରଞ୍ଜନ ପରିଡ଼ା ଶପଥପାଠ କରିଥିଲେ। ପରେ ନୂତନ କର୍ମକର୍ତ୍ତାମାନେ ମାଛଧରା ବନ୍ଦର ଓ ଅକ୍ସନ ହଲ୍‌କୁ ଯାଇଥିଲେ। ସେଠାରେ ମତ୍ସ୍ୟଜୀବୀ ଓ ଟ୍ରଲର ମାଲିକମାନେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

### ମଦମୁକ୍ତ ଦୋଳ ମେଳଣ ପାଇଁ ନିଷ୍ପତ୍ତି

ସାଲେପୁର,୨୪।୨(ଡି.ଏନ.ଏ.): ସ୍ଥାନୀୟ ଚାଟେଶ୍ୱର ପୀଠରେ ଦୋଳ ମେଳଣ ପାଇଁ ଏକ ପ୍ରସ୍ତୁତି ବୈଠକ ହୋଇଛି। ଟ୍ରଷ୍ଟୀ ଗୋଲଖ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତଥର ମଦ କାରବାର ଉପରେ କଟକଣା କରିବାକୁ ନିଷ୍ପତ୍ତି ହୋଇଥିଲା।

# କାଉଡିଆ ନଦୀରେ ମିଶିଲା ତେଲ

ପାରାଦୀପ,୨୪।୨(ସ୍ୱ.ପ୍ର.)




ତେଲ ପାଇପ ଫାଟିଯାଇଥିବା ସ୍ଥାନରେ ମରାମତି କରାଯାଉଛି।

ପାରାଦୀପ ବନ୍ଦରରୁ ଇଣ୍ଡିଆନ ଅଏଲ ଟର୍ମିନାଲ ପର୍ଯ୍ୟନ୍ତ ମାଟି ତଳେ ଯାଇଥିବା ୪ ଥାକିଆ ତେଲ ପାଇପ୍ ଲାଇନ ରବିବାର ପୁଣି ଥରେ ଫାଟିଛି। ଏଥିସହ କିଛି ପରିମାଣର ତେଲ କାଉଡିଆ ନଦୀରେ ମିଶିଛି। ଚୋରା ତେଲ ବ୍ୟବସାୟୀମାନେ ମାଟି ତଳେ ପାଇପ କଣା କରି ତେଲ ଛୋରି କରିବା ବେଳେ ଏପରି ଘଟିଥିବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏହି ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି। ୨୦୧୫ ଜୁନ ୬ଠାରୁ ରବିବାର ଘଟଣାକୁ ମିଶାଇ ୧୨ଥର ଏପରି ତେଲ ପାଇପ ଫାଟିଲାଣି। ପ୍ରତ୍ୟେକଥର ବିପୁଳ ପରିମାଣର ତେଲ ନଦୀ ସମୁଦ୍ରରେ ମିଶୁଛି। ଏ ସମ୍ପର୍କରେ ଇଣ୍ଡିଆନ ଅଏଲ କର୍ତ୍ତୃପକ୍ଷ କିଛି କହିବାକୁ ମନା କରିଦେଇଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଏକ୍କା ତଦନ୍ତ ପରେ କହିଛନ୍ତି ଯେ ସୋମବାର ତେଲ ଜାହାଜରୁ ପାଇପ ଯୋଗେ ତେଲ ଖାଲି କରିବାର ଥିଲା। ଚୋରା ବ୍ୟବସାୟୀମାନେ ଆଗୁଆ ଏହି ଖବର ପାଇ ପାଇପ କଣାକରିସେଥିରେ ମଟର ଲଗାଇଥିଲେ। ତେବେ ତେଲ ଚୋରି ହେବା ପୂର୍ବରୁ ରୋକାଯାଇପାରିଛି। ଜାହାଜରୁ ତେଲ ଅନ୍‌ଲୋଡିଂ ଖବର ଚୋରା ବ୍ୟବସାୟୀଙ୍କ ପାଖରେ ପହଞ୍ଚାଇବାକୁ ନେଇ କେତେଜଣ କର୍ମଚାରୀଙ୍କୁ ସନ୍ଦେହ କରାଯାଉଛି। ଏନେଇ ସ୍ଥାନୀୟ ପୋଲିସକୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, କାଉଡିଆ ନଦୀ ପାଖ ତେଲ ପାଇପଲାଇନ ଅଞ୍ଚଳରେ ଏକାଧିକ ଘରୋଇ ସିକ୍ୟୁରିଟି, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ସିସିଟିଭି ଲାଗିଥିଲେ ମଧ୍ୟ ଚୋରି ହେଉଛି।

# ଦଳୀୟ ସମ୍ପୃକ୍ତିକୁ ଅସ୍ୱୀକାର କଲା ବିଜେଡି

ବିରିଡ଼ି/ବାଲିଆ,୨୪।୨(ଡି.ଏନ.ଏ)



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡ଼ି କର୍ମକର୍ତ୍ତା।

ବିରିଡ଼ି ଥାନା ଅନ୍ତର୍ଗତ ଉକୁନ୍ଦରା ପଞ୍ଚାୟତର ସରପଞ୍ଚ ଚନ୍ଦ୍ରଶେଖର ଦାଶଙ୍କ ଘର ଉପରକୁ ଗତ ୨୨ ତାରିଖ ସନ୍ଧ୍ୟାରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଥିଲେ। ଏହି ଘଟଣା ପଛରେ ଶାସକ ବିଜେଡିର ହାତ ରହିଛି ବୋଲି ଶନିବାର ବିରିଡ଼ି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ତେବେ ବିଜେଡିର ଏଥିରେ କୌଣସି ସମ୍ପୃକ୍ତି ନାହିଁ ବୋଲି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ନାଥ ରାଉଳ କହିଛନ୍ତି। ରବିବାର ବାଲିଆଷ୍ଟୋରସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ବୋମାମାଡ଼ ଘଟଣାକୁ ଦୃଢ ନିନ୍ଦା କରିବା ସହ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀ ବିରୋଧରେ ଦଣ୍ଡ ବିଧାନ କରିବାକୁ ଦାବି କରିଛନ୍ତି। ଯଦି ପ୍ରକୃତ ଦୋଷୀଙ୍କୁ ନ ଧରି ପୋଲିସ ବିଜେଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ଦଳ ଚୁପ୍ ହୋଇ ବସିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ବିଜେଡିର ଜିଲା ସମ୍ପାଦକ ପବିତ୍ର ପଶାୟତ, ବ୍ଲକ ସଭାନେତ୍ରୀ ମାହେଶ୍ୱତା ଜେନା, ଶିବ ପ୍ରସାଦ ଜେନା, କାଳନ୍ଦୀ ବସ୍ତିଆ, ରବୀନ୍ଦ୍ର ସାହୁ, ବିଧାନ ଜେନା, ସରପଞ୍ଚ ଅମିତ ରାଉଳ, ପୁଷ୍ପପ୍ରକାଶ ପ୍ରଧାନ, ଲକ୍ଷ୍ମୀଧର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ଉକୁନ୍ଦରା ସରପଞ୍ଚଙ୍କ ଘରକୁ ବୋମାମାଡ଼ ଘଟଣା




# ଡିଙ୍କିଆରେ ମଦ ବିରୋଧୀ ଆନ୍ଦୋଳନ




ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ଲୋକମାନେ।

କୁଜଙ୍ଗ,୨୪।୨(ସ୍ୱ.ପ୍ର.)

ସ୍ଥାନୀୟ ଡିଙ୍କିଆ ପଞ୍ଚାୟତରେ ମହିଳାମାନଙ୍କ ନେତୃତ୍ୱରେ ରବିବାର ମଦ ବିରୋଧୀ ଆନ୍ଦୋଳନ କରାଯାଇଛି। ସରପଞ୍ଚ ସଲୀଳା ନାୟକଙ୍କ ପୌରୋହିତ୍ୟରେ ପଞ୍ଚାୟତର ବହୁ ମୁରବୀ, ମହିଳା ପୁରୁଷ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନେ ପଦଯାତ୍ରା କରି ମଦ କାରବାର ବନ୍ଦ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତ୍ରିଲୋଚନପୁର ଗ୍ରାମରୁ ଏକ ଶୋଭାଯାତ୍ରାରେ ବାହାରି ସେମାନେ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିବା ସହ ଗୋବିନ୍ଦପୁର ବଟପଡାରେ ପ୍ରତିବାଦ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବନଦୁର୍ଗା ସମିତିର ସଭାନେତ୍ରୀ ଶାନ୍ତିଲତା ପଟ୍ଟନାୟକ, ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁ, ଯୁବ ସାମାଜିକ କର୍ମୀ ଗୌତମ ଦାସ, ମାଗୁ ନାୟକ, ପ୍ରକାଶ ଜେନା ପ୍ରମୁଖ ବହୁ ବ୍ୟକ୍ତି ଓ ମହିଳା ଏଥିରେ ଯୋଗ ଦେଇଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## କଲେଜ ସମ୍ମୁଖରେ ୨ ଭାଇଙ୍କୁ ଆକ୍ରମଣ ଘଟଣା
# ୨୦ଦିନ ପରେ ବି ପୋଲିସ ହାତ ଖାଲି

**ଭାପୁର,୨୪।୨(ଡି.ଏନ୍.ଏ.)**

ଭାପୁର ବ୍ଲକ ବାଇଗୁଣିଆ ଗ୍ରାମସ୍ଥିତ ପଠାଣି ସାମନ୍ତ କଲେଜ ସମ୍ମୁଖରେ ଜଣେ ଛାତ୍ର ଓ ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାର ୨୦ଦିନ ପରେ ବି ଏଥିରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିପାରିନାହିଁ। ଫଳରେ ଏହାକୁ ନେଇ କଲେଜ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଖବରରୁ ପ୍ରକାଶ ଯେ, ଗତ ୪ ତାରିଖରେ କୌଣସି କାରଣ ନେଇ ୫ଜଣ ଯୁବକ କଲେଜର ଯୁକ୍ତ ୩ ଦ୍ୱିତୀୟବର୍ଷ ବିଜ୍ଞାନ ଛାତ୍ର ଶୁଭାଶିଷ ତ୍ରିପାଠୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖବର ପାଇ ତାଙ୍କ ବଡଭାଇ ଦେବାଶିଷ ସେଠାରେ ପହଞ୍ଚିଥିଲେ ମଧ୍ୟ ଯୁବକମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଏ ନେଇ ସେମାନଙ୍କ ବାପା ନାରାୟଣ ତ୍ରିପାଠୀ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୧୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରଦିନ ପୋଲିସ ବାଇଗୁଣିଆ ଗ୍ରାମରେ ଚଢାଉ କରି ଅଭିଯୁକ୍ତଙ୍କ ଦୁଇଟି ବାଇକ୍ ଜବତ କରିଥିଲା। ହେଲେ କାହାକୁ ଗିରଫ କରିପାରି ନ ଥିବାରୁ ପୋଲିସର ପାରିବାପଣିଆ ଉପରେ ସାଧାରଣରେ ପ୍ରଶ୍ନ ଉଠିଛି। ଏ ନେଇ ଫତେଗଡ଼ ଥାନା ଏସ୍ଆଇ ନିରଞ୍ଜନ ବଡ଼ଜେନା କୁହନ୍ତି, ଆମେ ୨/୩ ଥର ଚେଷ୍ଟା କରିଛୁ। ହେଲେ କେହି ଧରା ପଡିନାହାନ୍ତି। ସେମାନେ ରାଜ୍ୟ ବାହାରକୁ ଚାଲିଯାଇଥିବାରୁ ଏପରି ବିଳମ୍ବ ହେଉଛି।

# କୁମୁଣ୍ଡି ମାଳବନ୍ଧରୁ ୨ ଯୁବକ ଗିରଫ

**ଖଣ୍ଡପଡ଼ା,୨୪।୨(ସ୍ୱ.ପ୍ର.)**

ବାଣପୁର ପଞ୍ଚାୟତ ଅନ୍ତର୍ଗତ କୁମୁଣ୍ଡି ଗ୍ରାମ ନିକଟ ମହାନଦୀ ମାଳବନ୍ଧ(କୁମୁଣ୍ଡି-ସିଧାମୂଳା)ରେ ଶୁକ୍ରବାର ବିଳମ୍ବିତ ରାତିରେ କେତେକ ଯୁବକ ସନ୍ଦେହଜନକ ଭାବେ ବସିଥିବା ଏବଂ ମଦ୍ୟପାନ କରୁଥିବା ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। କଣ୍ଟିଲୋ ଫାଣ୍ଡି ଅଧିକାରୀ ରଘୁନାଥ ଷଡ଼ଙ୍ଗୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିଲେ । ପୋଲିସଙ୍କୁ ଦେଖି ସେଠାରେ ଥିବା ୬ଜଣ ଯୁବକ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ୨ଜଣଙ୍କୁ ପୋଲିସ କାବୁ କରିଥିଲା । ଗିରଫ ୨ ଯୁବକ ହେଲେ କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ରାଜା ପାଢୀ ଓରଫ ଲିଙ୍କୁ ଓ ଅଲରା ଗ୍ରାମର ବିଜୟ ନାୟକ ଓରଫ ବିଜୁ । ତେବେ ଅନ୍ୟ ୪ ଜଣ ଖସିଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ । ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ଗୋଟିଏ ଲୁହାରଡ଼ ଓ ଭୁଜାଲି ସହ ୨ଟି ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି । ତେବେ ୪ଜଣ ଯୁବକ ପୋଲିସକୁ ଚକ୍‌ମା ଦେଇ ସେଠାରୁ ଫେରାର୍ ହୋଇଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ । କୌଣସି ସ୍ଥାନରେ ଡକାୟତି କରିବାର ଯୋଜନା ପ୍ରସ୍ତୁତ କରୁଥିବା ସନ୍ଦେହରେ ଖଣ୍ଡପଡା ପୋଲିସ ସୋମାନଙ୍କୁ ପଚରାଉଚରା କରିଛି। ଏଥିସହ ୩୪/୨୦୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ନୟାଗଡ କୋର୍ଟଚାଲାଣ କରାଯାଇଛି।

# ପାନୀୟ ଜଳ ଯୋଗାଣ ବ୍ୟାହତ, ଲୋକେ ହନ୍ତସନ୍ତ

**ଖଣ୍ଡପଡ଼ା,୨୪।୨(ସ୍ୱ.ପ୍ର.)**

କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଗତ ୬ ଦିନ ହେବ ପାନୀୟ ଜଳ ଯୋଗାଣ ବ୍ୟାହତ ହୋଇଥିବାରୁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଦୀର୍ଘ ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମହାନଦୀରୁ କଣ୍ଟିଲୋ ପଞ୍ଚାୟତବାସୀଙ୍କୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା ହୋଇଆସୁଛି। ତେବେ ଆନୁସଙ୍ଗିକ ଯାନ୍ତ୍ରିକ ତ୍ରୁଟି ଯୋଗୁ ମାସରେ ପ୍ରାୟ ୫/୬ ଦିନ ଜଳ ଯୋଗାଣରେ ବ୍ୟାହତ ଘଟିଥାଏ। ପମ୍ପ୍ ହାଉସ୍‌ରେ ଥିବା ପୁରୁଣା ବିଦ୍ୟୁତ୍ ଚାଳିତ ମୋଟର ବାରମ୍ବାର ଅଚଳ ହେଉଥିବାରୁ ଅନ୍ୟ ଏକ ଭଲ ମୋଟର ରଖିବା ପାଇଁ ବିଭିନ୍ନ ମହଲରୁ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ତେବେ ସାମ୍ପ୍ରତିକ ଜଳ ସମସ୍ୟା ନେଇ ନୟାଗଡ ଜିଲା ଗ୍ରାମ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜୀବ କୁମାର ପାଣିଗ୍ରାହୀ କଣ୍ଟିଲୋସ୍ଥିତ ପମ୍ପ୍ ହାଉସ୍‌ରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିବା ସହ ଏକ ନୂତନ ମୋଟର କ୍ରୟ କରିବାକୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ପୁରୁଣା ମୋଟରକୁ ସେ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ କହିଥିଲେ। ସେ ଗ୍ରୀଷ୍ମକାଳୀନ ଜଳ ସମସ୍ୟା ପ୍ରତି ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

# ନୟାଗଡ଼ରେ କୁଆପଥର ବର୍ଷା

**ନୟାଗଡ଼ ଅଫିସ,୨୪।୨:** ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଅପରାହ୍ନରେ କୁଆପଥର ବର୍ଷା ହୋଇଥିଲା। ଅପରାହ୍ନ ୩ଟା ୨୦ ମିନିଟ ସମୟରେ ପ୍ରଥମେ ୧୦ ମିନିଟ ଧରି ଝିପିଝିପି ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଏହିସମୟରେ ରାସ୍ତାରେ ଯାଉଥିବା ବାଟେଇମାନେ ଏଣେତେଣେ ଦୌଡ଼ିଥିଲେ। ଯିଏ ଯେଉଁଠି ପାରିଲା ନିରାପଦ ସ୍ଥାନ ଦେଖି ଅଟକି ଯାଉଥିଲେ। ପ୍ରଥମ କୁଆପଥର ମାଡ଼ ପରେ କିଛି ସମୟ ବର୍ଷା ହୋଇଥିଲା। ଏହାର ୧୫ ମିନିଟ ପରେ ପୁନର୍ବାର ୫ ମିନିଟ କୁଆପଥର ବର୍ଷା ହୋଇଥିଲା। ସେହିଭଳି ଶରଣକୁଳ, ଦଶପଲ୍ଲା ଓ ନୂଆଗାଁ ଅଞ୍ଚଳରେ କୁଆପଥର ମାଡ଼ ସହ ବର୍ଷା ହୋଇଥିବା ଦେଖିବାକୁ ମିଳିଥିଲା।



ରାସ୍ତାରେ ବିଛାଡି ହୋଇପଡ଼ିଥିବା କୁଆପଥର।

# ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ପ୍ରତାରଣା

**ଦଶପଲ୍ଲା,୨୪।୨ (ଡି.ଏନ.ଏ.)**

ବିବାହ ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାଙ୍କୁ ପ୍ରତାରଣା କରାଯାଇଛି। କୌଣସି ଉପାୟ ନ ପାଇ ଶେଷରେ ନାବାଳିକା ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନୟାଗଡ଼ ଜିଲା ବାଣିଗୋଛା ଥାନା ଅଞ୍ଚଳରେ ଘଟିଛି ଏହି ଘଟଣା। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ଥାନୀୟ ବିଜାତଇଳା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ନିକଟ ଗ୍ରାମର ଭଉଣୀ ଘରକୁ ଆସିଥିଲେ। ସେଠାରେ ରହିବା ସମୟରେ ଗ୍ରାମର ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ତାଙ୍କ ସହ ଦୈହିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ନାବାଳିକା ଗର୍ଭବତୀ ହୋଇଥିଲେ। ଯୁବକ ଏହା ଜାଣିବା ପରେ ତାଙ୍କୁ ବିବାହ କରିବାକୁ ଅରାଜି ହେଉଛନ୍ତି। ନାବାଳିକାଙ୍କ ଅଭିଯୋଗ ପରେ ବାଣିଗୋଛା ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଏକ ମାମଲା ରୁଜୁକରି ପୋଲିସ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି। ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ ସୋମବାର ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ନବ ନିର୍ମାଣ କୃଷକ ସଂଗଠନର ବୈଠକ

**ବୋଲଗଡ଼,୨୪।୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ଗ୍ରାମରେ ରବିବାର ସନ୍ଧ୍ୟାରେ ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି । ସଂଗଠନର ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ସୁରେସ ଚନ୍ଦ୍ର ମାନସିଂହଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କୃଷକମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୁଲ୍ୟ ୨୯୩୦ ଟଙ୍କା ଦେବାପାଇଁ ଦାବି ହୋଇଥିଲା । ସେହିପରି ୫ହଜାର ଟଙ୍କା ଚାଷୀ ସୁରକ୍ଷା ଭତ୍ତା ପ୍ରଦାନ ସହ ଚାଷୀଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ ଦାବି ହୋଇଥିଲା । ସରକାର ଏହି ଦାବିଗୁଡିକ ମାନିନେବା ପର୍ଯ୍ୟନ୍ତ ନବନିର୍ମାଣ କୃଷକ ସଂଗଠନକୁ ପ୍ରତି ୱାର୍ଡସ୍ତରରୁ ମଜଭୁତ କରିବା ପାଇଁ ବୈଠକରେ ସୁରେଶ ମାନସିଂହ ଆହ୍ୱାନ ଦେଇଥିଲେ । ବୈଠକରେ ନୀଳମଣି ପଣ୍ଡା, ଅଭୟ କୁମାର ଜେନା, ଯୋଗେନ୍ଦ୍ର ନାୟକ, ମଙ୍ଗୁଳି ପ୍ରଧାନ, ବିଶ୍ୱନାଥ ପ୍ରଧାନ, ଅଖିଳ ନାୟକ, କାଶିନାଥ ପଣ୍ଡା ଓ ବାଉରୀବନ୍ଧୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

**4 ବର୍ଷୀୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ**

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ **₹1,000.00** କୋଟି ଟଙ୍କା (ଅଙ୍କିତ ମୂଲ୍ୟ)ର ପ୍ରତିଭୂତି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଛନ୍ତି ।

ଏକାଧିକ ମୂଲ୍ୟ ଫର୍ମାଟ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଙ୍ଗ ସମାଧାନ (ଇ-କୁବେର) ମାଧ୍ୟମରେ **ଫେବୃୟାରୀ 26, 2019 (ମଙ୍ଗଳବାର)** ଦିନ ଆୟୋଜନ କରାଯିବ । ଏ ସମ୍ପର୍କୀୟ ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବସାଇଟ - **(www.rbi.org.in)** ରେ **ଫେବୃୟାରୀ 22, 2019 (ଶୁକ୍ରବାର)** ରେ ପ୍ରକାଶିତ ଆରବିଆଇ ପ୍ରେସ ବିଜ୍ଞପ୍ତି ଦେଖନ୍ତୁ ।

"ଇ-ମେଲ/ଏସ୍.ଏମ୍.ଏସ୍./ଟେଲିଫୋନ୍ ମାଧ୍ୟମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡନ୍ତୁ ନାହିଁ"

ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର



ପୂର୍ବୋଦୟ
ପୂର୍ବ ଭାରତରୁ ହେଉଅଛି
ନୂଆ ଭାରତର ଉଦୟ

ଭିତ୍ତିପ୍ରସ୍ତର ସ୍ଥାପନ
କେନ୍ଦ୍ରୀୟ ବିଦ୍ୟାଳୟ, କୁତ୍ରା, ସୁନ୍ଦରଗଡ଼ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ମୁଣ୍ଡଳି, କଟକ

ଶୁଭ ଉଦ୍‌ଘାଟନ
କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକରେ ଓଏନ୍‌ଜିସି ସମର୍ଥିତ ସ୍ମାର୍ଟ ଶ୍ରେଣୀଗୃହ ପ୍ରକଳ୍ପ
ଏବଂ

ଶୁଭାରମ୍ଭ
ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାଠାରେ ମିଳିତ ପର୍ଯ୍ୟଟକ ସୁବିଧା

ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ତଥା
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର
ଙ୍କ କରକମଳରେ

ଗରିମାମୟ ଉପସ୍ଥିତି
ଡ. (ପ୍ରଫେସର) ପ୍ରସନ୍ନ କୁମାର ପାଟ୍ଟଶାଣୀ
ସାଂସଦ, ଭୁବନେଶ୍ୱର
ବିଜୟ କୁମାର ମହାନ୍ତି
ବିଧାୟକ, ଭୁବନେଶ୍ୱର-ମଧ୍ୟ

ପ୍ରକଳ୍ପ ମୁଖ୍ୟାଂଶ
ଖୋର୍ଦ୍ଧା ଏବଂ କଟକ ଜିଲାର ୯ଟି କେନ୍ଦ୍ରୀୟ ବିଦ୍ୟାଳୟର ୧୮୪ଟି ଶ୍ରେଣୀଗୃହକୁ ସ୍ମାର୍ଟ ଶ୍ରେଣୀଗୃହ ଭାବରେ ବିକଶିତ କରାଯାଉଛି
ବୈଷୟିକ ଜ୍ଞାନକୌଶଳ ସମ୍ବଳିତ ଶିକ୍ଷାରୁ ୧୨,୩୦୦ ଛାତ୍ରଛାତ୍ରୀ ଉପକୃତ ହେବେ
କୁତ୍ରା, ସୁନ୍ଦରଗଡ଼ର କେନ୍ଦ୍ରୀୟ ବିଦ୍ୟାଳୟ (ଶ୍ରେଣୀ ୧ ରୁ ୧୨) ୧୩.୧ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ହେଉଛି ଯାହା ୧୦୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ
କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୩ (ଏନ୍‌ଡିଆର୍‌ଏଫ୍ ମୁଣ୍ଡଳି), କଟକ (ଶ୍ରେଣୀ ୧ ରୁ ୧୨) ୨୦.୯ କୋଟି ଟଙ୍କା ମୂଲ୍ୟରେ ନିର୍ମାଣ ହେଉଛି ଏବଂ ଏହା ୧୨୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ
ଉଦୟଗିରି ଏବଂ ଖଣ୍ଡଗିରି ଗୁମ୍ଫାଠାରେ ୪.୬୪ କୋଟି ଟଙ୍କା ମୂଲ୍ୟରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧାର ବ୍ୟବସ୍ଥା

ସୋମବାର, ୨୫ ଫେବୃୟାରୀ ୨୦୧୯
କେନ୍ଦ୍ରୀୟ ବିଦ୍ୟାଳୟ ନଂ. ୧, ଭୁବନେଶ୍ୱର




ଏପରି ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ



ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ଏକ୍ସଟ୍ରା ଟାଇମିଂ ପାଇଁ
Order Online : 08291288119/09320401294
ଗୁପ୍ତ ରୋଗ ଓ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତ ରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ଢିଲାପଣ, ନପୁଂସକତା ଓ ଅନ୍ୟାନ୍ୟ ପୌରୁଷ ସମସ୍ୟା, ସେଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ୍ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।




www.playwincapsule.com
SS : Mahendra Pharma / Orissa Drug Distributors
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍ସରେ ଉପଲବ୍ଧ
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ଫେବୃୟାରୀ, ୨୦୧୯



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ହରିଣ ଶାବକ ଉଦ୍ଧାର



ଗଣିଆ,୨୪।୨(ଡି.ଏନ.ଏ.): ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ହରିପୁର ଗ୍ରାମରୁ ରବିବାର ସକାଳୁ ଏକ ହରିଣ ଶାବକ ଉଦ୍ଧାର ହୋଇଛି। ଗ୍ରାମ ନିକଟ ପାହାଡରୁ ଚାଲିଆସିଥିବା ହରିଣ ଛୁଆର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଇ ଅପରାହ୍ନରେ ବିଭାଗୀୟ କର୍ମଚାରୀ ସେହି ପାହାଡରେ ଛାଡିଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଭୋରୁ ନିକଟସ୍ଥ ଚିରିଣି ପାହାଡରୁ ହରିଣ ପଲ ସହ ଶାବକଟି ଫସଲ ଖାଇବାକୁ ଗ୍ରାମ ଗହିର ବିଲକୁ ଚାଲିଆସିଥିଲା। ତେବେ ସକାଳ ହୋଇଯିବାରୁ ହରିଣପଲଠାରୁ ଶାବକଟି ଅଲଗା ହୋଇ ନିକଟସ୍ଥ ଜନବସତି ମଧ୍ୟରେ ପଶିଯାଇଥିଲା। ବୁଲା କୁକୁରମାନେ ହରିଣ ଶାବକକୁ ଗୋଡାଇବାବେଳେ ଗ୍ରାମର ପ୍ରମିଳା ଦେହୁରି ନାମ୍ନୀ ମହିଳା ତା'କୁ ଉଦ୍ଧାର କରିଥିଲେ। ପରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସନ୍ତୋଷ କୁମାର ପ୍ରଧାନଙ୍କ ସହାୟତାରେ ଛାମୁଣ୍ଡିଆ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ସମେତ ଫରେଷ୍ଟର ଗାୟତ୍ରୀ ପରିଡା ଓ ଫରେଷ୍ଟ ଗାର୍ଡ ରଞ୍ଜିତା ସ୍ୱାଇଁ ପହଞ୍ଚି ହରିଣ ଶାବକ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ।

### ମଦ ଜବତ, ଜଣେ ଗିରଫ

ଦଶପଲ୍ଲା,୨୪।୨(ଡି.ଏନ.ଏ.): ଦଶପଲ୍ଲା ପୋଲିସ ରବିବାର ଚଢ଼ାଉ କରି ୭ ଲିଟର ବିଦେଶୀ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ରତନ ବେହେରା (୩୦)ଙ୍କୁ ଗିରଫ କରିଛି। ସ୍ଥାନୀୟ ତଳଗାଁ ଅଞ୍ଚଳର ରତନ ମଦନେଇ ଯାଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ବାରପୁରିକିଆ ଛକରୁ ପୋଲିସ ତାଙ୍କଠାରୁ ମଦ ଜବତ କରି ତାଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ଥାନାରେ ୨୫/୧୯ରେ ମକଦ୍ଦମା ରୁଜୁ କରାଯାଇ ରତନଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

### ମାଗଣା ଚକ୍ଷୁ ଚିକିତ୍ସା ଶିବିର




ଗଣିଆ,୨୪।୨(ଡି.ଏନ.ଏ.): ପଦ୍ମ ପ୍ରମୋଦିନୀ ଫାଉଣ୍ଡେଶନ ଓ ରୋଟାରି କ୍ଲବ କଟକ ଆନୁକୂଲ୍ୟରେ ନୟାଗଡ଼ ଜିଲା ଗଣିଆ ବ୍ଲକ ରାଜିଙ୍ଗି ଗ୍ରାମରେ ରବିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜେପିଏମ ରୋଟାରି ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡାକ୍ତର ବାନାମ୍ବର ମାର୍ଥା, ସହଯୋଗୀ ଅନିରୁଦ୍ଧ ପଣ୍ଡାଙ୍କ ଦ୍ୱାରା ଅଞ୍ଚଳର ୧୩୮ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୬୮ ଜଣଙ୍କୁ ମାଗଣାରେ ଚଷମା ଯୋଗାଇ ଦିଆଯାଇଥିବା ବେଳେ ମୋତିଆବିନ୍ଦୁ ଅପରେଶନ ପାଇଁ ୭ଜଣଙ୍କୁ ଚିହ୍ନଟ କରାଯାଇଥିଲା। ରୋଟାରି ସଦସ୍ୟ ଦିଲୀପ କୁମାର ମିଶ୍ର ଓ ପ୍ରଶାନ୍ତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଅସ୍ତ୍ରୋପଚାର ନିମିତ୍ତ ଚିହ୍ନଟ ହୋଇଥିବା ୭ ଚକ୍ଷୁ ରୋଗୀଙ୍କୁ କଟକରେ ମାଗଣାରେ ଚିକିତ୍ସା କରାଯିବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ମିଳିଛି।

### ଆଇନ ସଚେତନତା ଶିବିର



ଦଶପଲ୍ଲା,୨୪।୨(ଡି.ଏନ.ଏ.): ସ୍ଥାନୀୟ କୋର୍ଟ ପରିସରରେ ରବିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦଶପଲ୍ଲା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ପ୍ରାଧିକରଣ ଅଧକ୍ଷ ଶରତ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଶିବିରରେ ଆଇନ ସମ୍ପର୍କିତ ଆଲୋଚନା କରାଯାଇଥିଲା। ବରିଷ୍ଠ ଆଇନଜୀବୀ ହାଡିବନ୍ଧୁ ସାହୁ, ଚିତ୍ତରଞ୍ଜନ କର, ସୌଦାମିନୀ ସାହୁ, ମାନସ ମହାକୁଡ, ବିନୋଦ ବିହାରୀ ମିଶ୍ର, ସରକାରୀ ଓକିଲ ଦିଲୀପ ପଣ୍ଡା ପ୍ରମୁଖ ଯୋଗଦାନ କରି ଆଇନ ସମ୍ବନ୍ଧରେ ନିଜ ମତାମତ ରଖିଥିଲେ। ଶେଷରେ ଆଡଭୋକେଟ ଚିତ୍ତରଞ୍ଜନ କର ଧନ୍ୟବାଦ ଦେଇଥିଲେ।

# ସ୍ୱଚ୍ଛ ଭାରତ ମିଶନ ଦିଗହରା

ନୟାଗଡ଼ ଅଫିସ,୨୪।୨

- ୨ବର୍ଷ ହେଲା ଶେଷହେଉନି ଶୌଚାଳୟ କାମ
- ଅଧାପନ୍ତରିଆ କରି ଠିକାଦାର ଛୁ
- ବିଭାଗ ପାଖରେ ନାହିଁ ଖବର

ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ଯେପରି ପ୍ରତ୍ୟେକଙ୍କ ଘରେ ଶୌଚାଳୟ ନିର୍ମାଣ ହେବ ସେ ଦିଗରେ ଗୁରୁତ୍ୱ ଦିଆଯାଉଛି। ଏ ନେଇ ବିଭିନ୍ନ ସମୟରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ନୟାଗଡ଼ ଜିଲାରେ ଯେପରି ସମସ୍ତେ ଶୌଚାଳୟ ବ୍ୟବହାର କରିବେ ସେ ନେଇ ମଧ୍ୟ ଆଲୋଚନା ହେଉଛି। ହେଲେ ସବୁକିଛି ରହିଯାଉଛି ଫାଇଲ୍‌ର ନାଲିଫିତା ତଳେ। ଅଧିକାରୀ ଓ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ କରୁ ନ ଥିବାରୁ ଜିଲାରେ ଶୌଚାଳୟ ନିର୍ମାଣ ଦିଗହରା ହେଉଥିବା ଦେଖିବାକୁ ମିଳିଛି। ଜିଲାର କୌଣସି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ନୁହେ ଖୋଦ୍ ସଦର ବ୍ଲକ ଇଟାମାଟି ପଞ୍ଚାୟତର ତେଲିସାହିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ଲୋଡିବାରୁ ତାଙ୍କ ପାଖରେ କୌଣସି ଖବର ନ ଥିବା ଜଣାପଡିଥିଲା। ତେଲିସାହିର ୩ଜଣ ହିତାଧିକାରୀଙ୍କ ନାମରେ ଠିକାଦାର ଅଧାପନ୍ତରିଆ ଶୌଚାଳୟ ନିର୍ମାଣ କରି ଟଙ୍କା ହଡ଼ପ କରିନେଇଛନ୍ତି। ସମ୍ପୃକ୍ତ



ଅଧାପନ୍ତରିଆ ଶୌଚାଳୟ ଆଗରେ ୩ ହିତାଧିକାରୀ।

ହିତାଧିକାରୀମାନେ ହେଲେ ମମତା ସାହୁ, ହୁଲାସ ସାହୁ ଓ ଶଶି ସାହୁ। ମମତାଙ୍କ ସ୍ୱାମୀ କିଛି ଜାଣିପାରୁ ନ ଥିବାବେଳେ ହୁଲାସ ଓ ଶଶିଙ୍କ ସ୍ୱାମୀ ଆରପାରିରେ। ପାଖାପାଖି ୨ବର୍ଷ ତଳେ ଏହି ୩ ଜଣ ମହିଳାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦାର ଶୌଚାଳୟ ନିର୍ମାଣ କରିଦେବେ ବୋଲି କହିଥିଲେ। ଏହା ପରେ ଅଧା କାମ କରି ଠିକାଦାର ବିଭାଗଠାରୁ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି। ୩ଟି ଶୌଚାଳୟର ପାଚେରି କାମ ଅଧା ହୋଇ ପଡ଼ିରହିଛି। ଠିକାଦାର ହିତାଧିକାରୀମାନଙ୍କୁ ଠକି ଚାଲିଯାଇଛନ୍ତି। ଏ ନେଇ ହିତାଧିକାରୀ ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। କାହାକୁ କହିବେ, କିଏ ତାଙ୍କ କଥା ଶୁଣିବେ ଏହି ଆଶା ଓ ଆଶଙ୍କାରେ ରହିଛନ୍ତି ମହିଳାମାନେ। ଶୌଚାଳୟଟିଏ ନ ଥିବାରୁ ପରିବାର ଲୋକେ ବାଧ ହୋଇ ପୋଖରୀ ହୁଡ଼ାକୁ ଶୌଚ ହେବାକୁ ଯାଉଛନ୍ତି। ବିଭାଗରୁ ଠିକାଦାରଙ୍କ ଆକାଉଣ୍ଟକୁ ଟଙ୍କା ଯାଇଥିଲେ ମଧ୍ୟ ବିଭାଗ ପାଖରେ ଅଧାପନ୍ତରିଆ ଶୌଚାଳୟ ନିର୍ମାଣର କୌଣସି ଖବର ନାହିଁ। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବରରେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଜଳ ଯୋଗାଣ ଓ ପରିମଳ ବିଭାଗ ଉପରେ ସମୀକ୍ଷା କରି ସ୍ୱଚ୍ଛ ଭାରତ ମିଶନ ଅଧୀନରେ ମାତ୍ର ୫୬ ପ୍ରତିଶତ ଲୋକଙ୍କ ଘରେ ଶୌଚାଳାୟ ନିର୍ମାଣ ହେଉଥିବା ଜାଣିବାକୁ ପାଇଥିଲେ। ପରେ ସେ ଏ ନେଇ ଅଧିକାରୀ ଓ କର୍ମଚାରୀମାନଙ୍କୁ ତାଗିଦ୍ କରିଥିଲେ। ହେଲେ ଏହାକୁ ଯେପରି ସେମାନେ ଫୁ କରି ଉଡାଇ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ରାଜୀବ ପାଣିଗ୍ରାହୀଙ୍କୁ ପଚାରିବାରୁ ଅଧାପନ୍ତରିଆ ଶୌଚାଳୟ ବିଷୟରେ ତାଙ୍କ ପାଖରେ କୌଣସି ଖବର ନ ଥିବା ସୂଚନା ଦେଇଥିଲେ। ଏହା ସହ ହିତାଧିକାରୀ ତାଙ୍କ ପାଖରେ ଅଭିଯୋଗ କଲେ ସେ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ହିତାଧିକାରୀଙ୍କ ଟଙ୍କା ହଡ଼ପ କରିନିଆ ଯାଇଥିବାରୁ ଏ ଦିଗରେ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

# ରାଜ୍ୟପାଳଙ୍କ ଦ୍ୱାରା ଅଧ୍ୟାପକ ସମ୍ମାନିତ

ନୟାଗଡ଼ ଅଫିସ,୨୪।୨

ଅଖିଳ ଭାରତ ବାଣୀ ସେବା ପ୍ରତିଷ୍ଠାନ ପକ୍ଷରୁ ବାଲେଶ୍ୱର ଅମୃତ ବିହାର ପରିସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରାଧ୍ୟାପକ, ଅଧ୍ୟାପକ, ଶିକ୍ଷକ ଓ ପ୍ରଚାରକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ମହୋତ୍ସବରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଏମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସରଳ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ଆୟୋଜିତ ସଂସ୍କୃତ ସମ୍ଭାଷଣ ଶିବିରର କେନ୍ଦ୍ରୀୟ ପ୍ରଶିକ୍ଷକ ସନ୍ତୋଷ କୁମାର ସାହୁଙ୍କୁ ସାରସ୍ୱତ ସମ୍ମାନରେ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଯେ, ସାହୁ ହେଉଛନ୍ତି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଗୋଡ଼ିପଡ଼ାସ୍ଥିତ ଲଡୁକେଶ ଆଞ୍ଚଳିକ ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ। ସେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଦ୍ୱାରା ପରିଚାଳିତ ଅନୌପଚାରିକ ସଂସ୍କୃତ ଶିକ୍ଷଣ କେନ୍ଦ୍ରର ସଂଯୋଜକ ମଧ୍ୟ ଅଛନ୍ତି।



ଅଧ୍ୟାପକଙ୍କୁ ସମ୍ମାନିତ କରୁଛନ୍ତି ରାଜ୍ୟପାଳ।

# ସାର୍ବଜନୀନ ଗୋଷ୍ଠୀ କେନ୍ଦ୍ର ଶିଳାନ୍ୟାସ

ନୂଆଗାଁ,୨୪।୨ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ମୁଦୁରାଙ୍ଗଠାରେ ରବିବାର ଦଶପଲ୍ଲା ବିଧାୟକଙ୍କ ଦ୍ୱାରା ସାର୍ବଜନୀନ ଗୋଷ୍ଠୀ କେନ୍ଦ୍ର ଗୃହର ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ନୂଆଗାଁ ବ୍ଲକରେ ଥିବା ବିଧାୟକଙ୍କ ସମ୍ପ୍ରଦାୟର ୩ ଗୋଟି ପ୍ରଗଣାର ନେତୃବୃନ୍ଦଙ୍କ ଦ୍ୱାରା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୩ ପ୍ରଗଣା ସଭାପତି ମୁଖ୍ୟ ବେହେରା ଚୈତନ୍ୟ ନାୟକ ସଭାପତିତ୍ୱ କରିଥିଲେ। ଦଶପଲ୍ଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ପ୍ରଗଣାର ସଭାପତି ଗନ୍ଧର୍ବ ନାୟକ, ଦାମୋଦର ନାୟକ, ଯୋଗେନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ପ୍ରଗଣାର ବହୁ ନେତୃମଣ୍ଡଳୀ ଓ ଉକ୍ତ ସମ୍ପ୍ରଦାୟର ଶହ ଶହ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ସାଧାରଣ ନିର୍ବାଚନ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟ କୌଣସି ସମ୍ପ୍ରଦାୟର ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ ଦିଆଗଲେ ତିନିଗୋଟି ପ୍ରଗଣାରେ ଥିବା ବିଧାୟକଙ୍କ ସମ୍ପ୍ରଦାୟର ଲୋକମାନେ ଏହାକୁ ବିରୋଧ କରିବା ସହ ବିଧାୟକଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ଶିଳାନ୍ୟାସ ଉତ୍ସବରେ ବିଧାୟକ ନାୟକଙ୍କ ସମେତ ନୂଆଗାଁ ସମିତିସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ନୂଆଗାଁ ସରପଞ୍ଚ ଗଜେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ଶହୀଦ ଯବାନଙ୍କ ପାଇଁ ଦୀପଦାନ

ପୁରୀ ଅଫିସ,୨୪।୨: ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ଏକାଦଶାହ ଅବସରରେ ରବିବାର ପୁରୀ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ଦୀପଦାନ କରାଯାଇଥିଲା। ଶହୀଦ ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ଏବଂ ଆହତ ଯବାନଙ୍କ ଆରୋଗ୍ୟ କାମନା କରି ଏହି ଦୀପଦାନ କରାଯାଇଥିଲା। ପରେ ଶହୀଦଙ୍କ ସ୍ମରଣାର୍ଥେ ମଞ୍ଚ କାର୍ଯ୍ୟାଳୟ ମଙ୍ଗଳ ମଣ୍ଡପରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସିଦ୍ଧେଶ୍ୱର ପ୍ରସାଦ ପଟ୍ଟନାୟକ, କୃତ୍ତିବାସ କାମଲା, ବିଶ୍ୱନାଥ ପରିଚ୍ଛା, ଜଗତ୍‌ବନ୍ଧୁ ପଟ୍ଟନାୟକ, ଗୋପୀନାଥ ମହାନ୍ତି, ଯଦୁମଣି ସାହୁ, ଗୋବିନ୍ଦ ପ୍ରଧାନ, ଭୀମସେନ ପଣ୍ଡା, ଗୋପାଳକୃଷ୍ଣ ସାମନ୍ତରାୟ, ବୁଦ୍ଧନାଥ ସେଠୀ, ପ୍ରକାଶ ସେଠୀ, ରାଜକିଶୋର ନାୟକ, ପୂର୍ଣ୍ଣଚନ୍ଦ୍ର ନନ୍ଦ, ନରସିଂହ ଦାଶ, ଯଜ୍ଞେଶ୍ୱର ଭୂଜବଳ ପ୍ରମୁଖ ଯୋଗଦେଇଥିଲେ।

# କଂଗ୍ରେସର ଇସ୍ତାହାର କମିଟି ବୈଠକ

ରଣପୁର/ଟାଙ୍ଗୀ(ଖୋର୍ଦ୍ଧା), ୨୪।୨(ସ୍ୱ.ପ୍ର./ଡି.ଏନ.ଏ)

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର ଜୋନ୍‌ସ୍ତରୀୟ କଂଗ୍ରେସ ଇସ୍ତାହାର କମିଟିର ଏକ ବୈଠକ କନ୍ଧନୟାଗଡ଼ସ୍ଥିତ ମା' ଡୋମଣୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଭାପତି ବିପିନ ବିହାରୀ ନାୟକଙ୍କ ସଭାପତିତ୍ୱରେ ଏହି ବୈଠକରେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଇସ୍ତାହାର କମିଟି ଅଧ୍ୟକ୍ଷ ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ୩ ଜଣିଆ ସଦସ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଚାନ୍ଦପୁର ପୂର୍ବତନ ସରପଞ୍ଚ ନଥୁମଲ ମହାରାଜ, ରାଇପଡ଼ା ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଦାସ, ସାରଙ୍ଗଧର ପ୍ରଧାନ, ବ୍ରଜ କିଶୋର ସାହୁ, ଜମ୍ବେଶ୍ୱର ଖମାରୀ, ଜିଲା କଂଗ୍ରେସ ଉପସଭାପତି ଧ୍ରୁବଚରଣ ପରିଡ଼ା, ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ରଣପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ରଣପୁରରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହେଲେ ଚାନ୍ଦପୁର ବସନ୍ତମଞ୍ଜରୀ ମେଡିକାଲକୁ କଲେଜର ମାନ୍ୟତା ପ୍ରଦାନ, ଗ୍ରାମାଞ୍ଚଳ ଗରିବ ଜନସାଧାରଣଙ୍କ ବକେୟା ବିଦ୍ୟୁତ୍ ବିଲ୍ ଛାଡ଼, କୃଷକମାନଙ୍କ ପାଇଁ ୫ହଜାର ଟଙ୍କା ଭତ୍ତା, କୃଷି ଋଣ ଛାଡ଼ ଓ ଜଳସେଚନ ସୁବିଧା ଆଦି କରାଯିବ ବୋଲି ବୈଠକରେ ଘୋଷଣା କରାଗଲା। ଶେଷରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦୃଢ଼ ନେତୃତ୍ୱ ସମର୍ଥନ ଜଣାଇ ପ୍ରସ୍ତାବ ଗୃହୀତ ହୋଇଥିଲା ।



ବୈଠକରେ ଉପସ୍ଥିତ ନେତା ଓ ସମର୍ଥକ।

# ମା'ବଘାଇ ମନ୍ଦିର ବାର୍ଷିକୋତ୍ସବ, ଯଜ୍ଞ

ବୋଲଗଡ଼,୨୪।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମରେ ବିଜେ ଗ୍ରାମ ଦେବତୀ ମା'ବଘାଇଦେବୀଙ୍କ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ଆୟୋଜିତ ହୋଇଛି ମାତୃକୃପା ଭିକ୍ଷା ଯଜ୍ଞ । ଚମ୍ପାଇଲୋ ଓ ସାନବାଡ଼ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମଙ୍ଗଳବାର ପର୍ଯ୍ୟନ୍ତ ଚାଲୁରହିବ । ଶ୍ରଦ୍ଧାଳୁମାନେ କଳଶ ଶୋଭାଯାତ୍ରାରେ ଜଳଭାର ଆଣିଥିଲେ। ଏହି ଅବସରରେ ସୂର୍ଯ୍ୟପୂଜା, ଅଙ୍କୁରାରୋପଣ ଓ ପୂଜାର୍ଚ୍ଚନାଦି ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଜଗତସିଂହପୁରରୁ ଆସିଥିବା ଗାୟକ ପ୍ରସନ୍ନ କୁମାର ପଟ୍ଟନାୟକ ଓ ସାଥି ଏବଂ ଗାୟକ ନିରଞ୍ଜନ ବାହିନୀପତି ଓ ସାଥି ପାଲା ପରିବେଷଣ କରିଥିଲେ ।



ଯଜ୍ଞ ପାଇଁ ଶ୍ରଦ୍ଧାଳୁଙ୍କ କଳସ ଯାତ୍ରା।

### ବ୍ୟବସାୟୀ ସଂଘର କ୍ୟାଣ୍ଡେଲ୍ ଶୋଭାଯାତ୍ରା

କୃଷ୍ଣପ୍ରସାଦ,୨୪।୨(ଡି.ଏନ.ଏ.):ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ମାଲୁଦ ରାଜା ବଜାରରେ ବ୍ୟବସାୟୀ ସଂଘ ତରଫରୁ ପୁଲୱାମାଠାରେ ହୋଇଥିବା ଶହୀଦଙ୍କ ପାଇଁ ରବିବାର କ୍ୟାଣ୍ଡେଲ୍ ଶୋଭାଯାତ୍ରା ଆୟୋଜିତ ହୋଇଛି । ବ୍ୟବସାୟୀମାନେ ମାଲୁଦ ପଞ୍ଚୁଦୋଳ ପଡିଆଠାରୁ ରାଜା ବଜାର ପର୍ଯ୍ୟନ୍ତ କ୍ୟାଣ୍ଡେଲ୍ ଧରି ଶୋଭାଯାତ୍ରାରେ ବୁଲିଥିଲେ। ଆତଙ୍କବାଦ କାର୍ଯ୍ୟକୁ ନିନ୍ଦାକରି ଏଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାର ଜବାବରେ ଭାରତ ପାକିସ୍ତାନକୁ ଧୂଳିସାତ୍ କରିଦେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୨୪।୨(ଡ଼ି.ଏନ.ଏ.): ପୂର୍ବତଟ ରେଳପଥ ଅଧୀନସ୍ଥ ବାଲୁଗାଁ ଷ୍ଟେଶନର ୪ନଂ. ରେଳଧାରଣାରୁ ରେଳବାଇ ପୋଲିସ ରବିବାର ଜଣେ ଅଚିହ୍ନା ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି । ଅପରାହ୍ନ ପ୍ରାୟ ୧ଘଟିକା ସମୟରେ ୪ନଂ ପ୍ଲାଟଫର୍ମ ଦେଇ ଏକ ମାଲବାହୀ ଟ୍ରେନ୍ ଅତିକ୍ରମ କରୁଥିବା ବେଳେ ହଠାତ୍ ଯୁବକ ଜଣକ ରେଳଧାରଣାରେ ମୁଣ୍ଡ ଦେଖାଇଦେଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ପ୍ରକାଶ। ମୃତକଙ୍କ ଆନୁମାନିକ ବୟସ ୩୫ରୁ ୪୦ବର୍ଷ ମଧ୍ୟରେ ହେବ। ରେଳବାଇ ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିବା ସହ ୨୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ଶ୍ରୀମନ୍ଦିର ସୁରକ୍ଷା ଢିଲା: ମୋବାଇଲ କଟକଣା ଭେଳିକି

ପୁରୀ ଅଫିସ,୨୪।୨

- ମୁକୁଳା ପଡିଛି ପୁରୀ ଉପକୂଳ
- ସିଂହଦ୍ୱାର ଥାନାରେ ଦୁଇ ତୃତୀୟାଂଶ ପଦବୀ ଖାଲି
- ନିୟମିତ ଅନୁଧ୍ୟାନ ହେଉନି ସିସିଟିଭି ଫୁଟେଜ

ଦେଶର ପ୍ରମୁଖ ତୀର୍ଥସ୍ଥାନ ମଧ୍ୟରୁ ପୁରୀ ଅନ୍ୟତମ। ଏଠାକୁ ଦେଶ ବିଦେଶର ତୀର୍ଥଯାତ୍ରୀ ଏବଂ ପର୍ଯ୍ୟଟକ ଆସୁଛନ୍ତି। ଏହି ସହର ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଥିବା ଗତ କିଛିବର୍ଷ ହେଲା ଚର୍ଚ୍ଚା ହେଉଛି। ସେହିପରି ଶ୍ରୀମନ୍ଦିର ଉପରେ ମଧ୍ୟ ଆତଙ୍କବାଦୀଙ୍କ ନଜର ରହିଥିବା ପୂର୍ବରୁ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇସାରିଛି। ଏଭଳି ସ୍ଥିତିରେ ବଡ଼ଦେଉଳର ସୁରକ୍ଷାକୁ ନେଇ ଏନ୍‌ଏସ୍‌ଜି ଚିନ୍ତା ପ୍ରକଟ କରିଛି। ଗତ କିଛିବର୍ଷ ଧରି ଏନ୍‌ଏସ୍‌ଜି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ତଦାରଖ ପରେ କେତେକ ସୁପାରିସ କରୁଛି। ହେଲେ ଏହା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନାହିଁ। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ସୁରକ୍ଷା ସୁବ୍ୟବସ୍ଥିତ କରିବା ଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ନିକଟରେ ରାଜ୍ୟ ସରକାରଙ୍କୁ ଚିଠି ଦେଇଛନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବାରୁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାରଙ୍କ ଆଇନ ବିଭାଗ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଛି। ହେଲେ ଶ୍ରୀମନ୍ଦିର ସୁରକ୍ଷା ଯେ ଢିଲା ତାହା ଆନୁଷଙ୍ଗିକ ଭିତ୍ତିଭୂମି ଏବଂ ବ୍ୟବସ୍ଥାକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି।

ବର୍ତ୍ତମାନ ଭକ୍ତଙ୍କୁ ସିଂହଦ୍ୱାର ଏବଂ ସେବାୟତ, କର୍ମଚାରୀଙ୍କୁ ଚାରି ଦ୍ୱାରରେ ଛଡ଼ାଯାଉଛି। ସିଂହଦ୍ୱାରରେ ଥିବା ମେଟାଲ ଡିଟେକ୍ଟରରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। କିନ୍ତୁ ସେବାୟତ କିମ୍ବା କର୍ମଚାରୀଙ୍କ ପାଇଁ ଯାଞ୍ଚ ବ୍ୟବସ୍ଥା ନାହିଁ। ସମସ୍ତ ସେବାୟତଙ୍କୁ ଯେ ପୋଲିସ କର୍ମଚାରୀ ଏବଂ ଜେଟିପି ଚିହ୍ନି ପାରିବେ ତାହାର କିଛି ଗ୍ୟାରେଣ୍ଟି ନାହିଁ। ସୁରକ୍ଷା ଏବଂ ଶୃଙ୍ଖଳା ଦୃଷ୍ଟିକୋଣରୁ ପରିଚୟପତ୍ର ଗୁରୁତ୍ୱ ବହନ କରୁଛି। କିନ୍ତୁ ଏ ପର୍ଯ୍ୟନ୍ତ ସେବାୟତଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇ ପାରିଲା ନାହିଁ। କିଏ କେତେବେଳେ ସେବାୟତ ବେଶରେ ପଶି କିଛି ଅଘଟଣ ନ ଘଟାଇବ ତାହା କହିହେବ ନାହିଁ। ଶ୍ରୀମନ୍ଦିର ପରିସରରେ ୭୯ଟି ସିସିଟିଭି କ୍ୟାମେରା ଲଗାଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଏହାର ଫୁଟେଜ୍ ଦେଖାଯାଉଛି। କିନ୍ତୁ ନିୟମିତ ଫୁଟେଜ ଅନୁଧ୍ୟାନ କରାଯାଉନାହିଁ। ସେହିପରି ମୋବାଇଲ କଟକଣା ଭେଳିକିରେ ପରିଣତ ହୋଇଛି। କେବଳ ମୁଖ୍ୟ ପ୍ରଶାସକ, ଜିଲାପାଳ, ଏସ୍‌ପି ଏବଂ ଶ୍ରୀମନ୍ଦିର ସୂଚନା ଅଧିକାରୀଙ୍କୁ ମନ୍ଦିର ମଧ୍ୟକୁ ମୋବାଇଲ ଫୋନ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୨୦୦୭ ଫେବୃୟାରୀ ୨୬ରେ ନିଷ୍ପତ୍ତି ହୋଇଥିଲା। କିନ୍ତୁ ସେବାୟତ, ଗୁମାସ୍ତା, ବୋଝିଆ, ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ, ପୋଲିସ ସମସ୍ତେ ଖୁଲମ୍ ଖୁଲା ମୋବାଇଲ ନେଉଛନ୍ତି। ଏପରି କି ମୋବାଇଲରେ ଶ୍ରୀମନ୍ଦିରର ବହୁ ସମ୍ବେଦନଶୀଳ ସ୍ଥାନର ଫଟୋ ଉଠାଇ ବାହାରେ ଭାଇରାଲ ମଧ୍ୟ କରାଯାଉଛି। ଯଦି ଭକ୍ତ ନେଇ ଧରାପଡୁଛନ୍ତି ତେବେ ସେମାନଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଉଛି।

ଅନ୍ୟପକ୍ଷରେ ଅସ୍ତରଙ୍ଗ ମୁହାଣଠାରୁ ଚିଲିକା ମୁହାଣ ପ୍ରାୟ ୧୫୦ କିମି ପୁରୀ ଜିଲାର ସାମୁଦ୍ରିକ ଉପକୂଳ ଇଲାକା ରହିଛି। ଜିଲାରେ ୪ଟି ସାମୁଦ୍ରିକ ଥାନା ରହିଥିଲେ ହେଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ଉପକୂଳ ମୁକୁଳା ରହିଛି। ଆତଙ୍କବାଦୀଙ୍କ ଲାଗି ଜଳପଥ ସୁରକ୍ଷିତ ମାର୍ଗ ବୋଲି କୁହାଯାଉଛି। ପୁରୀ ଉପକୂଳରେ ପ୍ରତ୍ୟହ ଏକାଧିକ ମାଛ ଧରା ଟ୍ରଲର ଚକ୍କର କାଟୁଛି। ସମୁଦ୍ର ମାର୍ଗ ଦେଇ ଆତଙ୍କବାଦୀଙ୍କ ସମ୍ଭାବ୍ୟ ପ୍ରବେଶକୁ ଏଡ଼ାଇ ଦିଆଯାଇ ନ ପାରେ। ଶ୍ରୀମନ୍ଦିର ପରିସରରେ ଦୁଇ ପ୍ରକାର ପୋଲିସ ବ୍ୟବସ୍ଥା ରହିଛି। ସଶସ୍ତ୍ର ପୋଲିସ ବାହିନୀ ଶ୍ରୀମନ୍ଦିର ଚାରି ଦ୍ୱାରରେ ପହରା ଦେଉଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଥିବା ୪ଟି ୱାଚ ଟାୱାରରେ ସଶସ୍ତ୍ର ପୋଲିସ ମଧ୍ୟ ରହୁଛନ୍ତି। କିନ୍ତୁ ଶ୍ରୀମନ୍ଦିର ପରିସରରେ ଭିଡ଼ ନିୟନ୍ତ୍ରଣ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସିଂହଦ୍ୱାର ଥାନା ପୋଲିସ ଏବଂ ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ କାମ କରୁଛନ୍ତି। ସିଂହଦ୍ୱାର ଥାନା ଦେଶର ସର୍ବବୃହତ୍ ଥାନା ବୋଲି କୁହାଯାଉଛି। ହେଲେ ଏହି ଥାନାର ଦୁଇ ତୃତୀୟାଂଶରୁ ଊର୍ଦ୍ଧ୍ୱ ପଦବୀ ଖାଲି ପଡ଼ିଛି। ମୋଟ ୪୭ ଅଫିସର ପଦବୀ ଥିବାବେଳେ ବର୍ତ୍ତମାନ ୧୧ ଜଣ ଅଛନ୍ତି। ଏମାନଙ୍କ ମଧ୍ୟରୁ ଆସନ୍ତା ୨୮ ତାରିଖରେ ଜଣେ ଅଫିସର ଅବସର ନେବାକୁ ଯାଉଛନ୍ତି। ସେହିପରି ୭୮ କନଷ୍ଟେବଲ ପଦବୀ ମଧ୍ୟରୁ ଅଛନ୍ତି ମାତ୍ର ୨୮। କେବଳ ଏତିକି ନୁହେଁ, ଏହି ଥାନାର ନିଜସ୍ୱ ଗୃହ ନ ଥିବା ବେଳେ ଏକ ମଠ ଘରେ ଭଡ଼ାରେ ଚାଲିଛି। ନିଜର ସୁରକ୍ଷା ଖୋଜୁଥିବା ସିଂହଦ୍ୱାର ଥାନା ଶ୍ରୀମନ୍ଦିର ସୁରକ୍ଷାରେ କିଭଳି ସହାୟକ ତାହାକୁ ନେଇ ପ୍ରଶ୍ନ ଉଠିଛି। ନିକଟରେ ଶ୍ରୀମନ୍ଦିର ସୁରକ୍ଷା ନେଇ ମୁଖ୍ୟ ପ୍ରଶାସକଙ୍କ ପାଖକୁ ଆସିଥିବା ଚିଠି ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଭାଜପା ସଂକଳ୍ପପତ୍ର ସମାବେଶ

ପୁରୀ ଅଫିସ,୨୪।୨

ସ୍ଥାନୀୟ ରାଧାବଲ୍ଲଭ ସତ୍‌ସଙ୍ଗ ସଭାଗୃହରେ ରବିବାର ଭାଜପା ପୁରୀ ଜିଲା ସଂକଳ୍ପପତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ସଂକଳ୍ପପତ୍ର ରାଜ୍ୟସ୍ତରୀୟ କମିଟି ଅଧ୍ୟକ୍ଷ ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜ୍ୟ ସଂକଳ୍ପ କମିଟି ଆବାହକ ସୁଦର୍ଶନ ନାୟକ, କୃଷ୍ଣଚନ୍ଦ୍ର ପଣ୍ଡା, ଦାମୋଦର ପ୍ରଧାନୀ, ନାରାୟଣ ପାତ୍ର, ଜ୍ୟୋତି ମହାପାତ୍ର, ଜିଲା ସଂକଳ୍ପ କମିଟି ଆବାହକ ଅଜିତ କୁମାର ମିଶ୍ର, ଯୁଗ୍ମ ଆବାହକ ଡ. କାଶ୍ୟପ ଏବଂ ଜିଲା ସଂଯୋଜକ କଲ୍ୟାଣ କୁମାର ଚାଟାର୍ଜୀ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ସଂକଳ୍ପ ପତ୍ର ନିମନ୍ତେ ସବୁ ଜିଲା ଭଳି ପୁରୀ ଜିଲାରେ ଏହି ସମାବେଶ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ସଙ୍ଗଠନର ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇ ନିର୍ବାଚନ ଇସ୍ତାହାର ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ।

## ସଂକ୍ଷେପରେ

### ବୁଲିଲା ଭୋଟର ସଚେତନତା ରଥ



**ଫୁଲବାଣୀ ଅଫିସ, ୨୪।୨:** ଆଗାମୀ ସାଧାରଣ ନିର୍ବାଚନରେ ଭୋଟରଙ୍କୁ ସଚେତନ କରିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଏଥର ନିର୍ବାଚନରେ ଇଭିଏମ ମେଶିନ ସହିତ ନୂଆକରି ଭିଭିପାଟ ମେଶିନର ପ୍ରୟୋଗ କରାଯିବ। ଏହି ମେଶିନ ଦ୍ୱାରା ଜଣେ ଭୋଟର ଯାହାକୁ ମତଦାନ କରିଥିବେ ତାହା ଭଲ ଭାବେ ଦେଖିବା ସହ ଜାଣି ପାରିବେ। ଭୋଟରଙ୍କୁ ଭିଭିପାଟ ମେଶିନ ସମ୍ପର୍କରେ ସଚେତନ କରିବା ଲାଗି ଏକ ରଥ ଫୁଲବାଣୀ ବ୍ଲକରୁ ଶୁଭାରମ୍ଭ କରାଯାଇଛି। ଏହି ରଥ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଭୋଟରଙ୍କୁ ନୂଆ ପ୍ରୟୋଗ ସମ୍ପର୍କରେ ସଚେତନ କରିବା ସହ ନିର୍ବାଚନ ସମ୍ପର୍କିତ ବିଭିନ୍ନ ବିଷୟରେ ଅବଗତ କରାଇବ ବୋଲି ବିଡିଓ ସୁବ୍ରତ କୁମାର ଜେନା କହିଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାଶ, ଜିଲା ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନ, ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

### ଆଶାକର୍ମୀ ପୁରସ୍କୃତ



**ବେଗୁନିଆପଡା, ୨୩।୨(ଡି.ଏନ୍.ଏ.):** ବ୍ରହ୍ମପୁରସ୍ଥିତ ଡାଇମଣ୍ଡ ଜୁବିଲି ଟାଉନ ହଲ୍‌ରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧକ୍ଷତାରେ ଅନୁଷ୍ଠିତ ମୋ ଗେହ୍ଲାଝିଅ କାର୍ଯ୍ୟକ୍ରମରେ ବେଗୁନିଆପଡା ବ୍ଲକ କାଳିମେଘି ପଞ୍ଚାୟତ ଯୋଗିଆଗୁଳ ଆଶାକର୍ମୀ ନମିତା ଗୌଡ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ପୁରସ୍କୃତ ହୋଇଛନ୍ତି। ସିଡିଏମ୍‌ଓ ସଦାନନ୍ଦ ମିଶ୍ରଙ୍କ ଉପସ୍ଥିତିରେ ଜିଲାପାଳ କୁଲାଙ୍ଗେ ଆଶାକର୍ମୀ ଗୌଡଙ୍କୁ ମାନପତ୍ର ସହ ଫଳକ ଏବଂ ଚେକ ପ୍ରଦାନ କରିଥିଲେ।

### ଡାଳ ପଡି ମହିଳା ଗୁରୁତର

ବେଗୁନିଆପଡା, ୨୪।୨(ଡି.ଏନ୍.ଏ.)- ସୁମଣ୍ଡଳ ମେଡିକାଲ ପାଖ ରାସ୍ତାରେ ଏକ ଚଳନ୍ତା ବାଇକ ଉପରେ ରାସ୍ତା ପାର୍ଶ୍ୱରେ ଥିବା ଏକ ଶୁଖିଲା ବରଗଛ ଡାଳ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ସୁମଣ୍ଡଳ ରବିଘୋଷ ନୋଡାଲ ହାଇସ୍କୁଲର ଶିକ୍ଷକ ସୁରେନ୍ଦ୍ର ନାଥ ଗୌଡଙ୍କ ସ୍ତ୍ରୀ ସୁଷମା। ସ୍ୱାମୀଙ୍କ ସହ ସୁଷମା ବାଇକରେ ଯାଉଥିବାବେଳେ ଡାଳଟି ତାଙ୍କ ଉପରେ ପଡିଥିଲା। ସୁଷମା ମୁଣ୍ଡ ଫାଟିବା ସହ ସ୍ୱାମୀ ମଧ ଆହତ ହୋଇଥିଲେ। ଦମ୍ପତିଙ୍କୁ ପ୍ରଥମେ ସୁମଣ୍ଡଳ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁଷମାଙ୍କ ଅବସ୍ଥା ଗୁରୁତର ରହିଛି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଟିକିଟି, ୨୪।୨(ଡି.ଏନ.ଏ.)-ଟିକିଟି କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଟିକିଟି ସିଡିପିଓ ମାଧୁରୀ ପାଢୀ ଓ ପୂର୍ବରୁ ଉଦଘାଟନୀ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ବିଚିତ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୨ଟି ଗ୍ରୁପରେ ୬୦ ଛାତ୍ରୀ ତାଲିମ ନେଇଥିଲେ। ଟ୍ରେନର ଲକ୍ଷ୍ମୀପ୍ରିୟା ସାହୁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ମା' ପୀତାବାଳୀଙ୍କ ଯାତ୍ରା ଅନୁଷ୍ଠିତ

**ଫିରିଙ୍ଗିଆ, ୨୪।୨:** ଫିରିଙ୍ଗିଆ ବ୍ଲକ ମାଲା ପଞ୍ଚାୟତରେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ୩ଦିନ ଧରି ମା' ପୀତାବାଳୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୁଧବାର ଓ ଗୁରୁବାର ପରମ୍ପରା ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ପରେ ଦିନରାତି ରାମାୟଣ ବିଷୟବସ୍ତୁ ଉପରେ କଳାକାରମାନେ ନାଟକ ପରିବେଷଣ କରିଥିଲେ। ଶୁକ୍ରବାର ଗ୍ରାମର ମା' ପୀତାବାଳୀ ଯୁବ କଳା ସଂସଦ ପକ୍ଷରୁ ଶିବଶଙ୍କର ବେହେରାଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ ପରିବେଷିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଖଜୁରିପଡା ବ୍ଲକ ଅଧକ୍ଷ ବିରେନ୍ଦ୍ର କୁମାର କହଁର, ସମ୍ମାନିତ ଅତିଥି ଭାବେ କୁଇ ଭାଷାର ସଂଗୀତ କଳାକାର ଜଳନ୍ଧର ବେହେରା, ସାମାଜିକ କର୍ମୀ ବୈଦ୍ୟନାଥ ବେହେରା, ଜିଲା କଳାକାର ସଂଘ ସମ୍ପାଦକ ନୀଳାମ୍ବର ଦିଗାଲ, ସରପଞ୍ଚ ବିଷ୍ଣୁ ଚରଣ କହଁର ପ୍ରମୁଖ ଯୋଗ ଦେଇଥିଲେ।

# ଧାନ ବିକିନାହାନ୍ତି ୫୭, ୮୮୦ ଚାଷୀ

**ଛତ୍ରପୁର, ୨୪।୨(ଡି.ଏନ.ଏ)**

**ଗଞ୍ଜାମ ଜିଲା**
- **ବୃଦ୍ଧି ହେଲା ଟାର୍ଗେଟ, ୨୮ରେ ସରିବ ଅବଧି**
- **କିଣାଯାଇଛି ୩୨.୭୪ ଲକ୍ଷ କୁଇଣ୍ଟାଲ**

ଗଞ୍ଜାମ ଜିଲାରେ ଧାନକିଣା ପ୍ରକ୍ରିୟା ଆସନ୍ତା ୨୮ ତାରିଖରେ ସରିବ। ଶନିବାର ସୁଦ୍ଧା ଜିଲାର ୬୭,୨୬୪ ଚାଷୀଙ୍କ ଠାରୁ ୩୨ ଲକ୍ଷ ୭୪ ହଜାର ୮୭୧.୧୦ କୁଇଣ୍ଟାଲ ଧାନ କିଣାଯାଇଛି। ସେଥିମଧ୍ୟରେ ଓଡିଶା ରାଜ୍ୟ ଯୋଗାଣ ନିଗମର ୨୮ ଲକ୍ଷ ୯୦ ହଜାର ୩୨୩ କୁଇଣ୍ଟାଲ, ନାଫେଡର ୩ ଲକ୍ଷ ୮୪ ହଜାର ୫୪୮.୧୦ କୁଇଣ୍ଟାଲ ଧାନ ରହିଛି। ଚଳିତ ବର୍ଷ ଜିଲାର ୩୮୬ ପ୍ରାଥମିକ ସମବାୟ ସେବା ସମିତି ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଆହୁରି ଧାନ ବିକ୍ରି ପାଇଁ ଥିବାରୁ ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ଟାର୍ଗେଟ ବୃଦ୍ଧି ସହ ସମୟ ସୀମାରେ ବୃଦ୍ଧି କରିବାକୁ ଦାବି ହୋଇଆସୁଥିଲା। ତେଣୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଅନୁରୋଧ କରି ଚିଠି ପଠାଇଥିଲେ। ରାଜ୍ୟ ସରକାର ଧାନକିଣା ଟାର୍ଗେଟ ବୃଦ୍ଧି କରିଛନ୍ତି।

ପୂର୍ବରୁ ଜିଲାରେ ୩୨ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା। ଟାର୍ଗେଟ ବୃଦ୍ଧି ହେବାରୁ ମୋଟ ୩୯ ଲକ୍ଷ ୪୦ ହଜାର କୁଇଣ୍ଟାଲ ଧାନ କିଣାଯିବ ବୋଲି ଯୋଗାଯୋଗ ବେଳେ ଜିଲା ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ସୂପକାର ସୂଚନା ଦେଇଛନ୍ତି। ତେବେ ଆସନ୍ତା ୨୮ରେ ହିଁ ଧାନ କିଣା ଅବଧି ସରିବ ବୋଲି ସେ କହିଛନ୍ତି। ସୂଚନା ଅନୁସାରେ ପ୍ରାଥମିକ ସମବାୟ ସେବା ସମିତି ଗୁଡିକୁ ଚଳିତ ବର୍ଷ ଧାନ ବିକିବାକୁ ୧ ଲକ୍ଷ ୨୫ ହଜାର ୧୪୪ ଚାଷୀ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରେ ୨୦, ୭୨୩ ନୂଆ ଚାଷୀ ଥିବା ବେଳେ ୧ ଲକ୍ଷ ୪ ହଜାର ୪୨୧ ଚାଷୀ ପଞ୍ଜୀକରଣ ପାଇଁ ନବୀକରଣ କରିଥିଲେ। ଏମାନଙ୍କଠାରୁ ଧାନ ଆଣି ମିଲିଂ କରି ୬ ଲକ୍ଷ ୬୦ ହଜାର ୫୦୧.୨୧୪ କୁଇଣ୍ଟାଲ ଚାଉଳ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିଲା। ଏପରିକି ଜିଲାର ୩୮୯ ପ୍ରାଥମିକ ସେବା ସମବାୟ ସମିତି ଓ ଗୋଟିଏ ପାଣି ପଞ୍ଚାୟତ ପକ୍ଷରୁ ଉକ୍ତ ଚାଷୀ ମାନଙ୍କ ଠାରୁ ଧାନ କିଣିବାକୁ ସ୍ଥିର ହୋଇଥିଲା। ଜିଲାର ୩୮୬ ପ୍ରାଥମିକ ସେବା ସମବାୟ ସମିତି ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହି ପ୍ରକ୍ରିୟା ସରିବାକୁ ଆଉ ମାତ୍ର ୪ ଦିନ ବାକି ଥିବା ବେଳେ ଟାର୍ଗେଟ ପୂରଣ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ତେବେ ଟାର୍ଗେଟ ପୂରଣ ହେବ ବୋଲି ଯୋଗାଣ ଓ ସମବାୟ ବିଭାଗ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି। ଆବଶ୍ୟକ ପଡିଲେ ଧାନ କିଣା ଟାର୍ଗେଟ ଓ ଅବଧି ଉଭୟରେ ବୃଦ୍ଧି ହେବ ବୋଲି ଜଣେ ଅଧିକାରୀ କହିଛନ୍ତି। ଯୋଗାଣ ବିଭାଗର ତଥ୍ୟ ଅନୁଯାୟୀ ପଞ୍ଜୀକୃତ ଚାଷୀ ମାନଙ୍କ ମଧ୍ୟରୁ ଆହୁରି ୫୭, ୮୮୦ ଜଣ ସେମାନଙ୍କ ଧାନ ସମବାୟ ସେବା ସମିତିକୁ ବିକି ନାହାନ୍ତି। ଅନ୍ୟପକ୍ଷରେ ଚାଷୀମାନେ ପଞ୍ଜୀକରଣ କରିଥିଲେ ମଧ୍ୟ ଅଧିକାଂଶ ନିଜ ଧାନକୁ ଆନ୍ଧ୍ର ଓ ଅନ୍ୟ ବେପାରୀମାନଙ୍କୁ ବିକ୍ରି କରିଦେଇଥିବା ଜଣାପଡିଛି। କେଉଁ ପରିସ୍ଥିତିରେ ଏବଂ କାହିଁକି ମଣ୍ଡିରେ ଚାଷୀ ଧାନ ବିକିନାହାନ୍ତି ସେମାନଙ୍କ ସହ ଯୋଗାଯୋଗ କରି ତଥ୍ୟ ସଂଗ୍ରହ କରିବାକୁ ଗତ ସପ୍ତାହରେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଦକ୍ଷିଣାଞ୍ଚଳ ଡିଆଇଜିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଉପସ୍ଥିତ ଡିଆଇଜି, ଜିଲାପାଳ ଏବଂ ଅନ୍ୟମାନେ।

**ଛତ୍ରପୁର, ୨୪।୨(ଡି.ଏନ.ଏ.)**

ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ କୁମାର ସିଂଙ୍କୁ ଛତ୍ରପୁର ଉପକଣ୍ଠ ତାମ୍ପରାଠାରେ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ଜିଲାରେ ଆଇନ୍ ଶୃଙ୍ଖଳା ବଜାୟ ରଖିବାରେ ସିଂଙ୍କ ଭୂମିକା ଅତୁଳନୀୟ ବୋଲି ଉପସ୍ଥିତ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ମତ ପ୍ରକାଶ କରିଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଡିଆଇଜି ସିଂଙ୍କ କାର୍ଯ୍ୟଧାରା ସମ୍ପର୍କରେ କହିଥିଲେ। ବର୍ତ୍ତମାନ ଓ ପୂର୍ବରୁ ଥିବା ଜିଲାପାଳ, ୨ ଏସପି, କର୍ମଚାରୀ ଓ ଗଣମାଧ୍ୟମର ସହଯୋଗ ଲାଗି ଜିଲାରେ ଅପରାଧ କମିଥିବା ଡିଆଇଜି ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଡିଆଇଜି ହିମାଂଶୁ ଲାଲ୍, ବ୍ରହ୍ମପୁର ଏସପି ପିନାକ ମିଶ୍ର, ବୌଦ୍ଧ ଏସପି ସୁଧାଂଶୁ ମିଶ୍ର, ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏପିଡି ଦେବବ୍ରତ ସାହୁ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଥୋଡ୍, ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଅତିରିକ୍ତ ଏସପି ପତିତପାବନ ଚୌଧୁରୀ ଓ ଅମରେଶ ପଣ୍ଡା, ଆରଟିଓ ସଞ୍ଜୟ କୁମାର ବିଶ୍ୱାଳ, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ, ଗଞ୍ଜାମ ପୋଲିସ ହାବିଲଦାର ଓ କନଷ୍ଟେବଳ ସଂଘର ସଭାପତି ଅଭିମନ୍ୟୁ ଜାଲି, ଆସିକା ଥାନା ଆଇଆଇସି ସନ୍ତୋଷ ଜେନା, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଚମାଖଣ୍ଡି ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା, ଇନ୍ସପେକ୍ଟର ବୈଦେହୀ ବେହେରା, ଗଞ୍ଜାମ ଥାନା ଆଇଆଇସି ଅନୀଲ ମହାନ୍ତି, ରାବଣା ରାଓଙ୍କ ସମେତ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଘୁମୁସର ଲେଖିକା ସଂସଦର ଆଲୋଚନାଚକ୍ର

## କନ୍ୟାଭ୍ରୂଣ ହତ୍ୟା ବନ୍ଦ ପାଇଁ ସାମାଜିକ ସଂସ୍କାର ଲୋଡ଼ା

**ଭଞ୍ଜନଗର, ୨୪।୨(ଡି.ଏନ.ଏ.)**



ଡ. ଉଷା ପାଢ଼ୀ ଉଦ୍‌ବୋଧନ ଦେଉଛନ୍ତି।

ଘୁମୁସର ଲେଖିକା ସଂସଦ ପକ୍ଷରୁ ରବିବାର ତନରଡା ଶ୍ରୀବତ୍ସ ଗୋଶାଳା ଆଶ୍ରମରେ ନାରୀ ଜାଗରଣ ଓ କନ୍ୟାଭ୍ରୂଣ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ସୋସିଆଲ ମିଡିଆ, ଟିଭି, ସିନେମା ପ୍ରମୁଖ କାରଣ ଯୋଗୁ ଆଜିର ଯୁବ ସମାଜ ପଥଭ୍ରଷ୍ଟ ହେଉଛନ୍ତି। ନାରୀ ରାସ୍ତାରେ ଏକୁଟିଆ ଯିବାକୁ ଆଜି ଉଚିତ ମଣୁନାହିଁ। ବିଭିନ୍ନ କାରଣ ଯୋଗୁ କନ୍ୟାଭ୍ରୂଣ ହତ୍ୟା ମଧ୍ୟ ବଢୁଛି। ଏଥିପାଇଁ ପ୍ରଥମେ ନାରୀର ଅଜ୍ଞତା ହିଁ ଦାୟୀ। ନାରୀମାନେ ଭ୍ରୂଣ ହତ୍ୟାକୁ ଦୃଢ ବିରୋଧ କରିବା ସହ କନ୍ୟାଭ୍ରୂଣ ଆଇନକୁ କଡାକଡି ପାଳନ କରିବାକୁ ପଡିବ। ସାମାଜିକ ସଂସ୍କାର ହେଲେ ହିଁ ନାରୀ ସୁରକ୍ଷିତ ରହିବା ସହ କନ୍ୟା ଭ୍ରୂଣ ହତ୍ୟା ରୋକାଯାଇପାରିବ। ଆୟୋଜିତ ସଭାରେ ଯୋଗଦେଇ ବକ୍ତାମାନେ ତାହା ମତବ୍ୟକ୍ତ କରିଥିଲେ। ସଂସଦର ଉପଦେଷ୍ଟା ଡ. ଉଷା ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ଶ୍ରୁତିପ୍ରିୟ, ଗଞ୍ଜାମ ଜିଲା ଆର୍ଯ୍ୟ ସମାଜ ସଭାପତି ଚକ୍ରଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଲେଖିକା ସଂସଦର ଉପ ସଭାନେତ୍ରୀ ରେଣୁବାଳା ଦାସ ସଭା ସଂଯୋଜନା କରିଥିବାବେଳେ ଶକ୍ତିଦା ବିଷୋୟୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା ଡ.ନଳିନୀ ପ୍ରଭା ଦାସ ବିବରଣୀ ପଠନ କରିଥିବା ବେଳେ ଡ.ଗାୟତ୍ରୀ ସାହୁ ଓ କବୟିତ୍ରୀ ସୁଜତା ଷଡ଼ଙ୍ଗୀ ସାଧନବ୍ୟକ୍ତି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରଭାତ ମଞ୍ଜରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନାରୀ ଜାଗରଣ ଉପରେ ଏକ କବିତା ପାଠୋତ୍ସବ ହୋଇଥିଲା। ସଭା ପ୍ରାରମ୍ଭରେ ବିଶ୍ୱ ଶାନ୍ତି ପାଇଁ ହୋମଯଜ୍ଞ ହୋଇଥିଲା। ପ୍ରାଧ୍ୟାପକ ଡ.ଅଶୋକ କୁମାର ଷଡ଼ଙ୍ଗୀ, ବରୁଣ ପଟ୍ଟନାୟକ, କୁମର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ସଂକଳ୍ପ ପତ୍ର ଆଲୋଚନା ବୈଠକ

**ଆସିକା, ୨୪।୨(ଡି.ଏନ.ଏ.)**

ଘୁମୁସର ଜିଲା ଭାଜପା ପକ୍ଷରୁ ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ଅଶୋକା କନଫରେନ୍ସ ହଲ୍‌ଠାରେ ଆଗାମୀ ନିର୍ବାଚନ ପାଇଁ ଦଳ ତରଫରୁ ପ୍ରସ୍ତୁତ ହେବାକୁ ଥିବା ସଂକଳ୍ପ ପତ୍ର ସମ୍ପର୍କରେ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର କାର୍ଯ୍ୟକର୍ତ୍ତାମାନେ ଚଳିତ ମାସ ଶେଷ ସୁଦ୍ଧା ସମାଜର ବିଭିନ୍ନ ବର୍ଗରୁ ମତାମତ ନେଇ ଜିଲା ସ୍ତରରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ରବିବାର ସୋରଡାରେ ହେବାକୁଥିବା ଦଳର ଅଟଳ ସମାବେଶରେ କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ୍ ଯୋଗ ଦେଇଥିବାରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଆଲୋଚନା ହୋଇଥିଲା। ଘୁମୁସର ଜଲା ସଂଯୋଜକ ବ୍ରିଗେଡିୟର୍ ଅଭିମନ୍ୟୁ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଭାପତି ସୂର୍ଯ୍ୟନାରାୟଣ ଦାସ, ଆସିକା ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପବିତ୍ର ମୋହନ ଦାସ, ଉପ-ସଭାପତି ଦୁର୍ଗାଚରଣ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାନନ୍ଦ ମହାପାତ୍ର, ପୋଲସରା ସଂଯୋଜକ ଅନିଲ୍ କୁମାର ମହାପାତ୍ର, ଭି. ରାମକୃଷ୍ଣ ରାଓ, ଜିଲା ଯୁବମୋର୍ଚ୍ଚା ସଭାପତି ଶ୍ରୀନିବାସ ଭ, ନାରାୟଣ ବେହେରା ପ୍ରମୁଖ ସାମିଲ ଥିଲେ।

## ଶପଥ ନେଲେ ଭାଜପା କର୍ମୀ

**ଛତ୍ରପୁର/କନିଷି, ୨୪।୨(ଡି.ଏନ.ଏ)**

ଛତ୍ରପୁରସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ ଶୁଣିବା ପାଇଁ ଏକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ଶାସନ କାଳରେ ଗରିବଙ୍କ ପାଇଁ ବିଭିନ୍ନ ଜନମଙ୍ଗଳ ଯୋଜନା କାର୍ଯ୍ୟକାରୀ ହୋଇଥିବାରୁ ଭାଜପା ପକ୍ଷରୁ ସାଧୁବାଦ ଜଣାଯାଇଥିଲା। ଏହି ଅବସରରେ ଭାଜପା ନେତା ଓ କର୍ମୀ ମାନେ ନିଜକୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଶପଥ ନେଇଥିଲେ। ଭାଜପା ମଣ୍ଡଳ ସଭାପତି ପ୍ରଦୀପ ପାଢ଼ୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ମନୋଜ କୁମାର ବେହେରା, ପି. ତ୍ରିପତି ରାଓ, ପି. ରଘୁ ରେଡ୍ଡୀ, ବସନ୍ତ ବେହେରା, ଚନ୍ଦ୍ର ଶେଖର ରାଓ, ଅମରେଶ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି କନିଷିସ୍ଥିତ ଜିମେକ୍ସ ରିଷ୍ଟେଟ୍ କଲ୍ୟାଣ ମଣ୍ଡପରେ ଭାଜପାର ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନାଙ୍କ ନେତୃତ୍ୱରେ ମୋଦିଙ୍କ ମନ୍ କି ବାତ୍ ଶୁଣିବା ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ପ୍ରାୟ ୧୫୦୦ ମହିଳା, ପୁରୁଷ ଯୋଗ ଦେଇଥିଲେ। ୫୩ ନଂ. ଜୋନ ମଣ୍ଡଳ ସଭାପତି ରଜତ କୁମାର ପଣ୍ଡିତ, ୫୪ ନଂ. ଜୋନ ମଣ୍ଡଳ ସଭାପତି ବ୍ରଜମୋହନ ନାହାକ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ସୁବାଶିଷ ସାହୁ, ସନତ କୁମାର ନାୟକ, ଯୁଧିଷ୍ଠିର ନାୟକ, ରଘୁ ପାତ୍ର, ଶିବରାମ ସାମଲ, କୈଳାସ କୁମାର ନାୟକ, ଗଙ୍ଗାଧର ଶତପଥୀ, ଉଜ୍ଜ୍ୱଳା ଯୋଜନାର ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।

## କବିସୂର୍ଯ୍ୟନଗରରେ ୱାର୍ଡ କମିଟି, କର୍ମୀ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

**କବିସୂର୍ଯ୍ୟନଗର, ୨୪।୨**

କବିସୂର୍ଯ୍ୟନଗର ମିନିଷ୍ଟାଡିୟମରେ ବିଜେଡି ୱାର୍ଡ କମିଟି ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁଙ୍କ ସଭାପତିତ୍ୱରେ ଓ ବ୍ଲକ ସଭାପତି ସୁରଥ ଚନ୍ଦ୍ର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ପ୍ରାରମ୍ଭିକ ଭାଷଣ ଏନ୍‌ଏସି ସାଧାରଣ ସମ୍ପାଦକ ବିପିନ ବିହାରୀ ଶତପଥୀ ରଖିଥିଲେ। ଶହୀଦଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ମିଳନୀରେ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଅରୁଣ କୁମାର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ରାଜ୍ୟ ସମ୍ପାଦକ ଟି. ଗୋପୀନାଥ, ବ୍ରହ୍ମପୁର ବିଧାୟକ ପ୍ରତିନିଧି କେ. ଅନିଲ କୁମାର, ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ, ଜିଲା ସମ୍ପାଦକ ନିରଞ୍ଜନ ସାହୁ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୁରଜ କୁମାର ରେଡ୍ଡୀଙ୍କ ସମେତ ବହୁ ବିଜେଡି ନେତା ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ନିଜ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଆଗାମୀ ନିର୍ବାଚନରେ ରାଣୀମା ଭି. ସୁଜ୍ଞାନ କୁମାରୀ ଦେଓ ବିଧାୟିକା ଓ ଆସିକା ଏମ୍‌ପି ରୂପେ ଅରୁଣ କୁମାର ପଣ୍ଡାଙ୍କୁ ଦେଖିବାକୁ ବହୁ ବିଜେଡି ନେତା ଓ କର୍ମୀ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ କୁମର ଜେନା, ଭକ୍ତ ଚରଣ ନାୟକ, ନବଘନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ୱାର୍ଡ କମିଟି ବୈଠକ

**ଆସିକା, ୨୪।୨(ଡି.ଏନ୍.ଏ.)**

ଆସିକା ବ୍ଲକ ବିଜେଡି ପକ୍ଷରୁ ରବିବାର କେନ୍ଦୁପଦର, ନିମିନା ଓ ଖୁକୁଣ୍ଡିଆଠାରେ ୱାର୍ଡ କମିଟି ବୈଠକ ଏବଂ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡି ସରକାରଙ୍କ ବିଭିନ୍ନ ଜନାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା ସହ କେନ୍ଦ୍ରର ଏନଡିଏ ସରକାର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ନେଇ ସମାଲୋଚନା କରାଯାଇଥିଲା। ରାଜ୍ୟରେ ବିକାଶର ଧାରାକୁ ଅଧିକ ଗତିଶୀଳ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁନଃକ୍ଷମତାକୁ ଆଣିବା ପାଇଁ ସଂକଳ୍ପବଦ୍ଧ ହେବାକୁ ନିବେଦନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ବିଦ୍ୟାନ୍ତ ଟର୍ଚ୍ଚିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟକ ଦେବରାଜ ମହାନ୍ତି, ଜିଲା ସମ୍ପାଦକ ନିରଞ୍ଜନ ସାହୁ, ଜିଲା ପରିଷଦ ସଦସ୍ୟ କୋକରାମ ଜେନା, ଗୌରହରି ବେହେରା, ମନୋରଞ୍ଜନ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

**ଆର.ଉଦୟଗିରି, ୨୪।୨(ଡି.ଏନ୍.ଏ.)**

ଆର.ଉଦୟଗିରି, ୨୪।୨(ଡି.ଏନ.ଏ.) ଆର.ଉଦୟଗିରି, ମୋହନା ଓ ନୂଆଗଡ଼ ଶାଖା ସଂଘର ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ରାଜସ୍ୱ ଡାକ ବଙ୍ଗଳାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘ ଉପସଭାପତି କୁରେଶୁ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନନ୍ତ ପାତ୍ର, ଗଜପତି ଜିଲା ସଂଘ ସଭାପତି ସଉରା ପ୍ରଧାନ, ଗଜପତି ଜିଲା ସଂଘ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗଜପତି ଜିଲା ସଂଘ ସମ୍ପାଦକ ସୀମାଞ୍ଚଳ ମହାନ୍ତି ଯୋଗ ଦେଇଥିବା ବେଳେ ଶାଖା ସଂଘ ସଭାପତି କୁରାମଣି ସାହୁ ସଭାପତିତ୍ୱ କରିଥିଲେ। ପ୍ରଥମେ ଆର.ଉଦୟଗିରି, ମୋହନା ଓ ନୂଆଗଡ଼ ଶାଖା ସଂଘ ନିମନ୍ତେ ପ୍ରଦାନ କରାଯାଇଥିବା ସ୍ଥାନରେ ଭୂମିପୂଜନ କରାଯାଇଥିଲା। ବୈଠକରେ ଅତିଥିମାନେ କହିଥିଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସରକାରଙ୍କ ସେବକ ଭାବେ କାର୍ଯ୍ୟ କରି ଆସୁଛି। ସଂଗଠନ ଦୃଢ଼ ହେଲେ ସମସ୍ତ କର୍ମଚାରୀ ସେମାନଙ୍କ ସମସ୍ୟା ଓ ଦାବି ଉପସ୍ଥାପନ କରିପାରିବେ। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସର ବୟସ ସୀମା ୬୦ ରୁ ୬୨କୁ ବୃଦ୍ଧି କରିବା ଆଦି ଆଲୋଚନା ହୋଇଥିଲା।



ସଂଘଗୃହ ନିର୍ମାଣ ଲାଗି ଭୂମିପୂଜା।

## ଆମ୍ବୁଲାନ୍ସ ସେବାକୁ ଉଦ୍‌ଘାଟନ କଲେ ଏମ୍‌ପି

**ଶଙ୍କରାଖୋଲ, ୨୪।୨(ଡି.ଏନ୍.ଏ.)**

ଟିକାବାଲି ହାଇସ୍କୁଲ ପଡ଼ିଆରେ ରବିବାର ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏମ୍‌ପି ଡ.ଅଚ୍ୟୁତ ସାମନ୍ତ ଯୋଗଦେଇ ନିଜସ୍ୱ ପାଣ୍ଠିରୁ ଆମ୍ବୁଲାନ୍ସ ସେବାକୁ ସମର୍ପଣ କରି ଉଦ୍‌ଘାଟନ କରି ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହସ୍ତାନ୍ତର କରିଥିଲେ। ପରେ କିଟ୍ ଓ କିସ୍‌ର ଗୁଣଗାନ ସହ ଶିକ୍ଷା ବିନା ଦେଶ ବା ରାଜ୍ୟର ପ୍ରଗତି ଅସମ୍ଭବ ବୋଲି ଏମ୍‌ପି କହିବା ସହ ଜନସାଧାରଣଙ୍କ ଲାଗି ବିଭିନ୍ନ ଯୋଜନା ଜଣାଇଥିଲେ। ଏମ୍‌ପି ପାଣ୍ଠିରୁ କନ୍ଧମାଳ ଜିଲାର ବିଭିନ୍ନ ବ୍ଲକକୁ ଉନ୍ନତି ମୂଳକ କାର୍ଯ୍ୟପାଇଁ ୨ କୋଟି ଅର୍ଥ ପ୍ରଦାନ କରିଥିବା ଲୋକଙ୍କୁ କହିଥିଲେ। ଏଥିରେ ଆଦିବାସୀ ବିକାଶ ପରିଷଦର ଅଧକ୍ଷ ରଦନ ମଳିକ, ଜିଲା ପରିଷଦ ଅଧକ୍ଷ ଆକାଂକ୍ଷା ପ୍ରଧାନ, ବ୍ଲକ ଅଧକ୍ଷା ସୁଚିତ୍ରା ପ୍ରଧାନ, ଏମ୍‌ପି ପ୍ରତିନିଧି ତନୁଜ ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତି ରଞ୍ଜନ ଜେନା, ଅଧକ୍ଷ ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରୁଛନ୍ତି।

### ସୋସିଆଲ୍ ମିଡିଆରେ ଯୁବତୀଙ୍କ ଅଶ୍ଳୀଳ ଫଟୋ

# ଏସ୍‌ପିଙ୍କୁ ଗୁହାରି କଲେ ପରିବାରବର୍ଗ

**ବ୍ରହ୍ମପୁର ଅଫିସ୍, ୨୪।୨**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ କରାଉଥିବା ଜଣେ ଯୁବକଙ୍କ ବିରୋଧରେ ରବିବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ଲୋକେ ଗୁହାରି କରିଛନ୍ତି। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ବୈଦ୍ୟନାଥପୁର ପୋଲିସ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶ୍ରୁତି ପାଇବା ପରେ ସମ୍ପୃକ୍ତ ଯୁବତୀଙ୍କ ପରିବାର ବର୍ଗ ଫେରିଛନ୍ତି। ପ୍ରକାଶଯେ, ଗତ ଜାନୁୟାରୀ ୧୯ରେ ବୈଦ୍ୟନାଥପୁର ପୋଲିସ ରାମନଗର ଅଷ୍ଟମ ଲେନ୍‌ର ଶ୍ରୀବତ୍ସ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ଥାନାଅଞ୍ଚଳର ଜଣେ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ନ ରଖିଲେ ତାଙ୍କ ଉପରେ ଏସିଡ୍‌ମାଡ କରିବା ସହିତ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ୍ କରିବେ ବୋଲି ଧମକ ଦେଇଥିବା ନେଇ ଥାନାରେ ଏତଲା ହୋଇଥିଲା। ପୋଲିସ ନଂ. ୮/୧୯ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ବେଳେ ସମ୍ପୃକ୍ତ ଯୁବକ ଜଣକ ଫେବୃୟାରୀ ୪ରେ ଜାମିନରେ ଆସିଥିଲେ। ଜାମିନରେ ଆସିବା ପରେ ପୁଣି ସୋସିଆଲ ମିଡିଆରେ ଉକ୍ତ ଯୁବତୀଙ୍କ ଫେକ୍ ଆକାଉଣ୍ଟ କରି ଫେସ୍‌ବୁକ୍‌ରେ ବିଭିନ୍ନ ଅଶ୍ଳୀଳ ଫଟୋ ପୋଷ୍ଟ କରୁଥିବା ନେଇ ବ୍ରହ୍ମପୁର ଏସ୍‌ପିଙ୍କୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଫେସ୍‌ବୁକ୍‌ରେ ଯୁବତୀଙ୍କ ଫଟୋ ଭାଇରାଲ୍ ଦେଖି ପରିବାର ବର୍ଗ ବ୍ୟଥିତ ହୋଇଯାଇଥିଲେ। ଉକ୍ତ ଫେକ୍ ଆଇଡିରୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ବର୍ଗଙ୍କୁ ବିଭିନ୍ନ ଅଶ୍ଳୀଳ ମେସେଜ୍ ଦିଆଯାଉଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବତୀଙ୍କ ପରିବାର ବର୍ଗ ସାଇବର୍ ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ସାଇବର୍ ପୋଲିସ ପକ୍ଷରୁ କେବଳ ଉକ୍ତ ଆଇଡିକୁ ବ୍ଲକ କରିବା ପାଇଁ ପଠାଯାଇଥିବା କୁହାଯାଉଛି।

ଅପରପକ୍ଷେ ଯେ କୌଣସି ଫେସ୍‌ବୁକ୍ ସଂକ୍ରାନ୍ତୀୟ ମାମଲା କାଲିଫର୍ନିଆସ୍ଥିତ ଫେସବୁକ୍ ମୁଖ୍ୟାଳୟକୁ ବ୍ଲକ କରିବା ପାଇଁ ସାଇବର୍ ଥାନାରୁ ରିପୋର୍ଟ ପଠାଯାଉଛି। ପୁନଶ୍ଚ ମିଥ୍ୟା ତଥ୍ୟ ଦେଇ ପରବର୍ତ୍ତୀ ଫେକ୍ ଆକାଉଣ୍ଟ କଲେ ସେତେବେଳେ ସାଇବର୍ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ସାଇବର୍ ଥାନା ଆଇଆଇସି କଳ୍ପନା କାଉଁରୀ କହିଛନ୍ତି। ଅପରପକ୍ଷେ ଜେଲ୍ ଫେରନ୍ତା ଯୁବକଙ୍କୁ ଥାନାକୁ ଡାକି କାଉନ୍‌ସେଲିଂ କଲେ ଉକ୍ତ ଅଶ୍ଳୀଳ ଫଟୋ ଭାଇରାଲ୍ ସମ୍ପର୍କରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଅଭିଯୋଗକାରୀ ଗଣମାଧ୍ୟମକୁ ରବିବାର ଜଣାଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ରବିବାର ଅଭିଯୋଗ ପାଇବା ପରେ ଏସ୍‌ପି ପିନାକ ମିଶ୍ର ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କୁ ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।